

କାହାଣୀ ପାଇଁ ଅଟକିଛି 'ଏସ୍‌ଏସ୍‌ଏମ୍‌ବି୨୯'ର ସୁଟିଂ

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-28 ◆TUESDAY ◆22 JULY 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୮ ◆ମଙ୍ଗଳବାର ◆୨୨ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## କଲେଜ ଉପରେ ଖସିଲା ବାୟୁସେନା ବିମାନ



■ ଢାକା, ୨୧।୭(ଏଜେନ୍ସି): ବାଂଲାଦେଶ ରାଜଧାନୀ ଢାକାରେ ସୋମବାର ଏକ ବିମାନ ଦୁର୍ଘଟଣା ଘଟିଛି। କ୍ଲାସ ଚାଲିଥିବା ବେଳେ ବାଂଲାଦେଶ ବାୟୁସେନାର ଏକ ବିମାନ ଉତ୍ତାରାସ୍ଥିତ ମାଇଲଷ୍ଟୋନ କଲେଜ ଉପରେ ଖସି ପଡ଼ିଥିଲା। ପାଇଲଟଙ୍କ ସମେତ ୧୯ ଜଣ ମୃତ୍ୟୁବରଣ କରିଛନ୍ତି ଓ ୧୬୪ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ପ୍ରାଣ ହରାଇଥିବା ଲୋକମାନଙ୍କ ମଧ୍ୟରେ ୧୬ ଜଣ ଛାତ୍ରଛାତ୍ରୀ, ଦୁଇ ଜଣ ଶିକ୍ଷକ ଓ ଜେଟ୍ ପାଇଲଟ୍ ଅଛନ୍ତି। ବିମାନଟି ଅପରାହ୍ଣ ୧.୦୬ରେ ଟେକ୍ ଅଫ୍ କରିଥିଲା ଓ ୧.୩୦ରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଆହତ ହୋଇଥିବା ଲୋକଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

**୧୯ ମୃତ, ୧୬୦ ଆହତ**

ପାଇଲଟ ଫ୍ଲାଇଟ୍ ଲେଫ୍ଟନାଣ୍ଟ ମହମ୍ମଦ ତୋଉକିର ଇସ୍‌ଲାମଙ୍କ ସମେତ ୧୬ ଛାତ୍ର ଓ ଦୁଇଜଣ ଶିକ୍ଷକ ମୃତ୍ୟୁବରଣ କରିଛନ୍ତି। ଅନେକ ଲୋକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଲୋକଙ୍କର ଦେହ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ପୋଡିଯାଇଛି ଏବଂ ▶ପୃଷ୍ଠା-୭

## ଶପଥ ନେଲେ ଜଷ୍ଟିସ ମାନସ ପାଠକ

■ କଟକ, ୨୧।୭ (ସମିସ): ଗୌହାଟୀ ହାଇକୋର୍ଟର ବିଚାରପତି ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରାଯାଇଥିବା ବେଳେ ସେ ଆଜି ବିଧିବଦ୍ଧ ଭାବେ ଶପଥ ଗ୍ରହଣ କରିଛନ୍ତି। ଜଷ୍ଟିସ୍ ପାଠକଙ୍କୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଶପଥ ପାଠ କରାଇଥିଲେ। ହାଇକୋର୍ଟ ସମ୍ମିଳନୀ କକ୍ଷରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ସମସ୍ତ ବିଚାରପତି, ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଡେପୁଟି ସଲିସିଟର୍ ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ଅରବିନ୍ଦ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ହାଇକୋର୍ଟ ବାର୍ କର୍ମକର୍ତ୍ତାଙ୍କ ସମେତ ବହୁ ପୂର୍ବତନ ▶ପୃଷ୍ଠା-୭

**ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୨୦କୁ ବୃଦ୍ଧି**



# ଉପରାଷ୍ଟ୍ରପତି ଧନଖଡ଼ଙ୍କ ଇସ୍ତଫା

■ ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ଅଚାନକ ତାଙ୍କ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଇସ୍ତଫାର ପ୍ରକୃତ କାରଣ ଜଣାପଡ଼ି ନଥିଲେ ମଧ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଇଥିବା କୁହାଯାଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଲେଖିଥିବା ତାଙ୍କର ଇସ୍ତଫାପତ୍ରରେ ଧନଖଡ଼ କହିଛନ୍ତି ଯେ ଡାକ୍ତରଙ୍କ ପରାମର୍ଶ ଓ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଉଛନ୍ତି। ସେ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜଣାଇବା ସହିତ ପ୍ରଧାନମନ୍ତ୍ରୀ ମୋଦୀଓ ଅନ୍ୟ ମନ୍ତ୍ରୀମାନଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି।

କାର୍ଯ୍ୟକାଳ ପୂରିବା ପୂର୍ବରୁ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାରେ ଧନଖଡ଼ ହେଉଛନ୍ତି ତୃତୀୟ ବ୍ୟକ୍ତି। ଏହାପୂର୍ବରୁ ୧୯୬୯ରେ ଭିଭି ଗିରି ଏବଂ ୧୯୮୭ରେ ଆର. ଭେଙ୍କଟରମଣ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ଉପରାଷ୍ଟ୍ରପତି ଧନଖଡ଼ଙ୍କ ଅଚାନକ ଇସ୍ତଫା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଦିନରେ ସେ ଆଜି ରାଜ୍ୟସଭାରେ ଗୃହ ପରିଚାଳନା କରିଥିବା ବେଳେ ସନ୍ଧ୍ୟା ବେଳେ ତାଙ୍କର ଅଚାନକ ଇସ୍ତଫା ଖବରକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି।



ରାଷ୍ଟ୍ରପତିଙ୍କୁ ଲେଖିଥିବା ତାଙ୍କର ଇସ୍ତଫା ପତ୍ରରେ ଧନଖଡ଼ ଉଲ୍ଲେଖ କରିଛନ୍ତି ଯେ ଏବେ ନିଜର ସ୍ୱାସ୍ଥ୍ୟ ପ୍ରତି ତାଙ୍କୁ ଅଧିକ ଯତ୍ନବାନ ହେବାକୁ ପଡ଼ିବ ଏବଂ ଏଥିପାଇଁ ଡାକ୍ତର ପରାମର୍ଶ ମଧ ଦେଇଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ସେ ସମ୍ବିଧାନର ଧାରା ୬୭(ଏ) ଅନୁଯାୟୀ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଉଛନ୍ତି। ସମଗ୍ର କାର୍ଯ୍ୟକାଳ ସମୟରେ ସୁସଂପର୍କ ଓ ଅକୁଣ୍ଠ ସମର୍ଥନ ପାଇଁ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିଭଳି ସହଯୋଗ ଓ ସମର୍ଥନ ପାଇଁ ସେ ପ୍ରଧାନମନ୍ତ୍ରୀ ଏବଂ ସମସ୍ତ ମନ୍ତ୍ରୀଙ୍କୁ ମଧ କୃତଜ୍ଞତା ଜଣାଇଛନ୍ତି। ସମସ୍ତ ସାଂସଦ ଯେପରି ତାଙ୍କୁ ସ୍ନେହ ଓ ଶ୍ରଦ୍ଧା କରିବା ସହିତ ତାଙ୍କ ପ୍ରତି ଆସ୍ଥା ପ୍ରକଟ କରିଛନ୍ତି, ସେଥିପାଇଁ ଧନଖଡ଼ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ୭୪ ବର୍ଷୀୟ ଧନଖଡ଼ ୨୦୨୨ରେ ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପୂର୍ବରୁ ସେ ୨୦୧୯ରୁ ୨୦୨୨ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ରାଜ୍ୟପାଳ ଥିଲେ। ଗତ ମାର୍ଚ୍ଚ ମାସରେ ହୃଦରୋଗ କାରଣରୁ ଧନଖଡ଼ ଏମ୍ସରେ ଭର୍ତ୍ତି ହୋଇଥିଲେ। ଗତମାସ କୁମାଉଁ ▶ପୃଷ୍ଠା-୭

**ଭାରତର ଉପରାଷ୍ଟ୍ରପତି**

| | |
|---|---|
| ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ୍ | ୧୯୫୨-୬୨ |
| ଡଃ ଜାକିର ହୁସେନ୍ | ୧୯୬୨-୬୭ |
| ଭି.ଭି.ଗିରି | ୧୯୬୭-୬୯ |
| ଗୋପାଳସ୍ୱରୂପ ପାଠକ | ୧୯୬୯-୭୪ |
| ବି.ଡି. ଯତି | ୧୯୭୪-୭୯ |
| ଏମ୍.ହିଦାୟତୁଲ୍ଲା | ୧୯୭୯-୮୪ |
| ଆର୍.ଭେଙ୍କଟରମଣ | ୧୯୮୪-୮୭ |
| ଡଃ ଶଙ୍କରଦୟାଲ ଶର୍ମା | ୧୯୮୭-୯୨ |
| କେ.ଆର୍.ନାରାୟଣନ୍ | ୧୯୯୨-୯୭ |
| କୃଷ୍ଣକାନ୍ତ | ୧୯୯୭ - ୨୦୦୨ |
| ଭୈରୋସିଂହ ଶେଖାୱାତ | ୨୦୦୨-୦୭ |
| ଏଚ.ହମିଦ୍ ଆନସାରୀ | ୨୦୦୭- ୧୭ |
| ଏମ୍.ଭେଙ୍କିଆ ନାଇଡୁ | ୨୦୧୭-୨୨ |
| ଜଗଦୀପ ଧନଖଡ଼ | ୨୦୨୨-୨୫ |

## ସଂସଦର ମୌସୁମୀ ଅଧିବେଶନ

# ଆରମ୍ଭରୁ ହଙ୍ଗାମା

- ସଂସଦରେ ଉଠିଲା ଓଡ଼ିଶା ପ୍ରସଙ୍ଗ
- ପହଲଗାମ୍, ବିହାର ଉପରେ ଆଲୋଚନା ଦାବି
- ଉଭୟ ଗୃହ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ



■ ନୂଆଦିଲ୍ଲୀ, ୨୧।୭: ଆରମ୍ଭରୁ କମ୍ପିଲା ସଂସଦର ମୌସୁମୀ ଅଧିବେଶନ। ଆଜି ବୈଠକ ଆରମ୍ଭ ହେବାମାତ୍ରେ ଉଭୟ ଗୃହରେ ବିରୋଧୀ ଦଳମାନେ ପହଲଗାମ୍, ଅପରେସନ ସିନ୍ଦୂର ଏବଂ ବିହାର ପ୍ରସଙ୍ଗରେ ଆଲୋଚନା ଦାବିରେ ହୋହାଲ୍ଲା କରିଥିଲେ। ସମସ୍ତ କାର୍ଯ୍ୟ ବନ୍ଦ ରଖି ଏହିସବୁ ପ୍ରସଙ୍ଗ ଉପରେ ତୁରନ୍ତ ଆଲୋଚନା କରିବାକୁ ସେମାନେ ଦାବି କରିଥିଲେ। ଏଥିପାଇଁ ସରକାର ରାଜି ନହେବାରୁ ଗୃହରେ ହଟ୍ଟଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଉଭୟ ଗୃହକୁ ମୁଲତବୀ ରଖାଯାଇଥିଲା।

ଲୋକସଭା ଆରମ୍ଭ ହେବାମାତ୍ରେ କଂଗ୍ରେସ ସଭ୍ୟ ମଣିକମ୍ ଟାଗୋର ଉପରୋକ୍ତ ପ୍ରସଙ୍ଗ ଆଲୋଚନା ପାଇଁ ନୋଟିସ ଦେଇଥିଲେ। ରାଜ୍ୟସଭାରେ ମଧ ଦଳୀୟ ସାଂସଦ ରଣଦୀପ ସୂର୍ଯେୱାଲା ନିୟମ ୨୬୭ ଅନୁଯାୟୀ ନୋଟିସ ଦେଇଥିଲେ। ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେ କହିଥିଲେ ଯେ ପହଲଗାମରେ ଆକ୍ରମଣ କରିଥିବା ଆତଙ୍କବାଦୀ କୁଆଡ଼େ ▶ପୃଷ୍ଠା-୭

### ସିଦ୍ଧରମେୟାଙ୍କ ପତ୍ନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

## ଇଡିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

■ ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ତୀବ୍ର ଭର୍ତ୍ସନା କରିଛନ୍ତି। ରାଜନୈତିକ ଲଢେଇ ନିର୍ବାଚନରେ ଲଢିବା ଉଚିତ, ଯାଞ୍ଚ ଏଜେନ୍ସିଙ୍କ ମାଧ୍ୟମରେ ନୁହେଁ। ଇଡିକୁ ଏପରି ଭାବେ କାହିଁକି ବ୍ୟବହାର କରାଯାଉଛି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ମହୀଶୂର ସହରୀ ବିକାସ ବୋର୍ଡ (ମୁଡା) ମାମଲାରେ ଇଡି ପକ୍ଷରୁ ଦାଏର ଆବେଦନର ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ପତ୍ନୀଙ୍କୁ ଇଡି ଜାରି କରାଯାଇଥିବା ସମନକୁ ମଧ କୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବରୁ କର୍ଣ୍ଣାଟକ ହାଇକୋର୍ଟ ଏହାକୁ ଖାରଜ କରିଦେଇଥିଲେ। ମାତ୍ର ଇଡି ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲା। ଏହାର ଶୁଣାଣି କରି ରାଜନୈତିକ ସଂଘର୍ଷରୁ ଦୂରେଇ ରହିବା ପାଇଁ ଇଡିକୁ ସର୍ବୋଚ୍ଚ ନ୍ୟାୟାଳୟ ଚେତାବନୀ ଦେଇଛନ୍ତି। ଇଡି ପକ୍ଷରୁ ହାଜର ଅତିରିକ୍ତ ସଲିସିଟର ଜେନେରାଲ ଏସ୍‌ଭି ରାଜୁଙ୍କୁ କଡ଼ା ବାଣୀ ଶୁଣାଇଛନ୍ତି। ମୁହଁ ଖୋଲିବାକୁ ସୁପ୍ରିମକୋର୍ଟଙ୍କୁ ବାଧ କରନାହିଁ ବୋଲି କହିଛନ୍ତି।



ଶୁଣାଣି ସମୟରେ ପ୍ରଧାନ ବିଚାରପତି କହିଥିଲେ ଯେ ଆମ ମୁହଁ ଖୋଲିବାକୁ ଚେଷ୍ଟା କରନ୍ତୁ ନାହିଁ। ନଚେତ, ଇଡି ଉପରେ କଠୋର ଟିପ୍ପଣୀ ଦେବାକୁ ବାଧ ହେବୁ। ମୋ ପାଖରେ ମହାରାଷ୍ଟ୍ରର କିଛି ଅଭିଜ୍ଞତା ରହିଛି। ରାଜନୈତିକ ଲଢେଇ ନିର୍ବାଚନରେ ଲଢନ୍ତୁ। ରାଜନୈତିକ ସଂଘର୍ଷ ପାଇଁ ଏଜେନ୍ସିକୁ କାହିଁକି ଅପବ୍ୟବହାର କରୁଛନ୍ତି। ଆପଣ ସାରା ଦେଶରେ ଏହି ହିଂସାକୁ ବ୍ୟାପକ ହେବାକୁ ଦିଅନାହିଁ। କୌଣସି ଚାଲାବାଜି କରିବାର ଆବଶ୍ୟକତା ନାହିଁ। ଏହାପରେ ଇଡି ଆବେଦନ ପ୍ରତ୍ୟାହାର କରି ନେଇଥିଲେ। ଏହି ରାୟକୁ ଅନ୍ୟ ମାମଲାରେ ଉଦାହରଣ ଭାବେ ବ୍ୟବହାର ନ କରିବାକୁ ଅତିରିକ୍ତ ସଲିସିଟର ▶ପୃଷ୍ଠା-୭

## ଜେଲ୍ ଗଲେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି

■ ଭୁବନେଶ୍ୱର,୨୧।୭ (ସମିସ): ଦୁଷ୍କର୍ମ ମାମଲାରେ ଗତକାଲି ଗିରଫ ହୋଇଥିବା ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉଦିତ ପ୍ରଧାନ ସୋମବାର ଜେଲ୍ ଯାଇଛନ୍ତି। ପୁଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ମେଡିକାଲ ପରୀକ୍ଷା କରିବା ପରେ କୋର୍ଟରେ ହାଜର କରିଥିଲା। ଜାମିନ୍ ନାମଞ୍ଜୁର ପରେ ତାଙ୍କୁ ଝାରପଡ଼ା ଜେଲ୍ ହାଜତକୁ ପଠାଇ ଦିଆଯାଇଛି।



ମେଡିକାଲ ପରୀକ୍ଷା ପାଇଁ ଯିବା ସମୟରେ ଉଦିତ୍ କହିଛନ୍ତି ଯେ, ଏହା ତାଙ୍କ ବିରୋଧରେ ସରକାରଙ୍କ ଷଡ଼ଯନ୍ତ୍ର। ମେଡିକାଲ ରିପୋର୍ଟ ଆସିବା ପରେ ସତ ପଦାକୁ ଆସିବ। ଅନ୍ୟପକ୍ଷରେ ଉଦିତ ଜେଲ୍ ଯିବା ପରେ ଥାନାରେ ଅଭିଯୋଗ କରିଥିବା ପୀଡ଼ିତା ଏବଂ ଅନ୍ୟ ▶ପୃଷ୍ଠା-୭

### ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଏଫଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାର ପ୍ରତିବାଦ

## ତିନି ଆର୍‌ଡିସି ଅଫିସ୍ ଆଗରେ ଗର୍ଜିଲା ବିଜେଡି

■ ଭୁବନେଶ୍ୱର, ୨୧।୭ (ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି, ମହିଳା ବିରୋଧୀ ଅପରାଧ ବୃଦ୍ଧି ଏବଂ ଏଫ୍‌ଏମ୍ କଲେଜ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ସୋମବାର ବିଜେଡି ପକ୍ଷରୁ ରାଜ୍ୟର ୩ ଆର୍‌ଡିସି ଅଫିସ ଘେରଓ କରାଯାଇଛି।

**ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣାରେ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ଦାବି**

ଏଫ୍‌ଏମ୍ କଲେଜର ମୃତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଥିବା ଆର୍‌ଡିସି ଅଫିସ ସମ୍ମୁଖରେ ଦଳ ବିକ୍ଷୋଭ, ପ୍ରତିବାଦ ପ୍ରଦର୍ଶନ କରିଛି। କଲେଜ ଛାତ୍ରୀ ଆତ୍ମାହୁତି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ଦଳ।



ବିଜେଡିର ହଜାର ହଜାର କର୍ମୀ ଏଥିରେ ସାମିଲ ହୋଇ ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ନାରାବାଜି କରିଥିବା ବେଳେ ଦଳ ପକ୍ଷରୁ ଆର୍‌ଡିସିଙ୍କ ମାଧ୍ୟମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଦଳ ପକ୍ଷରୁ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିବା ସହିତ ନାରୀ, ଛାତ୍ରୀ ଓ ଶିଶୁମାନଙ୍କ ବିରୋଧରେ ଅପରାଧ ବୃଦ୍ଧି ପାଇଛି। ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସମଗ୍ର ରାଜ୍ୟକୁ ବ୍ୟଥିତ କରିଥିଲା ବେଳେ ନ୍ୟାୟ ପାଇଁ ଦୀର୍ଘ ୬ ମାସ ଲଢ଼ିବା ପରେ ଶେଷରେ ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଦେବା ଘଟଣା ସମଗ୍ର ଦେଶରେ ରାଜ୍ୟ ପାଇଁ ଲଜ୍ଜା ଓ ନିନ୍ଦା ଆଣିଛି। ▶ପୃଷ୍ଠା-୭

### ଛତୁ ଚୋରିରୁ ମହାଭାରତ

## ଖୁଡ଼ୀ, ଭଉଣୀକୁ ଟାଙ୍ଗିଆରେ ହାଣିଦେଲା

■ ପଦ୍ମପୁର, ୨୧।୭ (ସମିସ): ସାମାନ୍ୟ ଛତୁ ଚୋରିକୁ କେନ୍ଦ୍ର କରି ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ୍ ପଥୁରୀ ଗାଁରେ ଆଜି ଦୁଇଦୁଇଟି ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକ ନିଜ ଖୁଡ଼ୀ ଓ ଭଉଣୀକୁ ଟାଙ୍ଗିଆରେ ହାଣି ଅତି ନୃଶଂସ ଭାବେ ହତ୍ୟା କରିଛି। ମୃତକଦ୍ୱୟ ହେଲେ, ଗାଁର ସାବିତ୍ରୀ ନାଗ ଓ ତାଙ୍କ ଖୁଡ଼ୀ ବେଲମତି ନାଗ। ପଦ୍ମପୁର ଆଦର୍ଶ ଥାନା ପୁଲିସ୍ ଶବ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ ଏହି ନାରକୀୟ କାଣ୍ଡ ଘଟାଇବା ପରେ ଅଭିଯୁକ୍ତ ଶଶିଭୂଷଣ ନାଗ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛି। ପୁଲିସ୍ ତାକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି।

**ଗୁରୁତର ଦାଦା ହସ୍ପିଟାଲରେ**

ସୂଚନାନୁଯାୟୀ, ଶଶିଭୂଷଣ ଛତୁ ବ୍ୟବସାୟ କରନ୍ତି। ଆଜି ତାଙ୍କର କିଛି ଛତୁ ଚୋରି ହୋଇଥିବା ସନ୍ଦେହ କରି ପରିବାରଲୋକଙ୍କୁ ଏ ସଂପର୍କରେ ପଚରାଉଚରା କରିଥିଲେ। ଏହାକୁ ନେଇ ପରିବାର ଭିତରେ କଳହ ହୋଇଥିଲା। ତେବେ କ୍ରମେ ଏହା ଉଗ୍ରରୂପ ଧାରଣ କରିଥିଲା। ଏଥିରେ ▶ପୃଷ୍ଠା-୭

# ନାବାଳିକା ହକି ଖେଳାଳିଙ୍କୁ ଗଣଦୁଷ୍କର୍ମ

■ ଯାଜପୁର, ୨୧।୭ (ସମିସ): ସାରା ରାଜ୍ୟରେ ଏବେ ନାରୀ ନିର୍ଯାତନାକୁ ନେଇ ହୁଲସ୍ଥୁଲ ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଯାଜପୁରରେ ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ହକି ପଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷକଙ୍କ ଦ୍ୱାରା ଜଣେ ନାବାଳିକା ଖେଳାଳିଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରିବା ସହ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି। ଏହି ଘଟଣାକୁ ନେଇ ହଇଚଇ ସୃଷ୍ଟି ହୋଇଛି।

ଅଭିଯୋଗ ମୁତାବକ, ଯାଜପୁର ଥାନା ଅଞ୍ଚଳର ନାବାଳିକା ହକି ଖେଳାଳିଙ୍କୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ପ୍ରଶିକ୍ଷକ ବାରମ୍ବାର ଅସଦାଚାରଣ କରୁଥିଲେ। ଏନେଇ ସଂପୃକ୍ତ ନାବାଳିକା ପ୍ରତିବାଦ କରିଥିଲେ। ତେବେ ଗତ ଜୁଲାଇ ୩ ତାରିଖରେ ସଂପୃକ୍ତ ନାବାଳିକା ଘରକୁ ଫେରୁଥିବା ବେଳେ କୋଚ ସିଦ୍ଧାର୍ଥ ରାଉତ, ସନ୍ଦୀପ ସ୍ୱାଇଁ ଏବଂ ସାଗର ବିଭିନ୍ନ ବାହାନା କରି ତାଙ୍କୁ ଏକ ବାଇକ୍‌ରେ ବସାଇ ଜ୍ୟୋତି ଲଜ୍‌କୁ ନେଇ ଯାଇଥିଲେ। ଲଜ୍‌ରେ ସାଗର ଓ ସାର୍ଥକ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। ଏ ସଂପର୍କରେ କାହାକୁ ଜଣାଇଲେ ଜୀବନରୁ ମାରିଦେବୁ ବୋଲି ଧମକ ଦେଇ ଛାଡ଼ି ଦେଇଥିଲେ। ଏ ସଂକ୍ରାନ୍ତରେ ନାବାଳିକାଜଣଙ୍କ ରବିବାର ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କ ବିରୋଧରେ ବିଏନ୍‌ଏସ୍‌ର ଧାରା ୭୦(୨), ୩୫୧(୨), ୭୪,୩(୫) ଏବଂ ୬ ଧାରା ରୁଜୁ ହୋଇଥିବା ଜଣାପଡିଛି। ନାବାଳିକାର ବୟାନ ରେକର୍ଡ କରିବା ସହିତ ଘଟଣାର ୪ ଅଭିଯୁକ୍ତଙ୍କୁ ଅଟକ ରଖି ପଚାରାଉଚୁରା ଜାରି ରଖିଛି। ସଂପୃକ୍ତ ନାବାଳିକାକୁ ଡାକ୍ତରମାଇନା କରିବା ▶ପୃଷ୍ଠା-୭



ପ୍ରଶିକ୍ଷକଙ୍କ ସମେତ ୪ ଅଭିଯୁକ୍ତ ଅଟକ


## ଘରୁ ଡାକିନେଇ ମାରିଦେଲେ

■ ସମ୍ବଲପୁର, ୨୧।୭ (ସମିସ): ଭୋଜି କରିବାକୁ ଡାକି ନେଇ ପିଟିପିଟି ମାରିଦେଲେ। ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ୍ ଠେଲକୋଲୋଇ ଥାନା ଅଧୀନ ବୋମାଲୋଇ ଗ୍ରାମରେ ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ଜନ୍ମେଜୟ କିଷାନ (୨୯)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ୬ ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ, ବୋମାଲୋଇ ଗାଁର ସୁଜିତ ମୁଣ୍ଡା(୨୨), ରଞ୍ଜିତ ମୁଣ୍ଡା ଓରଫ୍ ଢୁଲୁ (୨୦), ପ୍ରମୋଦ ମୁଣ୍ଡା ଓରଫ୍ ରଘୁ (୩୨), ଦଶରଥ ମୁଣ୍ଡା ଓରଫ୍ ଜୁନୁ (୨୨), ରାଜେଶ ମୁଣ୍ଡା ଓରଫ୍ ଛୋଟୁ (୨୦) ଓ ଜିତେନ୍ଦ୍ର କିଷାନ ଓରଫ୍ କାଳକୁଟ (୧୮)। ଏମାନେ ସଂଘବଦ୍ଧ ଭାବେ ଜନ୍ମେଜୟଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୂର୍ବ ଗଣ୍ଡଗୋଳକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ଶନିବାର ରାତି ପ୍ରାୟ ୮ଟାରେ ୭ରୁ ୮ଜଣ ଯୁବକ ଜନ୍ମେଜୟଙ୍କୁ ଭୋଜି କରିବାକୁ ▶ପୃଷ୍ଠା-୭

**୬ ସାଙ୍ଗ ଗିରଫ**

## ଭି ଅଚ୍ୟୁତାନନ୍ଦନଙ୍କ ପରଲୋକ

ତିରୁବନନ୍ତପୁରମ, ୨୧।୭(ଏଜେନ୍ସି): କେରଳ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବୟୋବୃଦ୍ଧ କମ୍ୟୁନିଷ୍ଟ ନେତା ଭିଏସ୍ ଅଚ୍ୟୁତାନନ୍ଦନ ସୋମବାର ୧୦୧ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ହୃଦ୍‌ଘାତର ଶିକାର ହେବା ପରେ ତାଙ୍କୁ ଜୁନ୍ ୨୩ରେ ଏକ ଘରୋଇ ହସ୍ପିଟାଲରେ



ଭର୍ତ୍ତି କରାଯାଇଥିଲା। ତାଙ୍କୁ ଆଇସିୟୁରେ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ଦୀର୍ଘଦିନ ଧରି ଚିକିତ୍ସିତ ହେବା ପରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନ ଓ ସିପିଏମ୍ ରାଜ୍ୟ ସମ୍ପାଦକ ଏମ୍‌ଭି ଗୋବିନ୍ଦନ ହସ୍ପିଟାଲ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ସହ ଶୋକବ୍ୟକ୍ତ କରିଛନ୍ତି। ୨୦୧୯ରେ ସେ ମାଇନର ଷ୍ଟ୍ରୋକର ଶିକାର ହେବା ପରେ ରାଜନୀତି ତଥା ସାଧାରଣ ଜୀବନରୁ ଦୂରେଇ ଯାଇଥିଲେ। ସେ ୨୦୦୬ରୁ ୨୦୧୧ ମଧ୍ୟରେ କେରଳ ମୁଖ୍ୟମନ୍ତ୍ରୀ ଭାବେ ସଫଳତାର ସହ ଦାୟିତ୍ୱ ସମ୍ଭାଳିଥିଲେ। ୧୯୩୮ ରେ କଂଗ୍ରେସ୍‌ରେ ଯୋଗ ଦେଇ ରାଜନୀତିରେ ପ୍ରବେଶ କରିଥିଲେ। ସେ ମଧ୍ୟ ଏକାଧିକ ପୁସ୍ତକ ଲେଖିଛନ୍ତି। ୪୦ ବର୍ଷର ରାଜନୈତିକ କ୍ୟାରିଅରରେ ସେ ୭ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ କେରଳକୁ ଏକ ମୁସ୍‌ଲିମ ବହୁଳ ରାଜ୍ୟ ଭାବେ ପରିଣତ କରିବାକୁ ଷଡ଼ଯନ୍ତ୍ର କରାଯାଉଛି ବୋଲି ମନ୍ତବ୍ୟ ଦେଇ ହଇଚଇ ସୃଷ୍ଟି କରିଥିଲେ।

## ମଦ ପାର୍ଟିରେ ଚଢ଼ଉ; ୩୯ ଯୁବକଯୁବତୀ ଗିରଫ

ଅହମଦାବାଦ, ୨୧।୭(ଏଜେନ୍ସି): ୬୫ ବର୍ଷ ହେବ ଗୁଜରାଟରେ ମଦ ବନ୍ଦ କରାଯାଇଥିବା ବେଳେ ଅହମଦାବାଦ ଜିଲ୍ଲାର ସାନନ୍ଦରେ ରବିବାର ବିଳମ୍ବିତ ରାତିରେ ରେଡ୍ ରିସୋର୍ଟରେ ଚାଲିଥିବା ଏକ ହାଇପ୍ରୋଫାଇଲ ମଦ ପାର୍ଟି ଉପରେ ପୁଲିସ ଚଢ଼ାଉ କରିଥିଲା। ପ୍ରବଳ ନିଶାରେ ଥିବା ୧୩ ଯୁବକ ଓ ୨୬ ଯୁବତୀଙ୍କୁ ପୁଲିସ ଗିରଫ କରିଛି। ସମସ୍ତଙ୍କୁ ମେଡିକାଲ ଚେକ୍‌ଅପ୍ ପାଇଁ ସିଭିଲ ହସ୍ପିଟାଲ ପଠାଯାଇଛି। ପରେ ଭୋର ୩ଟାରେ ସମସ୍ତଙ୍କୁ ସାନନ୍ଦ ଥାନକୁ ନିଆଯାଇଥିଲା। ମାମଲା ରୁଜୁ କରି ପୁଲିସ ସମସ୍ତଙ୍କୁ ଗିରଫ କରିଛି। ସହରର ନାମୀଦାମୀ ବିଲ୍ଡର ପ୍ରତୀକ ସାନ୍ଧିଙ୍କ ଜନ୍ମଦିନ ପାଳନ ଅବସରରେ ଏହି ମଦ ପାର୍ଟି ରଖାଯାଇଥିଲା ବୋଲି କୁହାଯାଇଛି। ଏହି ପାର୍ଟିରେ ପାଖାପାଖି ୧୦୦ ଜଣ ଉପସ୍ଥିତ ଥିଲେ। ତେବେ ୫୦ଜଣଙ୍କୁ ଗିରଫ୍ କରାଯାଇଛି ବୋଲି ପୁଲିସ କହିଛି। ସୂଚନା ମିଳିବା ପରେ ହିଁ ଯୁବକ ଓ ଯୁବତୀଙ୍କ ପରିବାର ଲୋକ ଥାନରେ ପହଞ୍ଚିଥିଲେ।ଏଥିସହ ସିଲ୍ ହୋଇଥିବା ୫ଟି ମଦ ବୋତଲ ଜବତ କରାଯାଇଥିଲା। ବିଲ୍ଡର ପ୍ରତୀକ ରିୟଲ ଇଷ୍ଟେଟ ବ୍ୟବସାୟ ସହ ଫ୍ରୋଜନ ଫୁଟ୍ କମ୍ପାନୀ ମଧ୍ୟ ପରିଚାଳନା କରନ୍ତି। ଉଲ୍ଲେଖଥାଉ କି, ୧୯୬୦ ମେ ୧ରୁ ଗୁଜରାଟ୍‌ରେ ମଦ ବିକ୍ରି ନିଷିଦ୍ଧ କରାଯାଇଛି ଏବଂ ମଦର ଉତ୍ପାଦନ, ବିକ୍ରି ଓ ସେବନ ଉପରେ ପ୍ରତିବନ୍ଧକ ଲଗାଯାଇଛି।

## ୮ ରେଳବାଇ କର୍ମଚାରୀଙ୍କୁ ୫ ବର୍ଷ ଜେଲ୍

ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): ଆସିଷ୍ଟାଣ୍ଟ ଷ୍ଟେସନ ମାଷ୍ଟର ଲିଖିତ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇର ଏକ କୋର୍ଟ ରେଳବାଇର ପୂର୍ବତନ ୮ ଜଣ ଉଚ୍ଚପଦସ୍ଥ କର୍ମଚାରୀଙ୍କୁ ୫ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ କୋର୍ଟ ପ୍ରତ୍ୟେକ କର୍ମଚାରୀଙ୍କ ଉପରେ ୫ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି। ୨୦୦୨ ଅଗଷ୍ଟ ୧୭ରେ ସିବିଆଇ ଏମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା ଓ ୨୦୦୩ ଜୁଲାଇ ୨୮ରେ ଅଭିଯୋଗ ପତ୍ର ଦାଖଲ କରାଯାଇଥିଲା। ୮ ଜଣ କର୍ମଚାରୀଙ୍କୁ ବାଦ୍ ଦେଲେ ଆଉ ଜଣେ ଅଭିଯୁକ୍ତଙ୍କ ଦେହାନ୍ତ ହୋଇଛି। ଏମାନଙ୍କ ବିରୋଧରେ ଅପରାଧିକ ଷଡ଼ଯନ୍ତ୍ର, ଚୋରି, ଅସାଧୁ ଉପାୟ ଅବଲମ୍ବନ, ପ୍ରମାଣ ନଷ୍ଟ କରିବାର ଅଭିଯୋଗ ହୋଇଥିଲା। ଲିଖିତ ପରୀକ୍ଷା ପ୍ରଶ୍ନପତ୍ର ଦେବା ପାଇଁ ଏହି କର୍ମଚାରୀମାନେ ପ୍ରାର୍ଥୀ ପିଛା ୫୦, ୦୦୦ ଟଙ୍କା ଆଦାୟ କରିଥିବାର ଅଭିଯୋଗ ହୋଇଥିଲା।

## ହସ୍ପିଟାଲରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍

ଚେନ୍ନାଇ, ୨୧।୭(ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍‌ଙ୍କୁ ସୋମବାର ସ୍ଥାନୀୟ ଗ୍ରିମ୍ସ ରୋଡସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୋମବାର



ନିୟମିତ ପ୍ରାତଃଭ୍ରମଣ କରିବା ବେଳେ ହାଲ୍‌କା ମୁଣ୍ଡ ବୁଲାଇବା କାରଣରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ତାଙ୍କର ଆବଶ୍ୟକୀୟ ଟେଷ୍ଟ ତଥା ରୁଟିନ ଚେକ୍‌ଅପ୍ କରାଯାଉଛି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେ ଗୋଟିଏ କିମ୍ବା ଦୁଇଦିନ ହସ୍ପିଟାଲରେ ରହିବେ ବୋଲି କୁହାଯାଇଛି। ୭୨ ବର୍ଷୀୟ ଷ୍ଟାଲିନ୍ ୨୦୨୧ରୁ ତାମିଲନାଡୁର ୮ମ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱରେ ରହିଛନ୍ତି।

## ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ

ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): ଘରୁ ଟଙ୍କା ଜବତ ମାମଲାରେ ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ବିରୋଧରେ ସୋମବାର ସଂସଦରେ ମହାଭିଯୋଗ ପାରିତ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଜଷ୍ଟିସ ବର୍ମାଙ୍କୁ ହଟାଇବା ଲାଗି ଲୋକସଭାରେ ବାଚସ୍ପତି ଓମ ବିର୍ଲାଙ୍କୁ ସ୍ମାରକପତ୍ର ପ୍ରଦାନ କରିଯାଇଛି। ସେହିପରି ରାଜ୍ୟସଭାରେ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ମହାଭିଯୋଗ ପ୍ରସ୍ତାବରେ ସ୍ୱାକ୍ଷର କରିଛନ୍ତି। ମଙ୍ଗଳବାର ଏକ ଯାଞ୍ଚ୍ କମିଟି ଗଠନ କରି ବାଚସ୍ପତି ବିର୍ଲା ପ୍ରସ୍ତାବକୁ ଆଗକୁ ବଢ଼ାଇବେ ବୋଲି ଆଶା କରାଯାଉଛି। କୌଣସି ବିଚାରପତିଙ୍କୁ ହଟାଇବା ପାଇଁ ଅତିକମ୍‌ରେ ଲୋକସଭାର ୧୦୦ ଓ ରାଜ୍ୟସଭାର ୫୦ ସଦସ୍ୟଙ୍କ ସ୍ୱାକ୍ଷର ଆବଶ୍ୟକ ହୋଇଥାଏ।



## ୩୭ ଦିନ ପରେ ଫେରିବାକୁ ବ୍ରିଟେନ ଲଢୁଆ ବିମାନ ପ୍ରସ୍ତୁତ

ତିରୁବନନ୍ତପୁରମ, ୨୧।୭(ଏଜେନ୍ସି): ୩୭ ଦିନରେ ତିରୁବନନ୍ତପୁରମ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଫସି ରହିବା ପରେ ବ୍ରିଟେନ ରୟାଲ ନେଭିର ଏଫ୍- ୩୫ବି ଫାଇଟର ଜେଟ୍ ଶେଷରେ ଉଡାନ ଭରି ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରସ୍ତୁତ ହୋଇଛି। ଗତ ଜୁନ୍ ୧୪ରେ ଖରାପ ପାଗ, ଇନ୍ଧନ ଜନିତ ସମସ୍ୟା ଓ ବୈଷୟିକ ତ୍ରୁଟି କାରଣରୁ ଏହି ବିମାନ ଜରୁରୀ ଅବତରଣ କରିଥିଲା। ବିମାନକୁ ଠିକ୍ କରିବା ଓ ତା'ର ମରାମତି ପାଇଁ ୫ ସପ୍ତାହରୁ ଅଧିକ ସମୟ ଲାଗିଥିଲା। ବ୍ରିଟେନର ୨୫ ଜଣ ଇଞ୍ଜିନିୟରଙ୍କୁ ନେଇ ଗଠିତ ଦଳ ଏହାକୁ ଠିକ୍ କରିବାକୁ ସମର୍ଥ ହୋଇଛନ୍ତି। ଏବେ ଏହି ଜେଟ ଉଡାଣ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ବୋଲି କୁହାଯାଇଛି। ୫ମ ପିଢ଼ିର ଏହି ଲଢୁଆ ବିମାନର ମୂଲ୍ୟ ୯୧୫ କୋଟି ଟଙ୍କା। ଏହି ଘଟଣାକ୍ରମରେ ଭାରତୀୟ ବାୟୁସେନା ବ୍ରିଟେନକୁ ସହାୟତା ପ୍ରଦାନ କରିଥିଲା। ବ୍ରିଟିଶ ହାଇକମିଶନର ମଧ୍ୟ ଏଥିପାଇଁ ଭାରତକୁ ଧନ୍ୟବାଦ ଜଣାଇଛନ୍ତି। ୩୭ ଦିନ ଧରି ବିମାନବନ୍ଦରରେ ରହିଥିବାରୁ ଏବେ ବ୍ରିଟେନକୁ ପାର୍କିଂ ପାଉଣା ଦେବାକୁ ହେବ। ଏହିକ୍ରମରେ ବ୍ରିଟେନକୁ ଦିନକୁ ୨୬, ୨୬୧ ଟଙ୍କା ଓ ମୋଟ ଉପରେ ୯.୧୯ ଲକ୍ଷ ଟଙ୍କା ତିରୁବନନ୍ତପୁରମ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ଦେବାକୁ ହେବ।

# ସବୁ ସୀମା ଅତିକ୍ରମ କରୁଛି ଇଡି: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ସୁପ୍ରିମକୋର୍ଟ କଠୋର ଭାଷାରେ ସମାଲୋଚନା କରିଛନ୍ତି। ଏହି କେନ୍ଦ୍ରୀୟ ଏଜେନ୍ସି ସବୁ ସୀମା ପାର୍ କରିଯାଉଛି ବୋଲି କହିଛନ୍ତି। ଭୁଲ୍ ହୋଇଥିଲେ ବି ଜଣେ ଓକିଲ ଏବଂ ମହକିଲଙ୍କ ମଧ୍ୟରେ ହୋଇଥିବା ଆଲୋଚନା ବିଶେଷ ହୋଇଥାଏ। ଏହାକୁ ନେଇ ଓକିଲଙ୍କ ବିରୋଧରେ କେମିତି ନୋଟିସ୍ ଜାରି କରାଯାଇପାରିବ ନାହିଁ। ଏଭଳି ମାମଲାରେ ଇଡି ପାଇଁ ମାର୍ଗଦର୍ଶିକା ଜାରି କରାଯିବା ଉଚିତ ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ଆଇନଗତ ପରାମର୍ଶ ଦେଇଥିବା ଜଣେ ଓକିଲଙ୍କୁ ଇଡି ସମନ ପଠାଇବା ମାମଲାର ବିଚାର କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ଏଭଳି କାର୍ଯ୍ୟାନୁଷ୍ଠାନ ଉପରେ କୋର୍ଟ ଚିନ୍ତା ଏବଂ ଅସନ୍ତୋଷ ପ୍ରକାଶ କରିଛନ୍ତି। ତଦନ୍ତ ସମୟରେ ଆଇନଗତ ପରାମର୍ଶ ଦେବା କିମ୍ବା ମହକିଲଙ୍କ ପକ୍ଷରୁ ଉପସ୍ଥିତ ହୋଇଥିବା ବରିଷ୍ଠ ଓକିଲ ଅରବିନ୍ଦ ଦତାର ଏବଂ ପ୍ରତାପ ବେଣୁଗୋପାଳଙ୍କୁ ଇଡି ସମନ ପଠାଇ ଥିଲା। ଆଇନଗତ ବୃତ୍ତିର ସ୍ୱାଧୀନତା ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ପ୍ରଭାବ ସମ୍ବନ୍ଧିତ ମାମଲାର ନିଜ ଆଡୁ ଶୁଣାଣି କରି ମାର୍ଗଦର୍ଶିକା ଆଣିବା ପାଇଁ କୋର୍ଟ କହିଛନ୍ତି। ୨୯ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଆଜିର ଶୁଣାଣି ସମୟରେ ଖଣ୍ଡପୀଠ କହିଥିଲେ ଯେ ଅନେକ ମାମଲାରେ ଇଡି ନିଜ ସୀମା ଲଙ୍ଘନ କରୁଥିବା ଦେଖାଯାଉଛି। ଆମେ କିଛି ଜାଣିନାହୁଁ ବୋଲି ଭାବନାହିଁ। ଆମେ ଖବର ଦେଖୁନାହୁଁ। ୟୁଟ୍ୟୁବରେ ସାକ୍ଷାତାକାର ବି ଦେଖୁନାହୁଁ। ସରକାର ଏବଂ ଇଡି ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କ ମନ୍ତବ୍ୟ ଉପରେ

### ଓକିଲଙ୍କୁ ସମନ ପଠାଇଥିଲା ଏଜେନ୍ସି

### ଇଡି ପାଇଁ ମାର୍ଗଦର୍ଶିକା ହେବା ଉଚିତ

ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏହି ପ୍ରସଙ୍ଗକୁ ଉଚ୍ଚ ସ୍ତରରେ ରଖାଯାଇଛି। ତଦନ୍ତକାରୀ ସଂସ୍ଥାକୁ ଆଇନଗତ ପରାମର୍ଶ ଦେବା ପାଇଁ ଓକିଲମାନଙ୍କୁ ନୋଟିସ୍ ଜାରି ନ କରିବାକୁ କୁହାଯାଇଛି। ମିଥ୍ୟା କାହାଣୀ ଗଢ଼ି ପ୍ରତିଷ୍ଠାନଗୁଡ଼ିକୁ ବଦନାମ କରିବାକୁ ଚେଷ୍ଟା କରାଯାଉଛି। ଅନେକ ସମୟରେ ବିଭିନ୍ନ ମାମଲାକୁ ଆଧାର କରି ଭୁଲ ଭାବେ ଉପସ୍ଥାପନ କରାଯାଇଥାଏ। ଏହା ମୁଁ କହୁଛି, ଇଡି ନୁହେଁ। ଏକ ପ୍ରତିଷ୍ଠାନ ବିରୁଦ୍ଧରେ କାହାଣୀ ଗଢ଼ିବା ପାଇଁ ଷଡ଼ଯନ୍ତ୍ର ହେଉଛି। କୋର୍ଟ କିଛି ମାମଲାରୁ ଏହା ଜାଣିପାରିବେ। ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣି ମଧ୍ୟ କହିଥିଲେ ଯେ ସେ ଇଡି ଅଧିକାରୀଙ୍କ ସହିତ କଥା ହୋଇଛନ୍ତି। ଓକିଲମାନଙ୍କୁ ସମନ ପଠାଇବା ଭୁଲ ଥିଲା। କାରଣ ଆଇନଗତ ପରାମର୍ଶ ଦେବା ପାଇଁ ଓକିଲମାନଙ୍କୁ ସମନ କରାଯାଇପାରିବ ନାହିଁ। ସେହିପରି ମେହେଟ୍ଟା ଗଣମାଧ୍ୟମ ରିପୋର୍ଟକୁ ନେଇ ସତର୍କ କରାଇ ଥିଲେ। ସେ ଦୁର୍ନୀତି ଅଭିଯୁକ୍ତ ରାଜନେତାଙ୍କ ବିଷୟରେ ଉଲ୍ଲେଖ କରିବାରୁ ଏହାକୁ ରାଜନୀତିକରଣ ନ କରିବା ପାଇଁ ପୂର୍ବରୁ ସୁପ୍ରିମକୋର୍ଟ କହିଥିଲେ ବୋଲି ସିଜେଆଇ ଉଲ୍ଲେଖ କରିଥିଲେ।

ସୁପ୍ରିମକୋର୍ଟ ଓକିଲ ସଂଘର ଅଧ୍ୟକ୍ଷ ବିକାଶ ସିଂହ ଚୀନ୍ ଏବଂ ତୁର୍କୀର ଉଦାହରଣ ଦେଇ କହିଥିଲେ ଯେ ଆଇନଗତ ବୃତ୍ତିର ସ୍ୱାଧୀନତା ଉପରେ ଆକ୍ରମଣ କରୁଥିବା ଦେଶର ମାର୍ଗରେ ଭାରତ ନ ଯିବା ଉଚିତ। ଏହାକୁ ସବୁଦିନ ପାଇଁ ରଦ୍ଦ କରିଦିଆଯିବା ଉଚିତ। ତୁର୍କୀ ଏବଂ ଚୀନ୍ ଓକିଲ ସଂଘକୁ ଭାଙ୍ଗି ଦେଇଥିବା କୁହାଯାଉଛି। ଆଇନଗତ ରାୟ ଦେବା ପାଇଁ ଓକିଲଙ୍କୁ ସମନ ଘଟଣା ବିପଜ୍ଜନକ ଉଦାହରଣ ସୃଷ୍ଟି କରିଛି। ନଚେତ, ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଏହାର ନକରାତ୍ମକ ପ୍ରଭାବ ପଡ଼ିବ। ଓକିଲ ସ୍ୱାଧୀନ ଭାବେ ପରାମର୍ଶ ଦେଇପାରିବେ ନାହିଁ।

## ରାଜନୈତିକ ଲଢ଼େଇ କୋର୍ଟ ବାହାରେ ଲଢ଼: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାର ରାୟ ଉପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଟିପ୍ପଣୀକୁ ନେଇ ଅଦାଲତ ଅବମାନନା ପ୍ରକ୍ରିୟା ଆରମ୍ଭ କରିବାକୁ ଆବେଦନ କରାଯାଇଛି। ସୁପ୍ରିମକୋର୍ଟ ସୋମବାର ଏହି ମାମଲାର ଶୁଣାଣି କରି ନ୍ୟାୟିକ ପ୍ରକ୍ରିୟାକୁ ରାଜନୀତିକରଣ କରିବାକୁ ନେଇ ଚେତାବନୀ ଦେଇଛନ୍ତି। ରାଜନୈତିକ ଲଢ଼େଇ କୋର୍ଟ ବାହାରେ ଲଢ଼ ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ଦାତବ୍ୟ ସଂସ୍ଥା ଆତ୍ମଦୀପ ପକ୍ଷରୁ ଦାଏର ମାମଲାର ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ଆବେଦନରେ କୁହାଯାଇଥିଲା ଯେ ସୁପ୍ରିମକୋର୍ଟଙ୍କ ରାୟ ଉପରେ ମମତା ନ୍ୟାୟପାଳିକାର ଅଧିକାରକୁ ଦୁର୍ବଳ କରିବା ଭଳି ଆପତ୍ତିଜନକ ଟିପ୍ପଣୀ ଦେଇଥିଲେ। ତେଣୁ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ଆଟର୍ଣ୍ଣି ଜେନେରାଲଙ୍କୁ ନିର୍ଦ୍ଦେଶ ଦେବାକୁ କହିଥିଲେ। ଏହାକୁ ନେଇ ଖଣ୍ଡପୀଠ ଆବେଦନକାରୀଙ୍କ ଓକିଲକୁ ପଚାରିଥିଲେ ଯେ ଅନୁମତି ମିଳିଯିବ ବୋଲି ଆପଣ ନିଶ୍ଚିତ ତ! କୋର୍ଟଙ୍କ ସାମ୍ନାରେ ରାଜନୀତି କରିବାକୁ ଚେଷ୍ଟା କରନାହିଁ। ରାଜନୈତିକ ଲଢେଇ ଆଉ କୋଉଠିକୁ ଯାଇ ଲଢିନିଅ। ଚାରି ସପ୍ତାହ ପରେ ଏହି ମାମଲାର ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ କହିଥିଲେ।

### ଅହମଦାବାଦ ବିମାନ ଦୁର୍ଘଟଣା

# ବିଭ୍ରାନ୍ତ କରୁଛନ୍ତି ବିଦେଶୀ ଗଣମାଧ୍ୟମ

ନୂଆଦିଲ୍ଲୀ/ଅହମଦାବାଦ, ୨୧।୭(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ନେଇ କେନ୍ଦ୍ର ସରକାର ତରବରରେ କୌଣସି ନିଷ୍କର୍ଷ ନ ବାହାର କରିବାକୁ ମତ ଦେଇଛନ୍ତି। ପାଇଲଟ୍‌ଙ୍କ ତ୍ରୁଟି ପାଇଁ ଦୁର୍ଘଟଣା ହୋଇଛି ବୋଲି ପ୍ରକାଶିତ ଖବରକୁ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ରାମମୋହନ ନାଇଡୁ ଭୁଲ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ବିଦେଶୀ ଗଣମାଧ୍ୟମକୁ ସଂଯମତା ରକ୍ଷା କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏୟାର ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ରାଞ୍ଚ୍ (ଏଏଆଇବି) ବିମାନ ଦୁର୍ଘଟଣାର ଯାଞ୍ଚ ଜାରି ରଖିଛି। ତେଣୁ ଅନ୍ତିମ ରିପୋର୍ଟ ଜାରି ନ ହେବା ପର୍ଯ୍ୟନ୍ତ ଏ ନେଇ କୌଣସି ମନ୍ତବ୍ୟ ନ ଦେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ବରୁ ପାଇଲଟ୍‌ଙ୍କ ତ୍ରୁଟି ଯୋଗୁଁ ଦୁର୍ଘଟଣା ହୋଇଥିଲା ବୋଲି ବିଦେଶୀ ଗଣାମାଧ୍ୟମଗୁଡିକ ଖବର ପରିବେଷଣ କରିଥିଲେ। ବିମାନର ବ୍ଲାକ ବକ୍ସର ଡାଟାକୁ ଡିକୋଡ କରାଯାଇଛି। ପ୍ରଥମଥର ପାଇଁ ଦେଶରେ ଏପରି ହୋଇଛି। ଏହି କାର୍ଯ୍ୟ ମଧ୍ୟ ଏଏଆଇବି କରିଛି। ଏଏଆଇବିର ଉପରେ ଆମର ପୂରା ବିଶ୍ୱାସ ଓ ଭରସା ରହିଛି। ପୂର୍ବରୁ ବ୍ଲାକ ବକ୍ସର ତଥ୍ୟକୁ ଡିକୋଡ କରିବା ପାଇଁ ଆମେ ବିଦେଶ ଯାଉଥିଲୁ। କିନ୍ତୁ ଏବେ ସେକଥା ଆଉ ନାହିଁ।

### ଅନ୍ତିମ ଯାଞ୍ଚ ରିପୋର୍ଟକୁ ଅପେକ୍ଷା କରିବାକୁ ସରକାରଙ୍କ ପରାମର୍ଶ

ଏଏଆଇବି ଦୁର୍ଘଟଣା ସଂକ୍ରାନ୍ତରେ ପ୍ରାଥମିକ ରିପୋର୍ଟ ଜାରି କରିଛି। ଟେକ୍ ଅଫ୍‌ର ୯ ସେକେଣ୍ଡ ପର୍ଯ୍ୟନ୍ତ ସବୁକିଛି ଠିକ୍ ଥିଲା। କିନ୍ତୁ ଏହାପରେ ସମସ୍ୟା ଆସିଥିଲା ବୋଲି କୁହାଯାଇଛି। ଅହମଦାବାଦ ବିମାନ ଦୁର୍ଘଟଣାରେ ମୋଟ୍ ୨୭୫ ଜଣ ପ୍ରାଣ ହରାଇଥିଲେ।



ଜଣେ ଯାତ୍ରୀ ସୌଭାଗ୍ୟବଶତଃ ବଞ୍ଚିଯାଇଥିଲେ। ଉଲ୍ଲେଖଥାଉ କି, ଜୁଲାଇ ୧୭ରେ ୱାଲ ଷ୍ଟ୍ରିଟ ଜର୍ନାଲରେ ବିମାନ ଦୁର୍ଘଟଣା ନେଇ ରିପୋର୍ଟ ପ୍ରକାଶ କରିଥିଲା। ଏଥିରେ ପାଇଲଟ୍ କ୍ୟାପଟେନ୍ ସୁମିତ ସଭରୱାଲ ଦୁଇଟି ଯାକ ଇଞ୍ଜିନର ଫୁଏଲ ସପ୍ଲାଇକୁ ରୋକିଥିଲେ ବୋଲି ଆଶଙ୍କା ପ୍ରକାଶ କରାଯାଇଥିଲା।

## ଏୟାର ଇଣ୍ଡିଆକୁ ୬ ମାସରେ ୯ ନୋଟିସ

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ଏୟାର ଇଣ୍ଡିଆର ସମସ୍ୟା ବଢ଼ିବାରେ ଲାଗିଛି। ସୁରକ୍ଷା ସମ୍ବନ୍ଧିତ ନିୟମ ଉଲ୍ଲଙ୍ଘନକୁ ନେଇ ଗତ ୬ ମାସରେ ଏହି ଏୟାରଲାଇନ୍ସକୁ ୯ ଥର ନୋଟିସ ପଠାଗଲାଣି। ରାଜ୍ୟ ସଭାରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ ଏହି ସୂଚନା ଦେଇଛନ୍ତି। ଗୋଟିଏ ମାମଲାରେ ପ୍ରବର୍ତ୍ତନ ଜନିତ କାର୍ଯ୍ୟାନୁଷ୍ଠାନ ଶେଷ ହୋଇଯାଇଥିବାବେଳେ ଅନ୍ୟ ମାମଲାର ତଦନ୍ତ ଜାରି ରହିଛି। ଅହମଦାବାଦ ବିମାନ ଦୁର୍ଘଟଣା ପରେ ଏହି ଏୟାର ଲାଇନ୍ସ ସୁରକ୍ଷା ଯାଞ୍ଚର କେନ୍ଦ୍ରରେ ରହିଛି। କେନ୍ଦ୍ରମନ୍ତ୍ରୀ ସଂସଦର ପ୍ରଥମ ଦିନରେ ଅହମଦାବାଦ ଦୁର୍ଘଟଣାକୁ ନେଇ ବିବୃତ୍ତି ରଖିଛନ୍ତି। ସରକାର ମାମଲାର ଗହନ ଯାଞ୍ଚ ପାଇଁ ପ୍ରତିବଦ୍ଧ ବୋଲି କହିଛନ୍ତି।

## ରନୱେରୁ ଖସିଲା ଏୟାର ଇଣ୍ଡିଆ ବିମାନ; ବର୍ତ୍ତିଲେ ଯାତ୍ରୀ

ମୁମ୍ବାଇ, ୨୧।୭ (ଏଜେନ୍ସି): ଦେଶର ସବୁଠୁ ବ୍ୟସ୍ତ ବହୁଳ ମୁମ୍ବାଇ ବିମାନବନ୍ଦରରେ ସୋମବାର ସକାଳ ୯ଟା ୨୭ରେ ବଡ଼ ଅଘଟଣ ଘଟିଛି। ଅବତରଣ ସମୟରେ ଏୟାର ଇଣ୍ଡିଆ ବିମାନ (ଏଆଇ ୨୭୪୪) ରନୱେରୁ ଖସି ଯାଇଛି। ଏଥିଯୋଗୁଁ ବିମାନ ରନୱେରୁ ୧୬ରୁ ୧୭ ମିଟର ଦୂରରେ ଥିବା ଘାସକୁ ଚାଲି ଯାଇଛି। ଏଥିରେ ବିମାନର ଇଞ୍ଜିନ କ୍ଷତିଗ୍ରସ୍ତ ହୋଇଛି। ବିମାନର ତିନୋଟି ଟାୟାର ଫାଟି ଯାଇଛି। ଡେଣା ଏବଂ ରନୱେ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହି ରନୱେରେ ବିମାନ ଚଳାଚଳ ବନ୍ଦ କରିଦିଆଯାଇଛି। ରନୱେ ପାର୍ଶ୍ୱରେ ଥିବା ତିନୋଟି ସାଇନ୍ ବୋର୍ଡ ଏବଂ ଚାରୋଟି ଲାଇଟ ମଧ୍ୟ ଭାଙ୍ଗି ଯାଇଛି। ତେବେ ଅଳ୍ପକେ ସମସ୍ତ ଯାତ୍ରୀଙ୍କ ଜୀବନ ବଞ୍ଚି ଯାଇଛି। କେହି ମୃତାହତ ହୋଇନାହାନ୍ତି। ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି। ମୁମ୍ବାଇରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ଏହି ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ଭାଇରଲ ଫଟୋ ଏବଂ ଭିଡିଓରୁ ଜଣାପଡୁଛି ଯେ ଡାହାଣ ଇଞ୍ଜିନର ନାସାଲ କ୍ଷତିଗ୍ରସ୍ତ ହୋଇଛି। ଏହା ପରେ ବିମାନକୁ ପାର୍କିଂକୁ ନିଆଯାଇଥିଲା। ଏଠାରେ ସମସ୍ତ ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କୁ ବାହାର କରାଯାଇଥିଲା। ଏହି ମାମଲାର ଯାଞ୍ଚ କରିବା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ର ଏକ ଟିମ୍ ବିମାନବନ୍ଦରରେ ପହଞ୍ଚିଛି। ବିମାନର ଯାଞ୍ଚ ଜାରି ରହିଛି। ଉଭୟ ପାଇଲଟଙ୍କୁ ହଟାଇ ଦିଆଯାଇଛି। ଦୁର୍ଘଟଣାର କାରଣ ଯାଞ୍ଚ କରାଯାଉଛି। ବିମାନ ପରିଚାଳନା ଜାରି ରଖିବା ପାଇଁ ଅନ୍ୟ ଏକ ରନୱେ ଆରମ୍ଭ କରାଯାଇଛି।



# ମୁମ୍ବାଇ ସିରିଜ ଟ୍ରେନ୍ ବିସ୍ଫୋରଣ: ୧୨ ଅଭିଯୁକ୍ତ ଖଲାସ

ମୁମ୍ବାଇ, ୨୧।୭(ଏଜେନ୍ସି): ବହୁ ଚର୍ଚ୍ଚିତ ୨୦୦୬ ମୁମ୍ବାଇ ସିରିଜ ଟ୍ରେନ୍ ବିସ୍ଫୋରଣ ମାମଲାରେ ହାଇକୋର୍ଟ ସୋମବାର ସବୁ ୧୨ଜଣ ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି। ଦୀର୍ଘ ୧୯ ବର୍ଷ ପରେ ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ସରକାର ଓକିଲ ଦୋଷ ପ୍ରମାଣ କରିବାର ବିଫଳ ହୋଇଛନ୍ତି ବୋଲି କୋର୍ଟ କହିଛନ୍ତି। ଅଭିଯୁକ୍ତମାନେ ଅପରାଧ କରିଛନ୍ତି ବୋଲି କହିବା କଷ୍ଟକର। ତେଣୁ ଏମାନଙ୍କୁ ଖଲାସ କରାଯାଉଛି। ଯଦି ଏମାନେ ଅନ୍ୟ କୌଣସି ମାମଲାରେ ଅଭିଯୁକ୍ତ ନୁହଁନ୍ତି, ତେବେ ସେମାନଙ୍କୁ ତୁରନ୍ତ ଖଲାସ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଥାଉ କି, ୨୦୦୬ ଜୁଲାଇ ୧୧ରେ ମୁମ୍ବାଇର ୱେଷ୍ଟର୍ଣ୍ଣ ସବ ଅର୍ବାନ ଟ୍ରେନ୍‌ର ୭ଟି ବଗିରେ ସିରିଜ ବିସ୍ଫୋରଣ ହୋଇଥିଲା। ଏଥିରେ ୧୮୯ ଯାତ୍ରୀ ମୃତ୍ୟୁବରଣ କରିଥିଲେ ଓ ୮୨୪ ଜଣ ଆହତ ହୋଇଥିଲେ। ଫାର୍ଷ୍ଟକ୍ଲାସ କୋଚ୍ ଗୁଡିକରେ ହିଁ ସବୁ ବିସ୍ଫୋରଣ ହୋଇଥିଲା।

ସନ୍ଧ୍ୟା ୬.୨୪ରୁ ୬.୩୫ ମିନିଟ୍ ମଧ୍ୟରେ ଗୋଟିଏ



ପରେ ଗୋଟିଏ ବିସ୍ଫୋରଣ ହୋଇଥିଲା। ଲୋକାଲ ଟ୍ରେନ୍‌ର ଫାର୍ଷ୍ଟକ୍ଲାସ ବଗିରେ ଗୁଡିକରେ ଏହି ବିସ୍ଫୋରଣ କରାଯାଇଥିଲା। ଖାର, ବାନ୍ଦ୍ରା, ଜାଗେଶ୍ୱରୀ, ମହିମ, ବୋରିବାଲି, ମାଟୁଙ୍ଗା ଓ ମୀରା- ଭାୟାନ୍ଦର ରେଳ ଷ୍ଟେସନ ନିକଟ୍‌ରେ ଏହି ସବୁ ବିସ୍ଫୋରଣ ହୋଇଥିଲା। ଟ୍ରେନ୍‌ରେ ଲଗା ଯାଇଥିବା ବୋମାରେ ଆରଡିଏକ୍ସ, ଆମୋନିଆ ନାଇଟ୍ରେଟ୍, ଫୁଏଲ ତେଲ ଓ ଲୁହା କଣ୍ଟାର ବ୍ୟବହାର ହୋଇଥିଲା। ୭ଟି ପ୍ରେସର କୁକରରେ ରଖାଯାଇ ବମ୍‌ଗୁଡିକ ଟାଇମର ଦ୍ୱାରା ଉଡାଇ ଦିଆଯାଇଥିଲା।

ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ଆଜମ ଚିମା ପାକିସ୍ତାନସ୍ଥିତ ନିଜ ବାହବଲପୁର ଘରୁ ସିମି ଓ ଲସ୍କରର ଦୁଇଟି ଗ୍ରୁପ୍ ସହ ମିସି ଷଡ଼ଯନ୍ତ୍ର କରି ଏହି ବିସ୍ଫୋରଣ ଘଟାଇଥିଲା ବୋଲି ପୁଲିସ ତା'ର ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲା। ଏଥିପାଇଁ ବାହବଲପୁରରୁ ୫୦ଜଣ ଯୁବକଙ୍କୁ ଭାରତ ପଠାଯାଇଥିଲା। ୧୨ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଛି। ଏବେ ହାଇକୋର୍ଟଙ୍କ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇ ପାରିବ ବୋଲି କୁହାଯାଇଛି। ୨୦୦୬ରେ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ୯ ବର୍ଷ କେସ୍ ଚାଲିବା ପରେ ସ୍ପେଶାଲ କୋର୍ଟ ୨୦୧୫ ସେପ୍ଟେମ୍ବର ୧୧ରେ ରାୟ ଦେଇଥିଲେ। ୧୩ ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଥିବା ବେଳେ ୭ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଜଣେ ଅଭିଯୁକ୍ତକୁ କୋର୍ଟ ମୁକ୍ତ କରିଥିଲେ। ଏହାପରେ ୨୦୧୬ରେ ସବୁ ଅଭିଯୁକ୍ତ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସ୍ୱାମୀଙ୍କୁ ମାରି ଟାଇଲ ତଳେ ପୋତିଲେ ସ୍ତ୍ରୀ ଓ ପ୍ରେମିକ

ପାଲଘର, ୨୧।୭(ଏଜେନ୍ସି): ମହାରାଷ୍ଟ୍ରର ପାଲଘର ଜିଲ୍ଲାରେ ବଲିଉଡ୍ ସୁପର ହିଟ୍ ସିନେମା 'ଦୃଶ୍ୟମ' ଶୈଳୀରେ ଏକ ହତ୍ୟାକାଣ୍ଡ ଘଟିଛି। ପ୍ରେମିକଙ୍କ ସହାୟତାରେ ଜଣେ ପତ୍ନୀ ନିଜ ସ୍ୱାମୀଙ୍କୁ ହତ୍ୟା କରି ନିଜ ଘରର ଟାଇଲ ତଳେ ପୋତିବା ସହ ମୃତଦେହକୁ ଲୁଚାଇବାକୁ ପ୍ରୟାସ କରିଛନ୍ତି। ୩୫ ବର୍ଷୀୟ ବିଜୟ ଚାଭନ ଗତ ୧୫ ଦିନ ହେବ ନିଖୋଜ ଥିଲେ। ମୁମ୍ବାଇଠାରୁ ୭୦କିମି ଦୂର ନାଲାସୋପାରା ଇଷ୍ଟର ଗଡ଼ଗାପଡ଼ା ଅଞ୍ଚଳରେ ବିଜୟ ଓ ତାଙ୍କ ୨୮ ବର୍ଷୀୟ ପତ୍ନୀ କୋମଲ ଚାଭନ ରହୁଥିଲେ। ସୋମବାର ସକାଳେ ବିଜୟଙ୍କ ଭାଇ ତାଙ୍କୁ ଖୋଜିବାକୁ ଆସି ଘରେ ପହଞ୍ଚିଥିଲେ। କିନ୍ତୁ ଘର ଚଟାଣର କୋଡୋଟି ଟାଇଲ ଅନ୍ୟଗୁଡିକ ସହ ମେଳ ଖାଉ ନଥିବା ସେ ଲକ୍ଷ୍ୟ କରିଥିଲେ। ସନ୍ଦେହ ହେବାରୁ ସେ ମେଳ ଖାଉ ନଥିବା ଭିନ୍ନ ରଙ୍ଗର ଟାଇଲକୁ କାଢ଼ି ଦେବା ପରେ ଏକ ସାର୍ଟ ପୋତା ହୋଇଥିବା ଦେଖିଥିଲେ ଓ ଉତ୍କଟ ଦୁର୍ଗନ୍ଧ ହେବାର ଜାଣି ପରିଥିଲେ। ଏହାପରେ ସେ ପୁଲିସ୍‌କୁ ସୂଚନା ଦେଇଥିଲେ। ପୁଲିସ ବିଜୟ ମୃତଦେହ ଟାଇଲ ତଳୁ ଉଦ୍ଧାର କରିଥିଲା।

■ ମାଲକାନଗିରିରେ ପୁଣି ଲଜ୍ଜା

# ନାବାଳିକାକୁ ଦୁଷ୍କର୍ମ କରି ରାସ୍ତାକଡ଼ରେ ଛାଡ଼ିଦେଲା

ମାଲକାନଗିରି,୨୧।୭(ସମିସ): ମାଲକାନଗିରି ଜିଲ୍ଲାରେ ପୁଣି ଜଣେ ନାବାଳିକା ଦୁଷ୍କର୍ମର ଶିକାର ହୋଇଛି। ଏନେଇ ନାବାଳିକାର ପରିବାରଲୋକ ମାଲକାନଗିରି ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତକାଲି ସନ୍ଧ୍ୟାରେ ସାଙ୍ଗର ଜନ୍ମଦିନ ପାଳନ ପାଇଁ ନାବାଳିକାଜଣଙ୍କ ସାଙ୍ଗ ଘରକୁ ଯାଇଥିଲେ। କିନ୍ତୁ ବିଳମ୍ବିତ ରାତି ଯାଏଁ ଘରକୁ ନ ଫେରିବାରୁ ପରିବାରଲୋକଙ୍କ ଚିନ୍ତା ବଢ଼ିଥିଲା। ସେମାନେ ବହୁ ଖୋଜାଖୋଜି କରିଥିଲେ ହେଁ ଝିଅର ପତ୍ତା ପାଇନଥିଲେ। ତେବେ, ବିଳମ୍ବିତ ରାତିରେ ଜିଲ୍ଲା ସଦରରୁ ଜୟପୁରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ବିଜାଘାଟିଠାରେ ଉକ୍ତ ନାବାଳିକାଙ୍କୁ ସନ୍ଦେହଜନକ ଅବସ୍ଥାରେ ଦେଖି କିଛି ସ୍ଥାନୀୟ ଲୋକ ମାଲକାନଗିରି ପୁଲିସକୁ ଖବର ଦେଇଥିଲେ। ପୁଲିସ ସେଠାରେ ପହଞ୍ଚି ଉକ୍ତ ନାବାଳିକାକୁ ଉଦ୍ଧାର କରିବା ସହ ଶକ୍ତିସଦନ ଗୃହରେ ରଖାଇଥିଲା। ଆଜି ନାବାଳିକାର ମା' ଶକ୍ତିସଦନରେ ପହଞ୍ଚି ସବୁ କଥା ଶୁଣିବା ପରେ ମାଲକାନଗିରି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ୍ ନମ୍ବର ୩୬୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଜଣେ ଟ୍ରକ୍ ଚାଳକକୁ ଅଟକ ରଖି ତଦନ୍ତ ଚଳାଇଛି। ଏହାସହ ନାବାଳିକାର ଡାକ୍ତରୀ ପରୀକ୍ଷା ମଧ୍ୟ କରାଇଛି।

■ ଝିଅର ପ୍ରେମବିବାହକୁ ପରିବାରଲୋକଙ୍କ ବିରୋଧ

# ପୁଅର ମା'କୁ ଘରୁ ଉଠାଇନେଲେ

ମାଲକାନଗିରି, ୨୧।୭(ସମିସ): ପ୍ରେମ ବିବାହରୁ ତୁମୁଳକାଣ୍ଡ। ପରିବାରଲୋକଙ୍କ ବିନା ସହମତିରେ ବିବାହ କରିଥିବା ଝିଅର ପରିବାରଲୋକ ପୁଅ ମା'କୁ ଅପହରଣ କରିନେବା ଭଳି ଏକ ଘଟଣା ମାଲକାନଗିରି ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ମାଲକାନଗିରି ଥାନା ଅନ୍ତର୍ଗତ ଏମ୍‌ଭି-୪୮ ଗ୍ରାମରେ ଏହି ଘଟଣା ଘଟିଛି। ସୂଚନା ମୁତାବକ, ଏମ୍‌ଭି-୪୮ ଗ୍ରାମର ଚମ୍ପା ସରକାରଙ୍କ ପୁଅ ପୁନ୍ଦ୍ରିକ ସରକାର ପଡ଼ୋଶୀ ଛତିଶଗଡ଼, ସୁକୁମା ଜିଲ୍ଲାର ଗୌଡ଼ ସରଦାରଙ୍କ ଝିଅ ଜ୍ୟୋତିମାଳାଙ୍କୁ ଭଲ ପାଉଥିଲେ। ଦୀର୍ଘ ଦିନ ଧରି ଦୁହିଁଙ୍କ ସଂପର୍କ ଥିଲା। କିଛି ଦିନ ତଳେ ପରିବାରଲୋକଙ୍କ ଅଗୋଚରରେ ଦୁହେଁ ବିବାହ କରିନେଇଥିଲେ। ପୁନ୍ଦ୍ରିକଙ୍କ ଘରଲୋକେ ଜ୍ୟୋତିଙ୍କୁ ବୋହୂ ରୂପରେ ଗ୍ରହଣ କରିଥିଲେ। କିନ୍ତୁ ଜ୍ୟୋତିମାଳାଙ୍କ ପରିବାରଲୋକ ଏହି ବିବାହକୁ ସ୍ୱୀକୃତି ଦେଇନଥିଲେ। ଝିଅକୁ ଘରକୁ ଫେରାଇ ଆଣିବା ଲାଗି ସେମାନେ ଏମ୍‌ଭି-୪୮ ଗ୍ରାମକୁ ଯାଇଥିଲେ। କିନ୍ତୁ ସେଠାରେ ଝିଅ-ଜ୍ୱାଇଁଙ୍କୁ ନ ପାଇବାରୁ ପୁଅର ମା'ଙ୍କୁ ଅପହରଣ କରିନେଇଥିଲେ। ତେବେ, ଏହି ଘଟଣାରେ ସାମିଲ ଥିବା ଝିଅର ଜଣେ ସମ୍ପର୍କୀୟଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ଖବର ପାଇ ମାଲକାନଗିରି ପୁଲିସ୍ ଗ୍ରାମରେ ପହଞ୍ଚି ଉକ୍ତ ସଂପର୍କୀୟଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ତେବେ, ରିପୋର୍ଟ ଲେଖାହେବା ବେଳକୁ ଅପହୃତ ଚମ୍ପା ଘରକୁ ଫେରି ଆସିଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।

ଭଣ୍ଡେଇଦେଲେ କେନ୍ଦ୍ର ସରକାର

# ଦ୍ୱିତୀୟ ପାଇକ ବିଦ୍ରୋହ ପାଇଁ ମହାସଂଘର ଆହ୍ୱାନ

■ ମିଳିଲାନାହିଁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା
■ ଗଠନ ହୋଇପାରିଲାନି ସ୍ୱତନ୍ତ୍ର ପାଇକ ରେଜିମେଣ୍ଟ
■ ଅଟକିଛି ଚେୟାର ପ୍ରତିଷ୍ଠା, ଆଗେଇପାରୁନି ସ୍ମାରକୀ

ଭୁବନେଶ୍ୱର,୨୧।୭(ସମିସ): ଓଡ଼ିଶାର ପାଇକ ବିଦ୍ରୋହକୁ ଜାତୀୟସ୍ତରରେ ମାନ୍ୟତା ଦେବାରେ ଟାଳଟୁଳ ନୀତି ବିରୋଧରେ ଦ୍ୱିତୀୟ ବିଦ୍ରୋହ ପାଇଁ ଆହ୍ୱାନ ଦେଇଛି ପାଇକ ମହାସଂଘ। ପାଇକ ବିଦ୍ରୋହର ସ୍ମାରକୀ ନିର୍ମାଣରେ ବିଳମ୍ବ, ଉତ୍କଳ ବିଶ୍ୱବିଦ୍ୟାଳୟରେ ବକ୍ସି ଜଗବନ୍ଧୁ ପାଇକ ଚେୟାର ସ୍ଥାପନ, ପାଇକ ଏକାଡ଼େମୀ ଓ ପାଇକ ରେଜିମେଣ୍ଟ ଗଠନ ଆଦିରେ ଅବହେଳା ସାଙ୍ଗକୁ ଏବେ ଏନ୍‌ସିଆର୍‌ଟି ପୁସ୍ତକୁ ପାଇକ ବିଦ୍ରୋହକୁ ବାଦ ଦେବା ପ୍ରତିବାଦରେ ଖୋର୍ଦ୍ଧାମାଟିରୁ ପୁଣି ପାଇକ ବିଦ୍ରୋହ ଆରମ୍ଭ ହେବ ବୋଲି ମହାସଂଘ ଚେତାବନୀ ଦେଇଛି। ମହାସଂଘ ପକ୍ଷରୁ କୁହାଯାଇଛି ଯେପାଇକ ବିଦ୍ରୋହର ୨୦୦ ଶହ ବର୍ଷ ପୂର୍ତ୍ତି ଅବସରରେ ଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ବର୍ଣ୍ଣନା କରିଥିଲେ। ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭେଦକର ପାଇକ ବିଦ୍ରୋହକୁ ପାଠ୍ୟକ୍ରମରେ (ସିବିଏସଇ)ରେ ସ୍ଥାନୀତ କରାଯିବାକୁ ଘୋଷଣା କରିଥିଲେ।୨୦୨୦-୨୧ ଶିକ୍ଷାବର୍ଷରେ ସିବିଏସଇ ପାଠ୍ୟପୁସ୍ତକରେ ପାଇକବିଦ୍ରୋହ ସ୍ଥାନ ପାଇଥିଲେ ହେଁ ଏହା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଉଲ୍ଲେଖ କରାଯାଇ ନ ଥିଲା। ହେଲେ ଚଳିତ ବର୍ଷ ତାହାକୁ ବି ବାଦ୍ ଦିଆଯାଇଛି। କେବଳ ସେତିକି ନୁହେଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ବକ୍ସି ଜଗବନ୍ଧୁ ପାଇକ ଚେୟାର ଗଠନ କରାଯିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨କୋଟି ଟଙ୍କା ଅର୍ଥ ବି ମଞ୍ଜୁର ହୋଇଥିଲେ ବି ତାହା ବି ହୋଇପାରି ନାହିଁ। ପାଇକ ଏକେଡ଼େମୀ ପ୍ରସ୍ତାବ ମଧ୍ୟରେ ଅଟକି ଯାଇଛି।

ସେହିପରି ପାଇକ ଐତିହ୍ୟ ସ୍ମାରକୀର ଭିତ୍ତିପ୍ରସ୍ତର ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨୦୧୯ ମସିହାରେ ବରୁଣେଇ ପାଦଦେଶରେ ସ୍ଥାପନ ବି କରିଥିଲେ। ପାଇକ ବିଦ୍ରୋହ ସ୍ମାରକୀ ନିର୍ମାଣ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୯ ଏକର ୬୮ ୫ ଡ଼ିସିମିଲି ଜାଗାକୁ ୩୧ କୋଟି ୯୭ ଲକ୍ଷ ଟଙ୍କା ଛାଡ଼ କରି ବିନା ମୂଲ୍ୟରେ ଯୋଗାଇ ଦେଇଥିଲେ। ମାତ୍ର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜମି ଯୋଗାଇ ଦେବା ସତ୍ତ୍ୱେ ଏଯାଏ ତାହା ନିର୍ମାଣ ହୋଇ ପାରିଲା ନାହିଁ। ଏମିତିକି ପାଇକ ସ୍ମାରକୀ ତ ଦୂରର କଥା ଏପର୍ଯ୍ୟନ୍ତ ଇଟା ଖଣ୍ଡ ମଧ ପଡ଼ି ପାରି ନାହିଁ। ପୂର୍ବତନ ସାଂସଦ ଅଚ୍ୟୁତ ସାମନ୍ତ ସଂସଦ ଭବନରେ ପାଇକ ରେଜିମେଣ୍ଟ ସ୍ଥାପନ କରିଥିଲେ ହେଁ କେନ୍ଦ୍ର ସରକାର ଏହାପ୍ରତି କର୍ଣ୍ଣପାତ କରିନାହାନ୍ତି। ପାଇକ ମହାସଂଘ ଏହି ମାନ୍ୟତା ପାଇଁ ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରିଆସୁଥିବା ବେଳେ ଡବଲ ଇଞ୍ଜିନ୍ ସରକାରରେ କୌଣସି ସାଂସଦ, ବିଧାୟକ କିମ୍ବା ମନ୍ତ୍ରୀ ଏ ସମ୍ପର୍କରେ ପଦଟିଏ ସ୍ୱର ଉଠାଇ ନାହାନ୍ତି। ପାଇକ ମହାସଂଘର ରାଜ୍ୟ ସଭାପତି ଡ. ଅଶୋକ କୁମାର ପାଲଟାସିଂହ କହିଛନ୍ତି ଯେ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଘୋଷଣା କରାଯାଇ ପାରିଲା ନାହିଁ। ଗତ ନିର୍ବାଚନ ପ୍ରଚାର ସମୟରେ ଓଡ଼ିଶା ଗସ୍ତରେ ଆସିଥିବା ସମୟରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହଙ୍କ ନିକଟରେ ଏ ସଂକ୍ରାନ୍ତରେ ଦାବି କରାଯାଇଥିଲା। ପୂର୍ବତନ ବିଜେଡି ସରକାର ପାଇକ ସ୍ମାରକୀ ପାଇଁ ଜମି ଯୋଗଇ ଦେବା ସହ ପାଇକ ଏକାଡେମୀ କରିଛନ୍ତି। ଯେଉଁଥିପାଇଁ ଆମେ ତାଙ୍କ ନିକଟରେ କୃତଜ୍ଞ। ତେବେ ବର୍ତ୍ତମାନ ଏହାକୁ କାର୍ଯ୍ୟକାରୀ କରିବା ଏବଂ ପାଇକ ସ୍ମାରକୀକୁ ଆଗେଇ ନେବା ନୂତନ ସରକାରଙ୍କ ଦାୟିତ୍ୱ।କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ଘୋଷଣା କରନ୍ତୁ; ନଚେତ୍ ଓଡ଼ିଆ ଅସ୍ମିତା କଥା କହି ଡିଣ୍ଡିମ ପିଟୁଥିବା ବିଜେପି ସରକାରକୁ ପାଇକ ମହାସଂଘ ଆଗାମୀ ଦିନରେ ଦୃଢ଼ ଜବାବ ଦିଆଯିବ ବୋଲି ଶ୍ରୀ ପାଲଟା ସିଂହ, ଗାୟନ ସାମଲ, କେଦାର ନାଥ ଦାସ କହିଛନ୍ତି।

ଅଧ୍ୟକ୍ଷଙ୍କ ନାମରେ ନିର୍ଯାତନା ଅଭିଯୋଗ ଘଟଣାରେ ନୂଆ ମୋଡ଼

# ନ୍ୟାୟ ନ ମିଳିଲେ ଆତ୍ମାହୁତି ଦେବି: ଅଧ୍ୟକ୍ଷ

ଟିଗିରିଆ/କଟକ, ୨୧।୭ (ସମିସ): କଟକ ଜିଲ୍ଲା ଗୁରୁଡ଼ିଝାଟିଆସ୍ଥିତ ଶ୍ରୀଶ୍ରୀଧବଳେଶ୍ୱର ମହାବିଦ୍ୟାଳୟରେ ଅଧ୍ୟାପିକାଙ୍କୁ କଲେଜ ଅଧ୍ୟକ୍ଷ ନିର୍ଯାତନା ଦେବା ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। କଲେଜ ଅଧ୍ୟକ୍ଷ ଏବେ ମୁହଁ ଖୋଲିଛନ୍ତି। ପୂର୍ବରୁ ସମସ୍ତ ଅଭିଯୋଗର ତଦନ୍ତକୁ ସାମ୍ନା କରିଥିବା ବେଳେ ଏବେ ମଧ ସେ ତଦନ୍ତକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି। ତାଙ୍କୁ ଜାଣିଶୁଣି ବଦନାମ କରାଯାଉଛି। ଯଦି ତାଙ୍କୁ ନ୍ୟାୟ ନମିଳେ, ତେବେ କଲେଜ ଆଗରେ ଆତ୍ମାହୁତି କରିବା ନେଇ ଧମକ ଦେଇଛନ୍ତି ଅଧ୍ୟକ୍ଷ। ତେବେ ଅଭିଯୋଗକାରୀ ଅଧ୍ୟାପିକା ଏବଂ ଅଧ୍ୟକ୍ଷଙ୍କ ମଧ୍ୟରୁ କିଏ ସତ କହୁଛନ୍ତି; ତାହା ବିଭାଗୀୟ ତଦନ୍ତ ପରେ ଜଣାପଡ଼ିବ ବୋଲି ବୁଦ୍ଧିଜୀବୀମହଲରେ ଆଲୋଚନା ହେଉଛି।

ଗତ ୨୦୨୧ ମସିହାରେ କଲେଜର ତତ୍କାଳୀନ ଅଧ୍ୟକ୍ଷ ଅଶୋକ କୁମାର ସାମନ୍ତରାୟଙ୍କ ବିରୁଦ୍ଧରେ ଅଧ୍ୟାପିକା ନିର୍ଯାତନା ଅଭିଯୋଗ ଆଣିଥିଲେ। ଏନେଇ ସେ କଟକ ଜିଲ୍ଲାପାଳ, କଲେଜ ପରିଚାଳନା କମିଟି, ଗଭର୍ଣ୍ଣିଂ ବଡି ପ୍ରେସିଡେଣ୍ଟ, ଆଠଗଡ଼ ଉପଜିଲ୍ଲାପାଳ, ଉଚ୍ଚ ଶିକ୍ଷା ବିଭାଗକୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନଥିଲା। ସେ ନିରାଶ ହୋଇ ଗୁରୁଡ଼ିଝାଟିଆ ଥାନାରେ ଜଣାଇଥିଲେ। ପୁଲିସ କିନ୍ତୁ ଏତଲା ଗ୍ରହଣ ନ କରିବାରୁ ଶେଷରେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଜଣେ କି ଦୁଇଜଣ ଅଧ୍ୟାପିକା ନୁହେଁ, ପାଞ୍ଚଜଣ ଅଧ୍ୟାପିକା ଅଧ୍ୟକ୍ଷଙ୍କ ନାମରେ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ମଧ ଜାନୁଆରୀ ୨୦ତାରିଖରେ ଅବଗତ କରାଯାଇଥିବା ନେଇ ସଂପୃକ୍ତ ଅଧ୍ୟାପିକାଜଣଙ୍କ ସ୍ପଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ମସିହାରେ ଗୁରୁଡ଼ିଝାଟିଆସ୍ଥିତ ଶ୍ରୀଶ୍ରୀ ଧବଳେଶ୍ୱର ମହାବିଦ୍ୟାଳୟର ଜଣେ ଅଧ୍ୟାପିକାଙ୍କୁ ଫେସବୁକ ଚାଟିଂରେ ଜନୈକ ଅଧ୍ୟାପକ ହଇରାଣ କରୁଥିବା ଅଭିଯୋଗ ହୋଇଥିଲା। ଏନେଇ ସଂପୃକ୍ତ ଅଧ୍ୟାପିକା ଗୁରୁଡ଼ିଝାଟିଆଥାନାତଥାଉପରିସ୍ଥଅଧିକାରୀଙ୍କ ଦୃଷ୍ଟିଆକର୍ଷଣକରିଥିଲେ। ପରେ ପୁଲିସ ତଥା ବିଭିନ୍ନ ଅଧିକାରୀଙ୍କ ପକ୍ଷରୁ ତଦନ୍ତ ହୋଇଥିଲା। ୨୦୨୧ରେ ସଂପୃକ୍ତ ଅଧ୍ୟାପକ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସଂପୃକ୍ତ ଅଧ୍ୟାପକଙ୍କ ଗଞ୍ଜାମ ଜିଲ୍ଲା ଆସିକା କଲେଜକୁ ବଦଳି ଆଦେଶ ହୋଇଥିଲା। ବଦଳି ଆଦେଶ ପରେ କଲେଜ କର୍ତ୍ତୃପକ୍ଷ ଅଧ୍ୟାପକଙ୍କୁ ରିଲିଭ୍ କରିଥିଲେ। ମାତ୍ର ଉଚ୍ଚଶିକ୍ଷା ବିଭାଗ ଆସିକା କଲେଜକୁ କୌଣସି ସୂଚନା ଦେଇ ନ ଥିବାରୁ ଅଧ୍ୟାପକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇ ଗୁରୁଡ଼ିଝାଟିଆ କଲେଜକୁ ଫେରିଆସିଥିଲେ।

ଗମ୍ଭାରିମାଳିଆ ଟ୍ରିପଲ ମର୍ଡର ମାମଲା

# ହାଇକୋର୍ଟରେ ଫାଶୀ ଦଣ୍ଡାଦେଶ ରଦ୍ଦ

■ ଦୁଇ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କଲେ ଅଦାଲତ
■ ମୃତକଙ୍କ ନାବାଳିକା ଝିଅକୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

କଟକ, ୨୧।୭ (ସମିସ): ବହୁଚର୍ଚ୍ଚିତ ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ଗମ୍ଭାରିମାଳିଆ ଗ୍ରାମରେ ସଂଗଠିତ ଟ୍ରିପଲ ମର୍ଡର୍ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ହାଇକୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏଥିସହ ଆଠମଲ୍ଲିକ ଅତିରିକ୍ତ ଦୌରା ଅଦାଲତଙ୍କ ଫାଶୀ ଦଣ୍ଡାଦେଶକୁ ରଦ୍ଦ କରିଦେଇଛନ୍ତି। ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ୍ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଭିଯୁକ୍ତ ପ୍ରକାଶ ବେହେରା ଓ ନନ୍ଦକିଶୋର ସେଠୀଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରକାଶ କରିଛନ୍ତି। ଏହାସହ ମୃତ ଦମ୍ପତିଙ୍କ ନାବାଳିକା ଝିଅଙ୍କୁ ୩୦ଲକ୍ଷ ଟଙ୍କା ପୀଡ଼ିତା କ୍ଷତିପୂରଣ ଆଇନ ଅନୁସାରେ ପ୍ରଦାନ କରିବାକୁ ଅନୁଗୋଳ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଖଣ୍ଡପୀଠ।

ଅଦାଲତ କହିଛନ୍ତି ଯେ ଅପରାଧୀମାନେ ଯେଉଁମାନେ ବି ହୁଅନ୍ତୁ ନା କାହିଁକି, ସେମାନେ ତିନି ଜଣଙ୍କ ଜୀବନ ନେଇଛନ୍ତି। ଯେଉଁଥିରେ ଜଣେ ନାବାଳକ ବାଳକ ମଧ ଅଛନ୍ତି। ତେବେ ଏହି ମାମଲାରେ ଆବେଦନକାରୀ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ ପାଇଁ କୌଣସି ସନ୍ତୋଷଜନକ ପ୍ରମାଣ ଉପସ୍ଥାପନ କରାଯାଇନାହିଁ। ଫୌଜଦାରୀ ନ୍ୟାୟଶାସ୍ତ୍ର ଅନୁସାରେ ଅପରାଧ ଯେତେ ଗମ୍ଭୀର ହେଉ, ପ୍ରମାଣର ପରିମାଣ ସେତେ କଠୋର ହେବା ଉଚିତ। ସରକାରୀ ପକ୍ଷ ଯେଉଁ ଯୁକ୍ତି ଉପସ୍ଥାପନ କରିଛନ୍ତି, ତାହା ଅନୁମାନ ଏବଂ ସନ୍ଦେହ ଉପରେ ଆଧାରିତ। କେତେକ ନିର୍ଦ୍ଦିଷ୍ଟ କାରଣ ଯୋଗୁଁ ଯେତେବେଳେ ଜବତ ସାମଗ୍ରୀଗୁଡ଼ିକ ଆବେଦନକାରୀଙ୍କ ବିରୋଧରେ ପ୍ରମାଣ ଭାବରେ ବ୍ୟବହାର କରାଯାଇପାରିବ ନାହିଁ, ସେତେବେଳେ ଡିଏନଏ ପରୀକ୍ଷା ରିପୋର୍ଟ ବି ସେମାନଙ୍କ ବିରୋଧରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ, ଗତ ୨୦୧୭ ଅକ୍ଟୋବର ୧୦ ତାରିଖରେ କିଶୋରନଗର ଥାନା ଗମ୍ଭାରିମାଳିଆ ଗ୍ରାମର ବିରଞ୍ଚି ନାୟକ, ପତ୍ନୀ ତାରଣୀ ନାୟକ ଓ ୭ ବର୍ଷୀୟ ନାବାଳକ ପୁତ୍ର ଏକଲବ୍ୟକୁ ଅଭିଯୁକ୍ତ ଆବେଦନକାରୀ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମୃତକଙ୍କ ଘରେ ପଶି ଡକାୟତି କରିବା ସହ ସେମାନଙ୍କୁ ମାରଣାସ୍ତ୍ରରେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଘରୁ ତାରଣୀଙ୍କ ମୃତଦେହ ମିଳିଥିବା ବେଳେ ବିରଞ୍ଚି ଓ ତାଙ୍କ ପୁଅକୁ ଅପହରଣ କରିନେଇ ହତ୍ୟା କରାଯାଇଥିଲା। ଆବେଦନକାରୀ ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିବା ବେଳେ ନିମ୍ନ ଅଦାଲତ ଗତ ୨୦୨୪ ସେପ୍ଟେମ୍ବର ୨୭ରେ ଆଇପିସିର ଦଫା ୩୦୨ରେ ଫାଶୀ ଦଣ୍ଡାଦେଶ ପ୍ରଦାନ କରିଥିଲେ। ଏହାକୁ ଚାଲେଞ୍ଜ କରି ଉଭୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଏସ.ଆର.ମୁଳିଆ ଓ ରମେଶ ଚନ୍ଦ୍ର ମହାରଣା ମାମଲା ପରିଚାଳନା କରୁଥିଲେ।

■ ଆସୁଛି ପଛକୁ ପଛ ଦୁଇ ଲଘୁଚାପ

# ୨୩ରୁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୧।୭(ସମିସ): ଆସନ୍ତା ୨୩ ତାରିଖରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପ୍ରଭାବରେ ୨୪ ବେଳକୁ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ପରବର୍ତ୍ତୀ ସମୟରେ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବାକୁ ଥିବାବେଳେ ଏଥିପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଆକଳନ କରିଯାଇଛି। ୨୩ ତାରିଖରୁ ବର୍ଷାର ପ୍ରଭାବ ବଢ଼ିବା ସହ ୨୪ ଓ ୨୫ରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ୨୩ରୁ୨୬ ତାରିଖ ମଧ୍ୟରେ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ। କିଛି କିଛି ଜିଲ୍ଲାରେ ଅତ୍ୟନ୍ତ ପ୍ରବଳ ବର୍ଷା ମଧ ହୋଇପାରେ। ଏଥିପାଇଁ କେନ୍ଦ୍ର ପକ୍ଷରୁ ଆସନ୍ତା ୨୩ଠାରୁ ବିଭିନ୍ନ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।



ଅନ୍ୟପଟେ ବର୍ତ୍ତମାନ ଦକ୍ଷିଣ ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟର ପ୍ରଭାବ ରହିଛି। ଏଥିପାଇଁ ରାଜ୍ୟର ଅନେକ ସ୍ଥାନରେ ବର୍ଷାର ପ୍ରଭାବ ଅନୁଭୂତ ହେଉଛି। ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷା ଦେଖିବାକୁ ମିଳିଛି। ମଙ୍ଗଳବାର ମଧ ଅନେକ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ବିଶେଷ କରି କୋରାପୁଟ ଓ ମାଲକାନଗିରି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ଏମ୍ସରେ ବଳଙ୍ଗା ପୀଡ଼ିତାଙ୍କୁ ଭେଟିଲେ ବିଜେଡି ସାଂସଦ

ଡାକ୍ତରଙ୍କ ସହ ଆଲୋଚନା, ସହଯୋଗ ପ୍ରଦାନ ଲାଗି ପ୍ରତିଶ୍ରୁତି



ଭୁବନେଶ୍ୱର,୨୧।୭(ସମିସ): ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିବା ପୁରୀ ଜିଲ୍ଲା ବଳଙ୍ଗାର ପୀଡ଼ିତାଙ୍କୁ ବିଜେଡି ରାଜ୍ୟସଭା ସାଂସଦଙ୍କ ଏକ ପ୍ରତିନିଧି ମଣ୍ଡଳୀ ସୋମବାର ଭେଟିଛନ୍ତି। ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସାଂସଦ ଡ. ସସ୍ମିତ ପାତ୍ର, ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ସୁଲତା ଦେଓ ଓ ନିରଞ୍ଜନ ବିଶି ପୀଡ଼ିତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତିନିଧିମଣ୍ଡଳୀ ପୀଡ଼ିତାର ପରିବାର ଲୋକଙ୍କୁ ସାକ୍ଷାତ କରି ଆଶ୍ୱାସନା ଦେବା ସହ ବିଜେଡି ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

# କଲେଜ ଅଧ୍ୟକ୍ଷ ଓ ଅଧ୍ୟାପକ ନିଲମ୍ବିତ

ରଘୁନାଥପୁର, ୨୧।୭(ସମିସ): ଛାତ୍ରୀ ନିର୍ଯାତନା ଅଭିଯୋଗରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କୁର୍ଭାଙ୍ଗସ୍ଥ ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଓ ଗଣିତ ଅଧ୍ୟାପକ ଶାଶ୍ୱତ ମହାନ୍ତିଙ୍କୁ ସୋମବାର ନିଲମ୍ବନ କରାଯାଇଛି। ଜିଲ୍ଲାପାଳଙ୍କ ଜରିଆରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପକ୍ଷରୁ ଏହି ନିର୍ଦ୍ଦେଶାନାମା ପ୍ରକାଶ ପାଇଛି।

ସୂଚନା ମୁତାବକ, ଗତ ଜାନୁଆରୀ ୧୫ ତାରିଖରେ କଲେଜର ଜଣେ ଛାତ୍ରୀ ଗଣିତ ଅଧ୍ୟାପକ ଶ୍ରୀ ମହାନ୍ତିଙ୍କ ବିରୁଦ୍ଧରେ ଅସଦାଚରଣ ନେଇ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଛାତ୍ରୀଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀ ସାହୁ ତୁରନ୍ତ ଏକ କମିଟି ଗଠନ କରି ସମ୍ପୃକ୍ତ ଅଧ୍ୟାପକ ମହାନ୍ତିଙ୍କୁ କାରଣ ଦର୍ଶାଅ ନୋଟିସ୍ ମାଗିଥିଲେ। କମିଟି ମଧ ଏ ସମ୍ପର୍କରେ ତଦନ୍ତ କରି ଅଧ୍ୟକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏପ୍ରିଲ ୨ ତାରିଖରେ ଛାତ୍ରୀଜଣଙ୍କ ଅଧ୍ୟକ୍ଷ ଶ୍ରୀ ସାହୁଙ୍କୁ ଏକ ଲିଖିତ ଦରଖାସ୍ତ ପ୍ରଦାନ କରିଥିଲେ। ସେଥିରେ ଅଧ୍ୟାପକ ଶ୍ରୀ ମହାନ୍ତି ତାଙ୍କର ଭୁଲ ବୁଝି ପାରି କ୍ଷମା ପ୍ରାର୍ଥନା କରିଥିବା ଓ ଆପୋଷ ସମାଧାନ ହୋଇଥିବା ସମ୍ପର୍କରେ ଦର୍ଶାଇଥିଲେ। ଏଣୁ ଉକ୍ତ ଅଭିଯୋଗକୁ ଆଉ ଆଗକୁ ନନେଇ ପରିସମାପ୍ତି କରିବା ପାଇଁ ଛାତ୍ରୀଜଣଙ୍କ ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ।

ଅପରପକ୍ଷେ, କିଛି ଦିନ ତଳେ, ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ଏନେଇ ଅଭିଯୋଗ ହୋଇଥିଲା। ଗତ ୧୯/୭/୨୦୨୫ରେ ଜିଲ୍ଲାପାଳଙ୍କ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ସାହୁଙ୍କୁ ୩ଦିନ ମଧ୍ୟରେ ଘଟଣା ସମ୍ପର୍କିତ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅଧ୍ୟକ୍ଷ ଶ୍ରୀ ସାହୁଙ୍କ ରିପୋର୍ଟ ସନ୍ତୋଷଜନକ ନଥିବାରୁ ଉଭୟ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଅନ୍ୟପକ୍ଷରେ ଛାତ୍ରୀଙ୍କ ବାପାଙ୍କ ପକ୍ଷରୁ ସୋମବାର କଲେଜ କର୍ତ୍ତୃପକ୍ଷଙ୍କୁ ଏକ ଦରଖାସ୍ତ ଦିଆଯାଇଛି। ସେଥିରେ ସେ ତାଙ୍କ ଜ୍ଞାତସାରରେ ସମାଧାନ ତଥା ପରିସମାପ୍ତି ହୋଇଥିବା ଉକ୍ତ ବିଷୟକୁ ଗଣମାଧ୍ୟମରେ ଅଧିକ ଚର୍ଚ୍ଚିତ ନ କରିବା ପାଇଁ ଅନୁରୋଧ କରିଛନ୍ତି। ଏହାକୁ ସହ୍ୟ କରି ନପାରି ଝିଅ ଯଦି କିଛି ଅଘଟଣ କରି ବସେ, ତେବେ ଏଥିପାଇଁ କିଏ ଦାୟୀ ରହିବ? ସମ୍ପୃକ୍ତ ଗଣମାଧ୍ୟମ ନା କଲେଜ କର୍ତ୍ତୃପକ୍ଷ ନା ସରକାର ବୋଲି ଛାତ୍ରୀଙ୍କ ବାପା ପ୍ରଶ୍ନ କରିଛନ୍ତି।

## ଛାତ୍ରୀଙ୍କୁ ଅସଦାଚରଣ, ଦୁଇ ଶିକ୍ଷକ ଅଟକ

ଜଳେଶ୍ୱର ବ୍ଲକ୍, ୨୧।୭ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଚାମାରଗାଁସ୍ଥିତ ପୃଥୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ରାଇବଣିଆ ପୁଲିସ୍ ସ୍କୁଲର ପ୍ରଧାନଶିକ୍ଷକ ଓ ଗଣିତ ଶିକ୍ଷକଙ୍କୁ ପୁଲିସ ଥାନାରେ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ଗଣିତ ଶିକ୍ଷକ କୈଳାସ ଚନ୍ଦ୍ର ବେଜ ଦୀର୍ଘ ଦିନ ଧରି ସମ୍ପୃକ୍ତା ଛାତ୍ରୀଙ୍କୁ ଅସଦାଚରଣ କରି ଆସୁଥିଲେ। ଏ ସଂପର୍କରେ ଘରେ ଜଣାଇଲେ ଫେଲ୍ କରିଦେବାର ଧମକ ଦେଉଥିଲେ। ତେବେ ଛାତ୍ରୀଜଣଙ୍କ ସାହସ ଜୁଟାଇ ଏ ସଂପର୍କରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ରବିବାର ସନ୍ଧ୍ୟାରେ ଛାତ୍ରୀ ଓ ତାଙ୍କ ବାପା-ମା' ରାଇବଣିଆ ଥାନାରେ ପହଞ୍ଚି ଘଟଣା ବାବଦରେ ଲିଖିତ ଅଭିଯୋଗ କରିଥିଲେ। ପରେ ରାଇବଣିଆ ପୁଲିସ ପ୍ରଧାନ ଶିକ୍ଷକ ଓ ଗଣିତ ଶିକ୍ଷକଙ୍କୁ ଥାନାକୁ ଉଠାଇ ଆଣିଥିଲା। ସୋମବାର ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ଡିଏସ୍‌ପି ନିର୍ମଳା ଗୋଚ୍ଛାୟତ, ଏସ୍‌ଡିପିଓ ସୁବ୍ରତ ବେହେରା, ଏଡିଇଓ ପୂର୍ଣ୍ଣିମା ମହାପାତ୍ର, ବିଇଓ ଜଗବନ୍ଧୁ ଜେନା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଶାନ୍ତ ରାଉତ ବିଦ୍ୟାଳୟରେ ପହଞ୍ଚି ପୀଡ଼ିତ ଛାତ୍ରୀ ଓ ଅଭିଭାବକଙ୍କୁ ଭେଟି ପଚରାଉଚରା କରିଥିଲେ। ଖବର ଲେଖାହେବା ବେଳକୁ ଦୁଇ ଶିକ୍ଷକ ଥାନାରେ ଅଟକ ରହିଛନ୍ତି।

# ମହିଳା ହିଂସା ପ୍ରସଙ୍ଗରେ 'ଶୂନ୍ୟ ସହନଶୀଳ' ନୀତି: କଂଗ୍ରେସ



■ ଏଫ୍‌ଏମ୍ ଆତ୍ମାହୁତି ପ୍ରସଙ୍ଗରେ ଆନ୍ଦୋଳନ ଅବ୍ୟାହତ ରହିବ
■ ନିମାପଡ଼ା ଘଟଣାରେ ଅଭିଯୁକ୍ତ ଧରା ନ ପଡ଼ିବାରୁ ବର୍ଷିଲେ ଭକ୍ତ

ଭୁବନେଶ୍ୱର,୨୧।୭(ସମିସ): ବାଲେଶ୍ୱର ସୌମ୍ୟାଶ୍ରୀ ଆତ୍ମାହୁତି, ନିମାପଡ଼ା ପୋଡ଼ି ଘଟଣା ତଥା ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ଏବଂ ସରକାରଙ୍କ ନିରବତା ବିରୋଧରେ କଂଗ୍ରେସ ଦଳ ଆଦୌ ସାଲିସ୍ କରିବ ନାହିଁ। ମହିଳା ହିଂସା ପ୍ରସଙ୍ଗରେ କଂଗ୍ରେସ ଦଳ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରି ଆସୁଛି। ତେଣୁ ଏଫ୍‌ଏମ୍ ଆତ୍ମାହୁତି ପ୍ରସଙ୍ଗରେ ଦଳ ପକ୍ଷରୁ ଜାରି ରହିଥିବା ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ସୋମବାର ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି।

ରବିବାର ରାତିରେ ଛାତ୍ର କଂଗ୍ରେସ ସଭାପତିଙ୍କୁ ଏକ ଦୁଷ୍କର୍ମ ଅଭିଯୋଗରେ ଗିରଫ କରାଯିବା ପରେ କଂଗ୍ରେସର ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିଥିଲା। ବିଶେଷ କରି ଦଳ ପକ୍ଷରୁ ନାରୀ ନ୍ୟାୟ ନାଁରେ ଜାରି ରହିଥିବା ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଜାରି ରହିବ ନାଁ ଏଥିରେ ଦଳ ବ୍ୟାକ୍‌ଫୁଟ୍‌କୁ ଚାଲିଯିବ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ସରକାରୀ ବିଜେପିର ଛାତ୍ର ଓ ଯୁବ ସଂଗଠନ ମଧ କଂଗ୍ରେସ ଦଳକୁ ନୈତିକତାର ପାଠ ପଢ଼ାଇବା ଆରମ୍ଭ କରି ଦଳକୁ ଅଡୁଆ ସ୍ଥିତିରେ ଛିଡ଼ା କରିବକୁ ଉଦ୍ୟମ କରିଥିଲେ। ମାତ୍ର ସୋମବାର ପିସିସି ସଭାପତିଙ୍କ ସମେତ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସମେତ ବହୁ ବରିଷ୍ଠ ନେତା କଂଗ୍ରେସ ଭବନରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଭକ୍ତ ସରକାରଙ୍କୁ ଚେତାଇ ଦେଇଛନ୍ତି ଯେ ଯଦି ସେମାନେ କଂଗ୍ରେସ ଦଳକୁ ଦୁର୍ବଳ ବୋଲି ଚିନ୍ତା କରୁଛନ୍ତି ତେବେ ଏହା ମସ୍ତବଡ଼ ଭୁଲ। କଂଗ୍ରେସ ବିରୋଧରେ ଷଡ଼ଯନ୍ତ୍ରର ହୀନ ପ୍ରୟାସ କଲେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଇତ୍ୟାଦି ସମସ୍ତଙ୍କ କଥା ବାହାରିବ ଏବଂ ସେଥିପାଇଁ ସରକାର ପ୍ରସ୍ତୁତ ରହିବା କଥା। ସେ ଆହୁରି କହିଛନ୍ତି ଯେ ଏବିଭିପି ନିଜ ଛାତ୍ରୀନେତ୍ରୀଙ୍କୁ ସୁରକ୍ଷା ଦେଇ ପାରିଲା ନାହିଁ; କିନ୍ତୁ ଆମ ଦଳ ଛାତ୍ର ସଭାପତି ଗିରଫ ହେବାର ସାଙ୍ଗେ ସାଙ୍ଗେ ନିଲମ୍ବନ କରିଛି। ନାରୀ ପ୍ରତି ଅନ୍ୟାୟ କ୍ଷେତ୍ରରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ଘୋଷଣା କରିବା ସହିତ ପ୍ରଦେଶ କଂଗ୍ରେସ ପକ୍ଷରୁ ମହିଳା ଉପସଭାପତି ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏକ ୬ ଜଣିଆ କମିଟି ଗଠନ କରି ତୁରନ୍ତ ପୀଡ଼ିତାଙ୍କୁ ଭେଟି ସତ୍ୟାସତ୍ୟ ଜାଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ବାଲେଶ୍ୱର ପୀଡ଼ିତା, ମୁଖ୍ୟମନ୍ତ୍ରୀ, ରାଜ୍ୟ ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ସାଂସଦ, ବିଧାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆଦି ସମସ୍ତଙ୍କୁ ନିବେଦନ କରିବା ସତ୍ତ୍ୱେ ସାହାଯ୍ୟ କରିବା ଦୂରେ ଥାଉ, କେହିବି କର୍ଣ୍ଣପାତ କରିନଥିଲେ। ପୁଲିସ କାହିଁକି ଏଫଆଇଆର ଗ୍ରହଣ କଲା ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଜବାବ ଦେବାକୁ ପଡ଼ିବ ଏବଂ ଏହି ପ୍ରଶ୍ନ ଯୁଗ ଯୁଗ ପର୍ଯ୍ୟନ୍ତ ରହିବ ବୋଲି ଶ୍ରୀ ଦାସ କହିଛନ୍ତି।

## ସ୍ୱାଭାବିକ ବର୍ଷା ପରେ ବିଲରେ ଚାଷୀ

# ଚାଷକାମ ଲାଗି ସାର ସାଜିଛି ବଡ଼ ସମସ୍ୟା

ବଲାଙ୍ଗିର, ୨୧।୭ (ସମିସ)

ବଲାଙ୍ଗିରରେ ଗତ ପ୍ରାୟ ଗୋଟିଏ ମାସ ହେଲା ସ୍ୱାଭାବିକ ଭାବେ ବର୍ଷା ହୋଇଛି। ଫଳରେ ଜିଲ୍ଲାରେ କୃଷି କାର୍ଯ୍ୟ ବେଶ ଉତ୍ସାହର ସହ ଆଗେଇ ଚାଲିଛି। ଜମିରେ କାଦୁଆ, ରୁଆ, ବିହୁଡ଼ା କାମ ଆଗେଇ ଚାଲିଥିବାବେଳେ ଜିଲ୍ଲାରେ ସାର୍ କଳାବଜାର ମଧ୍ୟ ଆରମ୍ଭ ହୋଇଛି। ଖରିଫ ଚାଷକାମ ପ୍ରାରମ୍ଭରେ ସାରର ନିତାନ୍ତ ଆବଶ୍ୟକତା ରହିଥିବା ବେଳେ ଚାଷୀମାନଙ୍କ ଆବଶ୍ୟକତାକୁ ଅସ୍ତ୍ରକରି ସାର ଦୋକାନୀମାନେ କଳାବଜାର ଚଲାଇଥିବା ଅଭିଯୋଗ ହୋଇଛି। ତେବେ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ଥିବା କହି କୃଷି ବିଭାଗ ପକ୍ଷରୁ କୌଣସି ପ୍ରକାର ଯାଞ୍ଚକିମ୍ବା ଚଢ଼ଉ କରାଯାଉ ନ ଥିବାରୁ ଏହା ସାର ଦୋକାନୀମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି।

ବଲାଙ୍ଗିର ଜିଲ୍ଲାରେ ଗତ ଜୁନ୍ ଶେଷସପ୍ତାହ ଓ ଜୁଲାଇରେ ପ୍ରାୟ ୧୫ ରୁ ୨୦ ଦିନ ଧରି ଲଗାତାର ବର୍ଷା ହୋଇଥିଲା। ଯାହାକି ଆଗାମୀ ଖରିଫ ପାଇଁ ଏହା ବେଶ ସହାୟକ ହୋଇପାରିବ। ବର୍ଷାକୁ ନଜରରେ ରଖି ଚାଷୀ ବେଶ ଉତ୍ସାହର ସହ ଚାଷ କାମ ଆରମ୍ଭ ହୋଇଛି। ଜମିରେ ପାଣି ମାଡ଼ିବା ପରେ କାଦୁଅ ଠାରୁ ଆରମ୍ଭ କରି ରୁଆ ବିହୁଡା କାମ ମଧ୍ୟ ଚାଷୀ ଆରମ୍ଭ କରିଛି। ତେବେ ଗତ ଖରିଫ ସମୟରେ ସ୍ୱାଭାବିକ ବର୍ଷା ଯୋଗୁଁ ଭଲ ଧାନ ଅମଳ ହୋଇଥିଲା। ଚଳିତ ଖରିଫରେ ମଧ୍ୟ ଚାଷୀ ସମାନ ଆଶା ରଖି ଚାଷ କାର୍ଯ୍ୟ ଆରମ୍ଭ କରିଛି। କୃଷି ବିଭାଗ ସୂଚନା ଅନୁସାରେ ଚଳିତ ଖରିଫରେ ୩ ଲକ୍ଷ ୪୫ ହଜାର ହେକ୍ଟର ଜମିରେ ଧାନ ଚାଷ ହେଉଥିବା ବେଳେ ଚଳିତବର୍ଷ ୩ ଲକ୍ଷ ୨୮ ହଜାର ହେକ୍ଟର



**ଅଧିକ ଦରରେ ବିକ୍ରି ଅଭିଯୋଗ**

**ଯାଞ୍ଚ ହେଉନି କି ଚଢ଼ଉ ହେଉନି**

ଜମିରେ ଧାନ ଚାଷ କରାଯିବାକୁ କୃଷି ବିଭାଗ ଲକ୍ଷ୍ୟ ରଖିଛି। ଲୋୟର ସୁକତେଲ ପ୍ରକଳ୍ପରେ ପ୍ରଭାବିତ ଗାଁର ଚାଷ ଜମିରେ ପାଣି ରହିଥିବାରୁ ସେହି ଜମିକୁ ବାଦ ଦିଆଯାଇଛି। ତେବେ ଗୋଟିଏ ପଟେ ଖୁସି ମନରେ ଚାଷୀ ଧାନ ଚାଷ ଆରମ୍ଭ କରିଛି ସତ କିନ୍ତୁ ଅନ୍ୟପଟେ ଏହି ଖୁସିକୁ ଏକ ବଡ଼ ସମସ୍ୟାରେ ପରିଣତ କରିଛି ସାର କଳାବଜାର। ରସାୟନ ସାର ପ୍ରୟୋଗ କରିବାକୁ ଚାଷୀ ମାନେ ସାର ଦୋକାନରେ ଭିଡ଼ ଲଗାଉଥିବା ବେଳେ ଅଧିକ ଦରରେ ସାର ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ତେବେ ବିଭାଗୀୟ ସୂଚନା ଅନୁସାରେ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ରହିଥିବା କୃଷି ବିଭାଗ ସୂଚନା ଦେଇଛି। ୟୁରିଆ ୯୧୭୧.୩୪୪ ମ୍ୟାଟ୍ରିକ ଟନ୍, ଡିଏପି ୩୯୯..୬୧୮ ମାଟ୍ରିକ୍ ଟନ, ଏମଓପି ୧୯୬୪.୯୧୯ ମ୍ୟାଟ୍ରିକ ଟନ, ଏନ୍‌ପିକେଏସ ୭୩୪୭.୦୯ ମ୍ୟାଟ୍ରିକ ଟନ, ଏମ୍‌ଏସ୍‌ପି ୩୮୦.୦୮୫ ମ୍ୟାଟିକ ଟନ୍ ଜିଲ୍ଲାର ବିଭିନ୍ନ ସରକାରୀ ଗୋଦାମ, ହୋଲସେଲର ଓ ରିଟେଲରମାନଙ୍କ ପାଖରେ ରହିଛି। କିନ୍ତୁ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ସତ୍ତ୍ୱେ ସାରକୁ ଅଧିକ ଦରରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ଚାଷୀମାନଙ୍କ ଅଭିଯୋଗ ଅନୁସାରେ ସାର ବସ୍ତା ପ୍ରତି ଅଧିକ ତିନି ଶହରୁ ଚାରି ଶହ ଟଙ୍କାରେ ବିକ୍ରି କରାଯାଉଛି। ଅଧିକ ଦରରେ ଚାଷୀମାନଙ୍କୁ କିଣିବାକୁ ସାର ଦୋକାନୀମାନେ ବାଧ କରୁଥିବା ବେଳେ ନେଉଥିବା ଟଙ୍କାର ରସିଦ ମଧ୍ୟ ଦେଉନଥିବା ଅଭିଯୋଗ କରିଛନ୍ତି। ଅନେକ ସାର ଦୋକାନରେ ପିଓଏସ ମେସିନ ବ୍ୟବହାର କରାଯାଉ ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ସାର ଦରକୁ ନେଇ କୌଣସି ପ୍ରକାର ପ୍ରଶ୍ନ ଉଠାଇଲେ କିମ୍ବା ପ୍ରତିବାଦ କଲେ ଚାଷୀମାନଙ୍କୁ ଦୋକାନୀ ସାର ଦେବାକୁ ମନା କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ସାର କଳାବଜାର କୁ ନେଇ ଲମ୍ବା ଅଭିଯୋଗ ତାଲିକା ରହିଥିଲେ ମଧ୍ୟ କୃଷି ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଦୋକାନୀ ମାନେ ଏହାକୁ ସୁଯୋଗ ଭାବି ଏହି କାରବାର ଚଲାଇଥିବା ଦେଖିବାକୁ ମିଳିଛି। ତେବେ ସାର ଦୋକାନମାନଙ୍କୁ ଯାଇ କୃଷି ବିଭାଗର କର୍ମଚାରୀ ମାନେ ନିୟମିତ ଭାବେ ଯାଞ୍ଚ କରିବାର ନିୟମ ରହିଛି କିନ୍ତୁ କେହି କୌଣସି ପ୍ରକାର ଯାଞ୍ଚ କରୁ ନ ଥିବାରୁ ଦୋକାନୀମାନେ ମଧ୍ୟ ମନମୁଖୀ କାରବାର ଚଲାଇଥିବା ଦେଖିବାକୁ ମିଳିଛି। ତେବେ ଏନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିନାହିଁ। ଅନ୍ୟପକ୍ଷରେ ଏହି ଦିଗରେ କୃଷି ବିଭାଗ ତତ୍ପରତା ପ୍ରକାଶ କରି ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ଡ୍ରେନ୍‌ରୁ ନବଜାତକ ଶବ ଉଦ୍ଧାର

**ବଲାଙ୍ଗିର, ୨୧।୭ (ସମିସ):** ବଲାଙ୍ଗିର ଜିଲ୍ଲାରେ ପୁଣି ଉଦ୍ଧାର ହେଲା ନବଜାତକ ମୃତଦେହ। କେତେବେଳେ ଖୋଲାସ୍ଥାନ ତ ପୁଣି କେତେବେଳେ ଡ୍ରେନ୍‌ରୁ ବଲାଙ୍ଗିରରେ ନବଜାତକ ଉଦ୍ଧାର ହେଉଥିବା ଘଟଣା ସାମ୍ନାକୁ ଆସୁଥିବାବେଳେ ସୋମବାର ପୁଣି ଏକ ସମାନ ଘଟଣା ସାମ୍ନାକୁ ଆସିଛି। ସୋମବାର ଉଦ୍ଧାର ହୋଇଥିବା ନବଜାତକ ମୃତଦେହଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରସୂତୀ ବିଭାଗ ନିକଟସ୍ଥ

**ଡ୍ରେନ୍ ପାଖରେ ରହିଛି ଉଭୟ ସରକାରୀ ଓ ଘରୋଇ ଡାକ୍ତରଖାନା**

ଡ୍ରେନ୍‌ରୁ ଉଦ୍ଧାର ହୋଇଛି। ତେବେ ଉକ୍ତ ଶିଶୁଟି ମୃତ ଶିଶୁ ହୋଇଥିବା ବେଳେ କିଏ ଏହିଭଳି ଭାବେ ଡ୍ରେନରେ ଫିଙ୍ଗି ଦେଇଛି ତାହା ସ୍ପଷ୍ଟ ହୋଇନାହିଁ। ଟାଉନ ପୁଲିସର ଏକ ଟିମ୍ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

ବଲାଙ୍ଗିର ନବଜାତକ, ନବଜାତକ ମୃତଦେହ ଉଦ୍ଧାର ହେବା ଘଟଣା କିଛିବର୍ଷ ହେଲା ସାଧାରଣ ଘଟଣାରେ ପରିଣତ ହୋଇଛି। ଅନେକ ସମୟରେ ସହରର ବିଭିନ୍ନ ସ୍ଥାନରୁ ନବଜାତକ, ନବଜାତକଙ୍କ ମୃତଦେହ ଉଦ୍ଧାର ହେଉଥିବା ବେଳେ ସୋମବାର ପୁଣି ଏକ ନବଜାତକର ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁସାରେ ସୋମବାର ବଲାଙ୍ଗିର ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଶିଶୁ ଓ ପ୍ରସୂତୀ ବିଭାଗ ପାଚେରିକୁ ଲାଗିରହିଥିବା ଡ୍ରେନ୍‌ରେ ଏକ ନବଜାତକ ମୃତଦେହ ପଡ଼ିଥିବା ଲୋକେ ଦେଖିଥିଲେ। ଉକ୍ତ ନବଜାତକ ମୃତଦେହଟି ଏକ ଶାଢ଼ୀରେ ଗୋଡାଇ ହୋଇ ପଡ଼ିଥିବାବେଳେ ଘଟଣା ବିଷୟରେ ସୂଚନା ପାଇବା ପରେ ଟାଉନ ପୁଲିସ ଟିମ ପହଞ୍ଚିଥିଲା। ମୃତଦେହ ଉଦ୍ଧାର କରି ପୁଲିସ ଘଟଣାର ଛାନଭିନ ଆରମ୍ଭ କରିଛି। କିଏ ଓ କେଉଁ ପରିସ୍ଥିତିରେ ନବଜାତକକୁ ଡ୍ରେନରେ ପକାଇଲା। ପକାଇବା ସମୟରେ ନବଜାତକ ଜୀବିତ ଥିଲା ନା ମୃତ ଥିଲା। ତାକୁ ନେଇ ପ୍ରଶ୍ନ ଉଠିଛି। ତେବେ ଉକ୍ତ ମୃତ ନବଜାତକ ଫିଙ୍ଗିଥିବା ମହିଳା ଜଣକ ସରକାରୀ ଡାକ୍ତରଖାନା ରେ ଭର୍ତ୍ତି ହୋଇଥିଲେ ନା ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। କାହିଁକିନା ମୃତଦେହ ମିଳିଥିବା ସ୍ଥାନର ଗୋଟିଏ ପଟେ କିଛି ଘରୋଇ ଡାକ୍ତରଖାନା ଥିବାବେଳେ ଆଉ ଗୋଟିଏ ପଟେ ସରକାରୀ ଡାକ୍ତରଖାନାର ପ୍ରସୂତୀ ବିଭାଗ ରହିଛି। ତେବେ ବଲାଙ୍ଗିର ସହରରେ ଥିବା ଘରୋଇ ଡାକ୍ତରଖାନାମାନଙ୍କରେ ବେଆଇନ ଭାବେ ଗର୍ଭବତୀ ମହିଳାମାନଙ୍କ ପ୍ରସବ କରାଯାଉଥିବା ଅଭିଯୋଗ ହୋଇଆସୁଛି। ପୂର୍ବରୁ ମଧ୍ୟ ଘରୋଇ ଡାକ୍ତରଖାନା ନିକଟରେ ଅନେକ ସମୟରେ ନବଜାତକ ଉଦ୍ଧାର ହୋଇଥିବା ଘଟଣା ସାମ୍ନାକୁ ଆସିଛି। ତେବେ ଏହିସବୁ କାରବାର ବେଆଇନ କାରବାର ହୋଇଥିବାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଦିଗରେ କୌଣସି ପଦକ୍ଷପ ନିଆଯାଉ ନ ଥିବାରୁ ଘରୋଇ ଡାକ୍ତରଖାନାରେ ଏହି କାରବାର ବଢ଼ିଚାଲିଛି। ଅବାଧ ପ୍ରେମ ସମ୍ପର୍କରୁ ହେଉଥିବା ମତୃତ୍ୱ, ଅଲୋଡା ଶିଶୁ କନ୍ୟା ଘଟଣାରେ ଏହିଭଳି ଘଟଣା ବଢ଼ିଚାଲିଥିବାବେଳେ ଉଭୟ ପୁଲିସ ଓ ସ୍ୱାସ୍ଥ୍ୟ ବିଭାଗ ମିଳିତ ଭାବେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ବହୁ ଚର୍ଚ୍ଚିତ ଅଜୁ ଦୋରା ହତ୍ୟା ମାମଲା

# ୪ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବଲାଙ୍ଗିର, ୨୧।୭ (ସମିସ):** ବଲାଙ୍ଗିରର ବହୁ ଚର୍ଚ୍ଚିତ ଅଜୁଡୋର ହତ୍ୟା ଘଟଣାରେ ବଲାଙ୍ଗିର ଜିଲ୍ଲା ଦୌରାଜଜ୍ ରାୟ ପ୍ରକାଶ କରିଛନ୍ତି। ଜିଲ୍ଲା ମୁଖ୍ୟ ଡାକ୍ତରଖାନା କ୍ୟାମ୍ପସ୍ ଭିତରେ ସୁଦପଡ଼ାର ଅଜୁ ଦୋରା (୨୫) ହତ୍ୟା ଘଟଣାରେ ଟାଉନ ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଅଦାଲତ ୪ଜଣ ଯାକ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁସାରେ ବ୍ୟବସାୟିକ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅଜୁ ଦୋରାଙ୍କୁ ୨୦୨୨ ଅଗଷ୍ଟ ୧୬ ତାରିଖ ସକାଳୁ ହତ୍ୟା କରାଯାଇଥିବା ବଲାଙ୍ଗିର ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଘଟଣାଦିନ ଅଜୁ ତାଙ୍କ ମା ଜୟନ୍ତୀ ଦୋରାଙ୍କ ସହ ଭୋର୍‌ରେ ସ୍କୁଟିରେ ଡାକ୍ତରଖାନା ଛକକୁ ଇଡ୍‌ଲି ଦୋକାନ ଖୋଲିବାକୁ ଆସୁଥିଲେ। ସୁଦପଡ଼ାରୁ ଡାକ୍ତରଖାନା ପରିସର ରାସ୍ତାରେ ଆସୁଥିବା ସମୟରେ ଡାଇରିଆ ୱାର୍ଡ୍ ସମ୍ମୁଖରେ ଅଜୁକୁ କିଛି ଯୁବକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଅଜୁଙ୍କ ମୃତ୍ୟୁ ଘଟିଥିଲା। ଦୁର୍ବୃତ୍ତଙ୍କ ଆକ୍ରମଣରେ ଜୟନ୍ତୀ ଆହତ ହୋଇଥିଲେ। ଘଟଣାର ୩ ଦିନ ପରେ ବଲାଙ୍ଗିର ଟାଉନ ପୁଲିସ ଅଗଷ୍ଟ ୧୯ରେ ୪ ଅଭିଯୁକ୍ତ ମୃତ ଅଜୁଙ୍କ ସମ୍ପର୍କୀୟ ଭାଇ ମୁନା ଦୋରା, ଚନ୍ଦ୍ର ପ୍ରଧାନ, ରାହୁଲ ପାଣିଗ୍ରାହୀ ଓ ସୋମ ପୁଞ୍ଜିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟ ଚାଲାଣ ପୂର୍ବରୁ ଅଜୁଙ୍କୁ କିପରି ହତ୍ୟା କରିଥିଲେ ପୁଲିସ ଅଭିଯୁକ୍ତଙ୍କୁ ନେଇ ଡାକ୍ତରଖାନା ପରିସରରେ ହତ୍ୟା ଦୃଶ୍ୟ ପୁନରାବୃତ୍ତି କରାଇଥିଲା। ଜମିବାଡ଼ି ବିବାଦ ଓ ପୂର୍ବ ଶତ୍ରୁତାକୁ ନେଇ ସମ୍ପର୍କୀୟ ଭାଇ ୧ ଲକ୍ଷ ଟଙ୍କା ଦେଇ ୩ଜଣ ସୁପାରି କିଲର୍ ସାହାଯ୍ୟରେ ଅଜୁଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିଥିବା ତତ୍କାଳୀନ ବଲାଙ୍ଗିର ଏସ୍‌ପି ନିତିନ କୁଶଳକର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଏହି ମାମଲା ବଲାଙ୍ଗିର ଜିଲ୍ଲା ଦୌରାଜଜଙ୍କ ଅଦାଲତରେ ବିଚାର ହୋଇ ସୋମବାର ରାୟ ପ୍ରକାଶ ପାଇଛି। ପ୍ରମାଣ ଅଭାବରୁ ଜିଲ୍ଲା ଦୌରାଜଜ୍ ୪ ଅଭିଯୁକ୍ତ ମୁନା ଦୋରା, ଚନ୍ଦ୍ର ପ୍ରଧାନ, ରାହୁଲ ପାଣିଗ୍ରାହୀ ଓ ସୋମ ପୁଞ୍ଜିଙ୍କୁ ନିଦୋଷରେ ଖଲାସ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ମୁନା ଦୋରାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଆନନ୍ଦ ପାଣିଗ୍ରାହୀ, ଚନ୍ଦ୍ର ପ୍ରଧାନଙ୍କ ପକ୍ଷରୁ ଆଇନଜୀବୀ ଅମରେଶ ତ୍ରିପାଠୀ, ରାହୁଲ ପାଣିଗ୍ରାହୀ ଓ ସୋମ ପୁଞ୍ଜିଙ୍କ ପକ୍ଷରୁ ଚିଫ୍ ଲିଗାଲ୍ ଡିଫେନ୍ସ କାଉନସିଲ୍ ତଥା ବରିଷ୍ଠ ଆଇନଜୀବୀ ଅରବିନ୍ଦାକ୍ଷ ପୂଜାରୀ-ମାମଲା ପରିଚାଳନା କରୁଥିଲେ।

# ଛତିଶଗଡ଼ରୁ ଆସୁଥିବା ଧାନ ବୋଝେଇ ଟ୍ରକ୍ ଜବତ; ୨ ଅଟକ

**ଦେଓଗାଁ, ୨୧।୭ (ସମିସ):** ଛତିଶଗଡ଼ରୁ ବେଆଇନଭାବେ ଧାନ ବୋଝେଇ ହୋଇଆସୁଥିବା ୨ଟି ଟ୍ରକକୁ ଦେଓଗାଁ ପୁଲିସ ଭୂତିଆରବାହାଲ ନିକଟରେ ସନ୍ଦେହରେ ଅଟକ ରଖି ତଦନ୍ତ କରିଥିଲା। ପୁଲିସ ପାଟ୍ରୋଲିଂ ସମୟରେ ଅଟକାଇ ଡ୍ରକ୍ ଆଣ୍ଡ ଡ୍ରାଇଭ ଚେକିଂ କରିବା ସମୟରେ ଉକ୍ତ ଟ୍ରକ୍‌ରେ ଧାନ ବୋଝେଇ ହୋଇଥିବା ପୁଲିସ ଜାଣିବାକୁ ପାଇଥିଲା। ଉଭୟ ଟ୍ରକ୍‌ର କାଗଜପତ୍ର ଯାଞ୍ଚ କରିବା ପରେ ଜାଲିଆତି ହୋଇ ଧାନ ଚାଲାଣ ହେଉଥିବା ସନ୍ଦେହ କରି ୨ଜଣ ଡ୍ରାଇଭର ଛତିଶଗଡ଼ ସୀତାପୁର ଥାନା ଅନ୍ତର୍ଗତ ବସନା ଗ୍ରାମର ବ୍ୟାସଦେବ ବାଗ (୩୦) ଓ ରାଏପୁର ଥାନା ଅନ୍ତର୍ଗତ ଶ୍ୟାମନଗରର ଗାଡିରାମ ଯାଦବ(୪୪) କୁ ଅଟକ ରଖି ଛାନଭିନ କରୁଛି ପୁଲିସ। ଦୁଇଟି ଟ୍ରକ୍‌ରେ ୧୩୫୦ ବସ୍ତା ଧାନ ବୋଝେଇ ହୋଇଥିବା ପୁଲିସ

**ତଦନ୍ତ କରି ରିପୋର୍ଟ ଦେବାକୁ ଯୋଗାଣ ବିଭାଗକୁ ଚିଠି**

ସୂଚନା ଦେଇଛି। ଧାନ ବୋଝେଇ ଟ୍ରକଟି ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ଜିଲ୍ଲାର ବରଡିହି ସାବିତ୍ରୀ ରାଇସ୍ ମିଲରୁ ଧାନ ବୋଝେଇ ହୋଇ କଳାହାଣ୍ଡି ଜିଲ୍ଲା ଭତାପଡ଼ାର ମାଁ ମାଣିକେଶ୍ୱରୀ ଇଣ୍ଟରପ୍ରାଇଜେସକୁ ଚାଲାଣ ହେଉଥିବା ଚାଲାଣ ଚିଠିରେ ଉଲ୍ଲେଖ ରହିଛି। ଅନ୍ୟ ରାଜ୍ୟରୁ ଆଉଏକ ରାଜ୍ୟକୁ ବେଆଇନ ଧାନ ଚାଲାଣ ବେଆଇନ ବୋଲି ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏନେଇ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କୁ ପଚାରିବାରୁ ଏ ବିଷୟରେ ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ଙ୍କୁ ତଦନ୍ତ ପାଇଁ ଦେଓଗାଁ ଥାନା ଚିଠି ଦେଇଛି। ସେ ମଙ୍ଗଳବାର ଆସି ତଦନ୍ତ କରିବେ ବୋଲି କହିଛନ୍ତି। ଏ ବିଷୟରେ ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରିଛୁ ବୋଲି ସୂଚନା ଦେଇଛନ୍ତି। ଏ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହୋଇଛି।

# ରାଇସ୍ ମିଲ୍ ଉପରୁ ଖସି ଶ୍ରମିକ ଗୁରୁତର

**କଣ୍ଟାବାଞ୍ଜି, ୨୧।୭ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଶ୍ୟାମଜୀ ରାଇସ୍ ମିଲରେ ଏକ ଅଘଟଣ ଘଟିଯାଇଛି। ସୋମବାର ଜଣେ ଶ୍ରମିକ ଚିବନୀ ଉପରେ ଚଢ଼ି କାମ କରୁଥିବାବେଳେ ତଳକୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ କର୍ମଚାରୀ ମାନେ ତାଙ୍କ



ଉଦ୍ଧାରକରି କଣ୍ଟାବାଞ୍ଜି ଡାକ୍ତରଖାନାକୁ ଆଣିଥିଲେ। ଦୁର୍ଘଟଣାଗ୍ରସ୍ତ ଶ୍ରମିକ ଜଣକ ହେଉଛନ୍ତି ପାଟଣାଗଡ଼ ଅଞ୍ଚଳର କୁନା ରାଉତ। ସେ ଦୀର୍ଘବର୍ଷ ହେଲା ଶ୍ୟାମଜୀ ରାଇସ ମିଲରେ କାମ କରି ଆସୁଛନ୍ତି।

# ବିଷପିଇ ଜୀବନ ହାରିଲେ ୮୦ ବର୍ଷିୟ ବୃଦ୍ଧ

**କଣ୍ଟାବାଞ୍ଜି, ୨୧।୭ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଅଧୀନ ଭଡ଼ାରବାଞ୍ଜି ଗାଁର ଜଣେ ୮୦ ବର୍ଷିୟ ବୃଦ୍ଧ ବିଷପିଇ ଆତ୍ମହତ୍ୟା କରିଛନ୍ତି। ରବିବାର ରାତିରେ ଭଡ଼ାରବାଞ୍ଜି ଗାଁର ଗୋବର୍ଦ୍ଧନ ମାଝୀ ଘରେ ଭିତରପଟୁ କବାଟରେ ତାଲାମାରି ବିଷପିଇ ଶୋଇପଡ଼ିଥିଲେ। ପରିବାରଲୋକେ ଆସି କବାଟ ଖୋଲିବାକୁ ଡାକିଥିଲେ ମଧ୍ୟ ସେ କବାଟ ଖୋଲି ନଥିଲେ। ପରିବାର ଲୋକେ କବାଟ ଭାଙ୍ଗି ଦେଖିବାକୁ ବେଳେକୁ ବୃଦ୍ଧ ଜଣକ ବିଷ ପିଇ ଗୁରୁତର ଅବସ୍ଥାରେ ପଡ଼ିଥିବା ବେଳେ ସଙ୍ଗେ ସଙ୍ଗେ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଆଣିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ବୃଦ୍ଧଙ୍କୁ ମୃତ ଘୋଷଣା କରିଥିଲେ। କଣ୍ଟାବାଞ୍ଜି ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ହେବାପରେ ମୃତଶରୀର ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

# ଖପ୍ରାଖୋଲ ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି

**ଖପ୍ରାଖୋଲ, ୨୧।୭ (ସମିସ):** ବଲାଙ୍ଗିର ଜିଲ୍ଲା ଅଧୀନ ଖପ୍ରାଖୋଲ ବ୍ଲକର ସଭାଗୃହରେ ସୋମବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ହୋଇଯାଇଛି। ଅଭିଯୋଗ ମଧ୍ୟରେ ଖପ୍ରାଖୋଲ ସଦର ମହକୁମାର ଗତ ଦିନରେ ପ୍ରଶାସନ ଦୋକାନ ବଜାର ଭାଙ୍ଗିଥିବା ବେଳେ ଏପର୍ଯ୍ୟନ୍ତ ଦୋକାନୀମାନଙ୍କ ଥଇଥାନ ପ୍ରଶାସନ କରି ନ ଥିବାରୁ ଖପ୍ରାଖୋଲ ବଣିକ ସଂଘ ତରଫରୁ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗଗୁଡ଼ିକ ମଧ୍ୟରେ ସମଦାୟ ୯୩ ଟି ଗୋଷ୍ଠିଭିତ୍ତିକ ଓ ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ମୁଖ୍ୟତଃ ଭତ୍ତା, ଆବାସ ଗୃହ, ରାସନ କାର୍ଡ, ରାସ୍ତା ନିର୍ମାଣ ରହିଥିଲା। ଏହି ଅବସରରେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ସହକାରୀ ଯନ୍ତ୍ରୀ ରାଜକିଶୋର ନାୟକ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର, ଲାଠୋର ଥାନା ଅଧିକାରୀ ରାକେଶ କୁମାର ବେହେରା, ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



# ଯୌନ ନିର୍ଯାତନା ସଚେତନତା କାର୍ଯ୍ୟକ୍ରମ




**ବଲାଙ୍ଗିର, ୨୧।୭ (ସମିସ):** ବଲାଙ୍ଗିର ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ ଏକ ଯୌନ ନିର୍ଯାତନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଗଲପୁର ଥାନା ଅଧିକାରୀ ବାସୁଦେବ ଭୋଇ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିବା ବେଳେ ଏସ୍‌ଆଇ ସୁଚିସ୍ମିତା ଜେନା, ଆଇନ ପରାମର୍ଶଦାତା ତଥା ଯୁଧିଷ୍ଠିର ମିଶ୍ର, ଆଇନ ମହାବିଦ୍ୟାଳୟର ଅଧ୍ୟାପକ ସାର୍ଥକ ରଥ, ସମାଜସେବୀ ଧନେଶ୍ୱର ମେହେର, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ପୀଠାଧିକାରୀ ରାଧେଶ୍ୟାମ ଯୋଷୀ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାକୁ ଅଧ୍ୟାପକ ଡ. ଲିଙ୍ଗରାଜ ମେହେର ସଂଯୋଜନା କରିଥିବାବେଳେ ଆଇସିସିର ସମ୍ପାଦକ ଡ. ଭୁରିଶ୍ରବା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ସମେତ ସମସ୍ତ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଦୈତାରୀ ଶବର, ନୀଳାମ୍ବର ବାରିକ ଓ ମାନସ କୁମାର ପରିଚାଳନା କରିଥିଲେ।

# କର୍ମ ସଂସ୍ଥାନରେ ଯୌନ ନିର୍ଯାତନା ସଚେତନତା ଓ ଶପଥ ପାଠ




**କଣ୍ଟାବାଞ୍ଜି, ୨୧।୭ (ସମିସ):** କଣ୍ଟାବାଞ୍ଜି ସ୍ଥିତ ମହିଳା ସ୍ନାତକମହିଳା ମହାବିଦ୍ୟାଳୟରେ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟ/ ସଦସ୍ୟା ଓ ଛାତ୍ରୀମାନଙ୍କୁ ନେଇ ଏକ ଯୌନ ନିର୍ଯାତନା ସଚେତନତା କର୍ମଶାଳା ଓ ଶପଥ ପାଠ ଉତ୍ସବ ପାଳିତ ହୋଇଯାଇଛି। ଏହି କର୍ମଶାଳାରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପୁରୋହିତ, ଯୌନ ଉତ୍ପୀଡନ ( ନିବାରଣ, ନିଷେଧ ଓ ପ୍ରତିକାର ) ଆଇନ ୨୦୧୩ ଓ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଆଇନ ୨୦୧୫ ରେ ଥିବା ବିଭିନ୍ନ ପ୍ରକାରର ଧାରା, କର୍ମକ୍ଷେତ୍ରରେ ଯୌନ ନିର୍ଯାତନାର ପ୍ରକାର ଭେଦ, ଅଭିଯୋଗ କରିବାର ପ୍ରକ୍ରିୟା, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଦାୟିତ୍ୱ ଓ ଦଣ୍ଡ ବିଧାନ ବ୍ୟବସ୍ଥା ଉପରେ ବୁଝାଇଥିଲେ। ସୁନନ୍ଦା ରଥ କର୍ମ ସଂସ୍ଥାନର ସମସ୍ତ ଅଂଶୀଦାର ଯୌନ ନିର୍ଯାତନା ରୋକିବା ପାଇଁ କଣ କରିବା ଉଚିତ୍ ଓ କଣ ନ କରିବା ଉଚିତ୍ କୁ ବିସ୍ତୃତ ଭାବରେ ବୁଝାଇଥିଲେ। ଦୁଇ ଶହରୁ ଅଧିକ ଛାତ୍ରୀ ଏହି କର୍ମଶାଳାରେ ଯୋଗଦେଇଥିଲେ।

# ରାଜ୍ୟ ସନ୍ତରଣ ପ୍ରତିଯୋଗିତା, ୧୭ ଖେଳାଳି ମନୋନୀତ




**ବଲାଙ୍ଗିର, ୨୧।୭ (ସମିସ):** ବଲାଙ୍ଗିର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟସ କମ୍ପ୍ଲେକ୍ସରେ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୭ ଜଣ ଖେଳାଳି ୬୫ତମ ରାଜ୍ୟ ସନ୍ତରଣ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ସନ୍ତରଣଗାରରେ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଜିଲ୍ଲା କ୍ରୀଡ଼ାଧିକାରୀ ପରାସର ବାଗ ଏବଂ ବଲାଙ୍ଗିର ଜିଲ୍ଲା ସନ୍ତରଣ ସଂଘ ସମ୍ପାଦକ ତଥା ରାଜ୍ୟସନ୍ତରଣ ସଂଘ ଉପ ସଭାପତି ସୁମିତ ରଞ୍ଜନ ପୁରୋହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ନରେଶ ପ୍ରଧାନ, ବାଲଖୁମାର ମିଲୁଆର, ମ୍ୟାନେଜେର ଭାବରେ ସୁରେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମନରେଗା ଯୋଜନାରେ ଦୁର୍ନୀତି; ଯାଞ୍ଚ କଲେ କେନ୍ଦ୍ରୀୟ ଟିମ୍

ବଲାଙ୍ଗିର/ସଇଁତଳା, ୨୧।୭ (ସମିସ)

ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକରେ ଚଳିତ ବର୍ଷ ମନରେଗା ଯୋଜନାରେ ବ୍ୟାପକ ଅନିୟମିତତା ଦେଖାଦେବା ସହ ମନରେଗା ଯୋଜନାରେ ଶ୍ରମିକ କାମ କରିବା ପରିବର୍ତ୍ତେ ମେସିନ କାମ କରୁଥିବା ସାଧରଣରେ ଅଭିଯୋଗ ହୋଇଛି। ତେବେ ବ୍ଲକରେ ମନରେଗା ଯୋଜନାରେ କିଭଳି କାର୍ଯ୍ୟକାରୀ କରାଯାଇଛି ସେ ନେଇ ତଦାରଖ କରିବାପାଇଁ କେନ୍ଦ୍ରରୁ ଏକ ଦୁଇଜଣିଆ ସ୍ୱତନ୍ତ୍ର ଟିମ ଆସି ବିଡିଓଙ୍କ ସହ କେରମେଲି ପଞ୍ଚାୟତ, ଶିସକେଲା ଓ କୁମ୍ଭାରି ପଞ୍ଚାୟତକୁ ଯାଇ ବିଭିନ୍ନ କେନ୍ଦ୍ରୀୟ ଅନୁଦାନ ଫାଇଲ ତଦାରଖ କରିଥିଲେ। ସୂଚନା ଅନୁସାରେ, ବ୍ଲକର କେରମେଲି ପଞ୍ଚାୟତରେ ମନରେଗା ଯୋଜନାରେ ବିଭିନ୍ନ ପୋଖରୀ ସମେତ ରାସ୍ତା କାମ ଚାଲିଥିବା ବେଳେ ପୋଖରୀ କାମରେ ଶ୍ରମିକ କରିବା ପରିବର୍ତ୍ତେ ଜେସିବି ମେସିନ



ଲଗାଯାଉ ଥିବା ଅଭିଯୋଗ ହେଉଛି। ତେବେ କେରମେଲି ପଞ୍ଚାୟତରେ ଏକ ପୋଖରୀ ଖନନ କାମ ଚାଲିଥିବା ବେଳେ ସେଠାରେ ଶ୍ରମିକ ପରିବର୍ତ୍ତେ ମେସିନ ଲଗାଯାଇ ମାଟି ଖନନ କରାଯାଇଥିବା ଅଭିଯୋଗ ହୋଇଥିଲା। ତା ସହ ଅଣଶ୍ରମିକଙ୍କ ଖାତାରେ ମନରେଗା ଟଙ୍କା ପକାଇ ସରକାରୀ ପଇସାକୁ ଆତ୍ମସାତ କରାଯାଉଥିବା ନେଇ ଅଭିଯୋଗ ହୋଇଥିବାବେଳେ ଏ ସମ୍ପର୍କ ରେ ସରପଞ୍ଚ ଅଶୋକ ସାହୁକୁ ପଚାରିଲେ ଏହା ସିଏଫସି କିମ୍ବା ଏସଏଫସି ପାଣ୍ଠି ରୁ ପୋଖରୀ ଖନନ କାମ ଚାଲୁଥିବା କହି ଖସି ଯିବାକୁ ଉଦ୍ୟମ କରିଥିଲେ। ଠିକ ସେହିପରି ବ୍ଲକର ଝିଙ୍କି ଡୁଙ୍ଗୁରି ପଞ୍ଚାୟତ ରେ ଗତ ୪ ବର୍ଷ ଭିତରେ ୪ କୋଟି ଟଙ୍କା ମନରେଗା ଯୋଜନା ରେ ଆତ୍ମସାତ ହୋଇଥିବା ସୂଚନା ହସ୍ତଗତ ହୋଇଛି। ଷ୍ଟେଜ ୱର୍କର ନାରେ ୭୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ, ନାଳା କାମରେ ୨୪ ଲକ୍ଷ, ବିଭିନ୍ନ ଡ୍ୟାମ୍ କାମରେ ୧ କୋଟି ୨୦ ଲକ୍ଷ, ମୋ ପୋଖରୀ ଯୋଜନା ରେ ୪୮ ଲକ୍ଷ, ଜମି ଉନ୍ନତୀକରଣ ନାମରେ ୫୦ ଲକ୍ଷ ସୋକପିଟ ନିର୍ମାଣରେ ୧୮ ଲକ୍ଷ, ରାସ୍ତା ନିର୍ମାଣ ନାମରେ ୧୦ ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଥିଲା। ସେହିପରି ଡୁଙ୍ଗୁରିପାଲି ପଞ୍ଚାୟତ ଓ ଡେଙ୍ଗ ପଞ୍ଚାୟତ ରେ ଜମି ଉନ୍ନତୀକରଣ ନାମରେ ସରପଞ୍ଚଙ୍କ ସ୍ୱାମୀ ହିତାଧିକାରୀମାନଙ୍କ ଠାରୁ ୫ ହଜାର ଟଙ୍କା ନେଇ ଜମି ଉନ୍ନତୀକରଣ କାମ କରାଉଥିବା ବିଡିଓଙ୍କଠାରେ ଅଭିଯୋଗ ହୋଇଛି। କେନ୍ଦ୍ରରୁ ଏକ ଦୁଇ ଜଣିଆ ସ୍ୱତନ୍ତ୍ର ଟିମ ଆସି ବିଡିଓ ସହ କେରମେଲି ପଞ୍ଚାୟତ, ଶିସକେଲା ଓ କୁମ୍ଭାରି ପଞ୍ଚାୟତକୁ ଯାଇ ବିଭିନ୍ନ କେନ୍ଦ୍ରୀୟ ଅନୁଦାନ ଫାଇଲ ତଦାରଖ କରିଥିଲେ। ଏହା ସହ ଉକ୍ତ ଦୁଇ ଜଣିଆ ଟିମ ବ୍ଲକର ବିଭିନ୍ନ ପଞ୍ଚାୟତକୁ ଯାଇ ମନରେଗା ଯୋଜନା ଉପରେ ତଦାରଖ କରିବା ପାଇଁ ଯୋଜନା ରହିଥିବା ସଇଁତଳା ବିଡ଼ିଓ ପୁରୋଷତ୍ତମ ମିର୍ଦ୍ଧା ପ୍ରକାଶ କରିଛନ୍ତି।

# ନୂଆପଡ଼ାରେ ବାୟୁ ସ୍ୱାସ୍ଥ୍ୟ ସେବା ଆରମ୍ଭ

## ୪ ଦିନ ବ୍ୟାପୀ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହେବେ ଜିଲ୍ଲାବାସୀ




**ନୂଆପଡ଼ା, ୨୧।୭(ସମିସ):** ନୂଆପଡ଼ା ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଆରମ୍ଭ ହୋଇଛି। ୪ ଦିନ ବ୍ୟାପି ବିଶେଷଜ୍ଞ ଡାକ୍ତରୀ ଦଳ ଦ୍ୱାରା ଜିଲ୍ଲାବାସୀ ଚିକିତ୍ସିତ ହେବେ। ସୋମବାର ଡା. ଭବାନୀ ଶଙ୍କର ଧଳ, ଡା. ଲିଙ୍କନ ପଟେଲ, ଡା. ସନନ୍ଦ ସେଠ, ଡା. ସୋନାଲିକା ବେହେରା, ଡା. ପଙ୍କଜ କୁମାର ପ୍ରମୁଖ ଡାକ୍ତରୀ ଦଳ ନୂଆପଡ଼ାରେ ପହଞ୍ଚିଛନ୍ତି। ପୂର୍ବାହ୍ନ ୧୦ଟାରେ ଏମାନେ ଗୌତମା ଏୟାର ଷ୍ଟ୍ରିପରେ ପହଞ୍ଚିଥିଲେ। ସେମାନଙ୍କୁ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ୱାଗତ କରି ପାଛୋଟି ଅଣାଯାଇଥିଲା।

# ଭୂତ ଉଠାଇ ନେଉଛି ଭତ୍ତା ଟଙ୍କା

**ସିନାପାଲି, ୨୧।୭ (ସମିସ)**

ବୃଦ୍ଧ ଜଣକ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି। ଗତ ମେ ମାସରେ ପ୍ରଥମ ଭତ୍ତା ଟଙ୍କା ୧ ହଜାରେ ପାଇଛନ୍ତି। ଏହା ସହ ଛତା ଓ ଚପଲ କିଣିବାକୁ ଆଉ ୪୦୦ ଟଙ୍କା ପାଇଛନ୍ତି। ଜୁନ ଓ ଜୁଲାଇ ମାସ ପର୍ଯ୍ୟନ୍ତ ମାସିକ ୧ ହଜାର ଟଙ୍କା ଟିପ ଚିହ୍ନ ଦେଇ ନେଇଛନ୍ତି। ସରକାରୀ ତଥ୍ୟରେ ଏହା ଦର୍ଶାଯାଇଛି; ହେଲେ ଭୂତ ଟିପ ଚିହ୍ନ ଦେଇ ଟଙ୍କା ଉଠାଇ ନେଉଥିବା ଏବେ ଜଣା ପଡ଼ିଛି। ପ୍ରକୃତ ହିତାଧିକାରୀଙ୍କ ପାଖରେ କିନ୍ତୁ ଟଙ୍କା ପହଞ୍ଚିନି। ଏହା ଏଠି ଚର୍ଚ୍ଚା ସୃଷ୍ଟି କରିଛି। ତଞ୍ଚକତା କରି ପଞ୍ଚାୟତ କର୍ତ୍ତୃପକ୍ଷ ମିଳିମିଶି ଏଭଳି ଭାବେ ଗରିବଙ୍କ ଆସୁଥିବା ଭତ୍ତା ଟଙ୍କା ହଡ଼ପ କରୁଥିବା ଅଭିଯୋଗ ହେଉଛି।


ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସୀମାନ୍ତ କୁସୁମଯୋର ପଞ୍ଚାୟତର ବ୍ରାହ୍ମଣୀଗୁଡା ଗ୍ରାମର ମିଥିଳା ମାଝି ନାମ୍ନୀ ୬୫ ବର୍ଷୀୟା ବୃଦ୍ଧାଙ୍କ ଭତ୍ତା ଟଙ୍କା ଏଭଳି ଭାବେ ହଡପ କରାଯାଇଥିବା ଅଭିଯୋଗ ହୋଇଛି। ମିଥିଳା ଭତ୍ତା ପାଇଁ ବାରମ୍ବାର ପ୍ରଶାସନ ନିକଟକୁ ଦୌଡ଼ି ଥିଲେ। ଶେଷରେ ଭତ୍ତା ମଞ୍ଜୁର ହୋଇଥିଲା; ହେଲେ ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ପଞ୍ଚାୟତ କର୍ତ୍ତୃପକ୍ଷ ଭତ୍ତା ଆସିନି କହି ପୁଣି ଥରେ କାଗଜପତ୍ର ଦେଇ ଆବେଦନ କରିବାକୁ କହିଥିଲେ। ଏଣୁ ଶେଷରେ ସେ ବ୍ଲକକୁ ଯାଇଥିଲେ। ସେଠାରେ ଜାଣିବାକୁ ପାଇଲେ ଯେ ତାଙ୍କର ଭତ୍ତା ମଞ୍ଜୁର ହୋଇ ସାରିଛି। ତେବେ ଟିପ ଚିହ୍ନ ଦେଇ କିଏ ଟଙ୍କା ନେଉଛି ତାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି।

ସିନାପାଲି ବ୍ଲକରେ ଭତ୍ତା ଟଙ୍କାକୁ ନେଇ



ବାରମ୍ବାର ଏଭଳି ଅଭିଯୋଗ ହୋଇ ଆସୁଛି। ଏଥି ପ୍ରତି ପ୍ରଶାସନିକ ଅଧିକାରୀମାନଙ୍କ ଅଙ୍କୁଶ ରହୁନି। ଏଣୁ ଦୁର୍ନୀତିଖୋର ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚମାନେ ଦୁର୍ନୀତି କରିଚାଲିଛନ୍ତି। ସିନାପାଲି ବ୍ଲକ କୁସୁମଯୋର ପଞ୍ଚାୟତ ସହ ବିଭିନ୍ନ ପଞ୍ଚାୟତରେ ଆହୁରି ଅନେକ ହିତାଧିକାରୀଙ୍କ ନାମରେ ତଞ୍ଚକତା କରି ହଡ଼ପ କରିଥିବା ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ଏ ଦିଗରେ ଉଚ୍ଚ ପ୍ରଶାସନିକ ଅଧିକାରୀ ହସ୍ତକ୍ଷେପ କରି ତଦନ୍ତ କରିବା ସହ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପ୍ରଦାନ କରି ଦୁର୍ନୀତି କରିଥିବା ଅଧିକାରୀ ଓ ଜନପ୍ରତିନିଧିଙ୍କ ନାମରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି। ଏ ସମ୍ପର୍କରେ ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ଓମ ପ୍ରକାଶ ମାଝିଙ୍କୁ ପଚାରିବାରୁ ସରକାରୀ ତଥ୍ୟ ଅନୁସାରେ ଭତ୍ତା ଟଙ୍କା ହିତାଧିକାରୀ ପାଉଛନ୍ତି ବୋଲି କହିବା ସହ ଏହାର ତଦନ୍ତ କରୁଛି ବୋଲି ପ୍ରକାଶ କରିଥିଲେ।

# ବଞ୍ଜାରି ଘାଟିରେ ଓଲଟିଲା କୋଇଲା ବୋଝେଇ ଟ୍ରକ୍



**ଲାଞ୍ଜିଗଡ଼, ୨୧।୭(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରୁ ବିଶାଖାପାଟଣାକୁ ସଂଯୋଗ କରୁଥିବା ୬ନମ୍ବର ରାଜ୍ୟ ରାଜପଥର

**ଚାଳକ ଗୁରୁତର**

ବଞ୍ଜାରୀଘାଟି ରାସ୍ତାର ବୁଲାଣୀରେ ଭାରସାମ୍ୟ ହରାଇ ଏକ କୋଇଲା ବୋଝେଇ ଟ୍ରକ୍ (ସିଜି-୦୪-ପିଡି-୯୮୧୬) ଓଲଟି ପଡ଼ିଛି। ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଟ୍ରକଟି ତାଳଚେରରୁ କୋଇଲା ବୋଝେଇ କରି ବିଶାଖାପାଟଣା ଅଭିମୁଖେ ଯାଉଥିଲା।

# ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

**କୋକସରା, ୨୧।୭ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ମୁନୁଗାପଦରରେ ସୋମବାର ବଜ୍ରପାତ ଯୋଗୁଁ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ଚାଷୀ ଜଣକ ହେଲେ ଭୋଦେବ ଦଳପତି (୪୮)। ସେ ବିଲକୁ ଯାଇଥିବାବେଳେ ବଜ୍ରପାତ ହୋଇଥିଲା। ଏଥିରେ ସେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ଜାଣିବା ପରେ ତୁରନ୍ତ ତାଙ୍କୁ ଉଦ୍ଧାର କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ; ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ତାଙ୍କ ପରିବାର ଲୋକଙ୍କ ମଧ୍ୟରେ କାନ୍ଦବୋବାଳି ପଡ଼ିଛି।

# ଦୁର୍ଘଟଣାରେ ହୋମ୍‌ଗାର୍ଡଙ୍କ ମୃତ୍ୟୁ

## ଥାନାକୁ ଡ୍ୟୁଟି ଆସୁଥିବା ବେଳେ ଅଘଟଣ

**ଥୁଆମୂଳ ରାମପୁର, ୨୧।୭(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନାରେ କର୍ଯ୍ୟରତ ହୋମଗାର୍ଡ ଲମ୍ବୋଦର ମାଝୀ(୩୫)ଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ତାଙ୍କ ଗାଁ ରାଣୀଡୁମେରରୁ ବାଇକ୍‌ରେ ଥାନାକୁ ଡ୍ୟୁଟି ଆସୁଥିଲେ। ବାଟରେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ତହସିଲ ଅଫିସ ନିକଟରେ ଏକ କୁକୁର ହାବୁଡ଼ରେ ପଡ଼ିବାରୁ ଭାରସାମ୍ୟ ହରାଇ ବାଇକରୁ ତଳେ ପଡ଼ିଯାଇଥିଲେ।



ଘଟଣାସ୍ଥଳରୁ ଲମ୍ବୋଦରଙ୍କୁ ଉଦ୍ଧାର କରି ଥୁଆମୂଳ ରାମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେ ଘରକୁ ଫେରିଥିଲେ। ମୁଣ୍ଡରେ ଗଭୀର ଆଘାତ ଯୋଗୁଁ ପୁଣିଥରେ ଗୁରୁତର ଯୋଗୁଁ ତାଙ୍କୁ ଭବାନୀପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଅତି ଗୁରୁତର ଥିବା ଦେଖି ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର ବେଳେ ବଲାଙ୍ଗୀର ନିକଟରେ ଲମ୍ବୋଦରଙ୍କ ମୃତ୍ୟୁ ଘଟିଥିଲା। ବଲାଙ୍ଗୀର ଡାକ୍ତରଖାନାକରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ଗାଁକୁ ଶବ ଆସିଲା ପରେ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ସବ୍ ଇନ୍ସପେକ୍ଟର ରଶ୍ମିରଞ୍ଜନ ବାଗଙ୍କ ସମେତ ଥାନା କର୍ମଚାରୀ ଏବଂ ସାଥି ହୋମ୍ ଗାର୍ଡମାନେ ଲମ୍ବୋଦରଙ୍କ ଅନ୍ତିମ ସଂସ୍କାରରେ ଉପସ୍ଥିତ ରହି ଶୋକ ତନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ଶକ୍ତି ସଦନରେ ଆଶ୍ରୟନେଲେ ଅସହାୟ ଯୁବତୀ

**କୋମନା, ୨୧।୭(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ମହୁଲଭଟା ଗ୍ରାମର ଅସହାୟ ଯୁବତୀ ହିମାଦ୍ରୀ ନାଗ (୩୨) ଉଦ୍ଧାର ପରେ କୋମନାସ୍ଥିତ ଶକ୍ତି ସଦନ ତଥା ଚେତନା ମହିଳା ସଙ୍ଗଠନରେ ଆଶ୍ରୟ ନେଇଛନ୍ତି। ମା', ବାପାଙ୍କ ମୃତ୍ୟୁ ପରେ ଗତ ୬ ମାସ ହେବ ସେ ଉଦ୍ୟାନବନ୍ଧ ସହରରେ ବୁଲୁଥିଲେ। ଏ ନେଇ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଜିଲ୍ଲାପାଳ ମଧୁସୂଦନ ଦାସ ଏହି ଖବର ଜାଣିବା ପରେ ତାଙ୍କ ନିର୍ଦ୍ଦେଶରେ କୋମନା ଶକ୍ତି ସଦନ ନିର୍ଦ୍ଦେଶିକା ସୋନାଲି ପାଣିଗ୍ରାହୀ ଯୁବତୀଙ୍କୁ ଉଦ୍ଧାର କରିଛନ୍ତି।

ସକାଳ ପ୍ରଭାବ



# ଶିକ୍ଷକଙ୍କ ଏମ୍‌ଏସିପି/ଆର୍‌ଏସିପି ଦେବାରେ ଅବହେଳାର ତଦନ୍ତ



**ନୂଆପଡ଼ା, ୨୧।୭(ସମିସ):** ନୂଆପଡ଼ା ଜିଲ୍ଲା ସଦର ବ୍ଲକ ବ୍ଲକ ଶିକ୍ଷା ଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଶିକ୍ଷକମାନଙ୍କୁ ସେମାନଙ୍କ ହକ୍ ଏମଏସିପି (ମୋଡିଫାଏଡ ଆସ୍ୟୁର୍ଡ କ୍ୟାରିୟର ପ୍ରୋଗ୍ରେସନ) ଏବଂ ଆରଏସିପି( ରିଭାଇଜଡ ଆସୁର୍ଡ କ୍ୟାରିୟର ପ୍ରୋଗ୍ରେସନ) ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଏ ନେଇ ଅହେତୁକ ବିଳମ୍ବ କରାଯାଉଥିବା 'ସକାଳ'ରେ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପିଥିଲା। ଏହାପରେ ଜିଲ୍ଲାପାଳ ମଧୁସୂଦନ ଦାଶ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଣୁ ଏବେ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ତଦନ୍ତ ଆରମ୍ଭ ହୋଇଛି। ସୋମବାର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତଦନ୍ତ ଆରମ୍ଭ କରିଛନ୍ତି। ଏଡିଇଓ ଡ. ରେଶମ ଲାଲ ନାଏକ ନୂଆପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ତତନ୍ତ କରିଛନ୍ତି।

# ଅଲ୍ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେସନ୍‌ର ସମ୍ମିଳନୀ

**ଭବାନୀପାଟଣା, ୨୧।୭(ସମିସ):** ଭବାନୀପାଟଣା ବ୍ଲକ ଅଧୀନ ଥୁଆପଦରଠାରେ ଅନୁସୂଚିତ ଜାତି ବର୍ଗର ତଥା ଅଲ୍ ଓଡ଼ିଶା ସିଡୁଲ୍ କାଷ୍ଟ ଫେଡେରେସନ୍ କଳାହାଣ୍ଡିର ସଚେତନ ବୁଦ୍ଧିଜୀବୀମାନଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ୧୩ଟି ବ୍ଲକ, ୩ ଏନ୍‌ଏସ୍‌ସି ଓ ଗୋଟିଏ ପୌରାଞ୍ଚଳର ଶତାଧିକ ବୁଦ୍ଧିଜୀବୀ ଯୋଗଦେଇ ସେମାନଙ୍କ ମତବ୍ୟକ୍ତ କରିଥିଲେ। ଜିଲ୍ଲାରେ




ଅନବରତ ଭାବେ ଲୋକଙ୍କ କାମ କରୁଥିବା ଅଲ୍ ଓଡ଼ିଶା ସିଡୁଲ୍ କାଷ୍ଟ ଫେଡେରେସନ୍‌କୁ କିଛି ବ୍ୟକ୍ତି ନିଜ ବ୍ୟକ୍ତିଗତ ସଂଗଠନ ଓ ସମ୍ପତ୍ତି ଭାବି ପଦପଦବୀକୁ ଜାବୁଡି ଧରିବା ଯୋଗୁଁ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରିକି ମୂଳ ସଂଗଠନରୁ ଦୁଇ ଗୋଷ୍ଠୀ ହୋଇଥିବାରୁ ଏହା ସମାଜ ପାଇଁ ଶୁଭଙ୍କର ନୁହେଁ ବୋଲି ମତପ୍ରକାଶ ପାଇଥିଲା। ତେଣୁ ଅଯଥାରେ ଭାଗ ଭାଗ ନ ହୋଇ କେବଳ ଗୋଟିଏ ସଂଗଠନ କରି ଅଲ୍ ଓଡ଼ିଶା ସିଡୁଲ୍ କାଷ୍ଟ ଫେଡେରେସନ୍‌ର ପୂର୍ବସ୍ଥିତକୁ ଆଣି ଏକ ଦୃଢ ଓ କାର୍ଯ୍ୟକ୍ଷମ ସଂଗଠନ ଗଢିବା ନିମନ୍ତେ ଉପସ୍ଥିତ ବୁଦ୍ଧିଜୀବୀମାନେ ମତ ଦେଇଥିଲେ। ହ୍ୱାଟ୍ସଆପ୍ ଗ୍ରୁପ୍‌ରେ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ପଦବୀ ଯାଇଥିଲେ ମଧ ଆଡ୍‌ମିନ୍ ରହି ଯାହାକୁ ଇଚ୍ଛା ତାହାକୁ ରିମୁଭ୍ କରି ନିଜ ସମାଜ ଭିତରେ ତିକ୍ତତା ବୃଦ୍ଧି କରୁଥିବାରୁ ତାକୁ ନିନ୍ଦା କରାଯାଉଛି। ସମାଜର ଆକାଉଣ୍ଟରେ ଅର୍ଥ ଜମା ନ ହୋଇ ନିଜ ବ୍ୟକ୍ତିଗତ ଏକାଉଣ୍ଟରେ ସମାଜର ଅର୍ଥ ସଂଗ୍ରହ କରିବାକୁ ଦୃଢ ନିନ୍ଦା କରାଯାଇଥିଲା। ସର୍ବସମ୍ମତିକ୍ରମେ ପ୍ରତ୍ୟେକ ବ୍ଲକ, ଏନ୍‌ଏସ୍‌ସି ଓ ମୁନିସିପାଲଟିକୁ ନେଇ ଗୋଟିଏ ଆବାହକ କମିଟି ମଧ ଗଠନ କରାଯାଇଛି। ଏହି ଆବାହକ କମିଟି ଜିଲ୍ଲାର ପ୍ରତ୍ୟେକ କୋଣ ଅନୁକୋଣରୁ ସମସ୍ତଙ୍କୁ ଗୋଟିଏ ମଞ୍ଚକୁ ଆଣିବାର କାର୍ଯ୍ୟ କରିବ। ଖୁବ୍ ଶୀଘ୍ର ପୂର୍ଣ୍ଣାଙ୍ଗ ଓ ସର୍ବମାନ୍ୟ କମିଟି ଗଠନ କରାଯିବ ବୋଲି ନିଷ୍ପତ୍ତି କରାଯାଇଛି। ନିଜ ନିଜ ଭିତରେ ଥିବା ମତଭେଦକୁ ଭୁଲି ପୂର୍ବ ଭଳି ସମାଜ ପାଇଁ ଉତ୍ସର୍ଗକୃତ ଭାବେ କାର୍ଯ୍ୟ କରିବା ନିମନ୍ତେ ସମସ୍ତ ଉପସ୍ଥିତ ବୁଦ୍ଧିଜୀବୀ ତଥା ଅଲ୍ ଓଡ଼ିଶା ସିଡୁଲ୍ କାଷ୍ଟ ଫେଡେରେସନ୍‌ର ବରିଷ୍ଠ ସଦସ୍ୟମାନେ ମତ ଦେଇଥିଲେ। ବରିଷ୍ଠ ଉପଦେଷ୍ଟା ରାମସ୍ୱାମୀ ନାଏକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କାର୍ଯ୍ୟକର୍ତ୍ତା ଜତିନ୍ଦ୍ର କର ମଞ୍ଚ ପରିଚାଳନା କରିଥିଲେ। ଆଇନଜୀବୀ ଛବିଲାଲ ନିଆଲ, ଧବଳେଶ୍ୱର ନାଗ, ଶ୍ରୀକାନ୍ତ ଛତ୍ରିଆ, ଜିଲ୍ଲା ସରପଞ୍ଚ ସଂଘର ସାଧାରଣ ସମ୍ପାଦକ ଦିଗାମ୍ବର ଲୁହା, ଲୋକନାଥ ନାଗ, ବୃନ୍ଦାବନ ନାଗ, ପୂର୍ବତନ ସରପଞ୍ଚ ସୁମତୀ ଛତ୍ରିଆ, ଯୁଧେଷ୍ଠିର ଭଗତ, ସାମ୍ବାଦିକ ଅଭି ନନ୍ଦ, କୌଶିକ ଦୁରିଆ, ସେନାପତୀ ନାଏକ, କ୍ଷେତ୍ରମୋହନ ଛତ୍ରିଆ, ସରପଞ୍ଚ ମୌକ୍ଷିକ ମଙ୍ଗରାଜ, ଲଳିତ ମଙ୍ଗରାଜ, ଛତ୍ରସାଇ ନାଏକ, ଅଜୟ ଦୀପ, ମୁରଳିଧର ନାଏକ, ବୈକୁଣ୍ଠ ଜାଲ, ରତ୍ନାକର ବେମାଲ, ସୁନିଲ ବିଶି, ଶଙ୍କର କର, ମହାଦେବ ନାଏକ, ପୂର୍ବତନ କେସିଙ୍ଗା ଏନ୍‌ଏସ୍‌ସି ଭାଇସ୍ ଚେୟାର୍‌ମ୍ୟାନ୍ ପ୍ରତାପ ବାଗ ପ୍ରମୁଖ ଶତାଧିକ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ପରିଶେଷରେ ସ୍ଥାନୀୟ ସରପଞ୍ଚ ଦିଗାମ୍ବର ଲୁହା ଧନ୍ୟବାଦ ଦେଇଥିଲେ।

# ସିନାପାଲି ଜଗନ୍ନାଥ ଛକ ଦୁର୍ଗାପୂଜା ପ୍ରସ୍ତୁତି

**ସିନାପାଲି, ୨୧।୭(ସମିସ):** ଆଗାମୀ ଶାରଦୀୟ ଦୁର୍ଗାପୂଜା ନିମନ୍ତେ ସିନାପାଲି ଜଗନ୍ନାଥ ଛକ ଦୁର୍ଗାପୂଜା କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଈଶ୍ୱର ପ୍ରସାଦ ମେହେର ସଭାପତିତ୍ୱ କରିଥିଲେ। ଚଳିତବର୍ଷ ଏହି କମିଟି ୪୮ ତମ ପାର୍ବଣ ଉତ୍ସବ ପାଳନ କରିବାକୁ ଯାଉଛି। ଏଥର ସଭାପତି ଭାବେ ଈଶ୍ୱର ପ୍ରସାଦ ମେହେର, ଉପସଭାପତି ଭାବେ ରାମକୃଷ୍ଣ ମେହେର, ସମ୍ପାଦକ ଭାବେ ଜିତେନ୍ଦ୍ର ମେହେର, ସହସମ୍ପାଦକ ଭାବେ ଭୀଷ୍ମରାଜ ମେହେର ଓ ବେଣୁଧର ମେହେର ଏବଂ କୋଷାଧ୍ୟକ୍ଷ ଭାବେ ମହେନ୍ଦ୍ର ମେହେରଙ୍କୁ ଚୟନ କରାଯାଇଛି। ପୂଜାକୁ ଭବ୍ୟ ଓ ଶୃଙ୍ଖଳିତ କରିବା ପାଇଁ ଏହି ସଭାରେ ବିଶଦ ଆଲୋଚନା କରାଯାଇଛି। ସେହିପରି କମିଟିର ଉପଦେଷ୍ଟା ମଣ୍ଡଳୀରେ ବୈଶମ୍ପାୟନ ମେହେର, ତୁଳସୀରାମ ମେହେର, ଚତୁର୍ଭୁଜ ମେହେର, ତପେଶ୍ୱର ମେହେର, ନବୀନଚନ୍ଦ୍ର ମେହେର, ଲୋକନାଥ ମେହେର, ପରମେଶ୍ୱର ମେହେର, ଚତୁର୍ଭୁଜ ମେହେର, ଉଦ୍ଧବ ମେହେର, ବୈଷ୍ଣବ ମେହେର, ତରୁଣ ମେହେର ରହିଛନ୍ତି। କର୍ତ୍ତା ଭାବରେ ଉଗ୍ରେସନ ମେହେର ଓ ତାଙ୍କ ଧର୍ମପତ୍ନୀଙ୍କୁ ଚୟନ କରାଯାଇଛି। ୨୦୨୭ ରେ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀର ସଂଯୋଜକ ଭାବରେ ଚତୁର୍ଭୁଜ ମେହେର, ବୈଷ୍ଣବ ମେହେର ଓ ତରୁଣ ମେହେରଙ୍କୁ ମନୋନିତ କରାଯାଇଥିଲା। ସଭାରେ ମୁରଲୀଧର ମେହେର, ବନମାଳି ମେହେର, ପ୍ରଦ୍ୟୁମ୍ନ ମେହେର, ପ୍ରଦୀପ ମେହେର, ହାଡୁରାମ ମେହେର, ବୈବସ୍ୱତ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ବିଦ୍ୟା ମନ୍ଦିରରେ ଗୁରୁ ଦକ୍ଷିଣା ଉତ୍ସବ

**ସିନାପାଲି, ୨୧।୭(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁଦକ୍ଷିଣା ଉତ୍ସବ ଅନୁଷ୍ଠିତ ହୋଯାଇଛି। ଏହି ଅବସରରେ ସିନାପାଲି ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଉତ୍କଳ ପ୍ରଧାନ, ମୋହନ ଚରଣ ଦାସ, ସୁବ୍ରତ ଠାକୁର, ପରିଚାଳନା କମିଟି ସଭାପତି ନରହରି ମେହେର, ସମ୍ପାଦକ ଗିରିଶ ଚନ୍ଦ୍ର ନାୟକ, ଯୁଗ୍ମ ସମ୍ପାଦକ ପ୍ରେମାନନ୍ଦ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ବୈଷ୍ଣବ ମେହେର, ଚୂଡ଼ାମଣି ମେହେର, ଆଚାର୍ଯ୍ୟ ଭଜମନ ନିଆଲ, ପଞ୍ଚାନନ ନାୟକ, ହୃଦାନନ୍ଦ ମେହେର, ସ୍ୱପ୍ନ କାଣ୍ଡ, ଦେବାଶିଷ ନାୟକ, ଲକ୍ଷ୍ମଣ ବାଗ, ଲଳିତ ନାଏକ, ସୁରେଶ ନାଏକ, କୃଷ୍ଣଭବ ସା, ଚୈବନ ସା, କ୍ଷୀରୋଦ ସୁନାରି, ଗଗନ ନିଆଲ, ରଘୁମଣି ମେହେର, ହରିନାଥ ନାଗେଶ, ଜଗଦୀଶ ନାୟକ, ସେବକ କୃତିବାସ ମାଝି ଓ ବାସୁଦେବ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ରୋହିତାଶ୍ୱ ନାୟକ ମଞ୍ଚ ପରିଚାଳନା କରିଥିଲେ। ଗଜମନ ନିଆଲ, କୁରୁସୁଡୁ ପ୍ରଧାନ ଓ ତ୍ରିନାଥ ନାଗ ସହଯୋଗ କରିଥିଲେ।



# ଜୁନିୟର ଓ ସବ୍ ଜୁନିୟର ର୍‍ୟାଙ୍କିଙ୍ଗ ପ୍ରତିଯୋଗିତା ଉଦ୍‌ଯାପିତ

**ଭବାନୀପାଟଣା, ୨୧।୭ (ସମିସ)**

ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ତତ୍ୱାବଧାନରେ କଳାହାଣ୍ଡି ବ୍ୟାଡମିଣ୍ଟନ ଆସୋସିଏସନ ଏବଂ ଜିଲ୍ଲା ପ୍ରଶାସନ ସହଯୋଗରେ ରାଜ୍ୟ ଜୁନିୟର ଓ ସବ ଜୁନିୟର ରାଙ୍କିଙ୍ଗ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କଳାହାଣ୍ଡି ବ୍ୟାଡ଼ମିଣ୍ଟନ ସଂଘର ଜିଲ୍ଲା ସଭାପତି ପ୍ରଦୀପ ଦାସଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବରେ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ରାଜ୍ୟ ପର୍ଯ୍ୟବେକ୍ଷକ ସୁଦୀପ୍ତ ବିଷୋୟୀ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ପ୍ରତିଯୋଗିତା ରେଫରି ରିତା ଦାସ, ନିମନ୍ତ୍ରିତ ଅତିଥି ଭାବେ ଆନ୍ତର୍ଜାତିକ ବୈଷୟିକ ଅଧିକାରୀ ବିଜୟ ବାଗ, ରାଜ୍ୟ ବୈଷୟିକ କର୍ମକର୍ତ୍ତା ସହ ଅଧ୍ୟକ୍ଷ ମନୋରଞ୍ଜନ ଦାସ ଓ ଜିଲ୍ଲା ସଂଘ ସମ୍ପାଦକ ତଥା ପ୍ରତିଯୋଗିତାର ସାଙ୍ଗଠନିକ ସମ୍ପାଦକ ସନ୍ଦୀପ ମିଶ୍ର ଏବଂ ଜିଲ୍ଲା ସଭାପତି ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ତୃତୀୟ ଦିନ ୨୦ଟି ସେମି ଫାଇନାଲ ଓ ୧୦ଟି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୧୫ ବର୍ଷରୁ କମ୍ ବାଳକ ଏକକ ବିଭାଗରେ କଟକର ହର୍ଷିତ ବେହେରା ବିଜେତା ଓ ସମ୍ବଲପୁରର ଆୟଙ୍କ ବେହେରା ଉପବିଜେତା, ୧୫ ବର୍ଷରୁ କମ୍ ବାଳିକା ଏକକ ବିଭାଗରେ ଭୁବନେଶ୍ୱର ଖୋର୍ଦ୍ଧାର ନିମେସା ଓଝା ବିଜେତା ଓ କଟକର ସ୍ୱାତି ନାୟକ ଉପବିଜେତା, ୧୫ ବର୍ଷରୁ କମ୍ ବାଳକ ଯୁଗଳ ବିଭାଗରେ କଟକର ହର୍ଷିତ ବେହେରା ଓ ସମ୍ବଲପୁରର ଆୟଙ୍କ ବେହେରା ବିଜେତା ଓ ସୁନ୍ଦରଗଡ଼ର ଅଭିନବ ବଡେକ ଓ କଟକର ଔରୋଦେବ ମହାନ୍ତି ଉପବିଜେତା, ୧୫ ବର୍ଷରୁ କମ୍ ବାଳିକା ଯୁଗଳ ବିଭାଗରେ ଭୁବନେଶ୍ୱର ଖୋର୍ଦ୍ଧାର ନିମେସା ଓଝା ଓ କଟକର ସ୍ୱାତି ନାୟକ ବିଜେତା ଓ ଭଦ୍ରକର ବୁଡୁପୁ ଲକ୍ଷ୍ମୀ ରେଡି ଓ ଯାଜପୁରର ରିତିକା ଦାସ ଉପବିଜେତା, ୧୫ ବର୍ଷରୁ କମ୍ ମିଶ୍ରିତ ଯୁଗଳରେ କଟକର ହର୍ଷିଦ ବେହେରା ଓ ଆଦ୍ୟସା ମହାପାତ୍ର ବିଜେତା ଓ ଭୁବନେଶ୍ୱରର ଦୀପ୍ତଶୁ ଶର୍ମା ଓ ସମ୍ବଲପୁରର ଆଲ୍ୟସା ପ୍ରଧାନ ଉପବିଜେତା, ୧୯ ବର୍ଷରୁ କମ୍ ବାଳକ ଏକକ ବିଭାଗରେ ଭୁବନେଶ୍ୱର ଖୋର୍ଦ୍ଧାର ବାପୁନ ରାଉତ ବିଜେତା ଓ ଭୁବନେଶ୍ୱର ଖୋର୍ଦ୍ଧାର ସୌମ୍ୟାଜିତ ସାହୁ ଉପବିଜେତା, ୧୯ ବର୍ଷରୁ କମ୍ ବାଳିକା ଏକକ ବିଭାଗରେ ସୁନ୍ଦରଗଡ଼ର ଗୀତାଶ୍ରୀ ଦେ ବିଜେତା ଓ ସମ୍ବଲପୁରର ଅସ୍ୱୀକା ମିଶ୍ର ଉପବିଜେତା, ୧୯ ବର୍ଷରୁ କମ୍ ବାଳକ ଯୁଗଳ ବିଭାଗରେ ଭୁବନେଶ୍ୱର ଖୋର୍ଦ୍ଧାର ବାପୁନ ରାଉତ ଓ ବଲାଙ୍ଗିରର ଦିବ୍ୟମ କେଜରୀୱାଲ ବିଜେତା ଓ ମୟୁରଭଞ୍ଜର ଶ୍ରୀଂସ ଜେନା ଓ ଢେଙ୍କାନାଳର ଶୁଭ୍ରକେତନ ମଲ୍ଲିକ ଉପବିଜେତା, ୧୯ ବର୍ଷରୁ କମ୍ ବାଳିକା ଯୁଗଳ ବିଭାଗର ସମ୍ବଲପୁରର ଅସ୍ୱୀକା ମିଶ୍ର ଓ ଖୋର୍ଦ୍ଧାର ସିରିନ ସାହିକି ବିଜେତା ଓ ଭୁବନେଶ୍ୱରର ଆଦ୍ୟା ପାଢ଼ୀ ଓ ରାୟଗଡ଼ର ସ୍ୱିଟିପ୍ରିୟା ପ୍ରଧାନ ଉପବିଜେତା, ୧୯ ବର୍ଷରୁ କମ୍ ମିଶ୍ରିତ ଯୁଗଳ ବିଭାଗର ବଲାଙ୍ଗୀରର ଜୟେସ ଅଗ୍ରୱାଲ ଓ ରାୟଗଡ଼ର ସ୍ୱିଟିପ୍ରିୟା ପ୍ରଧାନ ବିଜେତା ଓ କଟକର ଅଗସ୍ତ୍ୟ ନାୟକ ଓ ଖୋର୍ଦ୍ଧାର ଆଦ୍ୟା ପାଢ଼ୀ ଉପବିଜେତା ହୋଇଛନ୍ତି। ଉଦ୍‌ଯାପନୀ ଦିବସରେ ସରୋଜ ମହାରଣା ମଞ୍ଚ ପରିଚାଳନା କରିଥିବାବେଳେ ମହେଶ କୁକ୍ରେଜା, ଶକ୍ତି ପ୍ରସାଦ ରଞ୍ଜନ ଯୋଶୀ, ରବି ସାହୁ, ରାମ ସାହୁ, ସନ୍ଦୀପ ଦାସ ପୁରସ୍କାର ବିତରଣ ପାଇଁ ସହଯୋଗ କରିଥିଲେ। ଉପସଭାପତି ଅରୁଣ ରଥ, ଉପସଭାପତି ସମୀର ସାହୁ, ଦୀପକ, ସାଗର କୁମାର, ରଞ୍ଜିତ ସାହୁ, ମାଣିକେଶ୍ୱରୀ ମହାପାତ୍ର, ପରେଶ ପ୍ରଧାନ, ମାନସ ପ୍ରଧାନ, ମନୋଜ ପଣ୍ଡା, ଶୋଭାନ ଦତ୍ତ, ଅଶୋକ ପତିଙ୍କ ସହମସ୍ତ ସମସ୍ତ ସଦସ୍ୟ, ପୁଲିସ, ସ୍ୱାସ୍ଥ୍ୟ ଟିମ୍, ସାମ୍ବାଦିକ, ଇନ୍‌ଡୋର କର୍ମଚାରୀ ସମସ୍ତଙ୍କୁ କଳାହାଣ୍ଡି ବ୍ୟାଡ଼ମିଣ୍ଟନ ସଂଘର ଜିଲ୍ଲା ସଭାପତି ଶ୍ରୀ ଦାସ ଧନ୍ୟବାଦ ଜଣାଇଥିଲେ।




## ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ସଫେଇ ଅଭିଯାନ

# ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଆହ୍ୱାନ



**ଭବାନୀପାଟଣା, ୨୧।୭ (ସମିସ):** ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା କ୍ୟାମ୍ପସ ସଫେଇ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଛାତ୍ରନେତା ଚୈତନ୍ୟ ବାଗଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟ କ୍ୟାଣ୍ଟିନ ପାର୍ଶ୍ୱରେ ଥିବା ଅଳିଆ ଆବର୍ଜନା ସଫା କରାଯାଇଛି। ପ୍ରତି ସପ୍ତାହରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ସ୍ଥାନ, ହଷ୍ଟେଲ ଓ ମୁଖ୍ୟ ଫାଟକ ନିକଟକୁ ସଫା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ବିଶ୍ୱବିଦ୍ୟାଳୟକୁ ତମାଖୁ ଓ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପ୍ରୟାସ ଜାରି ରହିବ ବୋଲି ଛାତ୍ର ନେତାମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଛାତ୍ର ନେତା ଚୈତନ୍ୟ ବାଗ, ମାନସ ରଞ୍ଜନ ସିନ୍ଦୂର, ଆଶୁତୋଷ ପୁଜାରୀ, ଅଂଶୁମାନ ନାଗ, ରୋହନ ମହାପାତ୍ର, ସୁରଜ ହରପାଲ, କୈଳାସ ଚନ୍ଦନ, ଆଦିତ୍ୟ ରାଉତ, ସୁମିତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ଛାତ୍ର ସଂସଦ ସଭାପତି ଅବିନାଶ ଠାକୁର ଓ କାଉନସିଲର ଉତ୍ପଳ ଦାସ ସହଯୋଗ କରିଥିଲେ।

# ସମ୍ପାଦକୀୟ



କାହାରି ଅନିଷ୍ଟ ନ କରି, କାହାରିକୁ ପୀଡ଼ା ନ ଦେଇ ସ୍ୱଚ୍ଛନ୍ଦ ଜୀବନଯାପନର କଳାକୁ ଆୟତ୍ତ କରିବା ଆଜିର ଲକ୍ଷ୍ୟ ହେବା ଉଚିତ।

-ମା' ରମାଦେବୀ

ସକାଳ
THE SAKALA

## ଟ୍ରମ୍ପଙ୍କ କୂଟକପଟ

ପହଲଗାମରେ ଆତଙ୍କବାଦୀଙ୍କ ନୃଶଂସତା ଓ ବର୍ବରତାର ଉତ୍ତର ଭାରତ 'ଅପରେସନ ସିନ୍ଦୂର' ମାଧ୍ୟମରେ ଦେଇଛି। ଏହି ସୀମିତ ଯୁଦ୍ଧର ଗତି ଓ ପ୍ରକୃତିକୁ ଅନୁଧ୍ୟାନ କଲେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଭାରତ ଏକାସାଙ୍ଗରେ ପାକିସ୍ତାନ, ଚୀନ ଓ ତୁର୍କୀର ମୁକାବିଲା କରିଥିଲା। ଏହାର ମୂଳ ଉଦ୍ଦେଶ୍ୟ ଥିଲା, ପାକିସ୍ତାନର ଆତଙ୍କୀ ସଂଗଠନକୁ ନିଶ୍ଚିହ୍ନ କରିବା। ତେଣୁ ରଣନୀତି ସେହି ଅନୁଯାୟୀ ପ୍ରସ୍ତୁତ ହୋଇଥିଲା। ଯେଉଁ ରାଷ୍ଟ୍ର ନିଜ ସାମରିକ ରଣକୌଶଳର ଏକ ଅଙ୍ଗ ରୂପେ ଆତଙ୍କବାଦୀ ସଂଗଠନକୁ ସ୍ୱୀକୃତି ଦେଇ ଛାୟାଯୁଦ୍ଧ ଜାରି ରଖିଛି ସେ କ'ଣ ନିର୍ବିରୋଧରେ ଭାରତର ଏହି ଯୋଜନାକୁ ସାକାର କରିବା ସକାଶେ ବାଟ ଛାଡ଼ିଦେବ? ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଅବଗତ ଥାଇ ଯେଉଁ ରାଷ୍ଟ୍ର ପାକିସ୍ତାନକୁ ସହଯୋଗର ହାତ ବଢ଼ାଇଲେ ଧରିନେବାକୁ ହେବ ଯେ ସେମାନେ ଆତଙ୍କବାଦୀ କାର୍ଯ୍ୟକଳାପକୁ ସମର୍ଥନ କରୁଛନ୍ତି। ମେ' ମାସର ଏହି ଘଟଣା ଉପୁଜିବାର ଦୁଇମାସ ପରେ ଯେତେବେଳେ ଟିଆରଏଫକୁ ଆମେରିକା ଓ ପରେ ପରେ ଚୀନ ମଧ୍ୟ ଆତଙ୍କବାଦୀ ସଂଗଠନ ଘୋଷଣା କରି ପହଲଗାମ ଘଟଣାର ନିନ୍ଦା କରୁଛନ୍ତି ସେତେବେଳେ ଧରିନେବାକୁ ହେବ ଯେ ବିଶ୍ୱ କୂଟନୀତିରେ ଯେଉଁ ଓଲଟା ଫେରି ଚାଲିଛି ତାହାର ଏହା ପରିଣାମ।

ଭାରତ-ପାକିସ୍ତାନ ଯୁଦ୍ଧକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିବାଦୀୟ ଭୂମିକା ଆମ ସରକାରଙ୍କ ଆନ୍ତର୍ଜାତିକ ସ୍ତରରେ ଥିବା ପ୍ରତୀକ ଓ ପତିଆରା କ୍ଷୁର୍ଣ୍ଣ କରିବା ପାଇଁ ଉଦ୍ଦିଷ୍ଟ। ଏହି ବିବାଦର ସମାଧାନ ରାଷ୍ଟ୍ରମୁଖ୍ୟ ସ୍ତରରେ ହେବା ଉଚିତ। କିନ୍ତୁ ବାରମ୍ବାର ଟ୍ରମ୍ପ, ଏପରିକି ୨୦ ଥରରୁ ଉର୍ଦ୍ଧ୍ୱ ସେହି ଏକକଥାକୁ ଦୋହରାଇ ଚାଲିଛନ୍ତି। ସତେଯେପରି କୂଟନୈତିକ ଆଚରଣ ଓ ଶାଳୀନତାକୁ ସେ ତିଳେ ହେଲେ ଭ୍ରୂକ୍ଷେପ କରନ୍ତିନି। ଭାରତୀୟ ସଂସଦର ମୌସୁମୀ ଅଧିବେଶନର ଦୁଇଦିନ ପୂର୍ବରୁ ହ୍ୱାଇଟହାଉସରେ ରିପବ୍ଲିକାନ ସାଂସଦଙ୍କ ଉଦ୍ଦେଶ୍ୟରେ ଆୟୋଜିତ ରାତ୍ରିଭୋଜନରେ ଟ୍ରମ୍ପ ପୁଣି ତାହାକୁ ଦୋହରାଇଛନ୍ତି। ତାଙ୍କର ବକ୍ତବ୍ୟ ଥିଲା, ଯୁଦ୍ଧଏତେ ଭୟଙ୍କର ଥିଲା ଯେ ୫ଟି ସାମରିକ ଜେଟ୍‌କୁ ଗୁଳିକରି ଖସାଇ ଦିଆଯାଇଛି। ଅବଶ୍ୟ ନିର୍ଦ୍ଦିଷ୍ଟ ଭାବେ କାହାର ଯୁଦ୍ଧ ବିମାନକୁ ଖସାଇ ଦିଆଯାଇଛି ତାହା ସେ ସ୍ପଷ୍ଟ କରିନାହାନ୍ତି। ଦୁଇ ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ରଙ୍କ ମଧ୍ୟରେ ଯୁଦ୍ଧର ଭୟାବହତା ଦେଖି ସେ ବାଣିଜ୍ୟକ ସଂପର୍କ ରକ୍ଷା ଆଳରେ ଧମକ ଦେଇ ବିରତିର ବାଧ୍ୟବାଧକତା ସୃଷ୍ଟି କରିଛନ୍ତି। ବାରମ୍ବାର ବକ୍ତବ୍ୟକୁ ସେ ଦୋହରାଇବା ମଧ୍ୟରେ ୫ ଟି ଯୁଦ୍ଧ ବିମାନ ଧ୍ୱଂସ ପାଇବା ଏକ ନୂଆ ତଥ୍ୟ। ଯେଉଁ ବିବାଦ ଏବେ ମଧ୍ୟ ଭାରତର ପିଛା ଛାଡ଼ିନାହିଁ। ମୌସୁମୀ ଅଧିବେଶନ ପୂର୍ବରୁ ଏହା ବାର୍ତ୍ତା ଦେବା ପଛରେ ଟ୍ରମ୍ପଙ୍କ ଉଦ୍ଦେଶ୍ୟ କ'ଣ? ଏହାପଛରେ ଯେତେ ମନ୍ଦ ଉଦ୍ଦେଶ୍ୟ ଥାଉ ନା କାହିଁକି କ୍ଷମତାସୀନ ସରକାର ଉପରେ ତାହା କୌଣସି ପ୍ରତିକୂଳ ପ୍ରତୀକ ପକାଇ ପାରିବ ନାହିଁ। ହଁ ଏକଥା ହୋଇପାରେ ତାହା ବିରୋଧୀ ଦଳର ଆକ୍ରମଣକୁ ଅଧିକ ଶାଣିତ ଓ ଲକ୍ଷ୍ୟଭେଦୀ କରିବ, ଯାହାକି ସଂସଦ ଅଧିବେଶନ ଆରମ୍ଭରୁ ପରିଲକ୍ଷିତ ହୋଇଛି। ଟ୍ରମ୍ପଙ୍କୁ ମନେ ରଖିବାକୁ ହେବ ଯେ ତାଙ୍କର ବ୍ୟକ୍ତିଗତ କ୍ରୋଧ ଯାହା ଥାଉ ନା କାହିଁକି ଭାରତ ସରକାର ଭୁଶୁଡ଼ି ପଡ଼ିବନି।

ଭାରତର ଅତ୍ୟାଧୁନିକ ରାଫେଲ ଯୁଦ୍ଧ ବିମାନ ସଂଗ୍ରହ ପ୍ରତିପକ୍ଷଙ୍କ ପାଇଁ ଈର୍ଷାର କାରଣ ହୋଇଛି। ତେଣୁ ୫ଟି ଯୁଦ୍ଧ ବିମାନ ଗୁଳି କରି ଖସାଇ ଦିଆଯିବା ପ୍ରସଙ୍ଗ ପଛରେ ରାଫେଲ ବିରୋଧୀ ଯୁଦ୍ଧ ବିମାନ ବ୍ୟବସାୟୀଙ୍କ ଷଡ଼ଯନ୍ତ୍ର ନିହିତ ଅଛି ବୋଲି ଧରିନେବାକୁ ହେବ। ତେଣୁ ପାକିସ୍ତାନର ଦାବିକୁ ରାଫେଲ ନିର୍ମାତା ଡାସାଲ୍ଟ କମ୍ପାନୀ ପକ୍ଷରୁ ଦୃଢ଼ ଖଣ୍ଡନ କରାଯାଇଛି। ଏତେ ବାଦ ପ୍ରତିବାଦ ମଧ୍ୟରେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଭାରତର ପ୍ରାରମ୍ଭିକ ଲକ୍ଷ୍ୟ ଥିଲା ପାକିସ୍ତାନର ଆତଙ୍କବାଦୀ ସଂଗଠନର ଭିତ୍ତିଭୂମିକୁ ଧ୍ୱଂସ କରିବା। ତେଣୁ ସମସ୍ତ ପ୍ରକାର ପ୍ରତିରୋଧ ସତ୍ତ୍ୱେ ଭାରତ ୯ଟି ଆତଙ୍କବାଦୀ କେନ୍ଦ୍ରକୁ ଧ୍ୱଂସ କରିବାରେ ସଫଳ ହୋଇଛି। ଏହି ସଫଳତା ବିନିମୟରେ ଆମେ ଯେକୌଣସି ମୂଲ୍ୟ ଦେବାରେ ଅସୁବିଧା କ'ଣ ଅଛି? ଆମ ପ୍ରତିରକ୍ଷା ବାହିନୀର ସେନାଧ୍ୟକ୍ଷ. ଜେନେରାଲ ଅନିଲ୍ ଚୌଧୁରୀଙ୍କ ତଥ୍ୟ ଏକ୍ଷେତ୍ରରେ ପ୍ରଣିଧାନଯୋଗ୍ୟ। ପ୍ରାରମ୍ଭିକ ସଫଳତା ପଛରେ ତଥାକଥିତ ବିପର୍ଯ୍ୟୟ ମୂଲ୍ୟହୀନ। ପରିବର୍ତ୍ତୀ ଆକ୍ରମଣର ମୁକାବିଲା କରି ନ ପାରି ପାକିସ୍ତାନର ବାୟୁସେନା ଯେଭଳି ଲହୁଲୁହାଣ ହେଲା ତାହା ଯେ ଐତିହାସିକ ତଥ୍ୟ ଏକଥା ସ୍ୱୀକାର୍ଯ୍ୟ। ପାକିସ୍ତାନ ନିଜର ଆତ୍ମରକ୍ଷା ପାଇଁ ଭାରତର ଲଢୁଆ ବିମାନ ଖସାଇ ଦେବା ଦାବିର ପ୍ରାମାଣିକ ତଥ୍ୟ ଜେନେରାଲ୍ ମୁନିରଙ୍କ ପାଖରେ ନାହିଁ। ପରିସ୍ଥିତିର ଚାପରେ ପଡ଼ି ପାକିସ୍ତାନ ପକ୍ଷରୁ ଯୁଦ୍ଧ ବିରତି ପ୍ରସ୍ତାବ ଆଗତରେ ଅସ୍ୱାଭାବିକତା କିଛି ନାହିଁ। ତେବେ ଏକଥା ସତ ଯେ ଟ୍ରମ୍ପଙ୍କ ଏହି ନୂଆ ଦାବି ପାକିସ୍ତାନକୁ ବଳ ଦେଇଛି ଓ ଆମ ପ୍ରତି ସନ୍ଦେହ ସୃଷ୍ଟି କରିଛି।

ପାକିସ୍ତାନର ଲସ୍କର ଏ ତୋଇବା ଓ ଜୈସ ଏ ମହମ୍ମଦ ଆତଙ୍କବାଦୀ ସଂଗଠନ ବିରୋଧରେ ନିଷେଧାଦେଶ ଜାରି ପରେ ଟିଆରଏଫ ଲସ୍କର ଏ ତୋଇବାର ଏକ ଛାମୁଆଁ ଆତଙ୍କୀଗୋଷ୍ଠୀ ରୂପେ ସକ୍ରିୟ ଥିବା ସ୍ପଷ୍ଟ ହେଉଛି। ପହଲଗାମରେ ୨୬ ପର୍ଯ୍ୟଟକଙ୍କୁ ଅତି ନୃଶଂସ ଭାବେ ହତ୍ୟା କରିବା ଘଟଣାକୁ ଟିଆରଏଫ ନିଜ ଆଡୁ ଦାବି କରିଛି। ପାକିସ୍ତାନରେ ବୈଦେଶିକ ମନ୍ତ୍ରୀ ତଥା ଉପପ୍ରଧାନମନ୍ତ୍ରୀ. ଖୋଲାଖୋଲି ଭାବେ ଟିଆରଏଫକୁ ସମର୍ଥନ କରିଛନ୍ତି। ସେହିଭଳି ପହଲଗାମ ଘଟଣା ପୂର୍ବରୁ ଜେନେରାଲ ମୁନୀରଙ୍କ ଯେଉଁ ଭିଡିଓ ସାଧାରଣରେ ପ୍ରକାଶ ପାଇଥିଲା ସେଥିରେ ଟିଆରଏଫକୁ ପ୍ରୟୋଗ କରାଯାଇ ଥିବାରୁ ସୂଚନା ଥିଲା। ଏହାଠାରୁ ଆଉ ଅଧିକ କ'ଣ ପ୍ରମାଣ ପାକିସ୍ତାନ ଚାହୁଁଛି। ୨୦୦୮ ମୁମ୍ବାଇ ଆକ୍ରମଣ ପରେ ଭାରତରେ ଏହା ସବୁଠାରୁ ବଡ଼ ଆତଙ୍କବାଦୀ ହମଲା। ଆମେରିକା ଟିଆରଏଫକୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା ପରେ ଚୀନ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛି। ଏପର୍ଯ୍ୟନ୍ତ ପାକିସ୍ତାନ ସପକ୍ଷରେ କୂଟନୈତିକ ବାତାବରଣ ଠିକ୍ ଠାକ୍ ଥିବାବେଳେ ଟିଆରଏଫ ପ୍ରସଙ୍ଗ ଇସଲାମାବାଦ ନେତୃତ୍ୱକୁ ଅଡୁଆରେ ପକାଇଦେଇଛି।

ଜାତିସଂଘ ନିରାପତ୍ତା ପରିଷଦରେ ପହଲଗାମ ଆକ୍ରମଣ ନେଇ ନିନ୍ଦା ପ୍ରସ୍ତାବ ଆଗତ କରାଯାଉଥିଲା। ସେଥିରେ ଟିଆରଏଫ ନାମ ଉଲ୍ଲେଖ ଥିବାରୁ ପାକିସ୍ତାନର ପ୍ରତିବାଦ କ୍ରମେ ତାହାକୁ ବାଦ ଦିଆଯାଇଥିଲା। ସମୟ ସବୁବେଳେ ସମାନ ଯାଏନି। ପରିବର୍ତ୍ତିତ ପରିସ୍ଥିତିରେ ଦିଗ ପରିବର୍ତ୍ତନ କରୁଥିବା କୂଟନୀତି କିନ୍ତୁ ଭିନ୍ନ ସନ୍ଦେଶ ଦେଉଛି। ଆମେରିକା ଓ ଚୀନ ଟିଆରଏଫକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିବା ଭାରତ ପାଇଁ ଅନ୍ୟତମ ସଫଳତା କୁହାଯାଇପରେ।

## ରାଜ୍ୟ ଜଳନୀତି କେବେ ଓ କେମିତି

ସୌଭାଗ୍ୟ ସୁନ୍ଦରରାୟ

ରାଜ୍ୟର ପ୍ରମୁଖ ଜୀବନଧାରା ମହାନଦୀ ଜଳପ୍ରବାହ ଛତିଶଗଡ଼ ଦ୍ୱାରା ନିୟନ୍ତ୍ରିତ ହେବା ପରେ ରାଜ୍ୟରେ ଏକ 'ଜଳନୀତି'ର ଆବଶ୍ୟକତା ପଡ଼ିଛି। ତତ୍କାଳୀନ ବିଜେଡି ସରକାର ମହାନଦୀ ସୁରକ୍ଷା ପାଇଁ 'ମହାନଦୀ ବଞ୍ଚାଅ' ଅଭିଯାନ ଆରମ୍ଭ କରିବା ସହ ରାଜ୍ୟରେ ଏକ 'ଜଳନୀତି' ପ୍ରଣୟନ ନିମନ୍ତେ ପ୍ରସ୍ତାବ ରଖିଥିଲେ। ଏହାର ବ୍ୟୟ ଅଟକଳ ୭୫ ହଜାର କୋଟି ରହିଥିବା ବେଳେ ବିସ୍ତୃତ ରିପୋର୍ଟ ବା ଡିପିଆର ପ୍ରସ୍ତୁତ ହେବ ବୋଲି ମଧ୍ୟ କୁହାଯାଇଥିଲା। ଇତିମଧ୍ୟରେ ଶାସନରେ ପରିବର୍ତ୍ତନ ଘଟିଛି। ରାଜ୍ୟରେ ଭାରତୀୟ ଜନତା ପାର୍ଟି ସରକାର କ୍ଷମତାସୀନ ହେବା ୧ ବର୍ଷ ଅତିକ୍ରାନ୍ତ କରିସାରିଲାଣି। 'ଜଳନୀତି' ରୂପରେଖ କ'ଣ ତାହା ସ୍ପଷ୍ଟ ହୋଇପାରୁ ନାହିଁ। ତେବେ 'ଜଳନୀତି' ପ୍ରଣୟନ ପାଇଁ ନୂଆ ସରକାର ମଧ୍ୟ କହିଛନ୍ତି। ତେଣେ ମହାନଦୀ ଜଳ ବିବାଦ ନେଇ ଏକ ଟ୍ରିବ୍ୟୁନାଲ ଗଠନ ହୋଇଛି।

'ଜଳନୀତି' ଶବ୍ଦଟି ବେଶ ଶ୍ରୁତିମଧୁର ଓ ଅଭିନବ। ତେବେ ଏହାର ରିପୋର୍ଟ ପ୍ରସ୍ତୁତି ଓ କାର୍ଯ୍ୟାନ୍ୱୟନ ବୋଧହୁଏ ହୀରାକୁଦ ବନ୍ୟା ପରିଚାଳନାଠାରୁ ଅଧିକ ଜଟିଳ। ଏକବିଂଶ ଶତାବ୍ଦୀର ଏହି ପ୍ରସ୍ତାବିତ 'ଜଳନୀତି' ସୁଦୂରପ୍ରସାରୀ ତଥା ଦୂରଦୃଷ୍ଟିସଂପନ୍ନ ହେବା ଆବଶ୍ୟକ ବୋଲି ରାଜ୍ୟବାସୀ ଆଶା କରନ୍ତି। ୫୦ ଦଶକର 'ଜଳନୀତି'ରେ ଯେଉଁ ନବୀବନ୍ଧ ପ୍ରତିଷ୍ଠା ହେଉଥିଲା ବା ବିସ୍ଥାପନ ହେଉଥିଲା ସେଥିପ୍ରତି କେହି ଉତ୍ତରଦାୟୀ ରହୁ ନ ଥିଲେ। ଏଥିଯୋଗୁଁ ହୀରାକୁଦ, ସମଲ ପ୍ରକଳ୍ପ ପାଇଁ ବିସ୍ଥାପିତ ଜନତା ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ପାଇପାରି ନାହାନ୍ତି। ସେ ସମୟର 'ଜଳନୀତି'ର ପ୍ରମୁଖ ଲକ୍ଷ୍ୟ ଥିଲା ଜଳସେଚନ, ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ ଉତ୍ପାଦନ। କିନ୍ତୁ ଏବେ ସମୟ ଓ ପରିବେଶ ବଦଳିଛି। ନୂଆ ସମସ୍ୟା ଦେଖାଦେଇଛି। ମନୁଷ୍ୟଙ୍କଠାରୁ ଆରମ୍ଭ କରି ପଶୁପକ୍ଷୀ, ଗଛଲତା, ଶିଳ୍ପସଂସ୍ଥା ଆଦି ଜଳର ନୂଆ ଦାବିଦାର ଭାବେ ଉଭା ହୋଇଛନ୍ତି। ସହରାଞ୍ଚଳରେ ଛାତ ଉପରେ ବଗିଚା ପାଇଁ ପାନୀୟ ଜଳ ବ୍ୟବହାର କରାଯାଉଛି। ଏପରିକି ଗାଈଗୋରୁଙ୍କ ସ୍ନାନ ପାଇଁ ଗ୍ରାମାଞ୍ଚଳରେ ଏହାର ବ୍ୟବହାର କରାଯାଉଛି। ଏସବୁ ବିଷୟକୁ ଦୃଷ୍ଟିରେ ରଖି ଏହି ନୀତି ପ୍ରଣୟନ ହେବା ଆବଶ୍ୟକ।

ଏବେ ଜଳଉତ୍ସ କମୁଛି ଓ ଆବଶ୍ୟତା ବଢୁଛି। ବର୍ତ୍ତମାନ ଜଳର ସଂରକ୍ଷଣ ପ୍ରମୁଖ ପ୍ରସଙ୍ଗ ଭାବେ ଉଭା ହୋଇଛି। 'ଜଳନୀତି'ରେ ଏବେ ବୃହତ ପ୍ରକଳ୍ପ ସ୍ଥାନ ପାଇବା ଅସମ୍ଭବ। କାରଣ ଏଥିସହ ବିସ୍ଥାପନ ପରି ବିଭିନ୍ନ ସ୍ପର୍ଶକାତର ସାମାଜିକ ପ୍ରସଙ୍ଗ ଆସୁଛି। ପୂର୍ବରୁ ମଣିଭଦ୍ରା, ସିଣ୍ଡୋଲ ବା ସୁବଳୟା ଆଦି ପ୍ରକଳ୍ପ ଏହି କାରଣରୁ କାର୍ଯ୍ୟକାରୀ ହୋଇପାରି ନାହିଁ। ସଂପୃକ୍ତ ପ୍ରକଳ୍ପଗୁଡ଼ିକୁ ନୂଆ 'ଜଳନୀତି' ମଧ୍ୟକୁ ଅଣାଗଲେ ଏହା ଜନବିରୋଧର ସାମ୍ନା କରିବା ନିଶ୍ଚିତ। ନୂଆ ବ୍ୟାରେଜ, ଆନିକଟ ମଧ୍ୟ ବିରୋଧର ସମ୍ମୁଖୀନ ହେବ। ନରାଜ, ଯୋବ୍ରା ଓ ବିରୂପାର ପୁରୁଣା ଆନିକଟ ଭଙ୍ଗା କାର୍ଯ୍ୟ ଚାଲିଛି। ଏଣୁ 'ଜଳନୀତି' ସଚିବାଳୟରୁ ପ୍ରଣୟନ ହେବ ନା ଏଥିରେ ଅଂଶଦାରଙ୍କ ମତାମତ ଭିତ୍ତିରେ ପ୍ରଣୟନ ହେବ ତାହା ବର୍ତ୍ତମାନ ଏକ ପ୍ରଶ୍ନ। 'ଜଳନୀତି' ପ୍ରାକୃତିକ ସଂପଦକୁ କେନ୍ଦ୍ର କରି ହୋଇଥିବାରୁ ଏହାର ଅନେକ ଦିଗ ଥିବା ମନେହୁଏ।

'ଜଳନୀତି'ର ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଏବେ ଗାଁ ବା ପଞ୍ଚାୟତକୁ ଯିବା ଅବଶ୍ୟମ୍ଭବୀ। ନିର୍ଦ୍ଦିଷ୍ଟ ଅଞ୍ଚଳର ଆବଶ୍ୟକତା ଓ ଜନମତାମତକୁ 'ଜଳନୀତି'ରେ ସ୍ଥାନ ଦେବାକୁ ପଡ଼ିବ। 'ଜଳନୀତି' ପରିଚାଳନା ମଧ୍ୟ ଅଂଶୀଦାରଙ୍କ ହାତରେ ଟେକିବାକୁ ପଡ଼ିବ। 'ଜଳନୀତି' ପ୍ରଣୟନ ପାଇଁ ଏକ ଆନ୍ତଃ-ବିଶେଷଜ୍ଞ ସମନ୍ୱିତ କମିଟି ଗଠନ କରିବା ଅପରିହାର୍ଯ୍ୟ। ରାଜ୍ୟରେ ଏବେ ବର୍ଷା ପରିମାଣ କେତେ, ବିଗତ ୫୦ ବର୍ଷରେ ବର୍ଷା ପରିମାଣ କେତେ ରହିଛି ଏବଂ ଆଗାମୀ ୫୦ ବର୍ଷ ପାଇଁ ବର୍ଷା ଆକଳନ କ'ଣ ରହିବ ସେ ସମ୍ପର୍କରେ ପ୍ରଥମେ ଅନୁଧ୍ୟାନ ହେବା ଆବଶ୍ୟକ। ଏହି କାର୍ଯ୍ୟ କରିବେ ପାଣିପାଗ ବିଶେଷଜ୍ଞ। ଜଳ ଗଚ୍ଛିତ କରି ରଖିବା ପାଇଁ କେଉଁ ଅଞ୍ଚଳରେ କି ପ୍ରକାର ପ୍ରକଳ୍ପ କରାଯିବ ଏବଂ ଏହାର ଶୈଳୀ କ'ଣ ରହିବ ତାହା ସିଭିଲ ଇଞ୍ଜିନିୟର ଓ ସ୍ଥପତିଙ୍କ ଦ୍ୱାରା ନିର୍ଦ୍ଧାରଣ ହେବା ଆବଶ୍ୟକ। ନଦୀରେ ବର୍ଷାଦିନେ ଓ ଅଣବର୍ଷା ସମୟରେ ଜଳପ୍ରବାହ ପରିମାଣ କ'ଣ ରହିଛି ସେ ସମ୍ପର୍କରେ ଜଳତାତ୍ତ୍ୱିକ ସର୍ବେକ୍ଷଣ ହେବା ଆବଶ୍ୟକ। ସେହିପରି ପଶୁପକ୍ଷୀ ଓ ବୃକ୍ଷଲତା ପାଇଁ ବ୍ୟବସ୍ଥା କ'ଣ ହେବ ତାହା ଜଙ୍ଗଲ ଓ ପରିବେଶ ବିକାଶ ବିଭାଗ ଦ୍ୱାରା ସ୍ଥିରୀକୃତ ହେବା ଆବଶ୍ୟକ। ନଦୀ ମୁହାଁଣ ଅଞ୍ଚଳ ଅର୍ଥାତ ଉପକୂଳ ଅଞ୍ଚଳରେ ଜଳନୀତିର ପ୍ରଭାବ କ'ଣ ରହିବ ସେ ସଂପର୍କରେ ସାମୁଦ୍ରିକ ବିଜ୍ଞାନୀଙ୍କ ପରାମର୍ଶ ଜରୁରୀ।

'ଜଳନୀତି'ରେ ଉଭୟ ଭୂତଳ ଓ ଭୂପୃଷ୍ଠ ଜଳ ସଂପର୍କରେ ବିଚାରବିମର୍ଶ ହେବା ଆବଶ୍ୟକ। ଶିଳ୍ପାନୁଷ୍ଠାନ କେତେ ପରିମାଣର ଜଳ ଉପଯୋଗ କରିବେ ଏବଂ ଜଳ କେତେ ପ୍ରଦୂଷିତ କରିବେ ସେଥିପାଇଁ ପ୍ରଦୂଷଣ ବିଶେଷଜ୍ଞ ନିୟୋଜିତ ହେବା ବର୍ତ୍ତମାନର ପ୍ରମୁଖ ଆବଶ୍ୟକତା। ଜଳସମ୍ପଦ ନୀତିରେ ଜଳବିଦ୍ୟୁତ ପ୍ରକଳ୍ପ ପରିକଳ୍ପନା ମଧ୍ୟ ସ୍ଥାନିତ ହୋଇପାରେ। କେଉଁ ନଦୀଶଯ୍ୟାରେ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ ହୋଇପାରିବ ସେ ସମ୍ପର୍କରେ ଅନୁଧ୍ୟାନର ଆବଶ୍ୟକତା ରହିଛି। ଜଳ ସଂରକ୍ଷଣ ପାଇଁ କ୍ଷୁଦ୍ର ଆନିକଟ, ବନ୍ଧ ବା ବ୍ୟାରେଜ ନିର୍ମାଣ କରାଗଲେ ପଟୁ ଜମିବା ନିଶ୍ଚିତ। ଏହି ପଟୁ ନିଷ୍କାସନର ବ୍ୟବସ୍ଥା କ'ଣ ହେବ? ନଚେତ ପଟୁମାଟି ଯୋଗୁଁ ପ୍ରକଳ୍ପ, ନଦୀଶଯ୍ୟା ପୋତି ହୋଇ ଏଗୁଡ଼ିକ ଶୀଘ୍ର ଅକାମୀ ହେବାର ଆଶଙ୍କା ରହିଛି। ଏଣୁ ପ୍ରତ୍ୟେକ ବିଭାଗ ନିଜନିଜ ଦୃଷ୍ଟିକୋଣରୁ ରିପୋର୍ଟ ପ୍ରଦାନ କରିବା ପରେ ଏହାକୁ ତର୍ଜମା କରାଯାଇ ଅଂଶୀଦାରଙ୍କ ମତାମତ ଭିତ୍ତିରେ ସମନ୍ୱିତ ଜଳନୀତି ପ୍ରଣୟନ କରାଯାଇପାରେ। କେବଳ ଆଇଆଇଟିକୁ ରିପୋର୍ଟ ପ୍ରସ୍ତୁତ କରିବା ଦାୟିତ୍ୱ ଦେଇ ପରବର୍ତ୍ତୀ ସମୟର ତ୍ରୁଟି ପାଇଁ ସରକାର ସେମାନଙ୍କ ମୁଣ୍ଡରେ ନଡ଼ିଆ ବାଡ଼େଇବା ଏକ ଧୃଷ୍ଟତା ହେବ।

ଏହାପରେ ଆସୁଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ତାହାହେଲା କ୍ଷୁଦ୍ର ଜଳାଶୟର ବର୍ତ୍ତମାନର ସ୍ଥିତି ଓ ଏହାର ପୁନରୁଦ୍ଧାର। ଏକଦା ଗାଁଗହଳିରେ ଥିଲା ଏକାଧିକ ଗାଡ଼ିଆ, ପୋଖରୀ, କଟା, ବନ୍ଧ, ଟୁବ, ଯୋର। ଏଗୁଡ଼ିକ ଯଥେଷ୍ଟ ପରିମାଣର ଜଳ ସଂରକ୍ଷିତ କରି ରଖିବା ଦେଖାଯାଏ। ପ୍ରାୟ ଫେବୃୟାରୀ/ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଏଥିରେ ଜଳ ରହିଥାଏ। ଯୋରରେ ପ୍ରାୟତଃ ସବୁ ସମୟରେ ଜଳ ରହିଥାଏ। ଏହା ରବି ଫସଲ ପାଇଁ ବହୁଳ ମାତ୍ରରେ ସହାୟକ ହୋଇଥାଏ। ଏହି ଜଳକୁ ଟେଣ୍ଡା ସାହାଯ୍ୟରେ ଉଠାଇ ରବି ଫସଲକୁ ଜଳଯୋଗାଣ ହୋଇଥାଏ। ଏଥିରେ ମାଛବଂଶ ବୃଦ୍ଧି ଘଟିଥାଏ। ଖରାଦିନେ ଗୃହପାଳିତ ପଶୁଙ୍କ ପାଇଁ ଏହି ପାଣି ମଧ୍ୟ ଉପଯୋଗ କରାଯାଇଥାଏ। ଗ୍ରାମାଞ୍ଚଳରେ ଏହି କ୍ଷୁଦ୍ର ଜଳାଶୟଗୁଡ଼ିକର ଏବେ ପ୍ରାୟ ନିଶ୍ଚିହ୍ନ। ଗୃହନିର୍ମାଣ, ରାସ୍ତାକାର୍ଯ୍ୟ, ଜବରଦଖଲ ଓ ପଟୁମାଟି ଯୋଗୁଁ ଏହି ଜଳାଶୟ ଚିହ୍ନବର୍ଣ୍ଣ ହରାଇଲାଣି। କଟକ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ଏକଦା ଥିଲା ନୟନଯୋରୀ ଓ ପାଟନାଳୀ। ଏପ୍ରିଲ/ ମେ ମାସ ପର୍ଯ୍ୟନ୍ତ ଏହା ସନ୍ତସନ୍ତିଆ ଅବସ୍ଥାରେ ରହୁଥିଲା। କିନ୍ତୁ ଜାତୀୟ ରାଜପଥ ନିର୍ମାଣ ଯୋଗୁଁ ଏଗୁଡ଼ିକ ପୋତି ଦିଆଗଲା। ରାସ୍ତା ନିର୍ମାଣ ସମୟରେ କୌଣସି ପରିବେଶ ଯୋଜନା ରହିଲା ନାହିଁ। ଫଳରେ ଠିକାଦାର ସଂସ୍ଥା ନିଜ ସୁବିଧାରେ ଏହାକୁ ପୋତି କାର୍ଯ୍ୟ କରିଚାଲିଲେ। ଏହାଥିଲା ଜଳ ସଂରକ୍ଷଣର ଅନ୍ୟତମ ପ୍ରମୁଖ ଉତ୍ସ। ସରକାର ଗ୍ରାମାଞ୍ଚଳରେ ଆରମ୍ଭ କରିଥିବା 'ମୋ ପୋଖରୀ' ଯୋଜନା ଏବେ କେଉଁ ପର୍ଯ୍ୟାୟରେ ରହିଛି ତାହାର ଏକ ନିରପେକ୍ଷ ସମୀକ୍ଷା ଜଳନୀତି ପ୍ରଣୟନ ପରିପ୍ରେକ୍ଷୀରେ ହେବା ଆବଶ୍ୟକ।

ସମୟସ୍ରୋତରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅନେକ ବିକାଶ ଘଟିଛି। ବୈଷୟିକ କ୍ଷେତ୍ରରେ ଘଟିଛି ଯୁଗାନ୍ତକାରୀ ପରିବର୍ତ୍ତନ। ପରିବେଶ ସୁରକ୍ଷା ଓ ଜଳ ସଂରକ୍ଷଣ ପାଇଁ ବିଶ୍ୱ ଚିନ୍ତିତ। ଏକ ସବୁଜ ବିଶ୍ୱ ପାଇଁ ସମସ୍ତେ ଉଦବିଗ୍ନ। କୃତ୍ରିମ ବୁଦ୍ଧିମତ୍ତା ଓ ରୋବଟ ପ୍ରଯୁକ୍ତିକୁ ନେଇ ବିଶ୍ୱ ୪ର୍ଥ ଶିଳ୍ପ ବିପ୍ଳବର ଦ୍ୱାରଦେଶରେ ଉପନୀତ ହେଲାଣି। ବିଭିନ୍ନ ଅନୁଧ୍ୟାନ ଓ ପର୍ଯ୍ୟବେକ୍ଷଣ ସମୟରେ ଏସବୁର ଉପଯୋଗ କରାଯିବା ଆବଶ୍ୟକ। ଜଳର ମାହାତ୍ମ୍ୟ ଓ ଜଳନୀତି ବିଦ୍ୟାଳୟସ୍ତରୀୟ ପାଠ୍ୟକ୍ରମରେ ସ୍ଥାନିତ ହେବା ମଧ୍ୟ ଜରୁରୀ। ଏହାହେଲେ ଭବିଷ୍ୟତ ପିଢ଼ି ଜଳ ସଂରକ୍ଷଣ ଓ ଉପଯୋଗ ସଂପର୍କରେ ସଚେତନ ହୋଇପାରିବେ। ବର୍ତ୍ତମାନ ପରିସ୍ଥିତିର ଆହ୍ୱାନ ହେଲା ବହୁମହଲା ବିଶିଷ୍ଟ କୋଠା ନିର୍ମାଣ କରାଯାଇ ଜିଲ୍ଲା ସଦର ମହକୁମାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଗୋଟିଏ ଛାତ ତଳକୁ ଆଣିବା। ଏହାହେଲେ ସରକାରୀ କାର୍ଯ୍ୟାଳୟରେ ଜଳ ସଞ୍ଚୟ ବ୍ୟବସ୍ଥା ସୁଗମ ହୋଇପାରିବ। ଭୂତଳ ଜଳାଭାବରୁ ଏବେ ଅନେକ ସ୍ଥାନରେ ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଅଚଳ ଅବସ୍ଥାକୁ ଆସିଲାଣି। ତେଣୁ 'ଜଳନୀତି' ପ୍ରଣୟନ ପୂର୍ବରୁ ସମସ୍ତ ଦିଗ ପ୍ରତି ସୁଚିନ୍ତିତ ବିଚାରବିମର୍ଶ ହେବା ଆବଶ୍ୟକ। ଏହା ହେଲେ ରାଜ୍ୟରେ 'ଜଳନୀତି' ଫଳପ୍ରସୂ ହୋଇପାରିବ।

(ବରିଷ୍ଠ ସାମ୍ବାଦିକ)

କଟକ, ମୋ: ୯୪୩୭୨୨୯୨୩୩

## ବିତ୍ତୀୟ ପ୍ରଦୂଷଣ: ପ୍ରଗତିର ପ୍ରତିବନ୍ଧକ

ଅନନ୍ତ ଚରଣ ସ୍ୱାଇଁ



ଦ୍ରୁତ ଶିଳ୍ପାୟନ, ନଗରୀକରଣ ଓ ଅତିରିକ୍ତ ଭୋଗବିଳାସୀ ଜୀବନଶୈଳୀ ଦ୍ୱାରା ପରିବେଶ ଦୂଷିତ ହେଉଛି। ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ଧ୍ୱନି ପ୍ରଦୂଷଣ, ପ୍ଲାଷ୍ଟିକ ପ୍ରଦୁଷଣ ଓ ଜଙ୍ଗଲର ଦ୍ରୁତ କ୍ଷୟ ପରିବେଶ ଏବଂ ମାନବ ସମାଜ ପ୍ରତି ସୃଷ୍ଟି କରୁଛି ମହାବିପଦ। ଏସବୁ ପ୍ରଦୂଷଣରୁ ସୃଷ୍ଟି ହେଉଥିବା ସମସ୍ୟା ଓ ସମାଧାନ ପାଇଁ ଆନ୍ତର୍ଜାତିକ ସ୍ତରରେ ଅନେକ ଉଦ୍ୟମ କରାଯାଉଛି। କିନ୍ତୁ ସମାଜରେ ଦେଖାଦେଉଥିବା ବିତ୍ତୀୟ ପ୍ରଦୂଷଣ ଜନିତ ସମସ୍ୟା ପ୍ରତି ଜନସଚେତନତା ଏବେଠାରୁ ସୃଷ୍ଟି ହେବା ଦରକାର। ବିତ୍ତୀୟ ପ୍ରଦୂଷଣ ହେଉଛି ବିଭିନ୍ନ ଆର୍ଥିକ ଅବୈଧ କାର୍ଯ୍ୟକଳାପ, ଯାହା ଦେଶର ଅର୍ଥବ୍ୟବସ୍ଥାକୁ ଦୁର୍ବଳ କରେ ଏବଂ ସାଧାରଣ ଜନତାଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଏ।

ଆର୍ଥିକ କାରବାରରେ ଅନିୟମିତତା, ଭ୍ରଷ୍ଟାଚାର, ଟିକସ ଫାଙ୍କି, କଳାଧନ, ଋଣର ଅପବ୍ୟବହାର, ବ୍ୟାଙ୍କ ଠକାମୀ, ଷ୍ଟକ ବଜାରରେ ହସ୍ତକ୍ଷେପ ପରି ଅନେକ ଅବୈଧ କାର୍ଯ୍ୟକଳାପ ବିତ୍ତୀୟ ପ୍ରଦୁଷଣ ଅନ୍ତର୍ଭୁକ୍ତ। ବିତ୍ତୀୟ ପ୍ରଦୂଷଣ ଦେଶର ଅର୍ଥନୀତିକୁ ପ୍ରଭାବିତ କରିବା ସହିତ ରାଜନୀତି, ସାମାଜିକ ନ୍ୟାୟ, ସମାଜରେ ସମାନତା ଓ ସର୍ବୋପରି ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରେ। କିଛି ରାଜନୈତିକ ନେତା, ଅଧିକାରୀ, ଅସାଧୁ ବ୍ୟବସାୟୀ ପରିସ୍ଥିତିର ଦୁରୁପଯୋଗ କରି ଅନୁଚିତ ଭାବେ ଅର୍ଥ ଅର୍ଜନ କରନ୍ତି। ଭ୍ରଷ୍ଟାଚାର ଅନୈତିକ କାମକୁ ପ୍ରୋତ୍ସାହିତ କରିଥାଏ। ଭ୍ରଷ୍ଟାଚାର ବଢ଼ିଲେ ସମାଜରେ ଅସ୍ଥିରତା ଓ ଅରାଜକତା ଦେଖାଦିଏ। ସେହିଭଳି ଭାରତରେ ବିପୁଳ ପରିମାଣର କଳା ଧନ ଅଛି। ଅବୈଧ ଉପାୟରେ ଅର୍ଜିତ ଧନ, ଯାହା ଟିକସର ପରିସର ଭୁକ୍ତ ହୋଇନଥାଏ, ତାହା ଦେଶ ଭିତରେ କିମ୍ବା ବାହାରେ ଗୁପ୍ତ ଭାବରେ କାରବାର କରାଯାଏ। ଜଟିଳ ଟିକସ ନିୟମରେ ଥିବା ଦୁର୍ବଳତାର ଫାଇଦା ଉଠାଇ କିଛି ବ୍ୟକ୍ତି ଟିକସ ପ୍ରଦାନରେ ହେରଫେର କରନ୍ତି। ବ୍ୟାଙ୍କରୁ ଋଣ ନେଇ ଫେରସ୍ତ ନକରିବା, ଜାଲ କାଗଜପତ୍ର ବ୍ୟବହାର କରି ଠକିବା ଆଦି ଜରିଆରେ ମଧ୍ୟ କିଛି ଲୋକଙ୍କ ପାଖକୁ ସହଜରେ ଟଙ୍କା ଆସିଯାଏ ଏବଂ ତାହାର ଦୁରୁପଯୋଗ ହୁଏ।

ସେହିଭଳି ଆଉ କେତେକ ବିତ୍ତୀୟ ପ୍ରଦୂଷଣ ଷ୍ଟକ ମାର୍କେଟରୁ ସୃଷ୍ଟି ହୁଏ। ନିଜକୁ ସୁହାଇଲା ପରି କୃତ୍ରିମ ଭାବେ ଷ୍ଟକର ମୂଲ୍ୟ ନିୟନ୍ତ୍ରଣ କରି ଆର୍ଥିକ ଅନିୟମିତା କରାଯାଏ। ଅବୈଧ ଭାବେ ଅର୍ଜିତ ଧନକୁ ବିଭିନ୍ନ ବ୍ୟବସାୟରେ ଖଟାଇ ବୈଧ ବୋଲି ପ୍ରମାଣ କରିବା ପ୍ରକ୍ରିୟା ହେଉଛି ମନି ଲଣ୍ଡରିଂ। ଏହାଦ୍ୱାରା ବିପୁଳ କଳାଧନକୁ ବୈଧ କରିବାର ପଥ ସୃଷ୍ଟି ହୁଏ। ନକଲି ନୋଟ ଦେଶର ଅର୍ଥନୀତି ପାଇଁ ବଡ଼ ଶତ୍ରୁ। ଏହାର ଅବୈଧ କାରବାର, ଆତଙ୍କବାଦୀ କାର୍ଯ୍ୟ ଓ ଅନ୍ୟାନ୍ୟ ଅପରାଧ କାର୍ଯ୍ୟକୁ ପ୍ରୋତ୍ସାହିତ କରିଥାଏ। ଆହୁରି ମଧ୍ୟ କେତେକ ପ୍ରଭାବଶାଳୀ ବ୍ୟକ୍ତି ନିଜର ରାଜନୈତିକ ଶକ୍ତି ପ୍ରୟୋଗ କରି ଅବୈଧ ଆର୍ଥିକ କାରବାରକୁ ପ୍ରୋତ୍ସାହନ ଦେବା ଦ୍ୱାରା ଅନୈତିକ କାର୍ଯ୍ୟ ବୃଦ୍ଧି ପାଏ।

ବିତ୍ତୀୟ ପ୍ରଦୂଷଣ ଦେଶର ସାମାଜିକ ଓ ଅର୍ଥନୈତିକ ବୃଦ୍ଧିରେ ବାଧକ ହୋଇଥାଏ। ଏହାଦ୍ୱାରା ସମାଜରେ ସୃଷ୍ଟି ହୁଏ ଅର୍ଥନୈତିକ ଅସମତା। କିଛି ଲୋକ ଅନେକ ଅର୍ଥ ଅନୁଚିତ ଉପାୟରେ ଅର୍ଜନ କରି ଏହାକୁ ଗୁପ୍ତ ରଖିବା ଫଳରେ ଦେଶର ଆର୍ଥିକ ଏବଂ ସାମାଜିକ ସମତାକୁ ପ୍ରଭାବିତ ହୁଏ। ଧନୀ ଓ ଗରିବଙ୍କ ମଧ୍ୟରେ ଦୂରତା ବଢ଼ି ଚାଲେ। ଆର୍ଥିକ ଅସମତା ହେତୁ ସମାଜରେ ଅସନ୍ତୋଷ, ଅଶାନ୍ତି ଓ ଅସ୍ଥିରତା ବୃଦ୍ଧି ପାଏ।

ଭ୍ରଷ୍ଟାଚାର ଓ ଅନିୟମିତତା କାର୍ଯ୍ୟ ଦକ୍ଷତା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଭ୍ରଷ୍ଟ ଅଧିକାରୀମାନେ ଲାଞ୍ଚ ନେଇ ଅନୈତିକ କାମକୁ ପ୍ରଶ୍ରୟ ଦିଅନ୍ତି। ଫଳରେ ସମାଜର ଉନ୍ନତିମୂଳକ କାର୍ଯ୍ୟର ଗୁଣାତ୍ମକ ମାନ ହ୍ରାସ ପାଏ। ବିତ୍ତୀୟ ପ୍ରଦୂଷଣ ହେତୁ ଉଭୟ ଦେଶୀ ଓ ବିଦେଶୀ ନିବେଶକ ଭାରତରେ ନିବେଶ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ଏହାର ପ୍ରଭାବ ଜାତୀୟ ଅର୍ଥନୀତିରେ ପ୍ରତିଫଳିତ ହୁଏ। ଦେଶର ସାମୂହିକ ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରେ। କଳା ଧନ ଓ ଅବୈଧ ବ୍ୟବସାୟ ଆତଙ୍କବାଦୀ କାର୍ଯ୍ୟ ଓ ଅପରାଧକୁ ଉତ୍ସାହିତ କରେ। ଅପରାଧୀ ଓ ଆତଙ୍କବାଦୀମାନଙ୍କ ପାଖକୁ ଅର୍ଥ ଆସିଲେ ସେମାନେ ହିଂସାତ୍ମକ କାର୍ଯକଳାପରେ ଲିପ୍ତ ରହି ସମାଜରେ ଅରାଜକତା ସୃଷ୍ଟି କରନ୍ତି।

ବିତ୍ତୀୟ ପ୍ରଦୂଷଣ ଜନିତ ସମସ୍ୟାଗୁଡ଼ିକଠାରୁ ମୁକ୍ତ ରହିବାକୁ ଭ୍ରଷ୍ଟାଚାର ବିରୁଦ୍ଧରେ ଦୃଢ଼ ଆଇନ ପ୍ରଣୟନ, ତ୍ୱରିତ ନ୍ୟାୟ ପ୍ରଦାନ, ଡିଜିଟାଲ କାରବାରକୁ ପ୍ରୋତ୍ସାହନ ଦେବା ସହ ଜନସଚେତନତାର ଆବଶ୍ୟକ ରହିଛି। ବିତ୍ତୀୟ ପ୍ରଦୁଷଣ ଦେଶର ପ୍ରଗତିରେ ପ୍ରତିବନ୍ଧକ ହୋଇଥିବାରୁ ଏହାକୁ ଦୂର କରିବା ପାଇଁ ସରକାର, ପ୍ରଶାସନ ଏବଂ ସାଧାରଣ ଲୋକମାନଙ୍କ ଉଦ୍ୟମ ଆବଶ୍ୟକ।

ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

## ରଙ୍ଗ ଓ ବ୍ୟକ୍ତିତ୍ୱ

ଶ୍ରୀନନ

ବିବିଧ ରଙ୍ଗ ପ୍ରତି ଆମର ଆକର୍ଷଣ ଜନ୍ମଗତ। ଅବଶ୍ୟ ବ୍ୟକ୍ତିଠାରୁ ବ୍ୟକ୍ତି ଏବଂ ସ୍ଥଳବିଶେଷ ଉପରେ ନିର୍ଭର କରି ଏହା ଭିନ୍ନ ଭିନ୍ନ ହୋଇଥାଏ। ସେଥିପାଇଁ କାହାର ନୀଳରଙ୍ଗ ଅଧିକ ପସନ୍ଦ ହେଲା ବେଳେ ଆଉ କାହାର ଲାଲ୍ ବା ହଳଦିଆ....। ରଙ୍ଗ ହେଲା ଭିନ୍ନ ଭିନ୍ନ ତରଙ୍ଗ ଲମ୍ବଯୁକ୍ତ ଆଲୋକ। ଗୋଟିଏ ବସ୍ତୁ ଉପରେ ଆଲୋକ ରଶ୍ମିଟିଏ ପତିତ ହେଲେ ତହିଁରେ ଥିବା ବିଭିନ୍ନ ରଙ୍ଗ (ଯେପରିକି ସୂର୍ଯ୍ୟ ରଶ୍ମିର ସାତ ରଙ୍ଗ) ମଧ୍ୟରୁ ଯେଉଁଟିକୁ ତାହା ଶୋଷଣ ନ କରି ପ୍ରତିଫଳିତ କରିଦିଏ ଆମେ କେବଳ ସେହିଟିକୁ ଦେଖୁ। ଅତଏବ ବସ୍ତୁଟିର ରଙ୍ଗ ଆମକୁ ସେହି ଅନୁସାରେ ଦେଖାଯାଏ।

ବୈଜ୍ଞାନିକମାନଙ୍କ ମତରେ ବିଭିନ୍ନ ରଙ୍ଗ ଆମକୁ ବିଭିନ୍ନ ରୂପେ ପ୍ରଭାବିତ କରେ। ଯେପରିକି ଆମ ମାନସିକ ଅବସ୍ଥା, ନିଦ୍ରାର ଢଙ୍ଗ, ରକ୍ତ ଚାପ ଓ ଯୌନ ଜୀବନକୁ ମଧ୍ୟ। ଆମେ ଆଖି ବନ୍ଦ ରଖିଲେ ବି ଆମ ଉପରେ ଏହାର କିଛିଟା ପ୍ରଭାବ ରହିଥାଏ। ରଙ୍ଗ ଆମ ଚକ୍ଷୁଷ ସ୍ମୃତିକୁ ଏବଂ ଚେତନାର ସ୍ତରକୁ ପରିବର୍ଦ୍ଧିତ କରେ ବିଭିନ୍ନ ରୂପେ। ଉଦାହରଣ ସ୍ୱରୂପ, ସାଧାରଣତଃ ଲାଲ୍ ରଙ୍ଗ ଦେଖିଲା ବେଳେ ସବୁଜ ତୁଳନାରେ ଆମ ମନସ୍ତାତ୍ତ୍ୱିକ ଚେତନା ଅଧିକ ଉତ୍ତୋଳିତ ହୁଏ। ଅନ୍ୟ ପକ୍ଷରେ ଲାଲରଙ୍ଗ ଆମ ନକାରାତ୍ମକ ସ୍ମୃତିକୁ ପରିବର୍ଦ୍ଧିତ କଲା ବେଳେ ନୀଳରଙ୍ଗ ସକାରାତ୍ମକ ସ୍ମୃତିକୁ ସେପରି କରେ ବୋଲି କୁହାଯାଏ। ଅନ୍ୟାନ୍ୟ ରଙ୍ଗ ମଧ୍ୟ ଭିନ୍ନ ଭିନ୍ନ ଭାବେ ଆମ ଭାବପ୍ରବଣତା ସହିତ ସଂପୃକ୍ତ ନାନା ପ୍ରକାର ସ୍ମୃତିକୁ ଉଦ୍ଦୀପିତ କରନ୍ତି।

### ବିଜ୍ଞାନ ବାର୍ତ୍ତା

ବିଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ ରଙ୍ଗ ଅଧିକ ପସନ୍ଦ ହୋଇଥିବାର ଦେଖାଯାଏ। ତହିଁରୁ ତାଙ୍କର ବ୍ୟକ୍ତିତ୍ୱ ସମ୍ପର୍କରେ କିଛିଟା ସୂଚନା ମିଳିଥାଏ। **ନୀଳ-** ଏ ରଙ୍ଗକୁ ପସନ୍ଦ କରୁଥିବା ଲୋକେ ସାଧାରଣତଃ ଚିନ୍ତାଶୀଳ ଏବଂ ବିଚାରବନ୍ତ ହୋଇଥା'ନ୍ତି। ତାଙ୍କର ସ୍ୱଭାବ ଶାନ୍ତ ହୋଇଥାଏ ଏବଂ ତାଙ୍କର ବିଶ୍ୱାସଯୋଗ୍ୟତା ତାଙ୍କୁ କର୍ମକ୍ଷେତ୍ରରେ ନେତୃତ୍ୱ ନେବା ତଥା ଅନ୍ୟମାନଙ୍କୁ ନିଜ ପ୍ରତି ଆକର୍ଷିତ କରିବା ସମ୍ଭବ କରିଥାଏ। ସେମାନେ ମଧ୍ୟ ସହକର୍ମୀମାନଙ୍କର ପ୍ରିୟଭାଜନ ହୋଇଥା'ନ୍ତି। **ଲାଲ୍-** ଏହାକୁ ପସନ୍ଦ କରୁଥିବା ଲୋକେ ସାହାସୀ ଏବଂ ଦୃଢ଼ ନିଷ୍ପତ୍ତି ନେବାକୁ ସକ୍ଷମ ହୋଇଥା'ନ୍ତି। ସେମାନେ କର୍ମଦିଗାଭିମୁଖୀ ତଥା ଦାୟିତ୍ୱସଂପନ୍ନ ଅଟନ୍ତି। ତାଙ୍କର ଇଚ୍ଛାଶକ୍ତି ତାଙ୍କୁ ପରିସ୍ଥିତିର ସମ୍ମୁଖୀନ ହୋଇ ଲକ୍ଷ୍ୟସାଧନ କରିବାରେ ସହାୟକ ହୁଏ। **ହଳଦିଆ-** ଏ ରଙ୍ଗକୁ ଭଲ ପାଉଥିବା ଲୋକେ ସଦାବେଳେ ଖୁସି ମିଜାସର ଏବଂ ଦୃଢ଼ମନା ହୋଇଥା'ନ୍ତି। ଆଶାବାଦୀ ମନୋଭାବ ତାଙ୍କୁ ଗଭୀରଭାବେ ସକାରାତ୍ମକ ଚିନ୍ତା କରିବାକୁ ସମର୍ଥ କରିଥାଏ। **ସବୁଜ-** ଏହାର ପସନ୍ଦକାରୀମାନେ ସାଧାରଣତଃ ସର୍ବଦା ସନ୍ତୁଳିତ ମନୋଭାବସମ୍ପନ୍ନ ଏବଂ ସଚ୍ଚୋଟ ହୋଇଥା'ନ୍ତି। ସମସ୍ୟା ସମାଧାନ କରିବାରେ ଦକ୍ଷତା ଏବଂ ସୃଜନାତ୍ମକ ମାନସିକତା ଏମାନଙ୍କର ଆଉ ଦୁଇଟି ବିଶେଷଗୁଣ। **ନାରଙ୍ଗୀ-** ଏ ରଙ୍ଗକୁ ପସନ୍ଦ କରୁଥିବା ଲୋକମାନେ କଠୋର ପରିଶ୍ରମୀ ଏବଂ ଧୈର୍ଯ୍ୟବାନ୍। ସେମାନେ ସାହାସର ସହିତ ଯେକୌଣସି ଆହ୍ୱାନର ସମ୍ମୁଖୀନ ହୋଇପାରନ୍ତି। **ବାଇଗଣୀ-** ଏହାକୁ ଭଲ ପାଉଥିବା ଲୋକେ କଳ୍ପନାପ୍ରବଣ ଅଟନ୍ତି। ସେମାନଙ୍କ ଚିନ୍ତାଶକ୍ତି ପ୍ରଖର। ତାଙ୍କର ସୃଜନାତ୍ମକ ଦକ୍ଷତା ଓ ଦୂରଦୃଷ୍ଟି ତାଙ୍କୁ ଅନ୍ୟମାନଙ୍କୁଠାରୁ ଭିନ୍ନ ରୂପେ ପ୍ରତିପାଦିତ କରେ। **ଗୋଲାପୀ-** ଏରଙ୍ଗର ପସନ୍ଦକାରୀମାନଙ୍କ ଆଚରଣ ଉଷ୍ମ ଏବଂ ବନ୍ଧୁତ୍ୱପୂର୍ଣ୍ଣ। ସହକର୍ମୀମାନଙ୍କ ପ୍ରତି ସଂବେଦନଶୀଳ ହୋଇଥିବାରୁ ସଫଳତା ସହ ଅନ୍ୟମାନଙ୍କ ସହ ମିଶି କାର୍ଯ୍ୟ ସଂପାଦନ କରିପାରନ୍ତି। ଏମାନେ ଲୋକପ୍ରିୟ ଓ ସୃଜନଶୀଳ ଏବଂ ନେତୃତ୍ୱ ନେବାରେ ଦକ୍ଷ।

**କଳା-** ଏଥିପ୍ରତି ଆକୃଷ୍ଟ ହେଉଥିବା ଲୋକମାନେ ଦୃଢ଼ ମାନିକତା ସମ୍ପନ୍ନ ଏବଂ ଆତ୍ମନିର୍ଭରଶୀଳ। କୌଣସି କାର୍ଯ୍ୟ କଲା ବେଳେ ସେମାନେ ଏଥିପ୍ରତି ବିଶେଷ ଧ୍ୟାନ ଦେଇଥା'ନ୍ତି ଏବଂ ଅସୁବିଧାର ସମ୍ମୁଖୀନ ହେବାକୁ ସଦା ପ୍ରସ୍ତୁତ ଥା'ନ୍ତି। **ଧଳା-** ଏରଙ୍ଗର ପସନ୍ଦକାରୀମାନେ ଶାନ୍ତ ଓ ସକାରାତ୍ମକ। ଏମାନଙ୍କ କାର୍ଯ୍ୟଭଙ୍ଗୀ ସୁଶୃଙ୍ଖଳିତ। ଏମାନେ ସଦାସର୍ବଦା ଧୀରସ୍ଥିର ରହୁଥିବାରୁ ଅନ୍ୟମାନଙ୍କର ବିଶ୍ୱାସଭାଜନ ହୋଇଥା'ନ୍ତି। **ସ୍ୱର୍ଣ୍ଣାଭ-** ଏଥିପ୍ରତି ଆକର୍ଷିତ ହେଉଥିବା ଲୋକେ ସାଧାରଣତଃ ଆଡ଼ମ୍ବର ପୂର୍ଣ୍ଣ ଜୀବନ ପ୍ରତି ଆଗ୍ରହୀ। ସେମାନେ ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ କଠୋର ପରିଶ୍ରମ କରନ୍ତି ଏବଂ ଆତ୍ମସମ୍ମାନକୁ ଗୁରୁତ୍ୱ ଦିଅନ୍ତି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କଲେଜ ଉପରେ ଖସିଲା...

ସେମାନଙ୍କୁ ବର୍ଣ୍ଣ ଇନ୍‌ଷ୍ଟିଚ୍ୟୁଟ୍‌ରେ ଭର୍ତ୍ତି କରାଯାଇଛି। ଆହତଙ୍କୁ ଟ୍ରଲି ଉପରେ ବୋହି ନେଉଥିବାର ଭିଡିଓ ଭାଇରାଲ ହୋଇଛି। ଆହତ ହୋଇଥିବା ପିଲାଙ୍କୁ ହେଲିକପ୍ଟର ଜରିଆରେ ହସ୍ପିଟାଲକୁ ନିଆଯାଇଥିଲା।

ଏହି ସ୍କୁଲରେ ୨, ୦୦୦ ଛାତ୍ର ପଢୁଛନ୍ତି। ଦୁର୍ଘଟଣା ପାଇଁ ସରକାର ଗୋଟିଏ ଦିନ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି। ବାୟୁସେନାର ଏଫ୍‌- ୭ ବିଜିଆଇ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଛି ବୋଲି ବାଂଲାଦେଶ ସେନା ତରଫରୁ ସୂଚନା ଦିଆଯାଇଛି। ସେନାର ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଛନ୍ତି। ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ ଶୋକ ପ୍ରକାଶ କରିଛନ୍ତି। ଦୁର୍ଘଟଣାଗ୍ରସ୍ତ ଏହି ମିଲିଟାରୀ ଫାଇଟର ଜେଟ୍‌ ଚୀନ୍‌ ଦ୍ୱାରା ନିର୍ମିତ ହୋଇଥିଲା। ୨୦୧୧ରୁ ୨୦୧୩ ମଧ୍ୟରେ ବାଂଲାଦେଶ ଏହି ବିମାନ ଚୀନ୍‌ଠାରୁ କ୍ରୟ କରିଥିଲା। ଏହା ଚୀନ୍‌ର ଚେଙ୍ଗଡୁ ଜେ-୭ ଫାଇଟର ଜେଟ୍‌ର ଆଧୁନିକ ସଂସ୍କରଣ। ଦୁର୍ଘଟଣା କାରଣ ସମ୍ପର୍କରେ ଜଣାପଡ଼ିନାହିଁ। ଏଥିପାଇଁ କର୍ତ୍ତୃପକ୍ଷ ଯାଞ୍ଚ୍‌ ଆରମ୍ଭ କରିଛନ୍ତି। ଦୁର୍ଘଟଣା ପରେ ଦମକଳ ବିଭାଗ, ଆମ୍ବୁଲାନ୍ସ ଓ ବାୟୁସେନାର ହେଲିକପ୍ଟର ଘଟଣାସ୍ଥଳରେ ପହଞ୍ଚିଥିଲା।

## ଶପଥ ନେଲେ ଜଷ୍ଟିସ...

ବିଚାରପତି ଏବଂ ଆଇନଜୀବୀମାନେ ଯୋଗ ଦେଇଥିଲେ।

ଗତ ମେ' ୨୬ତାରିଖରେ ଜଷ୍ଟିସ ପାଠକଙ୍କ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଥିଲା। ଜୁଲାଇ ୧୪ରେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାକୁ ଅନୁମୋଦନ କରାଯିବା ପରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା।

୧୯୬୫ ଅଗଷ୍ଟ୨୮ରେ ଗୌହାଟୀରେ ଜନ୍ମିତ ଜଷ୍ଟିସ୍‌ ପାଠକ ବେଙ୍ଗାଲୁରୁର ସେଣ୍ଟ ଯୋସେଫସ୍‌ କଲେଜରୁ କଳାରେ ସ୍ନାତକ ଏବଂ ଗୌହାଟୀ ବିଶ୍ୱବିଦ୍ୟାଳୟ ଅଧୀନରେ ଗୌହାଟୀର ସରକାରୀ ଆଇନ କଲେଜରୁ ଏଲଏଲବି. ଡିଗ୍ରୀ ହାସଲ କରିଥିଲେ। ୧୯୯୦ ସେପ୍ଟେମ୍ବର ୧୨ରେ ସେ ଆସାମ, ନାଗାଲାଣ୍ଡ, ମେଘାଳୟ, ମଣିପୁର, ତ୍ରିପୁରା, ମିଜୋରାମ ଏବଂ ଅରୁଣାଚଳପ୍ରଦେଶର ବାର୍‌ କାଉନସିଲରେ ଆଇନଜୀବୀ ଭାବେ ପଞ୍ଜିକୃତ ହୋଇଥିଲେ। ୨୦୧୩ ମେ' ୨୨ରେ ଗୌହାଟୀ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବରେ ତାଙ୍କୁ ନିଯୁକ୍ତ କରାଯାଇଥିଲା। ୨୦୧୮ ନଭେମ୍ବର ୧୨ରୁ ସେ ଗୌହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ କାର୍ଯ୍ୟରତ ଥିଲେ। ଜଷ୍ଟିସ୍‌ ପାଠକଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୨୦କୁ ବୃଦ୍ଧି ପାଇଛି। ପ୍ରଥମ ଦିନରେ ମୁଖ୍ୟ ବିଚାରପତିଙ୍କ ସହ ଜଷ୍ଟିସ ପାଠକ ଦୁଇ ଜଣିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିଛନ୍ତି।

## ଉପରାଷ୍ଟ୍ରପତି ଧନଖଡ଼ଙ୍କ...

ବିଶ୍ୱବିଦ୍ୟାଳୟର ଏକ ଉତ୍ସବରେ ସେ ଅଚେତ ହୋଇପଡ଼ିଥିଲେ।

ବିଶିଷ୍ଟ ଆଇନଜୀବୀ ରୂପେ ପରିଚିତ ଧନଖଡ଼ ତାଙ୍କର ରାଜନୈତିକ ଜୀବନ ଜନତା ଦଳ ଓ କଂଗ୍ରେସରୁ ଆରମ୍ଭ କରିଥିଲେ। ୧୯୮୯ରୁ ୧୯୯୧ ପର୍ଯ୍ୟନ୍ତ ସେ ଜନତା ଦଳର ଲୋକସଭା ସଭ୍ୟ ଥିଲେ ଏବଂ ୧୯୯୦ରୁ ୧୯୯୧ ମଧ୍ୟରେ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର ମନ୍ତ୍ରିମଣ୍ଡଳରେ ମନ୍ତ୍ରୀ ଥିଲେ। ୧୯୯୧ରେ କଂଗ୍ରେସରେ ଯୋଗଦେଇଥିଲେ। ୧୯୯୩ରୁ ୧୯୯୮ ପର୍ଯ୍ୟନ୍ତ ସେ ରାଜସ୍ଥାନ ବିଧାନସଭାରେ ବିଧାୟକ ଥିଲେ। ୨୦୦୩ରେ ସେ ବିଜେପିରେ ଯୋଗଦେଇଥିଲେ। ୨୦୧୯ରେ ତାଙ୍କୁ ପଶ୍ଚିମ ବଙ୍ଗ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଥିଲା।

ପଶ୍ଚିମବଙ୍ଗ ରାଜ୍ୟପାଳ ଥିବା ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହିତ ତାଙ୍କର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ୨୦୨୨ରେ ଉପରାଷ୍ଟ୍ରପତି ହେବାପରେ ମଧ୍ୟ ସେ ବିଭିନ୍ନ କାରଣକୁ ନେଇ ଚର୍ଚ୍ଚାରେ ଥିଲେ। ଗୃହ ପରିଚାଳନାରେ ପାତରଅନ୍ତର ଆଭିମୁଖ୍ୟ ଅଭିଯୋଗ କରି ବିରୋଧୀ ଦଳ ତାଙ୍କ ବିରୋଧରେ ଗତବର୍ଷ ଡିସେମ୍ବରରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ତେବେ ଅନାସ୍ଥା ନୋଟିସକୁ ଖାରଜ କରିଦେଇଥିଲେ ରାଜ୍ୟସଭା ଉପାଧ୍ୟକ୍ଷ। ଧନଖଡ଼ ବିଭିନ୍ନ ସମୟରେ ସରକାରଙ୍କ ପକ୍ଷରୁ ଖୋଲାଖୋଲି ଓକିଲାତି କରିବା ସହିତ ବିଚାର ବିଭାଗୀୟ ବ୍ୟବସ୍ଥାକୁ ଟାର୍ଗେଟ କରୁଥିଲେ। ଏପରିକି ସୁପ୍ରିମ କୋର୍ଟଙ୍କ ଅନେକ ଆଦେଶ/ରାୟର ସେ ସମାଲୋଚନା କରିବାକୁ ମଧ୍ୟ ପଛାଇନଥିଲେ। ରାଜ୍ୟ ବିଧାନସଭାରେ ଗୃହୀତ ବିଲକୁ ଅନୁମୋଦନ ପାଇଁ ସୁପ୍ରିମକୋର୍ଟ ଉଭୟ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରିଥିବାରୁ ଧନଖଡ଼ ଏହାର ତୀବ୍ର ସମାଲୋଚନା କରିବା ସହିତ ଏହାକୁ ପରମାଣୁ ଅସ୍ତ୍ର ସହ ତୁଳନା କରିଥିଲେ।

## ଆରମ୍ଭରୁ ହଙ୍ଗାମା...

ଗଲେ? ସେମାନଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ କାହିଁକି? ଉପରାଜ୍ୟପାଳ କହୁଛନ୍ତି ଯେ ଗୁଇନ୍ଦା ବିଫଳତା ଯୋଗୁଁ ପହଲଗାମ ଆକ୍ରମଣ ହେଲା, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ୨୪ ଥର କହିଲେଣି ଯେ ତାଙ୍କ ମଧ୍ୟସ୍ଥତା ଯୋଗୁଁ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ହୋଇଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ କିଛି କହୁ ନାହାନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତୁରନ୍ତ ଆଲୋଚନା ହେଉ ଏବଂ ପ୍ରଧାନମନ୍ତ୍ରୀ ଏହା ଉପରେ ଉତ୍ତର ରଖନ୍ତୁ। ସେହିଭଳି ଲୋକସଭା ମୁଲତବୀ ହେବାପରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ ଯେ ଗୃହରେ ତାଙ୍କୁ କହିବା ଲାଗି ସୁଯୋଗ ଦିଆଯାଉ ନାହିଁ। ମନ୍ତ୍ରୀ ଓ ସେମାନଙ୍କ (ବିଜେପି) ସଭ୍ୟଙ୍କୁ କହିବାକୁ ଦିଆଯାଉଛି। କିନ୍ତୁ ସେ ବିରୋଧୀ ଦଳର ନେତା ହେବା ସତ୍ତ୍ୱେ କହିବାକୁ ସୁଯୋଗ ଦିଆଉ ନାହିଁ।

ମିଳିଥିବା ସୂଚନା ଅନୁଯାୟୀ ସରକାର ଅପରେସନ ସିନ୍ଦୂର ପ୍ରସଙ୍ଗରେ ଆସନ୍ତା ସପ୍ତାହ ଆଲୋଚନା କରିବାକୁ ରାଜି ହୋଇଛନ୍ତି। ଲୋକସଭାରେ ଏଥିପାଇଁ ୧୬ ଘଣ୍ଟା ଏବଂ ରାଜ୍ୟସଭାରେ ୯ ଘଣ୍ଟା ସମୟ ଦିଆଯାଇଛି। ଅନ୍ୟାନ୍ୟ ସରକାରୀ ବିଲ ଉପରେ ଆଲୋଚନା ପାଇଁ ୧୨ ଘଣ୍ଟା ସମୟ ନିର୍ଦ୍ଧାରିତ କରାଯାଇଥିବା ଜଣାପଡ଼ିଛି। ଚଳିତ ସପ୍ତାହ ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରେ ଯାଉଥିବାରୁ ଅସନ୍ତା ସପ୍ତାହ ଏହା ଉପରେ ଆଲୋଚନା ହେବ ବୋଲି କୁହାଯାଉଛି। ଲୋକସଭା ବାଚସ୍ପତି ଓମ୍‌ ବିର୍ଲାଙ୍କ ଅକ୍ଷତାରେ ଅନୁଷ୍ଠିତ ଗୃହ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ଲୋକସଭାରେ ହଟ୍ଟଗୋଳ ମଧ୍ୟରେ କଂଗ୍ରେସ ସାଂସଦ ସପ୍ତଗିରି ଉଲାକା ବାଲେଶ୍ୱର ଏଫଏମ୍‌ କଲେଜ ଛାତ୍ରୀ ଆତ୍ମଦାହ ପ୍ରସଙ୍ଗରେ ଆଲୋଚନା ପାଇଁ ମୁଲତବୀ ପ୍ରସ୍ତାବ ଆଗତ କରିଥିଲେ। ଏସଂପର୍କରେ ବାଚସ୍ପତିଙ୍କୁ ଦେଇଥିବା ନୋଟିସରେ ସାଂସଦ ଉଲ୍ଲେଖ କରିଛନ୍ତି ଯେ ଉକ୍ତ ଛାତ୍ରୀଙ୍କୁ ଦୀର୍ଘ ଦିନ ଧରି ନିର୍ଯାତନା ଦିଆଯାଉଥିଲା। ସେ ଏସଂପର୍କରେ କଲେଜ ପ୍ରଶାସନ ନିକଟରେ ଗୁହାରି କରିଥିଲେ ମଧ୍ୟ କେହି ଶୁଣିନଥିଲେ। ଫଳରେ ସେ ଆତ୍ମଦାହ ଭଳି ଚରମ ପଦକ୍ଷେପ ନେଲେ। ଏଭଳି ଭୟଙ୍କର ଓ ଚିନ୍ତାଜନକ ପ୍ରସଙ୍ଗ ଉପରେ ଆଲୋଚନା କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

ଇତିମଧ୍ୟରେ ସଂସଦ ମୁଲତବୀ ହେବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର କିଛି ବରିଷ୍ଠ କ୍ୟାବିନେଟ ମନ୍ତ୍ରୀଙ୍କ ସହିତ ଅଲୋଚନା କରିଛନ୍ତି। ଏହାପରେ ମନ୍ତ୍ରୀମାନଙ୍କର ଏକ ବୈଠକ ହୋଇଥିଲା। ଏଥିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଅର୍ଥ ମନ୍ତ୍ରୀ ନିର୍ମଳା ଶୀତାମରଣ, ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା, ଶିବରାଜ ସିଂହ ଚୌହ୍ୱାନ, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କିରଣ ରିଜିଜୁ ପ୍ରମୁଖ ଉପସ୍ଥିତ ଥିଲେ।

## ଇଡିକୁ ସୁପ୍ରିମକୋର୍ଟଙ୍କ...

ଜେନେରାଲ କୋର୍ଟଙ୍କୁ ଅନୁରୋଧ କରିଥିଲେ। ଇଡିର ଆବେଦନ ଉପରେ ସୁପ୍ରିମକୋର୍ଟ କହିଥିଲେ ଯେ ହାଇକୋର୍ଟଙ୍କ ଏକକ ଖଣ୍ଡପୀଠ ଦେଇଥିବା ରାୟରେ କୌଣସି ତ୍ରୁଟି ନାହିଁ। ତଥ୍ୟକୁ ଦେଖି ମାମଲାକୁ ଖାରଜ କରାଯାଉଛି। ଇଡି ଉପରେ କୌଣସି ଅପ୍ରୀତିକର ମନ୍ତବ୍ୟ ଦେଇ ନ ଥିବାରୁ ଏଏସଜିଙ୍କୁ ସୁପ୍ରିମକୋର୍ଟ ଧନ୍ୟବାଦ ଦେଇଛନ୍ତି।

## ଜେଲ ଗଲେ ଛାତ୍ର...

୩ ଜଣଙ୍କ ଭିଡିଓ ଭାଇରାଲ ହୋଇଛି। ଏହି ଭିଡ଼ିଓରେ ପୀଡ଼ିତା ଓ ତଙ୍କର ବାନ୍ଧବୀଙ୍କ ସହ ଉଦିତ୍‌ ଓ ତାଙ୍କର ବନ୍ଧୁ ଆୟୁଷ୍ମାନ ଦେଖିବାକୁ ମିଳିଛି। ଏହି ଭିଡ଼ିଓ ଏବଂ ଫଟୋ ଭାଇରାଲ ହେବା ପରେ ଭିଡ଼ିଓ କରି ମୁହଁ ଖୋଲିଛନ୍ତି ଆୟୁଷ୍ମାନ। ସେ କହିଛନ୍ତି ଯେ, ଥାନାରେ ଦେଇଥିବା ଝିଅ କାହିଁ କେସ୍‌ ଦେଲା କଣ ପାଇଁ ଦେଲା ସେ ଜାଣିନାହାନ୍ତି; ତାଙ୍କର ଏଥିରେ କିଛି ଭୂମିକା ନାହିଁ। ମୁଁ ଆଉ ମୋ ସାଙ୍ଗ ହାଉସ୍‌ ପାର୍ଟି ପାଇଁ ଡାକିଥିଲୁ। ସେ ସେଠି ଡ୍ରିଙ୍କସ୍‌ ଏବଂ ସ୍ମୋକିଙ୍ଗ୍‌ କରେ। ଭାଇରାଲ ହୋଇଥିବା ଫଟୋ ଭିଡ଼ିଓରେ ସେଭଳି କିଛି ହୋଇନାହିଁ। ମୋର ଓ ମୋ ବନ୍ଧୁଙ୍କର ତା ସହ କୌଣସି ସମ୍ପର୍କ ନାହିଁ।

ଏନେଇ କମିଶନରେଟ ପୁଲିସ ଜୋନ ୫ ଏସିପି ବିଶ୍ୱରଞ୍ଜନ ସେନାପତି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଗିରଫ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଦୁଷ୍କର୍ମ ଶିକାର ହୋଇଥିବା ଯୁବତୀ ଜଣକ ରବିବାର ସନ୍ଧ୍ୟାରେ ମଞ୍ଚେଶ୍ୱର ଥାନାରେ ଏନେଇ ଅଭିଯୋଗ କରିଥିଲେ। ମାର୍ଚ୍ଚ ୧୮ ତାରିଖରେ ସମ୍ପୃକ୍ତ ଯୁବତୀ ତାଙ୍କର ଜଣେ ପୁଅ ସାଙ୍ଗ ଏବଂ ଜଣେ ଝିଅ ସାଙ୍ଗ ବୁଲିବାକୁ ଡାକିଥିଲେ। ସମସ୍ତେ ୪ ଚକିଆ ଗାଡିରେ ବୁଲିବାକୁ ଯାଇଥିଲେ। ମାଷ୍ଟରକ୍ୟାଣ୍ଟିନ ପାଖରେ ଅନ୍ୟ ଜଣେ ଯୁବକ ଉଠିଥିଲେ। ଯୁବତୀ ଜଣକ ତାଙ୍କୁ ଚିହ୍ନି ନ ଥିଲେ ହେଁ ପରେ ସେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉଦିତ ପ୍ରଧାନ ବୋଲି ଜାଣିଥିଲେ। ସମସ୍ତେ ମଞ୍ଚେଶ୍ୱର ଅଞ୍ଚଳରେ ଥିବା ଏକ ହୋଟେଲକୁ ଯାଇଥିଲେ। ସେଠାରେ ଅନ୍ୟମାନେ ମଦ୍ୟପାନ କରିଥିଲେ। ସେ ମଦ୍ୟପାନ ନ କରିବାରୁ ଉଦିତ ପ୍ରଧାନ ତାଙ୍କୁ ଏକ କୋଲ୍ଡ ଡ୍ରିଙ୍କ୍ସ ଆଣି ଦେଇଥିଲେ। କୋଲ୍ଡ ଡ୍ରିଙ୍କ୍ସ ପିଇବା ପରେ ସେ ଅଶ୍ୱସ୍ତି ଅନୁଭବ କଲେ। ହୋସ ଫେରିବା ପରେ ତାଙ୍କ ସହ ଦୁଷ୍କର୍ମ ହୋଇଥିବା ସେ ଜାଣି ପାରିଥିଲେ। ତାଙ୍କ ପାଖରେ ଉଦିତ୍‌ ମଧ୍ୟ ଶୋଇଥିଲେ। ଏହା ପରେ ଉଦିତ ତାଙ୍କୁ ଗାଳି ଗୁଲଜ କରିବା ସହ ପୁଲିସରେ ନ କହିବାକୁ ଧମକ ଦେଇଥିଲେ। ତେଣୁ ସେ ଭୟରେ ପୁଲିସରେ ଅଭିଯୋଗ ଆଣି ନ ଥିଲେ। ହେଲେ ଏବେ ମହିଳାଙ୍କ ସୁରକ୍ଷାକୁ ନେଇ ଏତେ ଘଟଣା ସାମ୍ନାକୁ ଆସିବା ପରେ ସେ ପୁଲିସ ନିକଟକୁ ଆସିବା ପାଇଁ ସାହସ କରି ପାରିଛନ୍ତି ବୋଲି ପୀଡ଼ିତା ଏତଲାରେ ଉଲ୍ଲେଖ କରିଛନ୍ତି। ଏହି ଏତଲା ଆଧାରରେ ପୁଲିସ ଉଦିତ ପ୍ରଧାନଙ୍କ ବିରୋଧରେ ମଞ୍ଚେଶ୍ୱର ଥାନାରେ ଏକ ମାମଲା (ନଂ-୪୧୯) ରୁଜୁ କରିଛି। ଉଦିତଙ୍କ ବିରୋଧରେ ବିଏନ୍‌ଏସ୍‌ ଧାରା ୬୧(୧), ୧୨୩ ୩, ୨୯୬, ୭୪, ୩୫୧(୨) ଲଗାଯାଇଛି। ଗତ ଫେବ୍ରୁଆରୀ ୧ ତାରିଖରେ ଉଦିତ ଓ ଅନ୍ୟମାନେ ମିଳିତ ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍‌) ମୁଖ୍ୟ ମୋହନ ଭାଗବତଙ୍କ କାରକେଡକୁ ଅଟକେଇବାକୁ ଚେଷ୍ଟା କରିଥିଲେ। କାରକେଡ୍‌ ସାମ୍ନାରେ କଳା ପତାକା ଦେଖାଇ ହୋ ହଲ୍ଲା କରିବା ସହ କାର୍ଯ୍ୟରତ ଜଣେ ସବଇନ୍ସପେକ୍ଟରଙ୍କୁ ମାଡ଼ ମାରିଥିଲେ। ମଞ୍ଚେଶ୍ୱର ଥାନା ପୋଲିସ ତାଙ୍କୁ ଗିରଫ କରିଥିଲା।

## ଖୁଡ଼ୀ, ଭଉଣୀକୁ...

ଉତ୍‌କ୍ଷିପ୍ତ ହୋଇ ଶଶିଭୂଷଣ ଘରେ ଥିବା ଏକ ଟାଙ୍ଗିଆ ଆଣି ଖୁଡ଼ୀ ବେଳମତି, ଭଉଣୀ ସାବିତ୍ରୀ ଓ ଦାଦା ବିଶିକେଶନଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଏଥିରେ ସାବିତ୍ରୀ ଓ ବେଳମତୀଙ୍କ ଦେହରୁ ପ୍ରଚୁର ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ପଡ଼ୋଶୀଙ୍କଠାରୁ ଖବର ପାଇ ପୁଲିସ୍‌ ଘଟଣାସ୍ଥଳରେ ପହଞ୍ଚି ମୃତଦ୍ୱୟଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଗୁରୁତର ବିଶିକେଶନଙ୍କୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ଅପରପକ୍ଷେ, ଏହି ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଶଶିଭୂଷଣ ଥାନାକୁ ଯାଇ ଆତ୍ମସମର୍ପଣ କରିଥିଲା।

## ତିନି ଆର୍‌ଡିସି ଅଫିସ୍‌...

ଏଫଏମ କଲେଜ ଘଟଣା ରାଜ୍ୟବାସୀଙ୍କ ମନରୁ ନ ଲିଭୁଣୁ, ପୁରୀ ଜିଲ୍ଲାର ବଳଙ୍ଗାଠାରେ ଗୋଟିଏ ନାବାଳିକାକୁ ଜିଅନ୍ତା ଜାଳିଦେବା ଉଦ୍ୟମ ଭଳି ହୃଦୟବିଦାରକ ଘଟଣା ଲୋକଲୋଚନକୁ ଆସିଛି। ଦୁଷ୍କର୍ମ, ଗଣଦୁଷ୍କର୍ମ ସଂପ୍ରତି ରାଜ୍ୟରେ ଏକ ନିତିଦିନିଆ ଘଟଣା ହୋଇଛି। ପ୍ରତିଦିନ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି।

କଟକସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ବିକ୍ଷୋଭରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ ଜେନା, ସୁଦାମ ମାରାଣ୍ଡି, ପ୍ରଣବ ବଳବନ୍ତରାୟ, ସୁଲୋଚନା ଦାସ, ସୁବାସ ସିଂ, ଦେବାଶିଷ ସାମନ୍ତରାୟ, ପ୍ରଫୁଲ୍ଲ ସିଂ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ସୁଭାଶିଷ ଖୁଣ୍ଟିଆ, ସଞ୍ଜୀବ ମଲ୍ଲିକ, ସୁଶାନ୍ତ ରାଉତ, ପ୍ରଶାନ୍ତ ବେହେରା, ଗଣେଶ୍ୱର ବେହେରା, ଧ୍ରୁବଚରଣ ସାହୁ, ସାରଦା ଜେନା, ରମାକାନ୍ତ ଭୋଇ, ରମେଶ ବେହେରା, ମଞ୍ଜୁଲତା ମଣ୍ଡଳ, ପ୍ରଫୁଲ୍ଲ ସାମଲ, ଅଂଶୁମାନ ମହାନ୍ତି, ସୁକାନ୍ତ ନାୟକ, ସ୍ୱରୂପ ଦାସ, ଡ. ଲେଖାଶ୍ରୀ ସାମନ୍ତସିଂହାର, ଅଶୋକ ପଣ୍ଡା, ରାଜେନ୍ଦ୍ର ସାହୁ, ପ୍ରଦୀପ ସାହୁ, ରୁଦ୍ର ମହାରଥୀ, ତୁଷାରକାନ୍ତି ବେହେରା, ବିଜୟ ନାୟକ, ଶର୍ମିଷ୍ଠା ସେଠୀ, କ୍ୟାପଟେନ ରାଜ ନାରାୟଣ ମହାପାତ୍ର, ରାଜେନ୍ଦ୍ର ଦାସ, ବାସନ୍ତୀ ହେମ୍ବ୍ରମ, ସାନନ୍ଦ ମାରାଣ୍ଡି ପ୍ରମୁଖ ସାମିଲ ଥିଲେ।

ସମ୍ବଲପୁର ଆର୍‌ଡିସି ଅଫିସ୍‌ ସାମ୍ନାରେ ବିଜେଡିର ବିକ୍ଷୋଭରେ ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ, ଦେବେଶ ଆଚାର୍ଯ୍ୟ, ରୋହିତ ପୂଜାରୀ, କଳିକେଶ ନାରାୟଣ ସିଂହଦେଓ, ପ୍ରଦୀପ ଅମାତ, ରଜନୀକାନ୍ତ ସିଂ, ନଳିନୀକାନ୍ତ ପ୍ରଧାନ, ବର୍ଷା ସିଂ ବରିହା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରୀତା ସାହୁ, ଅଳକା ମହାନ୍ତି, ସାରଦା ନାୟକ, ସୁଧୀର ସାମଲ, ମୁକେଶ ପାଲ୍‌, ମହେଶ ସାହୁ, ଆୟୁବ ଖାନ୍‌, ଅଧିରାଜ ପାଣିଗ୍ରାହୀ, ଲମ୍ବୋଦର ନିଆଲ ପ୍ରମୁଖ ସାମିଲ ଥିଲେ।

ବ୍ରହ୍ମପୁର ଆର୍‌ଡିସି ଅଫିସ୍‌ ସମ୍ମୁଖରେ ବିଜେଡିର ବିକ୍ଷୋଭରେ ସଞ୍ଜୟ କୁମାର ଦାସବର୍ମା, ଚନ୍ଦ୍ରଶେଖର ସାହୁ, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରବି ନାରାୟଣ ନନ୍ଦ, ପ୍ରଦୀପ ମାଝୀ, ବିକ୍ରମ ପଣ୍ଡା, ଭୃଗୁ ବକ୍ସିପାତ୍ର, ମନୋହର ରନ୍ଧାରୀ, ମାନସ ମାଡକାମୀ, ଝିନ ହିକକା, ରୂପେଶ ପାଣିଗ୍ରାହୀ, ଭାସ୍କର ରାଓ, ଜଗନ୍ନାଥ ସାରକା, ଚକ୍ରମଣୀ କହଁର, ବିକ୍ରମ ଆରୁଖ, ଲତିକା ପ୍ରଧାନ, ରଞ୍ଜିତା ସାହୁ, ସଙ୍ଘମିତ୍ରା ଦଳେଇ, ପ୍ରଫୁଲ୍ଲ ପାଙ୍ଗୀ, ପ୍ରଦୀପ କୁମାର ଦିଶାରୀ, ପୁଷ୍ପେନ୍ଦ୍ର ସିଂହଦେଓ, ପଦ୍ମିନୀ ଦିଆନ, ମନୋରମା ମହାନ୍ତି, ରଘୁନାଥ ଗମାଙ୍ଗୋ, ରମେଶ ମାଝୀ, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣ ସ୍ୱାଇଁ, ମଞ୍ଜୁଳା ସ୍ୱାଇଁ, ସୁବାସ ବେହେରା, ବିପ୍ଳବ ପାତ୍ର, ସୂର୍ଯ୍ୟମଣୀ ବୈଦ୍ୟ, ତ୍ରମ୍ବନାଥ ପଣ୍ଡା, ଚକ୍ରମଣୀ କହଁର, ପ୍ରଭୁ ଜାନି, ନନ୍ଦିନୀ ଦେବୀ, ଶ୍ରୀ ଶ୍ରୀରୂପ ଦେବ ଅନୁସୂୟା ମାଝୀ ପ୍ରମୁଖ ସାମିଲ ଥିଲେ।

## ନାବାଳିକା ହକି...

ନିମନ୍ତେ ଯାଜପୁର ମେଡିକାଲକୁ ପଠାଇବା ସହ ବିଚାରପତିଙ୍କ ନିକଟରେ ନାବାଳିକାକୁ ହାଜର କରାଯାଇ ତା'ର ବୟାନ ରେକର୍ଡ କରାଯାଇଛି। ପୁଲିସ ମଧ୍ୟ ଗତ ରବିବାର ରାତିରେ ନାବାଳିକାର ବୟାନ ରେକର୍ଡ କରିଥିଲା। ତେବେ ଏହି ଘଟଣା ଗତ ୩ ତାରିଖରୁ ହୋଇଥିଲେ ମଧ୍ୟ କାହିଁକି ମାମଲା ରୁଜୁ ପାଇଁ ବିଳମ୍ବ ହେଉଥିଲା ଏବଂ ଯେଉଁ ଲଜ୍‌ରେ ଏଭଳି ଅଭିଯୋଗ ହୋଇଛି, ସେହି ଲଜ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ପ୍ରଶ୍ନ ଉଠିଛି। ଏନେଇ ଯାଜପୁର ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ରଙ୍କୁ ଚାରିବାରେ ଘଟଣା ସଂପର୍କରେ ତଦନ୍ତ ଚାଲିଛି ଏବଂ ଘଟଣାରେ ସମସ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ।

## ଘରୁ ଡାକିନେଇ...

କହି ଗ୍ରାମର କଣ୍ଟାପଡ଼ା ଶ୍ମଶାନ ଘାଟ ପାଖକୁ ଡାକିନେଇଥିଲେ। ତେବେ, ସେଠାରେ ଭୋଜିଭାତ କରିବା ସମୟରେ ବଚସା ହୋଇ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସାଙ୍ଗମାନେ ସଂଘବଦ୍ଧ ଭାବେ ବାଡ଼ି, ହାତରେ ପିନ୍ଧିଥିବା ବଳା ଓ ଫାଇବର୍‌ ଯୋଗେ ଜନ୍ମେଜୟଙ୍କୁ ପିଟି ପିଟି ମାରିଦେଇଥିଲେ। ଖବର ପାଇ ଠେଲକୋଲୋଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଜନ୍ମେଜୟଙ୍କୁ ଉଦ୍ଧାର କରି ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଠେଲକୋଲୋଇ ଥାନାରେ ଏକ ହତ୍ୟା ମାମଲା ରୁଜୁକରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୋମବାର ଘଟଣାସ୍ଥଳରେ ସାଇଣ୍ଟିଫିକ୍‌ ଦଳ ତଦନ୍ତ କରିଛି।


**AFFIDAVIT**

By virtue of an affidavit Sl. No.- 4883 before Executive Magistrate, Kanika, dtd 10/07/2025. I Binodinee Dash, W/o- Sasadhar Malik, Vill.- Kothasahi, Po.- Giria, Ps.- Rajkanika, Dist. - Kendrapara, Pin- 754220 declare that, my minor son's name has been changed from **Rudra Malik to Rudradev Malik**. Henceforth he will be known as **Rudradev Malik** for all future purposes.

**AFFIDAVIT**

By virtue of an affidavit before Executive Magistrate, K.S.Nagar, Ganjam, no.830 dtd.19.7.2025 I Sri Shankar Sahu, S/o- Bijaya Sahu, resident of Village/Po.- Barida-A, Ps.- Kabisurya Nagar, Dist.- Ganjam, Odisha state that, my daughter's name is **Adyasha Sahu, D/o- Shankar Sahu**. But in her Aadhar card her name has been wrongly mentioned as Mamata Sahu, C/o- Sankar Sahu. Please correct the name in my daughter's Aadhar as **Adyasha Sahu, D/o- Shankar Sahu.**

**AFFIDAVIT**

**I, K Sanjita, W/o.: K Govinda Rao, resident of Plot No.: 331/1947, Road No.: 6, Sri Aurobinda Nagar, Chandrasekharpur, Near Municipality Kalyan Mandap, Bhubaneswar, Dist.: Khordha, Odisha-751016, declare by this affidavit No.: 209, Dtd: 12.07.2025 that now onwards I shall be known as K Sanjita Patra for all future purposes.**

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 09/06/2025 I, Sri Dhanurjaya Tangul, Village - Balda, Post- Balda, PS. - Padua, Dist. - Koraput declare that, I have changed my name from **Danurjana Tagila, S/o- Bhikari Tagura** to **Dhanurjaya Tangul S/o- Bhikari Tangul**. Henceforth, I shall be known as **Dhanurjaya Tangul, S/o- Bhikari Tangul** for all purpose.
**Sd/- Dhanurjaya Tangul**

**AFFIDAVIT**

By virtue of an affidavit sworn before The Executive Magistrate, Padampur, Date- 21/07/2025. I, **Ugresan Sahu**, Address: At- Amilipali, Po- Raisalpadar, Dist- Bargarh, PIN- 768037, Odisha declared that, I have changed the name of my son from **Bijay Sahu** (old name) to **Bijaya Sahu** (new name). Henceforth, he shall be known as **Bijaya Sahu** (new name) for all purposes.
**Ugresan Sahu**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 21/07/2025. I, **Lipi Dharua** (new name), formerly called as **Bimala Dharua** (old name), W/o Swagat Patra, permanent resident of AT/PO- Rigdul, P.S. Titilagarh, Dist- Bolangir, (Odisha), PIN- 767033 now residing at the same place affirm that I have changed my name from **Bimala Dharua** (old name) To **Lipi Dharua** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Lipi Dharua** (new name).
**Lipi Dharua**

**AFFIDAVIT**

By virtue of an affidavit sworn before The Notary Public, Sunabeda, dated 21.07.2025, I, Sri Paparao Gunjia, S/o- Ghasi Gunjia, Vill.- Narasinghpur, Po.- Parajabadapada, Ps.- Padwa, District- Koraput declare that I have changed my daughter's name from **Trisha Gujia** to **Tirisa Gunjia**. Henceforth, my daughter shall be known as **Tirisa Gunjia** for all purposes.
**Sd/- Paparao Gunjia**

**AFFIDAVIT**

I, Manas Maheswar Maharana, S/o- Maheswar Maharana, resident of Plot No- F-25, CDA, Sector-6, P.S- Markat Nagar, Dist- Cuttack, PIN- 753014, Odisha declare by this affidavit No. 70AA 129247, dated- 03/07/2025 that now onward I shall be known as **MANAS MAHARANA** for all future purpose.

**AFFIDAVIT**

By Virtue of an affidavit SL.No- 2182/25, dtd 21.07.2025 before the Notary Public, Malkangiri,I, Nande Padiami, have changed my name from **Mande Padiami** to **Nande Padiami**. Henceforth I shall be known as **Nande Padiami** for all purpose.
**Sd/- Nande Padiami**

**AFFIDAVIT**

By virtue of an affidavit vide No.: 31418, dated-19.07.2025, sworn before the notary public, Bhubaneswar, I, G. Rameswari, W/o.: R. Santosh Kumar Reddy, Resident of Plot No.: K2-146, Kalinga Nagar, Ghatikia, Bhubaneswar, PIN-751029, Dist.: Khordha, Odisha, do hereby declare that I have changed my name from G. Rameswari to R. Rameswari Reddy for all future purposes. Henceforth, I shall be known as **R. Rameswari Reddy.**

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 17/07/2025, I, Sri Deba Khillo, S/o- Ghadua Khillo, Village - Raising, Post - Raising, PS. - Padua, Dist. - Koraput declare that, I have changed my son's name from **Sukant Khila** to **Sushanta Khillo**. Henceforth, My son shall be known as **Sushanta Khillo** for all purpose.
**Sd/- Deba Khillo**

**AFFIDAVIT**

I Sanjaya Kumar Mahananda(55),residence of Mandal, P.S,Belpara Dist.Balangir,hereby declare that I have changed my name from **Sanjaya Kumar Mahananda** to **Sanjaya Kumar Nanda** vide affidavit no.2377 dated 21.07.2025 before the Executive Magistrate Balangir Hence i will known as **Sanjay Nanda** for all purposes.

**AFFIDAVIT**

**I, K Govind Rao, S/o.: K Sriram Rao, resident of Plot No.: 331/1947, Road No.: 6, Sri Aurobinda Nagar, Chandrasekharpur, Near Municipality Kalyan Mandap, Bhubaneswar, Dist.: Khordha, Odisha-751016, declare by this affidavit No.: 208, Dtd: 12.07.2025 that now onwards I shall be known as K Govinda Rao for all future purposes.**

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 17/06/2025 I Sri Laxman Gemel, S/o- Bhanja Gemel Vill:- Sadam, Po.-Sadam, Ps. - Pottangi, Dist. - Koraput declare that, I have changed my Daughters name from **Manjula Gemel** to **Tilottama Gemel**. Henceforth, My Daughter shall be known as **Tilottama Gemel** for all purpose.
**Sd/- Laxman Gemel**

**AFFIDAVIT**

**By virtue of an affidavit sworn before the Executive Magistrate, Bhubaneswar C.F. No. 116, on dated 14/07/2025, I GURUDEV SAHOO, S/o Late Sarat Kumar Sahoo resident of Village At- Gadakan Upar Sahi (Padma Bhawan), Po- Mancheswar Railway Colony, Ps- Mancheswar, Dist- Khordha, Odisha - 751017 declare that I have changed my minor son's name from AMRITANSHU SAHOO to AMRITANSU SAHOO. Henceforth, he shall be known as AMRITANSU SAHOO for all future purposes.**
**Sd- GURUDEV SAHOO**

**AFFIDAVIT**

I declare that my name is **Mumtaz Khatoon,** D/o- Mohiuddin Khan, resident of Vill- Manapur, Po- Bisanpur, Ps- Krushnanandapur, Dist- Jagatsinghpur, Odisha, my actually DOB is **07.11.2002,** but wrongly in my Aadhaar Card No- 9317 1877 1508, my name is written as **Mamataj Beggum**, D/o- Mohiuddin khan and my DOB is **2003.** Henceforth, I shall be known as **Mumtaz Khatoon,** D/o- Mohiuddin Khan and DOB- **07.11.2002** in all and everywhere in this name from now.
**Mumtaz Khatoon**

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 19/07/2025. I, **Mohammad Mustakim** (new name), formerly called as **MD Mustakiam** (old name), S/o Pharuk Mohammad, permanent resident of AT- Sagarapara Prathamagali, P.O. Titilagarh, P.S. Titilagarh, Dist- Balangir, (Odisha), PIN- 767033 affirm that I have changed my name from **MD Mustakiam** (old name) To **Mohammad Mustakim** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Mohammad Mustakim** (new name).
**Mohammad Mustakim**


**In the Court of the Senior Civil Judge, Angul**
**Civil Suit No. 358 of 2013**

Gouranga Sahu & Others ...Plaintiffs
Vs.
Panchu Sahu & Others ...Defendants

**NOTICE UNDER ORDER 5 RULE 20 (1)(A) CPC**

To:
1.(D 21-a) Rukmuni Sahu, W/o – Late Panchanan Sahu, AT – Ambapal, PO – Patakumunda, PS – Bagedia, SD/Dist – Angul,
2. (D 21-b) Runu Sahu, D/o – Late Panchanan Sahu, AT – Ambapal, PO – Patakumunda, PS – Bagedia, SD/Dist – Angul.
3. (D 21-c) Tuni Sahu, D/o – Late Panchanan Sahu, AT – Ambapal, PO–Patakumunda, PS – Bagedia, SD/Dist – Angul.

Whereas the above-named, Plaintiffs have instituted the above suit against you for partition and allotment of separate share. In the suit you were previously summoned to appear in this Court by person or by your pleader duly instructed and able to answer all material questions relating to the suit. But in spite of all endeavor of the Plaintiffs, you evaded the Court process. As such you are hereby once again summoned to appear in the Court on dated **07.08.2025 at 10:30 A.M.** failing which or in your absence, the suit will be heard and determined in your absence. Given under my hand and the seal of the Court, this **19th day of May 2025.**

**Sd/- Senior Civil Judge, Angul**

e-Procurement Notice

**OFFICE OF THE NOTIFIED AREA COUNCIL, GOPALPUR,**
**Tender Call Notice,**
**No: 229 dt: 19-07-2025**
**Bid Identification No: 02/2025-26**

Bid documents consisting of work, estimated cost, cost of tender paper, time of completion, class of contractors, and terms and conditions can be seen at: www.tendersorissa.gov.in

| | |
|---|---|
| Total Number of Civil works. | 8 Nos. |
| Estimated Cost | Rs.3.0 Lakh to 19 Lakh |
| Date & time of availability of Bid Documents in the portal | 10.00 A.M of dt. 21.07.2025 to 16.00 P.M of dt. 30.07.2025 for online bidding |
| Last Date of receive of Bid through Online | 16.00 P.M of dt. 30.07.2025 |
| Date of opening of Bid | 11.00 A.M. on Dt. 31.07.2025 |

Sd/- Executive Officer
N.A.C. Gopalpur

C-712 OIPR - 13186/11/0021/2526

CAD-1190

Email: itdagnp@od.gov.in

**GOVERNMENT OF ODISHA**
**OFFICE OF THE PROJECT ADMINISTRATOR**
**INTEGRATED TRIBAL DEVELOPMENT AGENCY, GUNUPUR**
**E-Procurement Notice**
**Bid Identification No: ITDAGNP – Online – 01 / 2025-26**

No. 1601/VII-89/2025 Date: 18.07.2025

1 Name of the Work : Construction of Building Works
2 Total No. of Works : 48 No.(Percentage rate tender)
3 Amount put to tender : As mentioned in Col. 3 of Annexure
4 Class of Contractor : As mentioned in Col. 5 of Annexure
5 Period of Completion : As mentioned in Col. 4 of Annexure
6 EMD : As mentioned in Col. 6 of Annexure
7 Paper Cost : As mentioned in Col. 7 of Annexure
8 Other details:

| Procurement Officer | Bid Identification No. | Availability of Tender online for Bidding | | Last date & time of seeking tender clarification | Date & Time of opening of tender | Financial Bid open |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | |
| Project Administrator, I.T.D.A, Gunupur | ITDAGNP Online- 01/2025-26 | 22.07.2025 at 10.00 A.M. | 05.08.2025 up to 5.00 P.M. | 05.08.2025 up to 5.00 P.M. | 06.08.2025 at 11.00 Hrs. | Will intimate later |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website: www.tendersorissa.gov.in.

**Project Administrator, I.T.D.A., Gunupur.**

OIPR - 26072/11/0008/2526

## ୨ଟି ମାମଲାରେ ୩ ଜଣ ଗିରଫ

**କର୍ଲାମୁଣ୍ଡା, ୨୧।୭ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଫାଣ୍ଡି ପୁଲିସ ୨ଟି ପୃଥକ ପୃଥକ ମାମଲାରେ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ପଠାଇ ଦିଆଯାଇଛି। ଜଣେ ହେଉଛି ପୌରକେଲା ପଞ୍ଚାୟତ ତେରେକେଲା ଗ୍ରାମର ଭିକାରୀ ଧରୁଆ। ତା' ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି ହୋଇଥିଲା। ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକାଙ୍କ ନେତୃତ୍ୱରେ ଏକ ଟିମ୍ ଭିକାରୀ ଘରେ ଚଢ଼ଉ କରି ତାକୁ ଗିରଫ କରିଥିଲେ। ସେହିପରି ଅନ୍ୟ ୨ ଜଣ ହେଉଛନ୍ତି ପୌରକେଲା ଗ୍ରାମର ପ୍ରେମାନିଧି ସାହୁ ଓ ତା' ପୁଅ ପରେଶ ସାହୁ। ଓଡ଼ିଆମୁଣ୍ଡା (ଭାଟି) ର ସନ୍ତୋଷ କୁମାର ପୌରକେଲା ଗ୍ରାମକୁ ଚାଷକାମ ପାଇଁ ଶ୍ରମିକ ଠିକ କରିବାକୁ ଯାଇଥିଲେ। ଏହି ସମୟରେ ବାପ ପୁଅ ତାଙ୍କୁ ଗାଳିଗୁଲଜ କରିବା ସହ ମାଡପିଟ କରି ଟଙ୍କା ଛଡାଇ ନେଇଥିବା ଅଭିଯୋଗ ହୋଇଥିଲା।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ୩ ଗୁରୁତର

**ଶଗଡ଼ା, ୨୧।୭ (ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା-କଣ୍ଧମାଳ ୪୧ ନମ୍ବର ରାଜ୍ୟ ରାଜପଥର ସୁଲିଆ ଛକ ନିକଟରେ ସୋମବାର ସକାଳ ୮ଟାରେ ଦୁଇଟି ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଏଥିରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଉଭୟ ବାଇକ୍‌ରୁ ୩ ଜଣ ଯୁବକ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଣ୍ଧମାଳ ଡାକ୍ତରଖାନାକୁ ପଠାଇଥିଲେ। ଖବର ପାଇ ଘଟଣା ସ୍ଥଳରେ କଣ୍ଧମାଳ ପୁଲିସ ପହଞ୍ଚି ଉଭୟ ଗାଡିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଗଞ୍ଜେଇ ସହ କାର୍ ଜବତ; ୨ ଗିରଫ



**ମ.ରାମପୁର, ୨୧।୭ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ୫୯ ନମ୍ବର ଜାତୀୟ ରାଜପଥରେ ଏକ କାର (ନଂ ଓଆର ୦୨ଏପି ୦୧୫୫)ରୁ ୧୫ କେଜି ଗଞ୍ଜେଇ ଜବତ ହୋଇଛି। ଚୋରା ଚାଲାଣ ହେଉଥିବା ଖବର ପାଇ ମ.ରାମପୁର ଅବକାରୀ ବିଭାଗ ଚଢ଼ଉ କରିଥିଲା। ଏହି ଘଟଣାରେ କଣ୍ଟାବାଞ୍ଜିର ମହମ୍ମଦ ଇମତିୟାଜ ଓ ସାହିଲ ବାଗ ଗିରଫ ହୋଇଛନ୍ତି। ଗଞ୍ଜେଇ ମ.ରାମପୁର ବ୍ଲକ ମୋହନଗିରୀରୁ କଣ୍ଟାବାଞ୍ଜିକୁ ଚାଲାଣ ହେଉଥଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। ଏହି ଚଢ଼ଉରେ ଅବକାରୀ ଇନ୍ସପେକ୍ଟର ଦେବାଶିଷ ସିରଦର, ଏଏସଆଇ ଆର୍ତ୍ତତ୍ରାଣ ବହିଦାର, କନେଷ୍ଟବଳ ବାଲେଶ୍ୱର ଧଙ୍ଗଡ଼ାମାଝୀ, ସୀମାଞ୍ଚଳ ମାଝୀ, ଦୈତାରୀ ତାଣ୍ଡି, ବିନତ ସାମିଲ ଥିଲେ।

## ମରଣଯନ୍ତା ପାଲଟିଛି ବଡ଼ଚେରଗାଁ-ବ୍ରିଜ ରାସ୍ତା



**ଗୋଲାମୁଣ୍ଡା, ୨୧।୭ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବଡ଼ଚେରଗାଁ ମୁଖ୍ୟ ରାସ୍ତାରୁ ନଦୀବ୍ରିଜକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇ ପଡ଼ିଛି। ଏହି ରାସ୍ତାରେ ଅନେକ ଖାଲଖମା ହୋଇଛି। ଏଣୁ ଅନେକ ଜାଗାରେ ପାଣି ଜମା ରହି ମରଣଯନ୍ତା ପାଲଟିଛି। ଏହି ରାସ୍ତା ଦେଇ ଦୈନିକ ସହ ସହ ଛାତ୍ରଛାତ୍ରୀ ବଡ଼ ଚେରଗାଁ ଉଚ୍ଚ ବିଦ୍ୟାଳୟକୁ ପାଠ ପଢ଼ିବା ପାଇଁ ଯାଉଥିବା ସମୟରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ସେହିଭଳି ଏହି ରାସ୍ତା ଦେଇ ଜିଲ୍ଲା ସଦର ମହକୁମାକୁ ଦୈନନ୍ଦିନ ହଜାର ହଜାର ଲୋକେ ଯାତାୟାତ କରିଥାନ୍ତି।

**କେସିଙ୍ଗା ବ୍ଲକରେ ନିଅଣ୍ଟିଆ ବର୍ଷା**

# ଧାନବିଲ ଶୁଖିଲା; ବର୍ଷାକୁ ଚାହିଁ ରହିଛି ଚାଷୀ

**କେସିଙ୍ଗା, ୨୧।୭ (ସମିସ)**



ଆଷାଢ ମାସ ସରି ଶ୍ରାବଣ ଆସିଲା। ଆଉ କେଇଟା ଦିନ ପରେ ଶ୍ରାବଣ ମାସ ବି ସରିଯିବ; କିନ୍ତୁ ଆଜି ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଅଞ୍ଚଳରେ ଭଲ ଓ ବଡ଼ ବର୍ଷା ହୋଇନାହିଁ। ଜୁନ ମାସ ପ୍ରଥମ ସପ୍ତାହରୁ ଲଘୁଚାପ ଜନିତ ବର୍ଷା ପ୍ରାୟ ସବୁ ଦିନ ହେଉଥିଲେ ମଧ୍ୟ ପର୍ଯ୍ୟାପ୍ତ ହୋଇନି। ସତେ ଯେମିତି ବର୍ଷା ଅଞ୍ଚଳବାସୀଙ୍କ ସହିତ ଲୁଚକାଳି ଖେଳି ଖେଳି କେସିଙ୍ଗାର ଠିକଣା ଭିଲିଯାଇଛି। ଅନ୍ୟପଟେ ଆଉ ମାସେ ପରେ ଗଣ ପର୍ବ ନୂଆଁଖାଇ ପଡ଼ିବ। ଚାଷୀ ବିଲରେ ଧାନ ବୁଣିଦେଇ ବର୍ଷାକୁ ଚାହିଁ ବସିଛି। ବର୍ଷା ହେଲେ ଧାନ ବିହିଡ଼ିବା ସହିତ ସାର ଛିଞ୍ଚିବ ବୋଲି ଅପେକ୍ଷା କରିଛି; କିନ୍ତୁ ବର୍ଷା ହେଉନି। ଅବଶ୍ୟ ଆକାଶରେ କଳାହାଣ୍ଡିଆ ମେଘ ଦେଖି ଚାଷୀ ଖୁସି ହେଉଛି। କିଛି ସମୟ ପରେ ଖୁସି ଦୁଃଖରେ ପରିଣତ ହେଉଛି। କେସିଙ୍ଗା ପାଣିପାଗ କାର୍ଯ୍ୟାଳୟ ରେକର୍ଡ ଅନୁଯାୟୀ ଚଳିତ ବର୍ଷ ଜୁନ ମାସଠାରୁ ଆଜି ପର୍ଯ୍ୟନ୍ତ ୫୧ ଦିନ ମଧ୍ୟରେ ୩୦ ଦିନ ବର୍ଷା ହେଇଛି। ୩୦ ଦିନ ମଧ୍ୟରେ ସମୁଦାୟ ୪୦୩.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି; ଯାହାକି ବିଗତ ବର୍ଷଠାରୁ ଅଧିକ ରେକର୍ଡ। ବିଗତ ବର୍ଷ ଜୁନ ମାସରେ ସମୁଦାୟ ୧୬୩.୬ ମିଲିମିଟର ଓ ଜୁଲାଇ ମାସରେ ୨୮୨ ମିଲିମିଟର

**୭୦ ପ୍ରତିଶତରୁ ଅଧିକ ଜମିରେ ପାଣି ନାହିଁ**

ବର୍ଷା ରେକର୍ଡ କରାଯାଇଥିଲା। ସେହିପରି ଚଳିତ ବର୍ଷ ଜୁନ ମାସରେ ୧୯୦.୬ ମିଲିମିଟର ବର୍ଷା ଏବଂ ଜୁଲାଇ ମାସରେ ୨୧ ଦିନ ଭିତରେ ୨୧୩.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବିଗତ ବର୍ଷଠାରୁ ଚଳିତ ବର୍ଷ ଅଧିକ ବର୍ଷା ହୋଇଥିବା ପାଣିପାଗ ବିଭାଗ ରେକର୍ଡ କହୁଥିଲେ ମଧ୍ୟ ଖେତରେ ପାଣି ଦେଖାଯାଉନାହିଁ। କାଁ ଭାଁ କିଛି ଖେତରେ ପାଣି ଥିଲେ ମଧ୍ୟ ପ୍ରାୟ ଚାଷଜମି ଶୁଖିଲା ପଡ଼ିଛି। ତିନି ଚାରି ଦିନ ମଧ୍ୟରେ ଭଲ ଓ ବଡ଼ ବର୍ଷା ଗୋଟିଏ ନ ହେଲେ ଚଳିତ ବର୍ଷ ଚାଷୀଙ୍କୁ ବହୁତ କ୍ଷତି ସହିବାକୁ ପଡ଼ିବ ବୋଲି ଚାଷୀ ମହଲରେ ଭାଳେଣି ପଡ଼ିଲାଣି। ଚଳିତ ବର୍ଷ କେସିଙ୍ଗା କୃଷି ବିଭାଗର ରେକର୍ଡ ଅନୁଯାୟୀ କେସିଙ୍ଗା ବ୍ଲକରେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୮ ହଜାର ହେକ୍ଟର ଜମିରେ ଧାନଚାଷ କରାଯାଇଛି। ସେଥିମଧ୍ୟରୁ ଅଧାରୁ ଅଧିକ ଜମିରେ ପାଣି ନ ଥିବା ଜଣାପଡ଼ିଛି।

## ଛାତ୍ରୀନିବାସକୁ ସୁରକ୍ଷା ଦେଉଛି ଝାଟି, ଚିରାଶାଢ଼ି



- ଅଧା ମୁକୁଳା ପାଚେରି
- ଭାଲୁ, ଅସାମାଜିକ ଲୋକଙ୍କ ପଶିବା ଭୟ

**କୋକସରା, ୨୧।୭ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ଆମପାଣି ସରକାରୀ ଆବାସିକ ବିଦ୍ୟାଳୟରେ ଏକ ବିଚିତ୍ର ଦୃଶ୍ୟ ସାମ୍ନାକୁ ଆସିଛି। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଆମପାଣି ସରକାରୀ ଆବାସିକ ବିଦ୍ୟାଳୟ ଛାତ୍ରୀନିବାସକୁ ଝାଟି ଓ ଚିରାଶାଢି ସୁରକ୍ଷା ଦେଉଛି। ଛାତ୍ରୀନିବାସ ପାଚେରୀ ଅନେକ ଦିନ ହେଲା ଭାଙ୍ଗି ଯାଇଛି। ଏହାକୁ ମରାମତି କରିବା ଦିଗରେ ଦୃଷ୍ଟି ଦିଆଯାଉ ନାହିଁ। କିଛି ଚିରାଫଟା ଶାଢ଼ି, କାଠି ସାହାଯ୍ୟରେ ଭୁଶୁଡ଼ି ପଡ଼ିଥିବା ପାଚେରିକୁ ଘୋଡାଇ ଦିଆଯାଇଛି। ତେବେ ଜଙ୍ଗଲ ଅଞ୍ଚଳ ହୋଇଥିବାରୁ ଏଠାରେ ସନ୍ଧ୍ୟା ହେଲେ ଭାଲୁ ଉପଦ୍ରବ ଏକ ସାଧାରଣ କଥା। ତେଣୁ ଛାତ୍ରୀମାନେ ଭୟଭୀତ ରହୁଛନ୍ତି। ସେହିଭଳି ଜାତୀୟ ରାଜପଥ ଏବଂ ଘାଟି ଅଞ୍ଚଳ ହୋଇଥିବାରୁ ଅନେକ ଅସାମାଜିକ ଲୋକଙ୍କ ଗତିବିଧି ମଧ୍ୟ ରହୁଛି। ଏ ବିଷୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ସାହୁଙ୍କୁ ଫୋନ୍ ଯୋଗେ ପଚାରିବାରୁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଏ ସମ୍ପର୍କ;ର ଅବଗତ କରାଯାଇଛି। ସେମାନେ ଯଦି ଦୃଷ୍ଟି ଦେଉ ନ ଥିବା କହିଛନ୍ତି।

## ବିଦ୍ୟାଳୟରୁ ନାଗସାପ ଉଦ୍ଧାର



**ବୀରମହାରାଜପୁର, ୨୧।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ପିତାମହୁଲ ପଞ୍ଚାୟତର ଟେଭାପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ସୋମବାର ଏକ ବିରାଟକାୟ ନାଗସାପକୁ ଉଦ୍ଧାର କରାଯାଇଛି। ବିଦ୍ୟାଳୟର ରୋଷେୟା ରୋଷେଇ ଘରକୁ ମଧ୍ୟାହ୍ନଭୋଜନ ରୋଷେଇ ନିମନ୍ତେ ଯାଇଥିଲେ। ସେ ରୋଷେଇ ଘର କବାଟ ଖୋଲି ଦେଖିଲାବେଳକୁ ଛାତ୍ରଛାତ୍ରୀଙ୍କ ନିମନ୍ତେ ଥିବା ଅଣ୍ଡା ଛିନ୍ନଛତ୍ର ହୋଇ ପଡ଼ିଥିଲା। ସାପର ଗର୍ଜନ ଆସୁଥିବାରୁ ସେ ଭୟଭୀତ ହୋଇଯାଇଥିଲେ। ଏଣୁ କବାଟ ବନ୍ଦ କରି ପ୍ରଧାନ ଶିକ୍ଷକ ଲାଲସିଂ ଭୋଇଙ୍କୁ ଜଣାଇଥିଲେ। ପ୍ରଧାନ ଶିକ୍ଷକ ଭୋଇ ତୁରନ୍ତ ବଡ ଖମାର ଗ୍ରାମର ସର୍ପଧରାଳି ଅମିତ ଭୋଇଙ୍କୁ ଖବର ଦେଇଥିଲେ। ଅମିତ ପହଞ୍ଚି ସାପଟିକୁ ଉଦ୍ଧାର କରିବା ପରେ ଏକ ପ୍ଲାଷ୍ଟିକ ଜାର୍ ଭିତରେ ଭର୍ତ୍ତି କରି ନିକଟସ୍ଥ ଜଙ୍ଗଲରେ ଛାଡି ଥିଲେ।

## ବଜ୍ରପାତରେ ଭୁଶୁଡ଼ିଲା ଘର



**କୋମନା, ୨୧।୭ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ମିଛପାଲି ପଞ୍ଚାୟତ ବାଟିବାହାଲ ଗ୍ରାମର ସଞ୍ଜୀବ ସାହୁଙ୍କ ଘର ଉପରେ ବଜ୍ରପତ ହେବାରୁ ରହୁଥିବା ଘର ସମ୍ପୂର୍ଣ୍ଣ ଭୁଶୁଡି ଯାଇଛି। ଏହାଫଳରେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୋମବାର ସକାଳ ୮ରେ ସେହି ଅଞ୍ଚଳରେ ପ୍ରବଳ ଘଡଘଡି ସହ ବର୍ଷା ହୋଇଥିଲା। ସେତେବେଳେ ପରିବାରର ୪ ସଦସ୍ୟ ବର୍ଷା ଯୋଗୁଁ ଘର ଭିତରେ ରହିଥିଲେ। ଘଡଘଡି ସିଧା ସଳଖ ଏମାନଙ୍କ ଘରେ ବାଜିଥିଲା। ଏହାଫଳରେ ଘରର ଗୋଟିଏ ପଟ ଭୁଶୁଡି ପଡ଼ି କାନ୍ଥ ବାହାରକୁ ପଡ଼ିଥିଲା। ସମସ୍ତେ କିନ୍ତୁ ବଞ୍ଚି ଯାଇଥିଲେ। ବର୍ତ୍ତମାନ ଘର ଭିତରେ ବର୍ଷାପାଣି ପଶିବାରୁ ସେଠାରେ ରହି ପାରୁ ନାହାନ୍ତି। ରନ୍ଧାବଢ଼ା ବନ୍ଦ ହୋଇଯାଇଛି।

## ଲାଞ୍ଜିଗଡ଼ରେ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର




**ଲାଞ୍ଜିଗଡ଼, ୨୧।୭ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଶିବିରରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରବେଶନ) ଅନିମେସ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆନନ୍ଦ ଗୁରୁ, ଉପଜିଲ୍ଲାପାଳ ପ୍ରଭାତ ପରିଡ଼ା, ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର, ବିଡ଼ିଓ ଶଶାଙ୍କ ପାତ୍ରଙ୍କ ସମେତ ଜିଲ୍ଲାସ୍ତରୀୟ ପଦାଧିକାରୀ ଯୋଗଦେଇ ବିଭିନ୍ନ ସମସ୍ୟାର ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଶିବିରରେ ବ୍ଲକର ୨୬ଟି ପଞ୍ଚାୟତରୁ ମୋଟ ୬୩ଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା। ସେଥିମଧ୍ୟରୁ ୪୦ଟି ବ୍ୟକ୍ତିଗତ ଓ ୨୩ଟି ସାମୂହିକ ହୋଇଥିଲା। ଏଥିରେ ଜଣକୁ ହ୍ୱିଲ୍ ଚେୟାର ଦିଆଯାଇଥିଲା। ଏଥିରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାର ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟପଟେ ଲୋକେ ଜନଶୁଣାଣି ଶିବିରକୁ ବାରମ୍ବାର ଆସି ଅଭିଯୋଗ କଲା ପରେ ମଧ୍ୟ ସମସ୍ୟାର ସମାଧାନ ହେଉ ନ ଥିବା ବେଳେ ଏଥିପ୍ରତି ଲୋକଙ୍କର ଆସ୍ଥା ତୁଟୁଛି।

- କଣ୍ଧମାଳରେ ଜନଶୁଣାଣି ଶିବିର

## ୫୮ ମାମଲା ପଞ୍ଜିକୃତ, ୨୫ ତ୍ୱରିତ ସମାଧାନ




**ଶଗଡ଼ା, ୨୧।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଧମାଳ ବ୍ଲକ ସମ୍ମିଳନୀ କକ୍ଷରେ ଜନ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଏସ୍‌ପି ରାହୁଲ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, କଣ୍ଧମାଳ ବିଡ଼ିଓ ସାମୀ ଜୟଶ୍ରୀ ରେଡ୍ଡୀ, କଣ୍ଧମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, କଣ୍ଧମାଳ ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସତ୍ୟନାରାୟଣ ଦାସ ପ୍ରମୁଖ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ସମୁଦାୟ ୫୮ଟି ମାମଲା ପଞ୍ଜୀକୃତ ହୋଇଥିଲା। ଏଥିରୁ ୪୯ଟି ବ୍ୟକ୍ତିଗତ ଓ ୯ଟି ସାମୂହିକ ମାମଲା ଥିଲା। ଶିବିରରେ ୫ଜଣକୁ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ୨୫ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା।


**ଶ୍ରାବଣ ଦ୍ୱିତୀୟ ସୋମବାର**

## ଦେବଗିରି ମଠରେ ଦ୍ୱାଦଶ ରୁଦ୍ର ବନ୍ଦନା

**ଭବାନୀପାଟଣା, ୨୧।୭ (ସମିସ):** ଦ୍ୱାପର ଯୁଗରେ ମହାରାଜ ଗୋସିଙ୍ଗ ଦୈତ୍ୟ ଦେବଗିରି ଗୁମ୍ଫା ମଧ୍ୟରେ ଆରାଧନା କରୁଥିବା ଶିବଲିଙ୍ଗକୁ ଶ୍ରାବଣ ଦ୍ୱିତୀୟ ସୋମବାରରେ ହଜାର ହଜାର ଭକ୍ତ ଜଳାଭିଷେକ କରିଛନ୍ତି। ହରହର ମହାଦେବ ଧ୍ୱନୀରେ ପ୍ରକମ୍ପିତ ହୋଇ ଉଠିଛି ଦେବଗିରି। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢୀପଦରଠାରେ ଥିବା ଦେବଗିରିର ସମୃଦ୍ଧ ପୃଷ୍ଠଭୂମୀ ରହିଛି। ପ୍ରାଚୀନ ମହାକାନ୍ତାର ସଭ୍ୟତାର ସ୍ୱାକ୍ଷର ବହନ କରୁଥିବା ଏହି ସ୍ଥାନରେ କଳାହାଣ୍ଡି ନାଗବଂଶୀ ମହାରାଜମାନଙ୍କ ଦ୍ୱାରା ଦଧିବାମନଜୀଉ ମନ୍ଦିର ନିର୍ମିତ ହୋଇଛି। ସେହିଭଳି ଉତ୍କଳୀୟ ବୈଷ୍ଣବ ଗୋଷ୍ଠୀର ସନ୍ୟାସୀ ସ୍ୱର୍ଗତ ମହନ୍ତ ଦିନବନ୍ଧୁ ଦାସଙ୍କ ଦ୍ୱାରା ଦେବଗିରି ମଠ ସ୍ଥାପିତ ହୋଇଛି। ଓଡ଼ିଶା ହିନ୍ଦୁ ଦେବୋତ୍ତର ବିଭାଗ ଅଧୀନରେ ଥିବା ଏହି ମଠ ରାଜ୍ୟର ଏକ ଅନନ୍ୟ ଦର୍ଶନୀୟ ସ୍ଥାନ ଭାବେ ଓଡ଼ିଶା ପର୍ଯ୍ୟଟନର ମାନ୍ୟତା ପାଇଛି। ଭବାନୀପାଟଣାଠାରୁ ଏହି ସ୍ଥାନର ଦୂରତା ୩୦ କିମି। ଉତ୍କେଲା ବିମାନବନ୍ଦରୁ ୧୪ କିମି। ରୁପ୍ରାରୋଡ ରେଳଷ୍ଟେସନ ୪ କିମି ଦୂର। ସୋମବାର ଦେବଗିରି ମଠରେ ଦ୍ୱାଦଶ ରୁଦ୍ର ବନ୍ଦନା ସହ ମହାଦେବଙ୍କ ବିଶେଷ ପୂଜା ଅନୁଷ୍ଠିତ ହୋଇଛି। ଏହାସହ ଦଧିବାମନଜୀଉ, ମହାମାୟା ଚଣ୍ଡୀ, ଗଣପତି, କୁମାର କାର୍ତ୍ତିକେୟ, ବାମନେନ ବୁଢ଼ୀ, ଯୋଗିନୀ ଆଦି ମଠର ଅନେକ ଦେବାଦେବୀ ପୂଜା ପାଇଛନ୍ତି। ସୋମବାର ଶ୍ରାବଣ କୃଷ୍ଣପକ୍ଷ ଏକାଦଶୀ ତିଥି ରୋହିଣୀ ନକ୍ଷତ୍ର ସଂଯୋଗ ହୋଇଥିବାରୁ ଏହି ପୂଜାର ବିଶେଷ ପ୍ରାଧାନ୍ୟ ରହିଥିଲା। ହଜାର ହଜାର ଭକ୍ତ ଦେବଗିରି ମଠର ଗୁମ୍ଫା ମଧ୍ୟସ୍ଥ କାଶି ବିଶ୍ୱନାଥ ମହାଦେବଙ୍କୁ ଜଳାଭିଷେକ କରିଛନ୍ତି। ଦେବଗିରି ମଠର ଟ୍ରଷ୍ଟି ସୁନୀଲ ଧଙ୍ଗଡ଼ାମାଝୀଙ୍କ ତତ୍ତ୍ୱାବଧାନରେ ପୂଜକ ସନ୍ତୋଷ ପାଢ଼ୀ, ସେବାୟତ ତପିବର ଦାସ ଓ ସେବକ ଟିକେ ଗଉଡ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଟ୍ରଷ୍ଟ ବୋର୍ଡ଼ ସଦସ୍ୟ ବିଜୟ ଧଙ୍ଗଡ଼ାମାଝୀ, ପ୍ରଦୀପ ଧଙ୍ଗଡ଼ାମାଝୀ, ସଞ୍ଜୟ ଧଙ୍ଗଡ଼ାମାଝୀ, ରଜନି ଗଉଡ, ସତ୍ରୁଘନ ଧଙ୍ଗଡ଼ାମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ସାହାଜବାହାଲ ଜେଏସ୍‌ଡବ୍ଲ୍ୟୁ ବସେଇଛି ମୃତ୍ୟୁଯନ୍ତା





**ଇବଥର୍ମାଲ, ୨୧।୭ (ସମିସ)**

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ କୁମ୍ଭାରବନ୍ଧ ପଞ୍ଚାୟତ ସାହାଜବାହାଲ ଜେଏସଡବ୍ଲ୍ୟୁ କାରଖାନା ଯୋଗୁଁ ଇବଥର୍ମାଲ ରମ୍ପେଲା ସେତୁ ରାସ୍ତା ମୃତ୍ୟୁଯନ୍ତା ପାଲଟିଛି। ଏନେଇ ଲୋକେ ବାରମ୍ବାର ବିଭିନ୍ନ ସମୟରେ ବିଭିନ୍ନ ଫୋରମରେ ଅଭିଯୋଗ କରି ଆସିଛନ୍ତି। ବାସ୍ତବତା ଏହାଯେ ସାହାଜବାହାଲ ଜେଏସଡବ୍ଲ୍ୟୁ ପ୍ଲାଣ୍ଟ ଚଳେଇବା ସକାଶେ କୋଇଲା ଦରକାର ଓ ଆସ୍‌ପଣ୍ଡ ଅଭାବରୁ ହଜାର ହଜାର ଟନ୍ କୋଇଲା ଜଳି ପ୍ରତ୍ୟେକ ଦିନ ବାହାରୁ ଥିବା ପାଉଁଶକୁ ପ୍ଲାଣ୍ଟ ଭିତରୁ ସଫା କରିବାକୁ ପରିବହନର ଆବଶ୍ୟକତା ରହିଛି। ଏଣୁ ପ୍ରତ୍ୟେକ ଦିନ ଶହଶହ ବଡବଡ ଭାରିଯାନରେ ଅହରହ କୋଇଲା ପରିବହନ ଓ ଅପରପକ୍ଷରୁ ସାହାଜବାହାଲ ଜେଏସଡବ୍ଲ୍ୟୁ ଠାରୁ ବଡବଡ ଭାରିଯାନରେ ପାଉଁଶ ପରିବହନ ନିତିଦିନ ଚାଲିଛି। ଫଳରେ ସମ୍ବଲପୁର ରେଙ୍ଗାଲି ଠାରୁ ଇବଥର୍ମାଲ ରାସ୍ତା ମରଣଯନ୍ତା ପାଲଟିଛି। ପରିସ୍ଥିତି ଏପରି ହେଲାଣି ଯେ ଲୋକେ ଏହି ରାସ୍ତା ଦେଇ ଯିବାକୁ ସାବଧାନ କରାଉଥିବା ଦେଖା ଦେଇଛି। ମାତ୍ର ୬ମାସ ମଧ୍ୟରେ ଏହି ବାଟ ଦେଇ ଆସୁଥିବା ଝାରମୁଣ୍ଡାର କୀର୍ତ୍ତନରାଉତ, ମାଧବ ଠାକୁର, ତିଳିଆର ବୀରେନ୍ଦ୍ର ମହାନନ୍ଦ, ମନୋଜ ଛୁରିଆ, ତାଳବେର୍ଣ୍ଣାର ସୋମନାଥ ମହାନନ୍ଦଙ୍କ ମୃତ୍ୟୁ ହୋଇଥିବା ତିଳିଆ, ରମ୍ପେଲା, କୁମ୍ଭାରବନ୍ଧ ପରିବେଶ କମିଟି କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। କିଛି ଜେଏସଡବ୍ଲ୍ୟୁର ପରିବହନ ଗାଡିଯୋଗୁଁ ମୃତ୍ୟୁ ବରଣ କରିଥିବା ବେଳେ କିଛି ଅଜଣା ଗାଡି ଧକ୍କାରେ ମୃତ୍ୟୁ ବରଣ କରିଛନ୍ତି। ହେଲେ ଜେଏସଡବ୍ଲ୍ୟୁକୁ ଆସୁଥିବା କୋଇଲା ଓ ପାଉଁଶ ପରିବହନ ଗାଡି କେତେ ବେପରୁଆ ଗାଡିଚାଳନା କରୁଛନ୍ତି ତାହା ନିଜ ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ।

- ମାତ୍ରାଧିକ ଭାରୀଯାନ ଚଳାଚଳ ବଢ଼ାଉଛି ବିପତ୍ତି
- ପ୍ରଦୂଷଣର ଧୂମକେତୁ ସାଜିଛି ଜେଏସ୍‌ଡବ୍ଲ୍ୟୁ

ଓଭରଲୋଡ କୋଇଲା ଓ ପାଉଁଶ ପରିବହନ ଫଳରେ ରାସ୍ତାସାରା ପାଉଁଶ ପଡ଼ି ଗାଡି ଚଳାଚଳ ବେଳେ ଭୟଙ୍କର ପ୍ରଦୂଷଣର ବଳୟ ସୃଷ୍ଟି କରିବା ସହ ରାସ୍ତା ଦେଖାଯାଉ ନାହିଁ। ଯାହାକି ବାଇକରେ ଯାତାୟତ କରୁଥିବା ଲୋକଙ୍କୁ ଦୁର୍ଘଟଣାକୁ ଟାଣି ନେଉଛି। ଏ ସଙ୍କ୍ରାନ୍ତୀୟ ସୂଚନା ଝାରସୁଗୁଡା ଆରଟିଓକୁ ପରିବେଶ କମିଟି ଦେଇସାରିଛି ହେଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ରାସ୍ତାଟି ମରଣଯନ୍ତା ପାଲଟିଥିବା ବେଳେ ସାହାଜବାହାଲ ଜେଏସଡବ୍ଲ୍ୟୁ ଅଧିକାରୀ ସେହି ବାଟଦେଇ ଯାତାୟତ କରି ଜାଣୁଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜିଛନ୍ତି। ଏକଥା ନେତା ମନ୍ତ୍ରୀ ସମସ୍ତଙ୍କୁ ଜଣା।

ଗତ ନଭେମ୍ବରରେ ଖୋଦ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓପିଜିସିକୁ ଏକ କାର୍ଯ୍ୟକ୍ରମରେ ଆସିଥିବା ବେଳେ ଏହି ବାଟଦେଇ ଆସିଥିଲେ। ଓପିଜିସି ପହଞ୍ଚିବା ପରେ ଏହି ରାସ୍ତାର ଅନୁଭୂତି ବଖାଣିବାକୁ ଯାଇ ଓଟ ପିଠିରେ ଆସିଲାଭଳି ଲାଗିଲା, ଏ ଅନୁଭୂତି ଚିରଦିନ ମନେରହିବ କହି ରାସ୍ତାର ଦୂରାବସ୍ଥା ଉପରେ କଟାକ୍ଷ କରିଥିଲେ। ସିଙ୍ଗିଲରୋଡ ହୋଇଥିଲେ ମଧ୍ୟ ସକାଳେ ଓ ସନ୍ଧ୍ୟା ସମୟରେ ଜେଏସଡବ୍ଲ୍ୟୁ ଭାରିଯାନ ଏଭଳି ରାସ୍ତା ଉପରେ ଛିଡା ହୋଇ ରହୁଛି। ସାଧାରଣ ଲୋକ ବା ଅନ୍ୟ ଗାଡିମଟର ସେହି ରାସ୍ତା ଦେଇ ଯାଇପାରୁ ନାହିଁ। ଭୟଙ୍କର ଟ୍ରାଫିକ୍ ସମସ୍ୟା ଯୋଗୁଁ ଅଧିକାଂଶ ଚାରିଚକିଆ ଯାନ ଓ ଦୁଇଚକିଆ ଯାନରେ ଯାତାୟତ କରୁଥିବା ଲୋକେ ସମସ୍ୟା ଭୋଗୁଛନ୍ତି। ୨୦୧୮ ଏପ୍ରିଲରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରମ୍ପେଲା ସେତୁ ଜନସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ କଲାପରେ ଉଭୟ ପଟେ ରାସ୍ତା ମଧ୍ୟ ନିର୍ମାଣ କରାଗଲା। ଲୋକେ ବହୁଦିନର ସ୍ୱପ୍ନ ସାକାର ହେଲା ବୋଲି ଖୁସି ହୋଇଥିଲେ। ହେଲେ ୨୦୨୩ ମସିହା ଠାରୁ ସାହାଜବାହାଲ ଜେଏସଡବ୍ଲ୍ୟୁ କାର୍ଯ୍ୟକ୍ଷମ ହେବାପରେ ଏହା ସର୍ବସାଧାରଣଙ୍କ ରାସ୍ତା କମ ଜେଏସଡବ୍ଲ୍ୟୁର ପରିବହନ ରାସ୍ତା ପାଲଟିଯାଇଛି। ଫଳରେ ରାସ୍ତାରେ ଯମ ଯିବାକୁ ବି ଭୟ କରୁଛି। କେବଳ ସେତିକି ନୁହଁ ପ୍ରତିଶ୍ରୁତି ଖିଲାପରେ ସାହାଜବାହାଲ ଜେଏସଡବ୍ଲ୍ୟୁ ପଛରେ ନାହିଁ। ଗତ ନଭେମ୍ବରରେ ଜେଏସଡବ୍ଲ୍ୟୁର ଠିକା ଶ୍ରମିକ ରମେଶ ଭୋଇ ରାତିରେ କୋଇଲା କନଭେୟର ବେଲ୍ଟରେ କାମ କରୁଥିବା ବେଳେ ଦୁର୍ଘଟଣାରେ ଗୋଡ଼ ହରାଇଥିଲେ। ସେତେବେଳେ ଲୋକଙ୍କ ବିକ୍ଷୋଭ ପରେ ତ୍ରିପାକ୍ଷିକ ବୈଠକରେ ଯାହା ଚୁକ୍ତି ହୋଇଥିଲା ତାହାବି କମ୍ପାନୀ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ପାଳନ କରି ନଥିବା ଅଭିଯୋଗ ହେଉଛି। ଅଞ୍ଚଳର ଲୋକେ ହୀରାକୁଦ ଜଳଭଣ୍ଡାର ପାଇଁ, ଓପିଜିସି ପାଇଁ ଓ ପରେ ଜେଏସ୍‌ଡବ୍ଲ୍ୟୁ ସାହାଜବାହାଲ ପାଇଁ ଅନେକ ତ୍ୟାଗ କଲା ପରେ ତାଙ୍କ ସକାଶେ ଏ ଅଭିଶପ୍ତ ଜୀବନ କାହା ସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

# ତରଭା ଜେଏନ୍‌ଭି ଛାତ୍ରଛାତ୍ରୀଙ୍କ କୃତିତ୍ୱ



**ତରଭା, ୨୧।୭(ସମିସ):** ମଧ୍ୟପ୍ରଦେଶର ଅମରକଣ୍ଟକରେ ଜୁଲାଇ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ୩୪ତମ ଜେଏନଭି କ୍ଲଷ୍ଟରସ୍ତରୀୟ ତ୍ରିଦିବସୀୟ ଆଥ୍‌ଲେଟିକ ମିଟ୍ ଆୟୋଜିତ ହୋଇଯାଇଛି। ଏଥିରେ ସୋନପୁର ଜିଲ୍ଲା ତରଭା ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ଏଥିରେ ଭୋପାଳ, ଉଜୟିନୀ, ବିଳାସପୁର, ରାୟପୁର ଓ କଟକ କ୍ଲଷ୍ଟର ଅଧୀନରେ ଥିବା ୧୧୩ ଜେଏନଭିରୁ ୩୦୩ ଜଣ ପ୍ରତିଯୋଗୀ ଚୟନ ହୋଇଥିଲେ। ରାୟପୁର କ୍ଲଷ୍ଟର ଅଧୀନରେ ଥିବା ତରଭା ଜେଏନଭିର ୮ ଜଣ ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ। ଏମାନଙ୍କ ମଧ୍ୟରୁ ୮୦ ମିଟର ହର୍ଡଲସରେ ପ୍ରଥମ ସ୍ଥାନ ହାସଲକରି ଆରାଧ୍ୟା ଅନୁଭା ସାହୁ ସ୍ୱର୍ଣ୍ଣ ପଦକ ଜିଣିଛନ୍ତି। ୧୦୦, ୨୦୦ମିଟର ଦୌଡ଼, ରିଲେରେସ ଓ ଲମ୍ବଡିଆଁରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଆଦ୍ୟାଶା ପ୍ରଧାନ ୪ଟି ରୌପ୍ୟ ପଦକ ପାଇଛନ୍ତି। ଟ୍ରିପଲ ଜମ୍ପ ଓ ରିଲେରେସରେ ଦ୍ୱିତୀୟ ସ୍ଥାନରେ ରହି ସୌମ୍ୟା ଶୁଭଦର୍ଶିନୀ ଅମାତ ୨ଟି ରୌପ୍ୟ ପଦକ ପାଇଛନ୍ତି। ଡିସକସ ଫିଙ୍ଗାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସମ୍ପ୍ରୀତରାଜ ସେଠୀ ରୌପ୍ୟ ପଦକ ଜିତିଛନ୍ତି। ୪୦୦ ମିଟର ଦୌଡରେ ଦ୍ୱିତୀୟ ସ୍ଥାନ ହାସଲ କରି ନଳିନୀ ନାୟକ ରୌପ୍ୟ ପଦକ ପାଇଛନ୍ତି। ଟ୍ରିପଲ ଜମ୍ପରେ ତୃତୀୟ ସ୍ଥାନ ଅଧିକାର କରି ଧ୍ରୁବରାଜ ଭୁଏ ବ୍ରୋଞ୍ଜ ପଦକ ଜିଣିଛନ୍ତି। ବିଦ୍ୟାଳୟର କ୍ରୀଡା ଶିକ୍ଷକ ମନମୋହନ ପଟେଲଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଉଥିଲେ। ଏହି ପ୍ରତିଯୋଗିତାରେ ରାୟପୁର କ୍ଲଷ୍ଟର ତାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଟକ କ୍ଲଷ୍ଟରକୁ ହରାଇ ୨୦ ସ୍ୱର୍ଣ୍ଣ, ୨୨ ରୌପ୍ୟ ଓ ୨୦ ବ୍ରୋଞ୍ଜ ପଦକ ସହ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ବିଦ୍ୟାଳୟର ଅଧ୍ୟକ୍ଷ ନିଶିକାନ୍ତ ସାମକୁଁୱର କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଶିବ ମନ୍ଦିରରେ ୬ ଫୁଟ ଉଚ୍ଚର ତମ୍ବା ନାଗ ମୂର୍ତ୍ତି ସ୍ଥାପନ



**ଶଗଡ଼ା, ୨୧।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ଗ୍ରାମର ଶିବ ମନ୍ଦିରରେ ଶ୍ରାବଣ ମାସର ଦ୍ୱିତୀୟ ସୋମବାର ୬ ଫୁଟ ଉଚ୍ଚତାର ଏକ ତମ୍ବା ନାଗ ମୂର୍ତ୍ତି ସ୍ଥାପନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ସୁଶାନ୍ତ ସାହୁ ନିଜସ୍ୱ ଖର୍ଚ୍ଚରେ ଓ ନିଜେ ଏକ ମାସ ଶ୍ରମଦାନ କରି ଏହି ନାଗ ମୂର୍ତ୍ତି ତିଆରି କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। କର୍ତ୍ତା ଭାବରେ ସୁଶାନ୍ତ ସାହୁ ସପତ୍ନୀକ ସହଯୋଗ କରିଥିଲେ। ପୂଜକ ଭାବରେ କୃତିବାସ ଦଶ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।

# ବୌଦ୍ଧ ବ୍ଲକ୍ ମିଶନ ଶକ୍ତି ସିଆର୍‌ପିଙ୍କ ଦରମା ଦାବି

**ବୌଦ୍ଧ, ୨୧।୭(ସମିସ):** ବୌଦ୍ଧ ବ୍ଲକ କାର୍ଯ୍ୟାଳୟଠାରେ ବ୍ଲକର ବିଭିନ୍ନ ଗ୍ରାମରେ କାର୍ଯ୍ୟରତ ମିଶନ ଶକ୍ତି ସିଆରପିମାନେ ସେମାନେ ପୂର୍ବରୁ ପାଉଥିବା ମାସିକ ୬୧୦୦ ଟଙ୍କା ଦରମା ପ୍ରଦାନ ପାଇଁ ଦାବି କରିଛନ୍ତି।



ବର୍ତ୍ତମାନ ସିଆରପିମାନଙ୍କୁ କାର୍ଯ୍ୟକୁ ଦେଖି ସରକାର ପାରିଶ୍ରମିକ ଦେଉଥିବାରୁ ତାହାର ପ୍ରତିବାଦ କରିଛନ୍ତି। ସ୍ଥାୟୀ ଦରମା ଦାବି କରି ସେମାନେ ବିଡିଓ ଏବଂ ମିଶନ ଶକ୍ତି ବିପିଏମଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

## ବନ ବିଭାଗର ଭର୍ମି କମ୍ପୋଷ୍ଟ ୟୁନିଟ୍

# ଜଙ୍ଗଲପୋଡ଼ି ରୋକୁଛି; ମହିଳାଙ୍କୁ ଆତ୍ମନିର୍ଭରଶୀଳ କରୁଛି

**ମନମୁଣ୍ଡା, ୨୧।୭(ସମିସ)**



ଅନେକ ପ୍ରକାରେ ଜଙ୍ଗଲ ପୋଡ଼ି ହେଉଛି। ସେଥିମଧ୍ୟରୁ ବିଲରେ ଲାଗୁଥିବା ନିଆଁରେ ଜଙ୍ଗଲ ପୋଡ଼ି ଅନ୍ୟତମ। ଏହାଦ୍ୱାରା ବହୁ ମୂଲ୍ୟବାନ ଗଛ ଲତା ପୋଡ଼ି ନଷ୍ଟ ହୋଇଯାଉଛି। ଜଙ୍ଗଲରେ ନିଆଁ ଲାଗିବା ଯୋଗୁଁ ଉତ୍ତାପ ମଧ୍ୟ ବୃଦ୍ଧି ପାଉଛି। ଏଥିରେ ରୋକ୍ ଲଗାଇବାକୁ ବନ ବିଭାଗ ଏକ ଅଭିନବ ଉପାୟ କରିଛି। ବିଲ ନିଆଁ ଯାଇ ଜଙ୍ଗଲ ଯେପରି ନ ପୋଡ଼ିବ ଯୋଜନା ପ୍ରସ୍ତୁତ କରିଛି। ଜଙ୍ଗଲ ନିଆଁକୁ ରୋକିବାକୁ ବନ ବିଭାଗ ଏକ ଭିନ୍ନ ଉପାୟ ଆପଣେଇଛି। କେବଳ ସେତିକି ନୁହେଁ; ଏହି ଉପାୟରେ ଗାଁ ଗହଳିରେ ଥିବା ମହିଳାମାନଙ୍କ ଆୟବୃଦ୍ଧି ସହ ଆତ୍ମନିର୍ଭରଶୀଳ ହେବାର ଚିନ୍ତା ମଧ୍ୟ କରିଛି। ଏଥିଲାଗି ବନ ବିଭାଗ ଭର୍ମି କମ୍ପୋଷ୍ଟ ୟୁନିଟ୍ ଆରମ୍ଭ କରିଛି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହି ୟୁନିଟ୍‌ରେ ପରିଶ୍ରମ କରି ଜିଆ ଖତ ପ୍ରସ୍ତୁତ କରୁଛନ୍ତି। ଏହି ଜିଆଖତ ପ୍ରସ୍ତୁତ ପରେ ତାକୁ ବନ ବିଭାଗ ଓ ଅନ୍ୟ ସଂସ୍ଥା କ୍ରୟ କରୁଛନ୍ତି। ରୋଜଗାର ଅଭାବରୁ ଘରେ ବସିରହିଥିବା ମହିଳାଙ୍କୁ ଏହି ଭର୍ମି କମ୍ପୋଷ୍ଟ ୟୁନିଟ୍ ରୋଜଗାର ଦେଇଛି। ବୌଦ୍ଧ ବନ ଖଣ୍ଡ ତରଫରୁ ଜିଲ୍ଲାରେ ଏହିପରି ଅନେକ ୟୁନିଟ୍ କାମ କରୁଛି। ତନ୍ମଧ୍ୟରୁ କଣ୍ଟାମାଳ ବ୍ଲକ ମନମୁଣ୍ଡା ରେଞ୍ଜ ଘୀକୁଣ୍ଡି ପଞ୍ଚାୟତ କଲରାଝୁଲି ଗାଁ ଅନ୍ୟତମ। ଏହି ଗାଁରେ ହୋଇଥିବା ଭର୍ମି କମ୍ପୋଷ୍ଟ ୟୁନିଟରେ ମନମୁଣ୍ଡା ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା, ବାନପାଳ ପ୍ରକାଶ ଚନ୍ଦ୍ର ସେଠୀ, ମେମ୍ବର ସେକ୍ରେଟାରୀ ରଞ୍ଜିତ ପ୍ରଧାନ, ବନ ସହାୟକ କୁଷଲେଶ୍ୱର ପ୍ରଧାନଙ୍କ ନିୟମିତ ଦିଗଦର୍ଶନରେ ଗାଁର ଜୟ ଜଗନ୍ନାଥ, ସୁଭଦ୍ରା, ଭୈରବୀ, ବୈଷ୍ଣବୀ ଓ ଶ୍ରୀ ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ୫୦ରୁ ଅଧିକ ମହିଳା କାମ କରୁଛନ୍ତି। ପ୍ରତି ୧୫ ଦିନରେ ଏମାନଙ୍କ ପରିଶ୍ରମରେ ଜିଆଖତ ପ୍ରସ୍ତୁତ ହେଉଛି। ସେହି ଖତକୁ ବିକ୍ରି କରି ଏମାନେ ଭଲ ଦୁଇ ପଇସା ଉପାର୍ଜନ କରିବା ସହ ପରିବାର ପରିପୋଷଣ କରିପାରୁଛନ୍ତି। ଏମାନଙ୍କୁ ଏହି ୟୁନିଟ୍ ଉପାର୍ଜନର ମାଧ୍ୟମ ପାଲଟିଛି। ଏମାନଙ୍କ ମୁହଁରେ ହସ ଫୁଟାଇ ପାରିଛି। ମହିଳାମାନେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଗୋଷ୍ଠୀର ମହିଳା ସଦସ୍ୟା ଗୀତାଞ୍ଜଳି ପ୍ରଧାନ, ସଂତୋଷିନି ମହାକୁର, ସୁକେଶୀ ବାଘ ପ୍ରମୁଖ ଏହା କହିଛନ୍ତି। ତେବେ ଏହାଯେ କେବଳ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିଛି ତା ନୁହେଁ; ଏହା ପଛରେ ଏକ ଭିନ୍ନ ଉଦ୍ଦେଶ୍ୟ ରହିଛି। ଜମିରୁ ଧାନ କାଟି ସାରିଲା ପରେ ବିଲରେ ଲୋକେ ନିଆଁ ଲଗାଇ ଦେଉଛନ୍ତି। ସେହି ନିଆଁ ଯାଇ ଜଙ୍ଗଲରେ ଲାଗୁଛି। ଏହାଫଳରେ ଜଙ୍ଗଲ ପୋଡିବା ସହ ବହୁ ମୂଲ୍ୟବାନ ଗଛ ପୋଡ଼ି ନଷ୍ଟ ହୋଇଯାଉଛି। ଜଙ୍ଗଲ ପୋଡିରେ କେବଳ ମୂଲ୍ୟବାନ ଗଛ ନଷ୍ଟ ହେଉଛି ତାହା ନୁହେଁ; ଏହାଦ୍ୱାର ଉତ୍ତାପ ମଧ୍ୟ ବୃଦ୍ଧି ପାଉଛି। ଏଣୁ ଏହାକୁ ରୋକିବାକୁ ବନ ବିଭାଗ ଏବେ ଭିନ୍ନ ଉପାୟ ଆପଣେଇଛି। ବିଲରେ ପଡ଼ିଥିବା ପାଳକୁ ସଂଗ୍ରହ କରି ସେଥିରେ ଏବେ ମହିଳାମାନେ ଜିଆଖତ ପ୍ରସ୍ତୁତ କରୁଛନ୍ତି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଜିଆ ଖତକୁ ବନ ବିଭାଗ କିଣୁଛି। ଏହା ଫଳରେ ବିଲରେ ପଡ଼ିଥିବା ପାଳରେ ନିଆଁ ଲାଗି ଜଙ୍ଗଲ ପୋଡିବା ମଧ୍ୟ କମିଲା ଏବଂ ଅପରପକ୍ଷରେ ଗାଁ ଗହଳିର ମହିଳାମାନେ ମଧ୍ୟ ଉପାର୍ଜନର ମାଧ୍ୟମ ପାଇଲେ। ବୌଦ୍ଧ ଜିଲ୍ଲାରେ କେବଳ ଏହି ଗୋଟିଏ ୟୁନିଟ ନୁହେଁ; ଜିଲ୍ଲାରେ ଏହିପରି ଆହୁରି ଅନେକ ଭର୍ମି କମ୍ପୋଷ୍ଟ ୟୁନିଟ ଖୋଲା ଯାଇଛି। ଏହାଦ୍ୱାରା ଜଙ୍ଗଲ ପୋଡିକୁ ରୋକାଯାଇ ପାରିବ ବୋଲି ମନମୁଣ୍ଡା ରେଞ୍ଜ ଅଧିକାରୀ ଶ୍ରୀ କୁମୁରା ଓ ବନପାଳ ପ୍ରକାଶ ଚନ୍ଦ୍ର ସେଠୀ କହିଛନ୍ତି।

# ପଶ୍ଚିମଓଡ଼ିଶା ଯାତ୍ରା ସୁରକ୍ଷା ମଞ୍ଚର ବୈଠକ



**ବୀରମହାରାଜପୁର, ୨୧।୭ (ସମିସ):** ବୀରମହାରାଜପୁରସ୍ଥିତ ରାଧିକା କଲ୍ୟାଣ ମଣ୍ଡପରେ ପଶ୍ଚିମ ଓଡ଼ିଶା ଯାତ୍ରା କମିଟି ସୁରକ୍ଷା ମଞ୍ଚର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାତ୍ରା କମିଟିର ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା ହୋଇଥଲା। ଯାତ୍ରା କମିଟି ଗୁଡ଼ିକର ମନମୁଖୀ ଦରନିର୍ଦ୍ଧାରଣ, ଅନୁମତି ଖର୍ଚ୍ଚର ଅଧା ଯାତ୍ରା ପାର୍ଟି ବହନ କରିବା, ଚୁକ୍ତିନାମା ଅନୁସାରେ ଯାତ୍ରା ପାର୍ଟି ଠିକ୍ ସମୟରେ ପହଞ୍ଚିବା, କଳାକାରଙ୍କ ରହିବା ପାଇଁ କମିଟି ହଇରାଣ ନ କରିବା, ଗ୍ରାମାଞ୍ଚଳରେ ଟିକେଟ ଦର ଲୋକଙ୍କୁ ସୁହାଇଲା ଭଳି ନିର୍ଦ୍ଧାରଣ କରିବା, ଅଶ୍ଳୀଳତାକୁ ପ୍ରଶୟ ନ ଦେବା, ଯାତ୍ରା ମାଲିକ ଓ ଯାତ୍ରା କମିଟି ମଧ୍ୟରେ ସମନ୍ୱୟ ରକ୍ଷା କରିବା, କୌଣସି କପି ନ କରି ନୂଆ କାହାଣୀ ସୃଷ୍ଟି କରିବା ଇତ୍ୟାଦି ନେଇ ଆଲୋଚନା ହୋଇଥିଲା।

# ଲୁହା ବିଦ୍ୟୁତ୍ ଖୁଣ୍ଟରେ ଲାଗି ଗାଇଚରାଳିଙ୍କ ମୃତ୍ୟୁ

**ବୌଦ୍ଧ, ୨୧।୭(ସମିସ):** ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ପାଟଦୁହୁଲି ଗ୍ରାମର ନୀଳମଣି ନାୟକ (୫୫) ନାମକ ଜଣେ ବ୍ୟକ୍ତିଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟ ଘଟିଛି। ସବୁଦିନ ପରି ସୋମବାର ସେ ଗ୍ରାମ ନିକଟ ପଡ଼ିଆକୁ ଗାଇ ଚରାଇବାକୁ ଯାଇଥିଲେ। ପଡ଼ିଆରେ ଥିବା ଲୁହା ଇଲେକ୍ଟ୍ରି ପୋଲ ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡ଼ିଥିଲେ। ଏହାଫଳରେ ତାଙ୍କ ଶରୀର ଅଧା ଅଂଶ ପୋଡି ଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟଇଥିଲା। ତେବେ ତୁରନ୍ତ ତାଙ୍କୁ ଉଦ୍ଧାର କରି ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର କିନ୍ତୁ ମୃତ ଘୋଷଣଶ କରିଥିଲେ।

# ତାଳଗଛ ଶୂନ୍ୟ ହୋଇଯିବ ବୀରମହାରାଜପୁର

**ବିରମହାରାଜପୁର, ୨୧।୭(ସମିସ):** ପ୍ରାକୃତିକ ବିପର୍ଯ୍ୟୟ ତଥା ବ୍ରଜପାତ ନିୟନ୍ତ୍ରଣରେ ତାଳଗଛର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବଜ୍ରପାତରୁ ରକ୍ଷା ବାଇବାକୁ ତାଳଗଛ ଲଗାଇବା ଲାଗି ସରକାର ବନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି; ହେଲେ ବୀରମହାରାଜପୁର ବାନାଞ୍ଚଳରେ ବନ ବିଭାଗ ତରଫରୁ କେଉଁଠି ବି ତାଳଗଛ ଲଗାଯିବା ଦେଖିବାକୁ ମିଳୁନାହିଁ। ପୂର୍ବରୁ ଏଠାକାର ବିଭିନ୍ନ ପୋଖରୀ ହିଡ ଓ ଲୋକଙ୍କ ଚାଷ ଜମିରେ ବହୁ ସଂଖ୍ୟାରେ ତାଳଗଛ ଥିବା ଦେଖିବାକୁ ମିଳୁଥିଲା। ଏବେ ନୂଆ ଗଛ ଲଗାଯାଉନି। ଯାହା ବି ଅଛି ସେ ତାଳଗଛଗୁଡ଼ିକ ବେଆଇନ୍ ଭାବେ କଟା ଚାଲିଛି। ଏଣୁ ତାଳଗଛ ସଂଖ୍ୟା ଦିନକୁ ଦିନ ଲୋପ ପାଇବାକୁ ବସିଲାଣି। ଗ୍ରାମାଞ୍ଚଳ ତଥା ସଂରକ୍ଷିତ ଜଙ୍ଗଲ ଓ ଜମିରେ ତାଳ ଗଛ ଲଗାଇବାକୁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତତଫରୁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ବନ ବିଭାଗକୁ ଏଥିଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏଠି କିନ୍ତୁ ବନ ବିଭାଗ ତାଳଗଛ ପରେ ଗୁରୁତ୍ୱ ଦେଉନି। ଅବଶ୍ୟ ଚଳିତ ବର୍ଷ ବୀରମହାରାଜପୁର ବାନଞ୍ଚଳ ହାତୀଲିମୁଣ୍ଡା ଜଙ୍ଗଲ ସହ ବିଭିନ୍ନ ସ୍ଥାନରେ ୧ହଜାର ତାଳଗଛ ଲଗାଯିବାକୁ ଯୋଜନା ରହିଥିବା ବନ ବିଭାଗ ସୂଚନା ଦେଇଛି।

# ମସିଣାଗୋରା ସରସ୍ୱତୀ ଶିଶୁ ମନ୍ଦିରରେ ଚାରାରୋପଣ

**ଶଗଡ଼ା, ୨୧।୭(ସମିସ) :** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ମସିଣାଗୋରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନରକ୍ଷୀ ରୀନା ନାଏକ, ବରିଷ୍ଠ ଆଚାର୍ଯ୍ୟା ଝରଣା ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁ ଅତିଥି ପରିଚୟ ଦେଇଥିଲେ। ବୌଦ୍ଧିକ ପ୍ରମୁଖ ସନ୍ଧ୍ୟାରାଣୀ ମନହିରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ବାଟିକା ପ୍ରମୁଖ ସାଇବାନି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆକୃତି ସାହୁ, ମୋନାଲ ସାହୁ, ବିଶ୍ୱଜିତ୍ ବେହେରା, ଶ୍ରୀୟା ବାରିକ, ରାଜୁ ସାହୁ ଚାରାରୋପଣ କରିଥିଲେ। ଆଚାର୍ଯ୍ୟ ଶ୍ରୀକାନ୍ତ କୁଦେଇ, ବିକାଶ ସାହୁ, ଆଶିଷ ମହାରଣା, ନେପାଳ ପ୍ରଧାନ, ମମିତା ରଣା, ବେଦମତି କୁଦେଇ, ଖିରବତି ଭୋଇ, ସୁରୁସୂତା ଭୋଇ, ରାଜକୁମାର ରଣା, ଅଙ୍କିତାଶ୍ରୀ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

## ଯୌନ ଶୋଷଣ ନିରାକରଣ ନିମନ୍ତେ ସଚେତନା କାର୍ଯ୍ୟକ୍ରମ

# ମହିଳାଙ୍କ ସୁରକ୍ଷା ପାଇଁ ତତ୍ପର ଶିକ୍ଷାନୁଷ୍ଠାନ

**ଶଗଡ଼ା/ମନମୁଣ୍ଡା, ୨୧।୭(ସମିସ):** ଜୀବନ ବିକାଶ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ଶୋଷଣ ଓ ନିରାକରଣ ନିମନ୍ତେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁଶାନ୍ତ ଗୁରୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ଶୋଷଣ ନିରାକରଣ, ନିଷେଧ ଓ ସମାଧାନ ଆଇନ -୨୦୧୩ ଧାରା ସମ୍ପର୍କରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଏହି ସଚେତନ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟରେ ଗଠିତ ଆଭ୍ୟନ୍ତରୀଣ କମିଟି ଉପରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇ ଯାଇଥିଲା। ଏହି ସଚେତନତା ସଭାରେ ସମସ୍ତଙ୍କ ମଧ୍ୟରେ କେମିତି ଭ୍ରାତୃତ୍ୱ ଭାବ ବଜାୟ ରହିବ ଅଧ୍ୟକ୍ଷ ସେ ସମ୍ପର୍କରେ ଆହ୍ୱାନ ଦେଇଥିଲେ। ଏହି ସଚେତନ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟରେ ଗଠିତ



ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସମସ୍ତ ସଦସ୍ୟ ସଦସ୍ୟା ଓ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ସୂର୍ଯ୍ୟକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

**ତରଭା:** ତରଭା ଏଇଏସ ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଭ୍ୟ/ସଭ୍ୟାଙ୍କୁ ନେଇ ଯୌନ ଉତ୍ପୀଡ଼ନ ନିରାକରଣ ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ତଥା ଯୁକ୍ତ୨ ଓ ଯୁକ୍ତ ୩ର ଛାତ୍ରଛାତ୍ରୀଙ୍କ ଉପସ୍ଥିତରେ ଯୌନ ଉତ୍ପୀଡ଼ନର ଭୟବହତା ଓ ନିରାକାରଣ ସମ୍ବନ୍ଧୀୟ ଏହି ସଚେତନତା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର ଛାତ୍ରଛାତ୍ରୀଙ୍କୁ ଭୌତିକ ଶିକ୍ଷା ସହ ନୈତିକ ଶିକ୍ଷା ପ୍ରଦାନକୁ ଗୁରୁତ୍ୱ ଦେଇ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। କମିଟିର ପ୍ରିଜାଇଡିଂ ଅଫିସର ଅଧ୍ୟାପିକା ବିନତି ମିଶ୍ର ମହାବିଦ୍ୟାଳୟଗୁଡ଼ିକରେ ଘଟୁଥିବା ଯୌନ ଉତ୍ପୀଡ଼ନ ଓ ତାହାର ନିରାକାରଣ ସମ୍ବନ୍ଧରେ ବିଷଦ ଭାବରେ ବର୍ଣ୍ଣନା କରିଥିଲେ। ଛାତ୍ରଛାତ୍ରୀଙ୍କୁ ସେଥିରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। କମିଟିର ସଦସ୍ୟା କବୟିତ୍ରୀ ନୀଳକାନ୍ତି ପଟ୍ଟନାୟକ ବିଭିନ୍ନ ଉଦାହରଣ ମାଧ୍ୟମରେ ଉତ୍ତମ ଚରିତ୍ର ଗଠନ ସହ ସୁନାଗରିକ ହୋଇ କଲେଜ ତଥା ଦେଶ ଓ ଜାତିର ନାମ ରଖିବା ପାଇଁ ଉପଦେଶ ଦେଇଥିଲେ। ଅଧ୍ୟାପକ ଶିବରାମ ମେହେର ଓ ଦେବାଶିଷ ଶତପଥୀ ନିଜ ନିଜ ଅଭିଭାଷଣ ପ୍ରଦାନ ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ।

# କଳାହାଣ୍ଡି ଘରୋଇ ସ୍କୁଲ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ




**ଭବାନୀପାଟଣା, ୨୧।୭(ସମିସ):** କଳାହାଣ୍ଡି ଜିଲ୍ଲା ଘରୋଇ ସ୍କୁଲ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଡର୍ଣ୍ଣ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଘରୋଇ ସ୍କୁଲମାନଙ୍କ ବିଭିନ୍ନ ସମସ୍ୟା ଓ ନିରାକରଣ ଉପରେ ଆଲୋଚନା ହୋଇଥିଲା। ସିଓଆର ଓ ଆରଟିଇ ପ୍ରତିପୂରଣ, ଆରଟିଇ ଅର୍ଥ ମଞ୍ଜୁର ହୋଇ ପଡ଼ିରହିଥିବା ସତ୍ତ୍ୱେ ସ୍କୁଲଗୁଡିକୁ ପ୍ରତିପୂରଣ ଦିଆଯାଉ ନ ଥିବାରୁ ସରକାର ଶୀଘ୍ର ବକେୟା ରାଶି ପ୍ରଦାନ କରିବାକୁ ସଂଘ ଦାବି କରିଛି। ଘରୋଇ ସ୍କୁଲଗୁଡିକ ସରକାରୀ ନିୟମ ମୁତାବକ ୨୫ ପ୍ରତିଶତ ମାଗଣା ଶିକ୍ଷା ଦାନ ଦେଇଥାନ୍ତି; ଯାହାକୁ ସରକାର ସମୟାନୁସାରେ ପ୍ରତିପୂରଣ କରିବା ନିୟମ ରହିଛି। କିନ୍ତୁ ବର୍ଷ ବର୍ଷ ଧରି ଏହି ପ୍ରାପ୍ୟ ନ ଦେବାରୁ ସ୍କୁଲଗୁଡିକ ଉପରେ ବୋଝ ବଢ଼ି ଯାଉଛି। ନିଜ ଭିତ୍ତି ଭୂମି ଥିବା ଘରୋଇ ସ୍କୁଲକୁ ଆଜୀବନ ଓ ଭଡା ଘରେ ପରିଚାଳନା ହେଉଥିବା ଘରୋଇ ସ୍କୁଲକୁ ୧୦ ବର୍ଷର ସିଓଆର ଦେବା ପାଇଁ ଦାବି କରା ଯାଇଛି। କଳାହାଣ୍ଡି ଜିଲ୍ଲା ଘରୋଇ ସ୍କୁଲ ସଂଘର ଚ୍ୟାରମ୍ୟାନ ଡ. ଶିବରାମ ନାୟକ ସଭାପତିତ୍ୱ କରିଥିବା ବେଳେ ସଂଘର ସମ୍ପାଦକ ୟୁସୁଫ ଅହମ୍ମଦ ଓ ପିଆରଓ ଦୁଷ୍ମନ୍ତ ପ୍ରଧାନ ସଭା ପରିଚାଳନା କରିଥିଲେ। ଜିଲ୍ଲାର ୧୩ଟି ବ୍ଲକର ଶତାଧିକ ଘରୋଇ ସ୍କୁଲ ଅଧ୍ୟକ୍ଷ, ନିର୍ଦ୍ଦେଶକ, ସ୍କୁଲ ପରିଚାଳନା ମୁଖ୍ୟ ଉପସ୍ଥିତ ଥିଲେ।

# ଆତ୍ମନିର୍ଭରଶୀଳ ହୋଇଛନ୍ତି; କିନ୍ତୁସରକାରୀ ପ୍ରୋତ୍ସାହନ ମିଳୁନି

**ସୁବଳୟା, ୨୧।୭(ସମିସ)**



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର ଗୌଡ଼ଗାଡ ଗ୍ରାମର ଦୁର୍ଯ୍ୟୋଧନ ଦୀପ ଗୋ ପାଳନ କରି ରୋଜଗାରକ୍ଷମ ହୋଇ ପାରିଛନ୍ତି। ଦିନେ ଘର ଚଳାଇବା ପାଇଁ ତାଙ୍କ ପାଖେ ଟଙ୍କା ନ ଥିଲା। ସେ ଅନ୍ୟର କୁଲି ମଜୁରୀ କରୁଥିଲେ। ଏବେ ସେ ଗୋ ପାଳନ କରି ମାସିକ ପ୍ରାୟ ୪୦ ହଜାର ଅଧିକ ଟଙ୍କା ରୋଜଗାର କରୁଛନ୍ତି। ଏହି ରୋଜଗାର ଟଙ୍କାରେ ସେ ନିଜ ପରିବାର ଚଳାଉଛନ୍ତି। ଅଞ୍ଚଳରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ପ୍ରାୟ ୨ ବର୍ଷ ପୂର୍ବେ ସେ ଗୋ ପାଳନ ଆରମ୍ଭ କରିଥିଲେ। ମାତ୍ର ଗୋଟିଏ ଗାଇରୁ ଗୋ ପାଳନ ଆରମ୍ଭ କରିଥିବା ଦୁର୍ଯ୍ୟୋଧନଙ୍କ ପାଖରେ ଏବେ ୮ଟି ଗାଇ ଓ ୬ଟି ବାଛୁରୀ ଅଛନ୍ତି। ସେ ଓ ତାଙ୍କ ସ୍ତ୍ରୀ ନିଳାନ୍ଦି ଉଭୟେ ଗାଇବାଛୁରୀଙ୍କ ଯତ୍ନ ନିଅନ୍ତି। କ୍ଷୀର ସଂଗ୍ରହ କରି ନିକଟସ୍ଥ ଅମରପାଲିରେ ଦୁଗ୍ଧ ସେବା ସମବାୟ ସମିତିରେ ବିକ୍ରି କରନ୍ତି। ଦୈନିକ ୩୦ରୁ ୩୨ ଲିଟର କ୍ଷୀର ସଂଗ୍ରହ କରନ୍ତି। ଲିଟର ପ୍ରତି ୪୦ରୁ ୪୨ ଟଙ୍କା ହିସାବରେ ସେ ଦୈନିକ ପ୍ରାୟ ୧୩ ଶହ ଟଙ୍କା ରୋଜଗାର କରନ୍ତି। ମାସିକ ପ୍ରାୟ ୪୦ ହଜାର ଟଙ୍କା ହିସାବରେ ବର୍ଷକୁ ପ୍ରାୟ ୪ ଲକ୍ଷ ୫୦ ହଜାର ଟଙ୍କା ରୋଜଗାର କରୁଛନ୍ତି। ଦାନା ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ମାସିକ ପ୍ରାୟ ୫ରୁ ୬ ହଜାର ଟଙ୍କା ଖର୍ଚ୍ଚ କରିଥାନ୍ତି। ତେବେ ସରକାର ଗୋ ପାଳନକୁ ପ୍ରୋତ୍ସାହନ ଦେଉଛନ୍ତି। ଗୋ ପାଳନକାରୀଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରୁଛନ୍ତି। ଦୁର୍ଯ୍ୟୋଧନଙ୍କୁ କିନ୍ତୁ କୌଣସି ସରକାରୀ ସହାୟତା ମିଳିନାହିଁ। ଏପରିକି ସରକାରୀ ଯୋଜନାରୁ ତାଙ୍କୁ ଗୁହାଳଟିଏ ମଧ୍ୟ ମିଳି ପାରିନାହିଁ। ତେଣୁ ଗୋରୁମାନଙ୍କୁ ରଖିବାକୁ ତାଙ୍କୁ ବହୁତ ଅସୁବିଧା ହେଉଥିବା ସେ ପ୍ରକାଶ କରିଛନ୍ତି। ସମ୍ପ୍ରତି ବେକାର ଯୁବକମାନେ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଯାଉଛନ୍ତି। ଦୁର୍ଯ୍ୟୋଧନ କିନ୍ତୁ ଗୋ ପାଳନ କରି ରୋଜଗାରକ୍ଷମ ହେବା ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

# ଜିଲ୍ଲାପାଳଙ୍କ ମତଦାନ କେନ୍ଦ୍ର ପରିଦର୍ଶନ



**ଶଗଡ଼ା, ୨୧।୭(ସମିସ):** ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡା ଘଣ୍ଟାପଡ଼ାସ୍ଥିତ ପ୍ରାଥମିକ ବିଦ୍ୟାଳୟର ୧୮୩ ନମ୍ବର ବୁଥ୍ ପରିଦର୍ଶନ କରିଛନ୍ତି। ଏହି କେନ୍ଦ୍ରରେ ୧୨୦୦ରୁ ଅଧିକ ଭୋଟର ଥିବାରୁ ଆଉ ଗୋଟିଏ ବୁଥ୍ କରିବା ପାଇଁ କ୍ଷେତ୍ର ନିରୀକ୍ଷଣ କରିଥିଲେ। ବୁଥ୍‌ଗୃହର ଆବଶ୍ୟକ ମାନ ନିର୍ଦ୍ଧାରିଣରେ ଠିକ୍ ଥିବା ଏବଂ କିଛି ଅଂଶକୁ ଠିକ୍ କରିବା ପାଇଁ କଣ୍ଟାମାଳ ବିଡ଼ିଓ ସାମୀ ଜୟଶ୍ରୀ ରେ‡ଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, ବ୍ଲକ ସହକାରୀ ଯନ୍ତ୍ରୀ ଜୟ ମହନ୍ତ, ବରଗାଁ ପିଇଓ ଭୂଲେଶ୍ୱର ନାଗ, ବୁଥ୍ ବିଏଲଓ ହେମନ୍ତ ଭୋଇ ଓ ସିଆରସିସି ରୂପାସିଂ କ୍ଷେତି ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA



■ ଘରେ ପଶି ମହିଳାଙ୍କୁ ଛୁରାମାଡ଼

# ଝିଅକୁ ବଞ୍ଚାଇବାକୁ ଯାଇ ମା' ଆହତ

ବାରିପଦା, ୨୧।୭(ସମିସ): ଦିନ ଦି'ପହରରେ ୩ ମହଲା ଉପରେ ଥିବା ଘରେ ପଶି ମହିଳାଙ୍କୁ ଛୁରାମାଡ଼। ବାରିପଦା ଭଞ୍ଜପୁର ଥାନା ମୁର୍ଗାବାଡ଼ି ଅଞ୍ଚଳ ଗ୍ରାଣ୍ଡଲିକରେ ଆଜି ଏହି ଆପରାଧିକ ଘଟଣା ଘଟିଛି। ଆହତ ମହିଳାଜଣଙ୍କ ହେଲେ, ସମୀର ସାହୁଙ୍କ ସ୍ତ୍ରୀ ମମତା। ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ହାତ ଓ ଆଙ୍ଗୁଳିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଖବର ପାଇ ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଦୁର୍ବୃତ୍ତଜଣକ ମୁହଁରେ ଗାମୁଛା ଘୋଡ଼ାଇ କଲିଂବେଲ ମାରି ପ୍ରଥମେ ଘର ଭିତରକୁ ପଶିଥିଲା। ଏହା ଦେଖି ମମତା ପାଟି କରିବାରୁ ଦୁର୍ବୃତ୍ତ ତାଙ୍କ ସାନଝିଅ ବେକରେ ଛୁରି ଲଗାଇ ହତ୍ୟା ଧମକ ଦେଇଥିଲା। ମମତା ଝିଅକୁ ଉଦ୍ଧାର କରିବାକୁ ଯାଇ ଦୁର୍ବୃତ୍ତଙ୍କ ଛୁରାମାଡ଼ର ଶିକାର ହୋଇଥିଲେ। ସେ ପାଟି କରିବାରୁ ଦୁର୍ବୃତ୍ତଜଣକ ଚପଲ ଛାଡ଼ି ଦୌଡ଼ି ପଳାଇଥିଲା।

■ ପ୍ରକାଶ ପାଇଲା ଏଲ୍ଏଲ୍ବି ମେଧା ତାଲିକା

# 'ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟ' ପ୍ରଥମ ପସନ୍ଦ

ଭୁବନେଶ୍ୱର, ୨୧।୭(ସମିସ): ତିନି ବର୍ଷିଆ ଏଲ୍ଏଲ୍ବି ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ମୋଟ୍ ୩୬୦ଟି ସିଟ୍ରେ ନାମଲେଖା ପାଇଁ ୩୬୦ଜଣ ଚୟନ ହୋଇଛନ୍ତି। ଚୟନ ହୋଇଥିବା ପିଲାଙ୍କ ମଧ୍ୟରେ ୨୦୬ଜଣ ଛାତ୍ର ଥିବା ବେଳେ ୧୫୪ଜଣ ଛାତ୍ରୀ ରହିଛନ୍ତି। ବାଣୀବିହାରସ୍ଥିତ ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଛି। ଏହାର କଟ୍-ଅଫ୍ ସର୍ବାଧିକ ୮୨.୭୩% ଯାଇଥିବା ବେଳେ କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୭୯.୪୨% ଓ ବ୍ରହ୍ମପୁରସ୍ଥିତ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟର କଟ୍-ଅଫ୍ ୭୫.୧୩% ରହିଛି। ଚୟନ ହୋଇଥିବା ପିଲାମାନେ ୨୫ତାରିଖ ମଧ୍ୟରେ ସ୍ଲାଇଡ୍/ଫ୍ରିଜ୍ ଅପସନ୍ ଦେଇ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇପାରିବେ। ୨୯ ତାରିଖରେ ଦ୍ୱିତୀୟ ତଥା ଫାଇନାଲ୍ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବାକୁ ଥିବା ବେଳେ ଅଗଷ୍ଟ ୧ ତାରିଖ ମଧ୍ୟରେ ନାମଲେଖା ସରିବ। ପରେ ୫ ତାରିଖରେ ୱେଟିଂଲିଷ୍ଟ ପ୍ରକାଶ ପାଇବ। ଚୟନ ହୋଇଥିବା ଆଶାୟୀମାନେ ୭ ଓ ୮ ତାରିଖରେ ନାମ ଲେଖାଇବେ। ଅଗଷ୍ଟ ୧୧ ତାରିଖରୁ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ଚଳିତ ବର୍ଷ ୩୬୦ଟି ସିଟ୍ରେ ନାମଲେଖା ପାଇଁ ୨୨୦୭ଜଣ ଆବେଦନ କରିଥିଲେ।

■ ଯୁକ୍ତ ୨ ଦ୍ୱିତୀୟ ରାଉଣ୍ଡ ମାଧା ତାଲିକା

# ନାମଲେଖା ପାଇଁ ୫୨,୯୫୫ ଚୟନ

ଭୁବନେଶ୍ୱର, ୨୧।୭(ସମିସ): ଯୁକ୍ତ ୨ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପଇଛି। ଏହି ରାଉଣ୍ଡରେ ନାମଲେଖା ପାଇଁ ୫୨,୯୫୫ଜଣ ଛାତ୍ରଛାତ୍ରୀ ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨୬,୦୯୨ ଛାତ୍ର ଥିବା ବେଳେ ୨୬,୮୬୦ ଛାତ୍ରୀ ରହିଛନ୍ତି। କଳାରେ ସର୍ବାଧିକ ୩୮,୧୬୫ଜଣ ଛାତ୍ରଛାତ୍ରୀ ଚୟନ ହୋଇଥିବା ବେଳେ ବିଜ୍ଞାନରେ ୧୧୮୭୭, ବାଣିଜ୍ୟରେ ୨୪୦୩, ଧନ୍ଦାମୂଳକ ଶିକ୍ଷାରେ ୩୩୯ ଏବଂ ସଂସ୍କୃତରେ ୧୭୧ ଜଣ ଚୟନ ହୋଇଛନ୍ତି। ସେହିପରି ପ୍ରଥମ ରାଉଣ୍ଡ ନାମଲେଖା ସମୟରେ ସ୍ଲାଇଡ୍-ଅପ୍ ଦେଇଥିବା ୨୮,୩୧୩ଜଣ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ଅପରପକ୍ଷେ, ପ୍ରଥମ ରାଉଣ୍ଡରେ ୪ଲକ୍ଷ ୧୩ହଜାର ୮୦୪ ଜଣ ମନୋନୀତ ହୋଇଥିବା ବେଳେ ୩ଲକ୍ଷ ୫୫ହଜାର ୬୮ଜଣ ନାମ ଲେଖାଇଛନ୍ତି। ସେହିପରି, ୫୮,୭୩୬ ଜଣ ନାମ ଲେଖାଇନାହାନ୍ତି। ସମୁଦାୟ ୫ଲକ୍ଷ ୬୮ହଜାର ୬୧୫ଟି ସିଟ୍ ଥିବା ବେଳେ ଆହୁରି ୨ଲକ୍ଷ ୧୩ ହଜାର ୫୪୭ ସିଟ୍ ଫାଙ୍କା ରହିଛି। ସମୁଦାୟ ସିଟ୍ ସଂଖ୍ୟା ଅନୁସାରେ ପ୍ରାୟ ୬୨.୪୫ ପ୍ରତିଶତ ସିଟ୍ରେ ନାମଲେଖା ହୋଇଛି।

# ୩୦ ମଧ୍ୟରେ +୨ ଇନଷ୍ଟାଣ୍ଟ ରିଚେକିଂ ଓ ରିଆଡିସନ୍ ଆବେଦନ

ଭୁବନେଶ୍ୱର,୨୧।୭ (ସମିସ): +୨ଇନ୍ଷ୍ଟାଣ୍ଟ ପରୀକ୍ଷା ଖାତା ପୁନଃ ଯାଞ୍ଚ (ରିଚେକିଂ) ଓ ମାର୍କ ପୁନଃ ମିଶ୍ରଣ (ରିଆଡିସନ୍) ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୩୦ ତାରିଖ ମଧ୍ୟରେ ଆଶାୟୀମାନେ ଆବେଦନ କରିପାରିବେ। ସମୟ ଅବଧି ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ କୁହାଯାଇଛି। ଏଥିପାଇଁ ୨୦୦ଟଙ୍କା ଫି' ଧାର୍ଯ୍ୟ କରାଯାଇଛି। ବ୍ୟାଙ୍କ ଚାଲାଣ ମାଧ୍ୟମରେ ଫି' ପୈଠ କରିପାରିବେ ଛାତ୍ରଛାତ୍ରୀ। ପରିଷଦ ପକ୍ଷରୁ ଦିଆଯାଇଥିବା ଫର୍ମାଟ୍ରେ ଛାତ୍ରଛାତ୍ରୀମାନେ ଆବେଦନ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ୧୦୦୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୧୩ଜଣ କୃତକାର୍ଯ୍ୟ ହୋଇଛନ୍ତି। କଳାରେ ସର୍ବାଧିକ ୪୪୯ ପାସ୍ କରିଥିବା ବେଳେ ବିଜ୍ଞାନରେ ୩୧୧, ବାଣିଜ୍ୟରେ ୧୨୧ ଏବଂ ଧନ୍ଦାମୂଳକ ଶିକ୍ଷାରେ ୨୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ରାଜ୍ୟ ସରକାର- ପେଟ୍ରୋଲିୟମ୍ ଡିଲର ସଂଘ ବୈଠକ

# ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ ବିକ୍ରି ସମ୍ପୂର୍ଣ୍ଣ ନିଷେଧ

■ ବାଲେଶ୍ୱର ଏଫ୍ଏମ୍ କଲେଜ ଓ ବଲଙ୍ଗା ଘଟଣା ପରେ ନିୟମ କଡ଼ାକଡ଼ି
■ ଖୋଲାରେ ପେଟ୍ରୋଲ ବିକ୍ରି ଉପରେ ହେବ ଚଢ଼ଉ
■ ଆଜିଠାରୁ କଡ଼ାକଡ଼ି ଭାବେ ହେବ ଲାଗୁ

ଭୁବନେଶ୍ୱର,୨୧।୭(ଏଜେନ୍ସି): ବାଲେଶ୍ୱର ଏଫ୍ଏମ୍ କଲେଜ ଓ ବଲଙ୍ଗା ଘଟଣା ପରେ ରାଜ୍ୟରେ ପେଟ୍ରୋଲ ବିକ୍ରି ନିୟମକୁ ଅଧିକ କଡ଼ାକଡ଼ି କରିଛନ୍ତି ସରକାର। ଏଣିକି ଆଉ ପ୍ଲାଷ୍ଟିକ୍ ବୋତଲରେ ମିଳିବନି ପେଟ୍ରୋଲ। ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। । କୌଣସି ପେଟ୍ରୋଲ ପମ୍ପରୁ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ କ୍ରୟକୁ ପ୍ରୋତ୍ସାହିତ ନ କରିବାକୁ ପେଟ୍ରୋଲିୟମ୍ ସଂଘ ସହ ରାଜ୍ୟ ସରକାର ଆଲୋଚନା କରିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଲୋକସେବା ଭବନସ୍ଥିତ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିଭିନ୍ନ ପେଟ୍ରୋଲିୟମ୍ ସଂଘର କାର୍ଯ୍ୟକର୍ତ୍ତା ଓ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ବୈଠକରେ ବିସ୍ତୃତ ଭାବେ ଏ ସଂକ୍ରାନ୍ତରେ ଆଜି ଆଲୋଚନା ଧନଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପେଟ୍ରୋଲ ବିକ୍ରିକୁ ନେଇ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଦ୍ୱାରା ପ୍ରଦତ୍ତ ନିୟମର କଡ଼ାକଡ଼ି ପାଳନ କରିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ସଂଘକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବିଭିନ୍ନ ଅନୁଷ୍ଠାନ, କୃଷକ ଓ ସରକାରୀ କାର୍ଯ୍ୟାଳୟର ବ୍ୟବହାର ପାଇଁ ଖୁଚୁରା ଭାବେ ପେଟ୍ରୋଲ ବିକ୍ରି କରାଯିବା ନେଇ ଥିବା ନିୟମ ବଳବତ୍ତର ରହିବ।

ଏତଦ୍ବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରେ ରାସ୍ତା ପାର୍ଶ୍ୱ, ବିଭିନ୍ନ ଛୋଟ ଦୋକାନରେ ପେଟ୍ରୋଲ ବିକ୍ରି କରୁଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏ କ୍ଷେତ୍ରରେ ଅନୈତିକ ଭାବେ ସହଯୋଗ କରୁଥିବା ପେଟ୍ରୋଲ ପମ୍ପ କିମ୍ବା ବ୍ୟକ୍ତିଙ୍କ ବିରୁଦ୍ଧରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୈଠକରେ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ବିଭିନ୍ନ ସଂଘର କାର୍ଯ୍ୟକର୍ତ୍ତାମାନେ ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ଉତ୍କଳ ପେଟ୍ରୋଲିୟମ୍ ଡିଲର ସଂଘର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ୍ କହିଛନ୍ତି ଯେ, ବହୁ ପୂର୍ବରୁ ପେଟ୍ରୋଲ ପମ୍ପରୁ ପ୍ଲାଷ୍ଟିକ୍ ବୋତଲରେ ତେଲ ବିକ୍ରି ନେଇ କଟକଣା ରହିଛି। ବର୍ତ୍ତମାନ କିଛି ନିର୍ଦ୍ଦିଷ୍ଟ ଘଟଣା ପରେ ରାଜ୍ୟ ସରକାର ଏହାକୁ କଠୋର ଭାବେ ଅନୁପାଳନ କରିବାକୁ କହିଛନ୍ତି। ଗ୍ରାହକ ଟିଣ କିମ୍ବା ଆଲୁମିନିୟମ୍ କଣ୍ଟେନରରେ ତେଲ ଟାଙ୍କିରୁ ପେଟ୍ରୋଲ କିଣିପାରିବେ। କେବଳ ଜରୁରୀ କ୍ଷେତ୍ରରେ ୧-୨୫ ଲିଟର ପର୍ଯ୍ୟନ୍ତ ପେଟ୍ରୋଲ କଣ୍ଟେନରରେ ଦିଆଯିବ। ରାଜ୍ୟ ସରକାର ଏବଂ ପେଟ୍ରୋଲିୟମ୍ ଡିଲର ସଂଘ ମଧ୍ୟରେ ଆଜି ଅନୁଷ୍ଠିତ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଏହି ନୂଆ ନିୟମ ଆସନ୍ତାକାଲିଠାରୁ ବା ମଙ୍ଗଳବାରଠାରୁ କଡ଼ାକଡ଼ି ଭାବେ ଲାଗୁ ହେବ।



ଏହି ବୈଠକରେ ଯୋଗାଣ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀଧର ନାୟକ,ବୈଧ ଓଜନ ମାପ ବରିଷ୍ଠ ଯୁଗ୍ମ ନିୟନ୍ତ୍ରକ ହରୀଶ ଚନ୍ଦ୍ର ପଟ୍ଟନାୟକ, ବିପଣି ଗୁପ୍ତବାର୍ତ୍ତା ଉପନିର୍ଦ୍ଦେଶକ ଦୀପକ ଶତପଥୀ, ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ରାଜ୍ୟ ସ୍ତରୀୟ ସଂଯୋଜକ କମଳ ସିଲ୍,ଉତ୍କଳ ପେଟ୍ରୋଲିୟମ୍ ଡିଲର ଆସୋସିଏସନ୍ର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ, କୋଷାଧ୍ୟକ୍ଷ ମହିନ୍ଦର୍ ସିଂ କଲ୍ସି, ଭୁବନେଶ୍ୱର ପେଟ୍ରୋଲିୟମ୍ ଡିଲର ଆସୋସିଏସନ୍ର ସମ୍ପାଦକ ଏସ୍.କେ. ରହମାନ୍ ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମନି ଲଣ୍ଡରିଂ ମାମଲାରେ ନାଲ୍କୋର ପୂର୍ବତନ ସିଏମ୍ଡି ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀ,୨୧।୭(ଏଜେନ୍ସି): ଏକ ହାଇପ୍ରୋଫାଇଲ ମନି ଲଣ୍ଡରିଂ ମାମଲାରେ ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍କୋ)ର ପୂର୍ବତନ ସିଏମ୍ଡି ଅଭୟ କୁମାର ଶ୍ରୀବାସ୍ତବ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଶ୍ରୀବାସ୍ତବଙ୍କ ବ୍ୟତୀତ ପତ୍ନୀ ଚାନ୍ଦିନୀ ଶ୍ରୀବାସ୍ତବ ଏବଂ ତାଙ୍କ ବନ୍ଧୁ ଭୂଷଣ ଲାଲ୍ ବଜାଜ୍ ଓ ତାଙ୍କ ପତ୍ନୀ ଅନୀତା ବଜାଜ୍ ମଧ୍ୟ ଏହି ମନି ଲଣ୍ଡରିଂ ମାମଲାରେ ଦୋଷୀ ପ୍ରମାଣିତ ହୋଇଛନ୍ତି। ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍ଏଲ୍ଏ) ୨୦୦୨ର ବ୍ୟବସ୍ଥା ଅନୁଯାୟୀ ନୂଆଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ କମ୍ପ୍ଲେକ୍ସର ସ୍ୱତନ୍ତ୍ର ବିଚାରପତି ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନେ ୨୦୧୦ରେ ଏକ ନବରତ୍ନ କମ୍ପାନୀ ଦ୍ୱାରା ଜାରି କରାଯାଇଥିବା ଏକ କୋଇଲା ଯୋଗାଣ ଟେଣ୍ଡର ଲାଞ୍ଚ ମାମଲା ସହ ଜଡିତ।



## ବ୍ୟାଙ୍କ ଲକରରୁ ସୁନା, ନଗଦ ଟଙ୍କା ଜବତ

ଅବୈଧ ସମ୍ପତ୍ତି ସହିତ ଜଡିତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଭାରତୀୟ ଦଣ୍ଡ ସଂହିତା, ୧୮୬୦ ଏବଂ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ବିଭିନ୍ନ ଧାରା ଅନୁଯାୟୀ ଅଭୟ କୁମାର ଶ୍ରୀବାସ୍ତବ ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ ଇଡି ତଦନ୍ତ ଆରମ୍ଭ କରିଥିଲା। ଅଯଥା ସରକାରୀ ଅନୁଗ୍ରହ ବଦଳରେ ଭାଟିଆ ଗ୍ରୁପ୍ ଅଫ୍ କମ୍ପାନୀଜ୍ର ଜିଏସ୍ ଭାଟିଆଙ୍କଠାରୁ ଲାଞ୍ଚ ଗ୍ରହଣ କରିବାରେ ବଜାଜ୍ ମଧ୍ୟସ୍ଥ ଭାବରେ କାର୍ଯ୍ୟ କରିଥିଲେ। ଅଭିଯୁକ୍ତ ଚାନ୍ଦନୀ ଶ୍ରୀବାସ୍ତବ ଜାଲ୍ ପରିଚୟପତ୍ର ଏବଂ ଜାଲ୍ ଦସ୍ତଖତ ବ୍ୟବହାର କରି ଅନୀତା ବଜାଜ୍ଙ୍କ ନାମରେ ଏକ ବ୍ୟାଙ୍କ ଆକାଉଣ୍ଟ ଏବଂ ଲକର୍ ଖୋଲିଥିଲେ। ପରେ ସିବିଆଇ ଉକ୍ତ ଲକର୍ରୁ ସୁନା ବାର୍ ଏବଂ ନଗଦ ସମେତ ଅଚଳ ସମ୍ପତ୍ତି ଜବତ କରିଥିଲା। ତଦନ୍ତ ସମୟରେ ଇଡି ଅଭୟ ଶ୍ରୀବାସ୍ତବଙ୍କ ୨ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଜବତ କରିଥିଲା। ୨୦୧୫ ମାର୍ଚ୍ଚରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟରେ ଅଭୟ କୁମାର ଶ୍ରୀବାସ୍ତବ, ଭୂଷଣ ଲାଲ ବଜାଜ, ଚାନ୍ଦନୀ ଶ୍ରୀବାସ୍ତବ ଏବଂ ଅନିତା ବଜାଜଙ୍କ ବିରୁଦ୍ଧରେ ଏକ ଅଭିଯୋଗ ଦାଖଲ କରାଯାଇଥିଲା।

# ଗିରଫ ଉଦିତ ପ୍ରଧାନ ଛାତ୍ର କଂଗ୍ରେସରୁ ନିଲମ୍ବିତ

ଭୁବନେଶ୍ୱର,୨୧।୭(ସମିସ): ଦୁଷ୍କର୍ମ ଅଭିଯୋଗ ଆସିବା ପରେ ଛାତ୍ର କଂଗ୍ରେସ ସଭାପତି ପଦରୁ ଉଦିତ୍ ପ୍ରଧାନଙ୍କୁ ଦଳ ଓ ସଙ୍ଗଠନରୁ ନିଲମ୍ବିତ କରିଛନ୍ତି ଏନ୍ଏସ୍ୟୁଆଇ ଜାତୀୟ ସଭାପତି ବରୁଣ ଚୌଧୁରୀ। ଜାତୀୟ ଛାତ୍ରକଂଗ୍ରେସ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ବିବୃତି ଜାରି କରାଯାଇଛି। ବୈଷମ୍ୟତା କ୍ଷେତ୍ରରେ ଏନ୍ଏସ୍ୟୁଆଇ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରେ; ତେଣୁ ଉଦିତ୍ଙ୍କୁ ତାଙ୍କ ପଦରୁ ନିଲମ୍ବିତ କରାଯିବା ସହ ଏହି ଘଟଣାରେ ତଦନ୍ତ କରାଯିବ। ଏହାସହିତ ଆଗକୁ ମଧ୍ୟ ବାଲେଶ୍ୱର ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଜାରିରହିଥିବା ଲଢ଼େଇ ବଳବତ୍ତର ରହିବ ବୋଲି ଶ୍ରୀ ଚୌଧୁରୀ କହିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ଓଡ଼ିଶା ପ୍ରଦେଶ କମିଟି ଗୁରୁତ୍ୱର ସହ ଗ୍ରହଣ କରିଛି। ଘଟଣାର ଅନୁଧ୍ୟାନ କରିବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ଏକ ୬ ଜଣିଆ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଏହି ୬ ଜଣିଆ ଦଳରେ ପିସିସି ଉପ ସଭାପତି ସସ୍ମିତା ବେହେରା ଅଧ୍ୟକ୍ଷ ରହିଛନ୍ତି। ତାଙ୍କ ବ୍ୟତୀତ ବିଧାୟିକା ସୋଫିଆ ଫିର୍ଦୋସ, ଡା. ଦେବସ୍ମିତା ଶର୍ମା, ସୋନାଲି ସାହୁ, ଜୟଶ୍ରୀ ପାତ୍ର, ଡଃ ମନୀଷା ଦାସ ପଟ୍ଟନାୟକ ପ୍ରମୁଖ ସଦସ୍ୟା ଅଛନ୍ତି। ଏହି କମିଟି ଅଭିଯୋଗକାରିଣୀଙ୍କୁ ଭେଟି ତାଙ୍କ ସହ ଆଲୋଚନା କରିବା ପରେ ଏକ ରିପୋର୍ଟ ପ୍ରସ୍ତୁତ କରିବ ଓ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦାନ କରିବାକୁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।



## ତଥ୍ୟ ଅନୁଧ୍ୟାନ କମିଟି ଗଠନ କଲା ପିସିସି

ଇତିମଧ୍ୟରେ କମିଟିର ସଦସ୍ୟାମାନେ ତଦନ୍ତ ଆରମ୍ଭ କରିଛନ୍ତି। ପୀଡ଼ିତା ଅଭିଯୋଗ କରିଥିବା ମଞ୍ଚେଶ୍ୱର ଥାନା ସମେତ ବିଭିନ୍ନ ସ୍ଥାନକୁ ଯାଇ ଏହି କମିଟି ତଥ୍ୟ ଅନୁଧ୍ୟାନ କରୁଛି। ସୋନାଲି ସାହୁ କହିଛନ୍ତି ଯେ ଦଳ ମହିଳା ବିରୋଧୀ ଘଟଣା ଉପରେ ଜିରୋ ଟଲରାନ୍ସ ନୀତି ଆପଣେଇଛି। ଉଦିତଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ତେବେ ଘଟଣା ୪ ମାସ ତଳେ ଘଟିଥିବା କୁହାଯାଉଛି, ତେଣୁ ବର୍ତ୍ତମାନ ଏ ସଂକ୍ରାନ୍ତରେ ଏତଲା ସନ୍ଦେହ ସୃଷ୍ଟି କରିଛି। ଏବିଭିପିର ମୃତ ଛାତ୍ରୀଙ୍କ ପାଇଁ ଆମେ ଯେଉଁ ପଦକ୍ଷେପ ନେଇଥିଲୁ ଏଠି ମଧ୍ୟ ସମାନ ପଦକ୍ଷେପ ନେବୁ । ଝିଅ ଏବଂ ମହିଳାଙ୍କ କ୍ଷେତ୍ରରେ ଅବହେଳାର ପ୍ରଶ୍ନ ଉଠୁନାହିଁ। ସେ ଦଳ ହେଉ କି ଦଳ ବାହାରେ ହେଉ ଆମେ ସବୁବେଳେ ଝିଅ-ମହିଳାଙ୍କ ସପକ୍ଷରେ ରହିଛୁ। ତେବେ ସାଧାରଣତଃ ଏଫ୍ଆଇଆର୍ କପିରେ ଅଭିଯୋଗକାରୀଙ୍କ ଠିକଣା ରୁହେ। ହେଲେ ଉଦିତ ପ୍ରଧାନଙ୍କ ଏଫ୍ଆଇଆର୍ କପିରେ ଝିଅର କୌଣସି ଠିକଣା ନାହିଁ; ଯାହା ସନ୍ଦେହକୁ ଅଧିକ ଦୃଢୀଭୂତ କରୁଛି। ରାଜନୈତିକ ଦଳ ଭାବେ ଝିଅକୁ ଭେଟିବା ଆମର ଉତ୍ତର ଦାୟିତ୍ୱ ରହିଛି। ବାସ୍ତବରେ ଝିଅ ସାଙ୍ଗରେ କଣ ହେଇଛି ଜାଣିବା ପାଇଁ ଥାନାକୁ ଯାଇ ଆମେ ବୁଝିବୁ। ରାଜନୈତିକ ଅଭିସନ୍ଧି ରଖି ଏହା କରାଯାଇଛି କି ନାହିଁ ସେ ନେଇ ସନ୍ଦେହ ସୃଷ୍ଟି ହେଲେ ବି ନୈତିକତା ଦୃଷ୍ଟିରୁ ଆହ୍ୱାନ ହୋଇଛି। କମିଟି ତା କାମ ସରିବା ପରେ ମତ ରଖିବ ବୋଲି ସୋନାଲି ସାହୁ କହିଛନ୍ତି।

# ଭାଇରାଲ ଭିଡିଓ ପଛରେ କେଉଁ ପୁଲିସ

ଭୁବନେଶ୍ୱର,୨୧।୭(ସମିସ): ଥଣ୍ଡା ପାନୀୟରେ ନିଶା ଦେଇ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଗିରଫ ହୋଇଛନ୍ତି। ପୁଲିସ ମଧ୍ୟ ତଦନ୍ତକୁ ଆଗକୁ ନେବା ସହିତ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍) ଧାରା ୧୮୦ ଆଧାରରେ ପୁଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲା। ହେଲେ ଉଦିତ ଜେଲ୍ ଯିବା ପୂର୍ବରୁ ପୀଡ଼ିତାଙ୍କ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ୨ ମିନିଟ୍ ୨୧ ସେକେଣ୍ଡର ଏହି ଭିଡିଓରେ ଜଣେ ମହିଳା ପୁଲିସ ଅଧିକାରିଣୀ ପ୍ରଶ୍ନ କରୁଥିବା ବେଳେ ପୀଡ଼ିତା ଘଟଣା ବିଷୟରେ ବଖାଣୁଛନ୍ତି। ପୁଲିସ ଅଧିକାରୀଙ୍କ ଟେବୁଲ ଉପରେ କେସ୍ ଫାଇଲ ରହିଥିବାରୁ ଭିଡିଓଟି ଥାନା ଭିତରର ବୋଲି ସ୍ପଷ୍ଟ ହୋଇଛି। ପୁଲିସ କର୍ମଚାରୀ ନାଁ ଆଉ କେହି ଏହି ଭିଡିଓ କରିଥିଲେ, ତାହା ସ୍ପଷ୍ଟ ହୋଇ ପାରିନାହିଁ। କିନ୍ତୁ ସେହି ଭିଡିଓ ଏବେ ସାମାଜିକ ଗଣମାଧ୍ୟମ ଓ ହ୍ୱାଟ୍ସଆପ ଯୋଗେ ଏ ମୋବାଇଲରୁ ସେ ମୋବାଇଲକୁ ଘୁରି ବୁଲୁଛି। ଦୁଷ୍କର୍ମ ଭଳି ସମ୍ବେଦନଶୀଳ ମାମଲାରେ ପୀଡ଼ିତାଙ୍କ ବୟାନକୁ ବଳିଷ୍ଠ ପ୍ରମାଣ ଭାବେ ବିବେଚନା କରାଯାଏ। ହେଲେ ପୀଡ଼ିତାଙ୍କ ବୟାନ ରେକର୍ଡ ବେଳର ଲୁଚା ଚୋରାରେ ଭିଡିଓ କରି ତା'କୁ ସର୍ବସାଧାରଣରେ ସେୟାର କରାଯାଉଛି। କେଉଁ ପୁଲିସ ଅଧିକାରୀ ମନ୍ଦ ଉଦ୍ଦେଶ୍ୟ ରଖି ଏପରି ଭିଡିଓ ଭାଇରାଲ କରୁଛନ୍ତି ତା'କୁ ନେଇ ପ୍ରଶ୍ନ ଉଠିଛି।

# ଆର୍ଏସ୍ପିରେ ଦୁର୍ଘଟଣା; ଠିକା ଶ୍ରମିକ ମୃତ

ରାଉରକେଲା, ୨୧।୭ (ସମିସ): ରାଉରକେଲା ଇସ୍ପାତ କାରଖାନାର ଏସ୍ଏମ୍ଏସ୍-୨ରେ ଦୁର୍ଘଟଣା ଘଟି ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ, ଅଭିରାମ ମାହାତୋ (୫୨)। ତାଙ୍କ ଘର ବିଶ୍ରା ଥାନା ଅନ୍ତର୍ଗତ ଜରେଇକେଲାରେ। ତାଙ୍କର ଦୁଇ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ସୂଚନାନୁଯାୟୀ, ଅଭିରାମ ମେସର୍ସ ଲକି କନ୍ଷ୍ଟ୍ରକ୍ସନ୍ ଠିକା ସଂସ୍ଥାରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଆଜି ସେ ଏ ସିଫ୍ଟରେ ଡ୍ୟୁଟିରେ ଯାଇଥିବା ବେଳେ ଏସ୍ଏମ୍ଏସ୍-୨ ବିଓଏଫ୍ ସପ୍ରେ ଏକ ଶାବଳ ଦ୍ୱାରା ଲାନ୍ସ ଜାମ ସଫା କରୁଥିବା ବେଳେ ଶାବଳଟି ଛିଟିକି ତାଙ୍କ ମୁଣ୍ଡରେ ବାଜିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଆଇଜିଏଚକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଆର୍ଏସ୍ପି ଡିଆଇସି ଆଲୋକ ବର୍ମା ଅଭିରାମଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଆର୍ଏସ୍ପିର ନିୟମ ଅନୁସାରେ, ସମସ୍ତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଆର୍ଏସ୍ପିରେ ନିଯୁକ୍ତି ଦିଆଯିବା ସହ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

■ ଶ୍ରାବଣ ସୋମବାରରେ ଅଘଟଣ

# ମନ୍ଦିର କୂଅରେ ପଡ଼ି ସେବାୟତ ମୃତ

ପୁରୀ,୨୧।୭(ସମିସ): ଶ୍ରାବଣ ସୋମବାରରେ ମହାଦେବଙ୍କ ପୀଠରେ ଘଟିଛି ଅଘଟଣ। ମନ୍ଦିର କୂଅରେ ପଡ଼ି ଜଣେ ପାଳିଆ ସେବାୟତଙ୍କ ମୃତ୍ୟୁ ଘଟିଛି। ଟାଉନ୍ ଥାନା ଅନ୍ତର୍ଗତ ଗୌଡ଼ବାଡ଼ ସାହିରେ ଥିବା ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ମଧ୍ୟରୁ ଅନ୍ୟତମ ଯମେଶ୍ୱର ମହାଦେବ ମନ୍ଦିରରେ ସୋମବାର ସକାଳୁ ଏହି ଦୁଃଖଦ ଘଟଣା ଘଟିଛି। ମନ୍ଦିର କୂଅରେ ପଡ଼ି ପାଳିଆ ସେବାୟତ ଝାଡୁ ପଣ୍ଡା (୭୦)ଙ୍କ ମୃତ୍ୟୁ ହୋଇଛି। ଏବେ ଚାଲିଛି ଶ୍ରାବଣ ମାସ। ବିଭିନ୍ନ ଶୈବ ପୀଠରେ ଜଳଲାଗି କରୁଛନ୍ତି କାଉଡ଼ିଆ। ଯମେଶ୍ୱରଙ୍କ ପୀଠରେ ମଧ୍ୟ କାଉଡ଼ିଆମାନେ ପ୍ରତିବର୍ଷ ଜଳଲାଗି କରିଥା'ନ୍ତି। ସୋମବାର ଭୋର୍ ପ୍ରାୟ ୫ଟା ୧୫ରେ ମନ୍ଦିରର ପାଳିଆ ସେବାୟତ ଝାଡୁ ପଣ୍ଡା ଠାକୁରଙ୍କ ନୀତିକାନ୍ତି ପାଇଁ କୂଅରୁ ପାଣି କାଢୁଥିଲେ। ଏହି ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ସେ କୂଅରେ ପଡ଼ି ଯାଇଥିଲେ। କୂଅରେ ବି ଅଧିକ ପାଣି ଥିବାରୁ ସେ ବୁଡ଼ିଯାଇଥିଲେ ଓ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅଗ୍ନିଶମ ବାହିନୀ ସାହାଯ୍ୟରେ ପୁଲିସ୍ କୂଅରୁ ତାଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଏନ୍ସିଇଆର୍ଟି ବହିରୁ ବାଦ୍ ପଡ଼ିବନି 'ପାଇକ ବିଦ୍ରୋହ'

ଭୁବନେଶ୍ୱର, ୨୧।୭(ସମିସ): ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଉଥିବା ଓଡ଼ିଶାର ପାଇକ ବିଦ୍ରୋହ ବିଷୟବସ୍ତୁ ଏନ୍ସିଇଆର୍ଟି ପାଠ୍ୟପୁସ୍ତକରୁ ବାଦ୍ ପଡ଼ିଥିବା ନେଇ ଅଭିଯୋଗ ହୋଇଛି। ନିକଟରେ ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିର ଭଲ୍ୟୁମ୍-୧ ପୁସ୍ତକ ପ୍ରକାଶ ପାଇଥିବାବେଳେ ପାଇକ ବିଦ୍ରୋହ ସ୍ଥାନ ପାଇ ନ ଥିବାରୁ ଏପରି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବଙ୍ଗଳାର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋହ୍ଲ ବିଦ୍ରୋହ ଓ ସାନ୍ତାଳଙ୍କ ବିଦ୍ରୋହ ସ୍ଥାନ ପାଇଥିବା ବେଳେ ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ବାଦ୍ ଦେବା ବୀର ପାଇକଙ୍କ ଗୌରବମୟ ତ୍ୟାଗ ଓ ବଳିଦାନ ପ୍ରତି ଏକ ଚରମ ଉପହାସ ବୋଲି ଅଭିଯୋଗ ହୋଇଛି। ତେବେ ସମସ୍ତ ଅଭିଯୋଗ ଓ କଳ୍ପନାଜଳ୍ପନାର ଅନ୍ତ ଘଟାଇ ରାଷ୍ଟ୍ରୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ବା ଏନ୍ସିଇଆର୍ଟି ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି ଯେ ୮ମ ଶ୍ରେଣୀର ସାମାଜିକ ବିଜ୍ଞାନ ବହିର ଭଲ୍ୟୁମ୍-୧ ପ୍ରକାଶ ପାଇଛି। ଏହାର ଭଲ୍ୟୁମ୍-୨ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ସେପ୍ଟେମ୍ବର କିମ୍ବା ଅକ୍ଟୋବରରେ ଏହା ପ୍ରକାଶ ପାଇବାର ସମ୍ଭାବନା ରହିଛି। ତହିଁରେ ଆଞ୍ଚଳିକ ଆନ୍ଦୋଳନ ଏବଂ ସଶସ୍ତ୍ର ବିଦ୍ରୋହ ସ୍ଥାନିତ ହୋଇଛି। ଓଡ଼ିଶାର ପାଇକ ବିଦ୍ରୋହ ବା ଖୋର୍ଦ୍ଧା ବିଦ୍ରୋହ, ପଞ୍ଜାବରେ କୁକା ଆନ୍ଦୋଳନ ବା ଶିଖ୍ ବିଦ୍ରୋହ ଆଦି ବିଷୟଗୁଡ଼ିକ ତହିଁରେ ସ୍ଥାନ ପାଇବ ବୋଲି ସ୍ପଷ୍ଟ କରାଯାଇଛି।

# ଶିମିଳିପାଳରୁ ପୁଣି ୨ ଶିକାରୀ ଗିରଫ

## ସମ୍ବର ମାଂସ, ଶିଙ୍ଘ, ଧନୁତୀର ଜବତ

ମହୁଲଡିହା,୨୧।୭(ସମିସ): ଶିମିଳିପାଳ ଅଭୟାରଣ୍ୟରୁ ବନବିଭାଗ ପୁଣି ୨ ଶିକାରୀଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ସମ୍ବର ମାଂସ, ଶିଙ୍ଘ ଏବଂ ଧନୁ ଜବତ କରିଛି। ଗିରଫ ଶିକାରୀଦ୍ୱୟ ହେଲେ, ଅସନକୁଦର ଗ୍ରାମର ଫକୀର ଚକିଆ(୪୪) ଏବଂ ରାଣୀଭୋଳ ଗ୍ରାମର କମଳା ଡାଙ୍ଗିଲ(୨୧)। ସୋମବାର ଦୁହିଁଙ୍କୁ କୋର୍ଟରେ ହାଜର କରାଯାଇଛି। କିନ୍ତୁ ସେଠାରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏଆଇ କ୍ୟାମେରା ଫୁଟେଜ୍ ଆଧାରରେ ଶିମିଳିପାଳ ବନ୍ୟପ୍ରାଣୀ ଡିଭିଜନ୍ ଏବଂ କରଞ୍ଜିଆ ବନଖଣ୍ଡର ବନ କର୍ମଚାରୀମାନେ ଗତକାଲି ଠାକୁରମୁଣ୍ଡା ବନାଞ୍ଚଳ ଅଧୀନ ଅସନକୁଦର ଏବଂ ରାଣୀଭୋଳ ଗ୍ରାମରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଅସନକୁଦର ଫକୀର ଏବଂ ରାଣୀଭୋଳର କମଳାଙ୍କୁ ଘରୁ ଧନୁ, ତୀର, ବାର୍ହା ଦାନ୍ତ, ପକ୍ଷୀ ଅଂଶବିଶେଷ, ସମ୍ବର ଶିଙ୍ଗ, ମୁଣ୍ଡ ସହ ସମ୍ବର ମାଂସ ଏବଂ ବାଉଁଶ ପଟି ଆଦି ଜବତ କରିଥିଲେ। ଏତେ ପରିମାଣରେ ପଶୁ ଦେହାବଶେଷ ଦେଖି ବନ ବିଭାଗ ତାଜୁବ ହୋଇଯାଇଥିଲା। ଉଭୟଙ୍କୁ ଆଜି କୋର୍ଟରେ ହାଜର କରାଯାଇଥିଲା।



# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ସଶସ୍ତ୍ର ଡକାୟତି

ଝାରସୁଗୁଡ଼ା, ୨୧।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ରେଙ୍ଗାଲି ଥାନା ଅଧୀନ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଭିକମପାଲି ଶାଖାରୁ ଆଜି ସଶସ୍ତ୍ର ଡକାୟତି ହୋଇଛି। ଦିନ ଦି'ପହରରେ ୩ଜଣ ଦୁର୍ବୃତ୍ତ ବ୍ୟାଙ୍କ ଭିତରେ ପଶିବା ସହ ବନ୍ଧୁକ ଦେଖାଇ କ୍ୟାସ୍ କାଉଣ୍ଟର୍ରୁ ଟଙ୍କା ଲୁଟି ନେଇଛନ୍ତି। ଖବର ପାଇ ବ୍ରଜରାଜନଗର ଏସଡିପିଓଙ୍କ ନେତୃତ୍ୱରେ ରେଙ୍ଗାଲି ଥାନା ଅଧିକାରୀ, ବ୍ରଜରାଜନଗର ଥାନା ଅଧିକାରୀ, ବେଲପାହାଡ଼ ଥାନା ଅଧିକାରୀଙ୍କ ସହ ପୁଲିସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ବ୍ୟାଙ୍କର ସିସିଟିଭି ଯାଞ୍ଚ କରିଛି। ଏହାସହ ଜାତୀୟ ରାଜପଥ ୪୯ କଡ଼ରେ ଥିବା ବିଭିନ୍ନ ଦୋକାନର ସିସିଟିଭି ଯାଞ୍ଚ କରିଛି। ସେହିପରି ବ୍ୟାଙ୍କର ସମ୍ବଲପୁର ରିଜିଓନାଲ ମ୍ୟାନେଜର୍ଙ୍କ ସହ ଉଚ୍ଚପଦସ୍ଥ ଅଧିକାରୀ ମଧ୍ୟ ପହଞ୍ଚି ତଦନ୍ତ କରିଛନ୍ତି। ଦୁର୍ବୃତ୍ତମାନେ ସ୍ଥାନୀୟ ସମ୍ବଲପୁରୀ ଏବଂ ହିନ୍ଦୀ ଭାଷାରେ କଥାବାର୍ତ୍ତା ହେଉଥିଲେ ବୋଲି ଜଣାଯାଇଛି। ପୁଲିସ ରାଜ୍ୟ ସୀମା ସିଲ୍ କରି ଛାନଭିନ୍ ଚଳାଇଛି। ତେବେ, ଦୁର୍ବୃତ୍ତମାନେ ଛତିଶଗଡ଼ ଆଡ଼କୁ ଫେରାର୍ ହୋଇଯାଇଥିବା ପୁଲିସ୍ ଅନୁମାନ କରୁଛି।





ସୂଚନାନୁଯାୟୀ, ଆଜି ପୂର୍ବାହ୍ନରେ ବ୍ୟାଙ୍କ ଖୋଲିବା ପରେ ଗୋଟିଏ ବାଇକ୍ରେ ୩ଜଣ ଦୁର୍ବୃତ୍ତ ବ୍ୟାଙ୍କ ପାଖକୁ ଆସିଥିଲେ। କେହି କିଛି ବୁଝିବା ପୂର୍ବରୁ ସେମାନେ ହେଲମେଟ୍ ପିନ୍ଧି ବ୍ୟାଙ୍କ ଭିତରକୁ ଧସେଇ ପଶିଥିଲେ। ପରେ ସେମାନେ ବନ୍ଧୁକ ଦେଖାଇ କର୍ମଚାରୀ ଓ ଗ୍ରାହକଙ୍କୁ ଭୟଭୀତ କରାଇ ଗୋଟିଏପଟକୁ ନେଇ ଯାଇଥିଲେ। ପରେ ସେମାନେ କ୍ୟାସ କାଉଣ୍ଟର୍ରେ ଥିବା ସବୁତକ ଟଙ୍କା ଲୁଟି ନେଇ ଫେରାର୍ ହୋଇଯାଇଥିଲେ। ଲୁଟ୍ ଟଙ୍କାର ପରିମାଣ ୫୦ହଜାରରୁ ୧ ଲକ୍ଷ ମଧ୍ୟରେ ହେବ ବୋଲି ପୁଲିସ୍ ସୂଚନା ଦେଇଛି।

## ନକଲି ହୋଟେଲ ୱେବସାଇଟ୍ରେ ଶ୍ରଦ୍ଧାଳୁଙ୍କୁ ଠକେଇ

# ରାଜସ୍ଥାନରୁ ୨ ଠକଙ୍କୁ ଧରିଲା କ୍ରାଇମବ୍ରାଞ୍ଚ

କଟକ,୨୧।୭(ସମିସ): ନୀଳାଦ୍ରି ଭକ୍ତନିବାସ ନାମରେ ନକଲି ୱେବସାଇଟ୍ କରି ପୁରୀ ବୁଲିବାକୁ ଆସୁଥିବା ଲୋକଙ୍କୁ ଅନ୍ଲାଇନ୍ରେ ଚୂନ ମାରୁଥିବା ୨ ଠକଙ୍କୁ କ୍ରାଇମବ୍ରାଞ୍ଚ ରାଜସ୍ଥାନରୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ରାଜସ୍ଥାନ ଗୋବିନ୍ଦଗଡ଼ ଥାନା ଅଞ୍ଚଳର ଅମିର ଖାଁ(୨୪) ଓ କାଇଥୱାଡା ଥାନା ଅଞ୍ଚଳର ୟୁସୁଫ (୨୭)। ସେମାନଙ୍କଠାରୁ ଲାପଟପ୍, ସିମ୍ କାର୍ଡ, ମୋବାଇଲ ଫୋନ ଆଦି ଜବତ ହୋଇଛି। ପୂର୍ବରୁ ଏହି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଆଗ୍ରା ଅଞ୍ଚଳର ଜଣେ ଗିରଫ ହୋଇଥିଲା। ଏହି ଠକମାନେ ପୁରୀର କିଛି ଜଣାଶୁଣା ଲଜ୍ ଓ ହୋଟେଲ ନାମରେ ନକଲି ୱେବ୍ସାଇଟ୍ ଖୋଲିଥିଲେ। ପୁରୀରେ ରହଣି ପାଇଁ ଆସୁଥିବା ପର୍ଯ୍ୟଟକମାନେ ଏହା ଜାଣିନପାରି ଉକ୍ତ ୱେବ୍ସାଇଟ୍ ଜରିଆରେ ରୁମ୍ ବୁକ୍ କରିଦେଉଥିଲେ। କିନ୍ତୁ ଏଠାକୁ ଆସିବା ପରେ ସେମାନେ ଠକେଇର ଶିକାର ହେଉଥିବା ଜାଣବାକୁ ପାଉଥିଲେ। ଏମିତି ପୁଳାପୁଳା ଘଟଣା ସାମ୍ନାକୁ ଆସିବା ପରେ ଶ୍ରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। କ୍ରାଇମବ୍ରାଞ୍ଚ ପ୍ରଥମେ ଉକ୍ତ ନକଲି ୱେବସାଇଟ୍ଗୁଡ଼ିକୁ ବନ୍ଦ କରାଇବା ସହ ଅଭିଯୁକ୍ତମାନଙ୍କୁ ଧରିଥିଲା।





## ଘୋଷଣା ପତ୍ର



ମୁଁ ସାବିତ୍ରୀ ମାଝୀ, ସ୍ୱାମୀ - ଗୁନଧର ମାଝୀ, ଗ୍ରାମ - ବଡଧନାଡ଼ି, ପୋଷ୍ଟ - କୁସୁଡ଼ିହା, ଜିଲ୍ଲା - ବାଲେଶ୍ୱର, ପିନ ନଂ - ୭୫୬୦୨୯ ର ବାସିନ୍ଦା । ମୁଁ ଗୋଟେ ଏଲ୍.ଆଇ.ସି କରିଥିଲି ପଲିସି ନଂ - 585985535, ଏହି ପଲିସିଟି ଇନ୍ଦିରା ମାଝୀ (Indira Majhi) , ସ୍ୱାମୀ - ଗୁନାଧର ମାଝୀ (Gunadhar Majhi), ନାମରେ କରାଯାଇଥିଲା । ଏହି ପଲିସିଟି 19/01/25 ତାରିଖରେ ପରିପକ୍ୱତା ହୋଇସାରିଛି। ଏହାର ଅଗ୍ରୀମ ରାଶି ଇନ୍ଦିରା ମାଝୀ ନାମରେ ଥିବା ଏସ୍.ବି. ଆଇ ଜମା ଖାତା ନଂ. 34482233579 କୁ ଆସିଥିଲା ପରନ୍ତୁ ଏହି ଜମା ଖାତାଟି ବନ୍ଦ ହୋଇଯାଇଥିବାରୁ ପୁଣି ସମସ୍ତ ଅଗ୍ରୀମ ରାଶି ଏଲ.ଆଇ.ସି ଅଫିସକୁ ଫେରସ୍ତ ହୋଇଯାଇଛି | କାରଣ ଇନ୍ଦିରା ମାଝୀ ନାମ ରେ ଥିବା ଏସ.ବି.ଆଇ ଜମା ଖାତା ନଂ 34482233579 ଟି ବନ୍ଦ ହୋଇଯାଇଥିବାରୁ ବର୍ତ୍ତମାନ ସାବିତ୍ରୀ ମାଝୀ (SABITRI MAJHI) ନାମରେ ଅନ୍ୟ ଏକ ଜମା ଖାତା ନଂ 43395855322 ଖୋଲା ଯାଇଅଛି । ବର୍ତ୍ତମାନ ଇନ୍ଦିରା ମାଝୀ ନାମରେ ଥିବା ସମସ୍ତ ଡକ୍ୟୁମେଣ୍ଟ ଯଥା ଆଧାର କାର୍ଡ, ଭୋଟର କାର୍ଡ, ପ୍ୟାନ୍ କାର୍ଡ, ରାସନ କାର୍ଡ ଇତ୍ୟାଦି ସବୁଥିରେ ସାବିତ୍ରୀ ମାଝୀ ନାମରେ ପରିବର୍ତ୍ତନ ହୋଇସାରିଛି । ଇନ୍ଦିରା ମାଝୀ ଏବଂ ସାବିତ୍ରୀ ମାଝୀ ହେଉଛନ୍ତି ଜଣେ ଓ ଅଭିନ୍ନ। ତାହା ମୁଁ ନିଜେ ଏବଂ ମୁଁ ଏହାର ସତ୍ୟ ସତ୍ୟାତା ପାଇ କୋର୍ଟ ରେ ମଧ୍ୟ ଏଫିଡେଭିଟ କରିସାରିଛି ।

ଏଣୁ ବିନିତ ଅନୁରୋଧ ମୋର ଏହି ଏଲ.ଆଇ.ସି. ମେଚ୍ୟୁରିଟିର ଅଗ୍ରୀମ ରାଶିକୁ ସାବିତ୍ରୀ ମାଝୀ ନାମରେ ଥିବା ଏସ.ବି.ଆଇ ଜମା ଖାତା ନଂ - 43395855322 ଶାଖା - ଶ୍ରୀରାମପୁରରେ ପଠେଇବାରେ ସାହାଯ୍ୟ କରନ୍ତୁ ।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମହିଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ। ଅଚାନକ ଖୁସି ଖବର ପାଇ ପାରନ୍ତି।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** ବୁଝି ବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହୋଇପାରେ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୂରଯାତ୍ରା କରିପାରନ୍ତି।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ଆର୍ଥିକ ସ୍ଥିତି ମଜଭୁତ ହେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ହେବ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୧୬- ବିଶ୍ୱର ସବୁଠୁ ବଡ଼ ଏରୋସ୍ପେସ୍ କମ୍ପାନି 'ବୋଇଂ'ର ଆରମ୍ଭ।
- ୧୯୨୬- ମୁମ୍ବାଇରେ ପ୍ରଥମେ ମୋଟର୍ ବସ୍ ସେବା ଆରମ୍ଭ ହେଲା।
- ୧୯୬୨- ଆଲ୍‌ଜେରିଆ ଆରବ ଲିଗ୍‌ର ଅଂଶ ହେଲା।
- ୧୯୭୯- ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ ନିଜ ପଦରୁ ଇସ୍ତଫା ଦେଲେ।
- ୨୦୧୨- ନେପାଳ ପାରସିରେ ବସ୍ ଦୁର୍ଘଟଣା ଯୋଗୁ ୪୦ ତୀର୍ଥଯାତ୍ରୀଙ୍କ ମୃତ୍ୟୁ।

# ଆମ୍ବ ପାଇଁ ଦିନଟିଏ



ପ୍ରତିବର୍ଷ ଜୁଲାଇ ୨୨ ତାରିଖକୁ 'ଜାତୀୟ ଆମ୍ବ ଦିବସ' ଭାବେ ପାଳନ କରାଯାଉଛି। ଔଷଧୀୟ ଗୁଣରେ ଭରପୂର ଆମ୍ବର ପ୍ରଚାର ପ୍ରସାର ପାଇଁ ଏହି ଦିବସର ପରିକଳ୍ପନା। ଆମ୍ବ ହେଉଛି ଏକ ପ୍ରକୃତି ଦତ୍ତ ସମୃଦ୍ଧ ଏବଂ ଆକର୍ଷଣୀୟ ମିଠା ଫଳ । ଆମ୍ବର ସ୍ୱାଦ ପାଇଁ ତାକୁ ଫଳର ରାଜା ବୋଲି କୁହାଯାଏ। ଏହାକୁ ଉଭୟ କଞ୍ଚା ଓ ପାଚିଲା ଭାବେ ଖିଆଯାଏ। ଖରାଦିନେ ଭାତ, ରୁଟି ସହିତ ସବୁଠୁ ଅଧିକ ଖୋଜା ପଡ଼ିଥାଏ ପାଚିଲା ଆମ୍ବକୁ । ଓଡ଼ିଆ ଘରେ ରଜ ଓ ସାବିତ୍ରୀ ଭାରରେ ସ୍ଥାନ ପାଏ ଆମ୍ବ। ଭାରତର ଜାତୀୟ ଫଳ ଆମ୍ବ । ଏହି ସ୍ୱାଦିଷ୍ଟ ଓ ରସାଳ ଫଳଟିକୁ ସବୁ ବୟସର ଲୋକେ ଖାଇବାକୁ ପସନ୍ଦ କରନ୍ତି। ଏଥିରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। ସ୍ୱାଦ ଓ ବାସ୍ନା ଯୋଗୁ ଆମ୍ବ ଯୁଗ ଯୁଗ ଧରି ଭାରତର ଖାଦ୍ୟ ସଂସ୍କୃତି ସହିତ ଓତପ୍ରୋତ ଭାବେ ଜଡ଼ିତ ହୋଇ ରହିଛି। ଐତିହାସିକମାନଙ୍କ ତଥ୍ୟ ଅନୁସାରେ, ଭାରତୀୟମାନେ ୪୦୦୦ ବର୍ଷରୁ ଅଧିକ କାଳ ଧରି ଏହି ରସାଳ ଫଳ ଚାଷ କରୁଥିବାବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଏହା ମାତ୍ର ୪୦୦ ବର୍ଷ ପୁରୁଣା। ଆମ୍ବର ପୁରାତନ ନାମ ଥିଲା ଆମ୍ରଫଳ। ବେଦରେ ଏହାକୁ 'ରସାଳ' ଓ 'ସହକାର' ନାମରେ ନାମିତ କରାଯାଇଛି। ସାଧାରଣତଃ ଖରାଦିନେ ଏହା ବଜାରରେ ଉପଲବ୍ଧ ହୋଇଥାଏ। ଏବେ କିନ୍ତୁ ବର୍ଷର ସବୁ ସମୟରେ ବଜାରରେ ଅଳ୍ପ ବହୁତେ ଆମ୍ବ ମିଳୁଛି। ଆମ୍ବରେ ପାଖାପାଖି ୨୦ ପ୍ରକାରର ଭିଟାମିନ୍ ଓ ଖଣିଜ ତତ୍ତ୍ୱ ରହିଛି, ଯେଉଁଥିପାଇଁ ଏହା ଏକ ସୁପର୍‌ଫୁଡ୍ ଭାବେ ମଧ୍ୟ ପରିଗଣିତ ହୋଇଥାଏ। ହିନ୍ଦୁ ଧର୍ମ, ଧାର୍ମିକ ବିଶ୍ୱାସ ଓ ପରମ୍ପରାରେ ଆମ୍ବ ଓ ଆମ୍ବ ଡାଳର ବହୁତ ମହତ୍ୱ ଅଛି। କଳସ ବା ଘଟ ସ୍ଥାପନ ଉପଲକ୍ଷେ ଆମ୍ବଡାଳ ଓ ପଇଡ଼ ଅପରିହାର୍ଯ୍ୟ ବସ୍ତୁ। ବିଭିନ୍ନ ମେଳାସ୍ଥଳୀ ଓ ସ୍ୱାଗତ ତୋରଣକୁ ଆମ୍ବ ଡାଳଦ୍ୱାରା ସଜା ଯାଇଥାଏ। ଦୋଳଯାତ ବେଳେ ପ୍ରଭୁ ଶ୍ରୀଦୋଳଗୋବିନ୍ଦଙ୍କ ପାଖରେ ଆମ୍ବ କଷି ଲାଗି କରାଯାଏ। ଆମ୍ବ ଏକ ଅତ୍ୟନ୍ତ ପବିତ୍ର ବୃକ୍ଷ। ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ ଆମ୍ବପତ୍ର ବ୍ୟବହାର ହେତୁ ଏହା ଅନ୍ୟାନ୍ୟ ବୃକ୍ଷ ଯଥା ତୁଳସୀ, ବେଲଅଁଳା, ଅଶ୍ୱସ୍ତ, ବର, ପଳାଶ, କଦଳୀ ଇତ୍ୟାଦି ଭଳି ପୂଜନୀୟ। ସେହିଭଳି ବୃକ୍ଷ ପୂଜା ପରମ୍ପରାରେ ଆମ୍ବ ଗଛକୁ ପୂଜା କରିବାର ପର୍ବ ହେଉଛି ବଉଳ ଅମାବାସ୍ୟା। ପୌଷ ମାସର ଅମାବାସ୍ୟା ବଉଳ ଅମାବାସ୍ୟା ନାମରେ ଖ୍ୟାତ। ବସନ୍ତ ପଞ୍ଚମୀ ତିଥିରେ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜାରେ ମଧ୍ୟ ଲାଗି ହୁଏ ଆମ୍ବର ବଉଳ।

# ବାଲିରେ ଘଟୁଛି ବ୍ରେକ୍‌ଅପ୍!



ଇଣ୍ଡୋନେସିଆର ବାଲି ହେଉଛି ଅତ୍ୟନ୍ତ ସୁନ୍ଦର ଏବଂ ମନୋରମ ପର୍ଯ୍ୟଟନସ୍ଥଳୀ। ଏଠାକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଛୁଟି କାଟିବାକୁ ଯାଆନ୍ତି। ଏବେ ଏହି ସ୍ଥାନ ତାର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ନୁହେଁ ବରଂ ଅଜବ ଲୋକବିଶ୍ୱାସକୁ ନେଇ ଚର୍ଚ୍ଚାରେ ରହିଛି। ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ବାଲିକୁ ନେଇ ଅଜବ କଥା ଭାଇରାଲ ହେଉଛି। ଲୋକଙ୍କ କହିବା କଥା, ଅବିବାହିତ ଯୁବକ-ଯୁବତୀ ବାଲି ବୁଲିକି ଯିବାର କିଛି ଦିନ ମଧ୍ୟରେ ସେମାନଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇ ଯାଉଛି। ତେବେ ଏହି କଥାର ଚର୍ଚ୍ଚା ଏକ ପଡକାଷ୍ଟ ଭିଡିଓରୁ ଆରମ୍ଭ ହୋଇଛି। ଏହି ଭିଡିଓଟି ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଏହି ପଡକାଷ୍ଟର ହୋଷ୍ଟ କହିଛନ୍ତି ଯେ, ଅନେକ ପ୍ରେମୀଯୁଗଳ ସେମାନଙ୍କ ବ୍ରେକ୍‌ଅପ୍ କାହାଣୀ ସୋସିଆଲ ମିଡିଆରେ ସେୟାର୍ କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହି ପ୍ରେମୀଯୁଗଳମାନେ ବ୍ରେକ୍‌ଅପ୍ ପୂର୍ବରୁ ବାଲି ଯାଇଥିଲେ। ବାଲି ଟ୍ରିପ୍ ପରେ ପ୍ରେମୀ ଯୁଗଳଙ୍କ ସମ୍ପର୍କରେ ତିକ୍ତତା ଦେଖାଯାଇ ଶେଷରେ ବ୍ରେକ୍‌ଅପ୍ ହେଉଥିବା କୁହାଯାଉଛି। ତେବେ ଏଭଳି ବ୍ରେକ୍‌ଅପ୍‌କୁ ବାଲିରେ ଥିବା tanah lot ମନ୍ଦିର ସହିତ ଯୋଡ଼ା ଯାଇଛି। ଏହି ମନ୍ଦିର ଖୁବ୍ ଲୋକପ୍ରିୟ। ଏହା ସମୁଦ୍ରକୂଳରେ ଥିବା ଏକ ଚଟାଣ ଉପରେ ରହିଛି। ଏହି ମନ୍ଦିରରେ ଏକ ବିଶେଷ ପ୍ରକାର ଶକ୍ତି ଅଛି ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଏହା ପ୍ରେମ ସମ୍ପର୍କର ପରୀକ୍ଷା ନେଇଥାଏ। ସମ୍ପର୍କ ମଜଭୁତ ନ ଥିଲେ, ମନ୍ଦିର ଯିବା ପରେ ସମ୍ପର୍କ ଭାଙ୍ଗିଯାଏ ବୋଲି କୁହାଯାଏ। ତେଣୁ ଅବିବାହିତଙ୍କୁ ଏହି ମନ୍ଦିର ଯିବା ଉଚିତ ନୁହେଁ ବୋଲି ସ୍ଥାନୀୟ ଲୋକେ ମତ ଦିଅନ୍ତି। ସେହିପରି ପ୍ରଶ୍ନ ଉଠୁଛି, ଏହି କଥାର ସତ୍ୟାସତ୍ୟ କେତେ? ଏସମ୍ପର୍କରେ ରିଲେସନ୍‌ସିପ୍ ଏକ୍ସପର୍ଟଙ୍କ କହିବା କଥା, ପ୍ରେମୀ ଯୁଗଳ ଯେତେବେଳେ ଏକାଠି ଯାତ୍ରା କରନ୍ତି ଓ ଦୀର୍ଘ ସମୟ ଏକାଠି ରହନ୍ତି, ପରସ୍ପରର ଅଭ୍ୟାସ, ଦୋଷ, ଦୁର୍ବଳତା ଆଦି ବାବଦରେ ଜାଣନ୍ତି। ଏହାସହ ଯାତ୍ରାର ଥକ୍କାପଣ, ଟଙ୍କା ଚିନ୍ତା, ଭବିଷ୍ୟତ ଚିନ୍ତା କରିବାବେଳେ କଳି, ଝଗଡ଼ା ଆଦି ମିଶି ସମ୍ପର୍କରେ ତିକ୍ତତା ଆସେ। ଯଦି ସମ୍ପର୍କ ପୂର୍ବରୁ ଦୁର୍ବଳ ଥାଏ, ଏହି ତିକ୍ତତା ଅଧିକ ବୃଦ୍ଧି ପାଏ। ତେଣୁ ଏଭଳି ସ୍ଥିତିରେ ବାଲିକୁ ଦୋଷ ଦେବା ଭୁଲ୍ ହେବ।

# କାହାଣୀ ପାଇଁ ଅଟକିଛି 'ଏସ୍‌ଏସ୍‌ଏମ୍‌ବି୨୯'ର ସୁଟିଂ



'ରାମାୟଣ' ପରେ ଏସ୍. ଏସ୍ ରାଜମୌଳିଙ୍କ 'ଏସ୍‌ଏସ୍‌ଏମ୍‌ବି୨୯'କୁ ଭାରତୀୟ ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ କୁହାଯାଉଛି। ଏଥିରେ ଲିଡ୍ ରୋଲରେ ମହେଶବାବୁ ଓ ପ୍ରିୟଙ୍କା ଚୋପ୍ରା ନଜର ଆସିବେ। କିଛି ଦିନ ପୂର୍ବରୁ ଲୋକେସନ ପାଇଁ ଏହାର ସୁଟିଂ ଅଟକିଥିବା କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ପ୍ରକୃତରେ ଫିଲ୍ମର କାହାଣୀ ପାଇଁ ଏବେ ସୁଟିଂ ଅଟକି ଯାଇଥିବା ଜଣାପଡ଼ିଛି। ଫିଲ୍ମର ଗୋଟିଏ ପାର୍ଟର ସୁଟିଂ ମହେଶବାବୁ ସାରି ଦେଇଛନ୍ତି। କିନ୍ତୁ ଏଥିରେ ଆହୁରି ମସଲା ଦିଆଯାଇ ପାରିଥାନ୍ତା ବୋଲି ସେ ଅନୁଭବ କଲେ। ଏବେ ସେ ସୁଟିଂରୁ ବ୍ରେକ୍ ନେଇ ଏହାର କାହାଣୀ ଉପରେ କାମ କରୁଛନ୍ତି। ଫିଲ୍ମଟିକୁ ହିଟ୍ କରିବା ପାଇଁ ରାଜମୌଳି ମହେଶବାବୁଙ୍କର ଏକ ସୋଲୋ ଡ୍ୟାନ୍ସ ନମ୍ବର ରଖିଛନ୍ତି। 'ଏସ୍‌ଏସ୍‌ଏମ୍‌ବି୨୯'ର କାହାଣୀ ହଲିଉଡ୍‌ର 'ଇଣ୍ଡିଆନା ଜୋନ୍ସ' ସିରିଜ୍‌ରୁ ପ୍ରେରିତ ବୋଲି କୁହାଯାଉଛି। ଫିଲ୍ମରେ ଅଧିକ ଆକ୍ସନ୍ ଓ ଜଙ୍ଗଲ ସିନ୍ ରହିବ ବୋଲି କୁହାଯାଉଛି।

## ସୁବର୍ଣ୍ଣା



# କମ୍ ଖର୍ଚ୍ଚରେ ଅଧିକ ଲାଭ ସିଟ୍ରୋନେଲା



**ଆଜିକାଲି ପାରମ୍ପରିକ ଚାଷ ବଦଳରେ ବହୁ ଲୋକ ଔଷଧୀୟ ବଗିଚା କରିବା ଟ୍ରେଣ୍ଡକୁ ଆପଣାଇଛନ୍ତି। ତୁଳସୀ, ଘି-କୁଆଁରୀ, ପୁଦିନା, ଗିଲୟ, ଜୁଆଣି, ନିମ, ହଳଦୀ ଆଦି ଗଛ ସହିତ ଅଧିକାଂଶ ସୁଗନ୍ଧିତ ଘାସ ଚାଷ କରି ଆତ୍ମନିର୍ଭରଶୀଳ ହେଉଛନ୍ତି। ତେବେ କମ୍ ଖର୍ଚ୍ଚରେ ଜାଭା ସିଟ୍ରୋନେଲା ଚାଷରୁ ଜଣେ ଆୟ ବୃଦ୍ଧି କରିପାରିବ। ଏହି ଔଷଧୀୟ ଗଛରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟିଆମୋଏବିକ୍ ଏବଂ ଆଣ୍ଟିସେପ୍ଟିକ୍ ଗୁଣ ଭରପୁର ଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ସେହିପରି ଏହି ଚାଷ ପରିବେଶ ଅନୁକୂଳ।**

ଜାଭା ସିଟ୍ରୋନେଲା ପତଳା ଓ ଲେମ୍ବୁ ପରି ସୁଗନ୍ଧ ଆସୁଥିବା ସୁଗନ୍ଧିତ ଘାସ। ଏଥିରୁ ବାହାରୁଥିବା ତେଲ ପରଫ୍ୟୁମ୍, ମଶାମାରିବା ପାଇଁ ଉତ୍ପାଦ, ସାନିଟାଇଜର, ଧୂପ, ସାବୁନ୍ ଏବଂ ହର୍ବାଲ୍ କ୍ରିମ୍ ବ୍ୟବହାର ପାଇଁ ଉପଯୋଗୀ ହୋଇଥାଏ। ବଜାରରେ ଏହାର ମୂଲ୍ୟ ପ୍ରତି ଲିଟର ପିଛା ୧୪୦୦ ଟଙ୍କା। ଏହି ଚାଷ ପାଇଁ କମ୍ ଖର୍ଚ୍ଚ ହୋଇଥାଏ। ଏହା ଏକ ବହୁବର୍ଷୀୟ ଫସଲ। ଅର୍ଥାତ୍ ଏହାକୁ ଥରେ ଲଗାଇଲେ, ପାଞ୍ଚ ବର୍ଷ ପର୍ଯ୍ୟନ୍ତ ୩ରୁ ୪ଥର କାଟି ପାରିବେ। ପ୍ରଥମ ବର୍ଷରେ ହେକ୍ଟର ପିଛା ୧୫୦ରୁ ୨୦୦ କିଗ୍ରା ତେଲ ମିଳିଥାଏ। ଏହି ଚାଷ ପାଇଁ ବାଲିଆ ଦୋରସା ମାଟି ଉପଯୁକ୍ତ। ଅମ୍ଳୀୟ ଏବଂ କ୍ଷାରୀୟ ମାଟିରେ ବି ସଫଳତା ପୂର୍ବକ ଏହି ଚାଷ କରାଯାଇପାରିବ। ଏହାର ଉନ୍ନତ କିସମ ହେଉଛି, ଜୋର ଲ୍ୟାବ୍ ସି-୫, ଜୋର ଲ୍ୟାବ ସି-୨ ଏବଂ ବାୟୋ-୧୩ ଇତ୍ୟାଦି। ଏହି ଚାଷରୁ ଅଧିକ ଲାଭ ପାଇବା ପାଇଁ ଜମିକୁ ତିନିରୁ ଚାରି ଥର ଗଭୀର ହଳ କରି ହେକ୍ଟର ପିଛା ୨୦ରୁ ୨୫ ଟନ୍ ସଢ଼ା ଖତ ମିଶାଯାଇଥାଏ। ଚାଷ ପାଇଁ ଫେବୃୟାରୀ-ମାର୍ଚ୍ଚ କିମ୍ବା ଜୁଲାଇରୁ ଅଗଷ୍ଟ ମାସ ଭଲ ସମୟ। ଏହି ଫସଲରେ ରୋଗ ପୋକ ଲାଗିବାର ଭୟ କମ୍ ଥାଏ। ସିଟ୍ରୋନେଲା ଚେର ମାଟିର ଅଧିକ ଗଭୀରକୁ ଯାଉନଥିବାରୁ ଏହି ଫସଲରେ ନିୟମିତ ଜଳ ସିଞ୍ଚନ ଆବଶ୍ୟକ। ଗ୍ରୀଷ୍ମଋତୁରେ ୧୦ରୁ ୧୫ ଦିନ ଏବଂ ଶୀତଋତୁରେ ୨୦ରୁ ୩୦ ଦିନ ଅନ୍ତରରେ ଜଳ ସିଞ୍ଚନ ଜରୁରି। ସିଟ୍ରୋନେଲା ମୂଳଚାରା ଲଗାଯିବାର ୬ ମାସ ମଧ୍ୟରେ ଘାସ କଟାଯାଇ ଏଥିରୁ ତେଲ କଢ଼ାଯାଇଥାଏ।

# ଧାନ ଫସଲରେ ରୋଗ ନିୟନ୍ତ୍ରଣ ପାଇଁ ପ୍ରଭାବୀ ଫିମ୍ପିନାଶକ



ଆମ ରାଜ୍ୟର ମୁଖ୍ୟ ଫସଲ ହେଉଛି ଧାନ। ହେଲେ ଧାନ ଫସଲରେ ରୋଗପୋକ ପ୍ରାଦୁର୍ଭାବରୁ ଧାନ ଅମଳ ଶତକଡ଼ା ୩୦ ପ୍ରତିଶତ ହ୍ରାସ ପାଇଥାଏ। ଖରିଫ ଧାନ ଫସଲରେ ପିଲ ଦେବା ପରଠାରୁ ଥୋଡ଼ ଆସିବା ମଧ୍ୟରେ ପତ୍ରଛଦା ପୋଡ଼ାରୋଗ ସଂକ୍ରମଣ କରିଥାଏ। ସଂକ୍ରମିତ ରୋଗାକ୍ରାନ୍ତ ଗଛର ପତ୍ର ମୂଳେ ଧୂସର ସବୁଜ ରଙ୍ଗର ଏକ ଦାଗ ଦେଖାଯାଇ କ୍ରମେ ଆକାର ବୃଦ୍ଧି ପାଏ। ରୋଗର ପ୍ରାଦୁର୍ଭାବ ଅଧିକ ହେଲେ ପତ୍ର ସଂକ୍ରମିତ ହୋଇ ବୋଡ଼ା ସାପ କାତି ପରି ଚିହ୍ନ ବ୍ୟାପି ଚାଷୀଙ୍କ ଚିନ୍ତା ବୃଦ୍ଧି କରେ। ତେଣୁ ଏହି ରୋଗ ନିୟନ୍ତ୍ରଣ ପାଇଁ ନିକଟରେ ଆନ୍ତର୍ଜାତୀୟ ଉଦ୍ୟୋଗ ବାୟର ପକ୍ଷରୁ ଏକ ପ୍ରଭାବୀ ଫିମ୍ପିନାଶକ 'ଫେଲୁଜିତ'ର ଶୁଭାରମ୍ଭ କରାଯାଇଛି। ଏହା ଫସଲରେ ପତ୍ରଛଦା ପୋଡ଼ା ରୋଗ(ସିଥ୍ ବ୍ଲାଇଟ)କୁ ନିୟନ୍ତ୍ରଣ କରି ଫସଲକୁ ସୁରକ୍ଷା ଦେବ। ଖୁବ୍‌ଶୀଘ୍ର ଦେଶର ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟଗୁଡିକରେ ଏହି କବକନାଶକ ଉପଲବ୍ଧ ହେବ। ଫେଲୁଜିତ, ପେନ୍‌ଫ୍ଲୁଫେନ୍ ଓ ଟେବୁକୋନାଜୋଲକୁ ମିଶ୍ରଣ କରିଛି। ଏହା ଫସଲ ଅମଳ ଓ ଗୁଣବତ୍ତାକୁ ଉନ୍ନତ କରୁଥିବା ଏକ ନିର୍ଭରଯୋଗ୍ୟ ସମାଧାନ ପ୍ରଦାନ କରିପାରିବ। ଅନ୍ୟ ଫିମ୍ପିନାଶକ ଭଳି ଏହାକୁ ଫସଲରେ ବାରମ୍ବାର ପ୍ରୟୋଗ କରିବାକୁ ପଡୁନଥିବାରୁ ଚାଷୀଙ୍କ ସମୟ ବଞ୍ଚିବ। ଶ୍ରମ ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ। ବାୟରର କ୍ରପ ସାଇନ୍ସ ଡିଭିଜନର କ୍ଲଷ୍ଟର କମର୍ସିଆଲର ପ୍ରମୁଖ ମୋହନ ବାବୁଙ୍କ କହିବାନୁସାରେ, "ବିଶ୍ୱ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଧାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ଆମର ଉଦ୍ଭାବନ ଚାଷୀଙ୍କୁ କମ୍ ପ୍ରୟୋଗ ସହିତ ପ୍ରଭାବୀ ରୂପେ ରୋଗ ପରିଚାଳନା କରିବା, ନିଜର ସଂଶାଧନକୁ ଉନ୍ନତ କରିବା ଏବଂ ବର୍ଦ୍ଧିତ କୃଷି ଆହ୍ୱାନ ମଧ୍ୟରେ ସେମାନଙ୍କର ଲାଭ ବୃଦ୍ଧି କରିବା ପାଇଁ ସଶକ୍ତ କରିଥାଏ।" ୩୨୦ ମିଲି ଓ ୧ ଲିଟରରେ ଉପଲବ୍ଧ ଫେଲୁଜିତ ସିଥ୍ ବ୍ଲାଇଟ ବିରୋଧି ଲଢେଇରେ ଏକ ପ୍ରଭାବୀ ଫିମ୍ପିନାଶକ ଏଥିରେ ଅତ୍ୟୁକ୍ତି ନାହିଁ।

# ସ୍ମାର୍ଟ ଆଲୋକ ଯନ୍ତ୍ର



ଫସଲର ପୋକ ନିୟନ୍ତ୍ରଣ ପାଇଁ ଚାଷୀମାନେ କୀଟନାଶକ, ସାର, ଔଷଧ ଆଦି ପ୍ରୟୋଗ କରନ୍ତି। ପୋକ ନିୟନ୍ତ୍ରଣ କରିବାକୁ ଆଲୋକଯନ୍ତ୍ର ଏକ ଉତ୍ତମ ବିକଳ୍ପ। ତେବେ ପାରମ୍ପରିକ ଆଲୋକଯନ୍ତ୍ର ସମସ୍ତ ପ୍ରଜାତିର ପୋକକୁ ଆକର୍ଷିତ କରୁଥିବାରୁ ଫସଲ ବୃଦ୍ଧି ପାଇଁ ଆବଶ୍ୟକୀୟ ଉପକାରୀ କୀଟ ଲୋପ ପାଇଯାଆନ୍ତି। ଏନେଇ ଡେଲ୍‌ଟା ଥିଙ୍ଗସ୍ ପ୍ରା ଲିଃ ଜୟଶଙ୍କର ତେଲେଙ୍ଗାନା ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ (ପିଜେଟିଏସ୍‌ଏୟୁ)ର ବୈଜ୍ଞାନିକଙ୍କ ସହ ମିଳିତ ଭାବେ ଏକ ସ୍ମାର୍ଟ ଉପକରଣ ବିକଶିତ କରିଛନ୍ତି। ଆଇଟ୍ରାପର ନାମକ ଏହି ଆଲୋକଯନ୍ତ୍ରଟି ଏକ ଇଣ୍ଟେଲିଜେଣ୍ଟ ଆଲୋକ ଯନ୍ତ୍ର। ବିଶେଷକରି ଏକ ନିର୍ଦ୍ଦିଷ୍ଟ ସମୟରେ କପାର ବକରା ବିନ୍ଧା ପୋକ ଏବଂ ଧାନ ଫସଲରେ ଲାଗୁଥିବା ନିର୍ଦ୍ଦିଷ୍ଟ ପୋକକୁ ଏହି ଯନ୍ତ୍ର ଅଧିକ ଆକୃଷ୍ଟ କରିଥାଏ। ଏଥିରେ ଅତି ବାଇଗଣୀ ରଶ୍ମୀ ଏବଂ ଦୃଶ୍ୟମାନ ଆଲୋକର ଉପଯୋଗ କରାଯାଇଛି। ଏହି ଆଲୋକଯନ୍ତ୍ରରେ ଏକ ମଲଟି ୱେଲନଥ୍ ଏଲ୍‌ଇଡି ବଲ୍‌ବ ଏବଂ ଆଇଓଟି ଯୁକ୍ତ ମାଇକ୍ରୋ କଣ୍ଟ୍ରୋଲର ଥାଏ। ଯାହାକି କେଉଁ ସମୟରେ କେଉଁ ରଙ୍ଗର ଆଲୋକ ଜଳିବ ତାହା ନିର୍ଦ୍ଧାରଣ କରିଥାଏ। ଏହି ଆଲୋକଯନ୍ତ୍ର କ୍ଷତିକାରୀ କୀଟକୁ ଆକର୍ଷିତ କରୁଥିବାବେଳେ ଉପକାରୀ କୀଟକୁ ଆଦୌ ଆକର୍ଷିତ କରେ ନାହିଁ। ଫସଲର ଉପକାରୀ କୀଟ ସକ୍ରିୟ ହେଲେ, ଉପକରଣଟି ବନ୍ଦ ହୋଇ କୀଟକୁ ସୁରକ୍ଷା ପ୍ରଦାନ କରିଥାଏ। ଫଳରେ ଚାଷୀଙ୍କୁ ଫସଲରେ ବାରମ୍ବାର କୀଟନାଶକ ସିଞ୍ଚନ କରିବାକୁ ପଡ଼େ ନାହିଁ। ପରିଶ୍ରମ କମ୍ ହୁଏ। ଏହା ପରିବେଶ ଅନୁକୂଳ ହୋଇଥିବାରୁ ଭଲ ଅମଳ ମିଳିଥାଏ।

## କୃଷି ପାଣିପାଗ



**ଏ ସପ୍ତାହ ପାଇଁ କେତେକ ପରାମର୍ଶ**


- ଖାଲୁଆ ଜମିରେ ଧାନ ଯଦି ୨୧ ଦିନର ହୋଇ ଯାଇଥାଏ, ମୁଖ୍ୟ ଜମିରେ ପ୍ରତିରୋପଣ କରି ଦିଅନ୍ତୁ।
- ମକା ଓ ନଳିତାରେ ବର୍ଷା ଛାଡ଼ିଲା ପରେ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।
- ମାଟିର ଆର୍ଦ୍ରତାର ସଦୁପଯୋଗ ପାଇଁ ଅଣ ଧାନ ଫସଲ ଯଥା- ଚିନାବାଦାମ, ହରଡ଼, ଜଡ଼ା, ମୁଗ, ବିରି ଓ ରାଶି ଇତ୍ୟାଦି ଫସଲ ଲଗାନ୍ତୁ।
- ମୁଗ କିମ୍ବା ବିରି ଚାଷରେ ବିହନ ବୁଣିବାର ୭ ଦିନ ପୂର୍ବରୁ ଏକ କିଗ୍ରା ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ କାର୍ବୋକ୍ସିନ ଓ ଥିରାମର ମିଳିତ ଫିମ୍ପିନାଶକ ମିଶାଇ ବିହନ ବିଶୋଧନ କରନ୍ତୁ।
- ବାଇଗଣଚାରା ମୁଖ୍ୟ ଜମିରେ ଲଗାଇ ସାରିଥିଲେ କୋଡ଼ାଖୋସା ପରେ ଏକର ପ୍ରତି ୩୦ କିଗ୍ରା ୟୁରିଆ ଏବଂ ୨୦ କିଗ୍ରା ମ୍ୟୁରେଟ ଅଫ୍ ପଟାସ ସାର ପ୍ରୟୋଗ କରନ୍ତୁ।
- ପନିପରିବାରେ ସାହେବୀ ରୋଗ ପ୍ରତିରୋଧ ପାଇଁ ପ୍ରତି କେଜି ବିହନକୁ ୪ ଗ୍ରାମ୍ ଇମିଡାକ୍ଲୋପ୍ରିଡ ସହ ବିହନ ବିଶୋଧନ ନିହାତି ଜରୁରି।

## ଭାରତ-ଇଂଲଣ୍ଡ ଚତୁର୍ଥ ଟେଷ୍ଟ ବୁଧବାରଠାରୁ

# ବୁମ୍‌ରା, ପନ୍ତ୍ ଓ କାମ୍ବୋଜ ଖେଳିବେ

ଓଲ୍ଡ ଟ୍ରାଫୋର୍ଡ, ୨୧।୭ (ଏଜେନ୍ସି)





ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଆସନ୍ତା ବୁଧବାରଠାରୁ ଖେଳାଯିବ। ଏହା ପୂର୍ବରୁ ୧-୨ରେ ସିରିଜ୍ ପଛୁଆ ଥିବା ଭାରତକୁ ବରାବର ସ୍ଥିତିକୁ ଆଣିବା ଲାଗି ଏହି ମ୍ୟାଚ୍ ଜିତିବା ନିହାତି ଆବଶ୍ୟକ। ଏଭଳି ସ୍ଥିତିରେ ଦୁଇ ଫାଷ୍ଟ ବୋଲରଙ୍କ ମଧ୍ୟରୁ ବାମହାତୀ ଅର୍ଶଦୀପ ସିଂହ ଏହି ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସହ ପେସ୍ ବୋଲିଂ ଅଲରାଉଣ୍ଡର ନୀତୀଶ ରେଡ୍ଡି ସିରିଜ୍‌ରୁ ବିଦା ହୋଇଛନ୍ତି। ଭାରତର ଏକମାତ୍ର ବିଜୟରେ ୧୦ଟି ୱିକେଟ ନେଇଥିବା ଆକାଶ ଦୀପ୍‌ଙ୍କ ଫିଟ୍‌ନେସ ଠିକ୍ ନ ଥିବାରୁ ତାଙ୍କର ଖେଳିବା ନେଇ ସନ୍ଦେହ ରହିଛି। ଭଲ ପ୍ରଦର୍ଶନ କରି ନ ଥିବା ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁରଙ୍କ ନାମ ବିଚାରକୁ ନିଆଯାଉ ନାହିଁ। ୱିକେଟ ରକ୍ଷକ ଋଷଭ ପନ୍ତ୍ ଆଜି କିପିଙ୍ଗ କରିଛନ୍ତି। ଖେଳିଲାବେଳେ ଆଘାତ ପାଇଥିବା ଆଙ୍ଗୁଠିରେ ସାମାନ୍ୟ ଯନ୍ତ୍ରଣା ହୋଇଥିଲା। ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଅଧିକ ବୋଲିଂ ନ ଦେବାକୁ ନିଷ୍ପତ୍ତି ହୋଇଥିଲା। ଏହାର ଅର୍ଥ ପ୍ରଥମ ଓ ତୃତୀୟ ଟେଷ୍ଟ ଖେଳିଥିବା ବୁମ୍‌ରାଙ୍କୁ ଚତୁର୍ଥ ଟେଷ୍ଟରେ ବିଶ୍ରାମ ଦିଆଯିବା କଥା। ଏଭଳି ସ୍ଥିତିରେ ଚତୁର୍ଥ ଟେଷ୍ଟ ଲାଗି କାହାକୁ ଦଳରେ ସାମିଲ କରାଯିବ, କାହାକୁ ବାହାରେ ରଖାଯିବ ତାହାକୁ ନେଇ ଚାପରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ। ଏମାନଙ୍କ ସହ ଦ୍ୱନ୍ଦ୍ୱରେ ମଧ୍ୟ ଭାରତୀୟ କ୍ରିକେଟ ଦଳର ବଡ଼ ସମର୍ଥକ ଗୋଷ୍ଠୀ।

**ଯଶୀ ଭାଇ ଖେଲେଙ୍ଗେ** : କିନ୍ତୁ ଏସବୁ ଉପରୁ ପରଦା ଉଠାଇଛନ୍ତି ଭାରତର ଅନ୍ୟତମ ଫିଟ୍ ଫାଷ୍ଟ ବୋଲର ମହମ୍ମଦ୍ ସିରାଜ। ଆଜି ଏଠାରେ ସାମ୍ବାଦିକଙ୍କ ଆଲୋଚନା ବେଳେ ସେ ଅନେକ କଥା ସ୍ପଷ୍ଟ କରିଛନ୍ତି। 'ଯଶୀ ଭାଇ ଖେଲେଙ୍ଗେ। (ଏହାର ଅର୍ଥ ଯଶପ୍ରୀତ୍ ବୁମ୍‌ରା ଏହି ମ୍ୟାଚ୍‌ରେ ଖେଳିବେ। ଆକାଶଦୀପଙ୍କ ମାଂସପେଶୀରେ ଆଘାତ ଲାଗିଛି। ଟ୍ରେନର ଓ ଫିଜିଓ ତାଙ୍କ ଉପରେ ନିଷ୍ପତ୍ତି ନେବେ। ସେ ଯାହା ହେଉ ଠିକଣା ଏରିଆରେ ଆମକୁ ବୋଲିଂ କରିବାକୁ ହେବ' ବୋଲି ସିରାଜ କହିଛନ୍ତି। ସିରାଜଙ୍କ ସୂଚନାରୁ ଯଶପ୍ରୀତ୍ ବୁମ୍‌ରା ଏହି ଟେଷ୍ଟରେ ଖେଳିବା ସ୍ପଷ୍ଟ ହୋଇଛି। ଏଠାରେ ଯଦି ଭାରତ ହାରିଯାଏ ତେବେ ସିରିଜ୍‌ରେ ପରାଜିତ ହେବ। ଏଣୁ ମ୍ୟାଚ୍ ବଞ୍ଚାଇବା କିମ୍ବା ବିଜୟ ହାସଲ କରିବା ଭାରତର ପ୍ରାଥମିକତା। ବୁମ୍‌ରାଙ୍କ ପାର୍ଟନର ଆକାଶ ଦୀପ୍‌ଙ୍କ ଖେଳିବା ନେଇ ସନ୍ଦେହ ରହିଛି। ଦଳରେ ଆଉ ଦୁଇଜଣ ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର ଥିଲେ ମଧ୍ୟ ଭାରତ-ଏ' ପକ୍ଷରୁ ନିକଟରେ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ୨ଟି ଅନ୍‌ଅଫିସିଆଲ ଟେଷ୍ଟ ଖେଳିଥିବା ହରିୟାଣାର ଅଂଶୁଲ କାମ୍ବୋଜଙ୍କୁ ଦଳରେ ସାମିଲ କରାଯାଇଛି। ଯାହା ଆଶା କରାଯାଉଛି କାମ୍ବୋଜଙ୍କୁ ଏଠାରେ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ସିରାଜଙ୍କ ସୂଚନାକୁ ବିଶ୍ୱାସ କରାଗଲେ ଏହି ମ୍ୟାଚ୍‌ରେ ବୁମ୍‌ରା, ପନ୍ତ୍‌ଙ୍କ ଖେଳିବା ନିଶ୍ଚିତ। ଆଜି ପ୍ରସିଦ୍ଧ ଓ ଶାର୍ଦ୍ଦୁଳଙ୍କୁ ଯେପରି ନେଟ୍‌ସରୁ ଏଡ଼ାଇ ରଖାଯାଇଛି, ସେଥିରୁ ଉଭୟ ଖେଳାଳିଙ୍କର ଚତୁର୍ଥ ଟେଷ୍ଟରେ ଖେଳିବା ସମ୍ଭାବନା କମ୍। କିନ୍ତୁ ନୀତୀଶ କୁମାର ରେଡ୍ଡିଙ୍କ ସ୍ଥାନରେ କିଏ ଖେଳିବେ ତାହାକୁ ନେଇ ସନ୍ଦେହ ରହିଛି।

**ଡେବ୍ୟୁ କରିପାରନ୍ତି କାମ୍ବୋଜ୍** : ଭାରତୀୟ ଦଳରେ ଜଣେ ନବାଗତ ଫାଷ୍ଟ ବୋଲର ହରିୟାଣାର ଅଂଶୁଲ କାମ୍ବୋଜଙ୍କୁ ସାମିଲ କରାଯାଇଛି। ଶନିବାର ସେ ଟିମ୍ ସହ ଯୋଗଦେଇଥିଲେ ଓ ରବିବାର ମାଞ୍ଚେଷ୍ଟର ୟୁନାଇଟେଡ୍‌ରେ ଟିମ୍ ସହ ରହିଥିଲେ। ଆଜି ସୋମବାର ସେ ନେଟ୍ ପ୍ରାକ୍ଟିସ୍ କରିଥିଲେ। କୋଚ୍ ଗୌତମ ଗମ୍ଭୀର, ବୋଲିଂ କୋଚ୍ ମୋର୍ଣ୍ଣି ମୋର୍କେଲ, ଅଧିନାୟକ ଗିଲ୍ ଓ ବରିଷ୍ଠ ଫାଷ୍ଟ ବୋଲର ବୁମ୍‌ରାଙ୍କ ସହ ଆଲୋଚନା କରିବା ଦେଖାଯାଇଥିଲା। ଏହା ପରେ ସେ ୪୫ ମିନିଟ୍‌କାଳ ବୋଲିଂ କରିଥିଲେ। ଲୋକେଶ ରାହୁଲ ଓ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ସେ ଦୀର୍ଘ ଏକଘଣ୍ଟା ଧରି ନେଟ୍‌ସରେ ବୋଲିଂ କରିଥିଲେ। ସିରାଜଙ୍କ କହିବା ଅନୁଯାୟୀ ସେ ଠିକଣା ସ୍ଥାନରେ ବଲ ପକାଇଥିଲେ। ଭଲ ଲାଇନ୍ ଓ ଲେନ୍ଥ ଲାଗି ଜଣା ଥିବା କାମ୍ବୋଜ ଏଠାରେ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

**ୱିକେଟ କିପିଙ୍ଗ କଲେ ପନ୍ତ୍** : ଭାରତ ଲାଗି ସବୁଠାରୁ ଉଲ୍ଲେଖନୀୟ ଖବର ହେଲା ଋଷଭ ପନ୍ତ୍ ୱିକେଟ କିପିଙ୍ଗ କରିବା। ଆଘାତପ୍ରାପ୍ତ ଆଙ୍ଗୁଳିରେ ବେଳେ ବେଳେ ଯନ୍ତ୍ରଣା ପାଉଥିଲେ ମଧ୍ୟ ପନ୍ତ କିପିଙ୍ଗ୍ କରିଥିଲେ। ଏଣୁ ସେ ତାଙ୍କ ସ୍ଥାନ ବଜାୟ ରଖିବେ ବୋଲି ଆଶା କରିବା ସ୍ୱାଭାବିକ୍।

## ୮ ବର୍ଷ ପରେ ଟେଷ୍ଟ ଖେଳିବେ ଡାୱସନ



ଓଲ୍ଡ ଟ୍ରାଫୋର୍ଡ,୨୧।୭ (ଏଜେନ୍ସି): ଦୀର୍ଘ ୮ ବର୍ଷ ପରେ ବାମହାତୀ ସ୍ପିନର ଲିଆମ ଡାୱସନ ଇଂଲଣ୍ଡ ପକ୍ଷରୁ ଟେଷ୍ଟ ମ୍ୟାଚ୍ ଖେଳିବେ। ଏଠାରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟ ଲାଗି ଇଂଲଣ୍ଡ ପକ୍ଷରୁ ଘୋଷଣା କରାଯାଇଥିବା ଏକାଦଶରୁ ଏହା ସ୍ପଷ୍ଟ ହୋଇଛି। ସେ ଆହତ ସ୍ପିନର ସୋଏବ ବସିରଙ୍କ ସ୍ଥାନରେ ଖେଳିବେ ଓ ଇଂଲଣ୍ଡ ଦଳରେ ଏହା ଏକମାତ୍ର ପରିବର୍ତ୍ତନ। ଇଂଲଣ୍ଡ ଏବେ ୨-୧ରେ ସିରିଜ୍ ଆଗୁଆ ରହିଛି।

**ଇଂଲଣ୍ଡ ଦଳ** : ଜ୍ୟାକ୍ କ୍ରଲୀ, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ୱକ୍ସ, ବ୍ରାଇଡନ କାର୍ସ, ଜୋଫ୍ରା ଆର୍ଚର ଓ ଲିଆମ ଡାୱସନ।

● ଦ୍ୱିତୀୟ ୟୁଥ୍ ଟେଷ୍ଟ

## ଏକାଂଶଙ୍କ ଶତକ ଇଂଲଣ୍ଡର ସମ୍ମାନ ରଖିଲା

ଚେଲମ୍ସଫୋର୍ଡ, ୨୧।୭ (ଏଜେନ୍ସି): ଭ୍ରମଣକାରୀ ଭାରତ ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ୟୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟରେ ଇଂଲଣ୍ଡ ପ୍ରଥମ ପାଳିରେ ୩୦୯ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଇଂଲଣ୍ଡ ୟୁଥ୍ ଦଳ ପ୍ରଥମ ଦିବସ ସୁଦ୍ଧା ୭ ୱିକେଟ୍‌ରେ ୨୨୯ ରନ କରିଥିଲା। ସୋମବାର ୨ୟ ଦିବସରେ ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ଇଂଲଣ୍ଡ ୩୦୯ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତୀୟ ବଂଶୋଦ୍ଭବ ଖେଳାଳି ଏକାଂଶ ସିଂହ ଶତକୀୟ ପାଳି ଖେଳି ଘରୋଇ ଦଳର ସମ୍ମାନ ରକ୍ଷା କରିଛନ୍ତି। ବ୍ୟାଟିଂକ୍ରମର ୭ମ ସ୍ଥାନରେ ଆସିଥିବା ଏକାଂଶ ୧୫୫ ବଲ୍ ଖେଳି ୧୪ ଚୌକା ଓ ୩ ଛକା ସହ ୧୧୭ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଥୋମାସ ରିଉ ୫୯, ଜେମ୍ସ ମିଣ୍ଟୋ ୪୬ ରନ କରିଥିଲେ। ଭାରତୀୟ ୟୁଥ୍ ଦଳ ପକ୍ଷରୁ ଲେଗ୍-ସ୍ପିନର ନମନ ପୁଷ୍ପକ ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଭାରତ ଶେଷ ଖବର ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୫୧ ରନ କରିଛି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଡ୍ର ରହିଥିଲା।

## ଆସନ୍ତାବର୍ଷ ଚାମ୍ପିଅନ୍ସ ଲିଗ୍ କ୍ରିକେଟ



ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଦୀର୍ଘ ଏକ ଦଶନ୍ଧିପରେ ଟି-୨୦ ଫର୍ମାଟରେ ଖେଳାଯାଉଥିବା ଚାମ୍ପିଅନ୍ସ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପୁଣିଥରେ ଆରମ୍ଭ ହୋଇପାରେ। ଏଥିଲାଗି ସିଙ୍ଗାପୁରରେ ଅନୁଷ୍ଠିତ ଆଇସିସି ବୈଠକରେ ଆଲୋଚନା ହୋଇଛି ଓ ବିଭିନ୍ନ ଦେଶର ପ୍ରତିନିଧିଭାବେ ଆୟୋଜନ ସପକ୍ଷରେ ସମ୍ମତି ଜଣାଇଛନ୍ତି। ୨୦୧୪ରେ ଶେଷଥର ଏହା ଭାରତରେ ଆୟୋଜିତ ହୋଇଥିଲା ଓ ଚେନ୍ନଇ ସୁପର କିଙ୍ଗସ ଟାଇଟଲ ଜିତିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାରତରୁ ୩ଟି, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାରୁ ୨ଟି ଲେଖାଏଁ, ପାକିସ୍ତାନ, ୱେଷ୍ଟଇଣ୍ଡିଜ୍ ଓ ନ୍ୟୁଜିଲାଣ୍ଡରୁ ଗୋଟିଏ ଲେଖାଏଁ ଟି-୨୦ ଟିମ୍ ଭାଗନେଇଥିଲେ। ଏହାର ୬ଟି ସଂସ୍କରଣ ଆୟୋଜିତ ହୋଇଥିଲା। ଏହା ମଧ୍ୟରୁ ୪ଥର ଭାରତୀୟ ଦଳ ଓ ଦୁଇଥର ଅଷ୍ଟ୍ରେଲୀୟ ଦଳ ଚାମ୍ପିଅନ ହୋଇଥିଲେ।

**ଦୁଇଥାକିଆ ଟେଷ୍ଟ ଚାମ୍ପିଅନସିପ୍** : କ୍ରିକେଟରେ ଏବେ ଚାଲିଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌କୁ ଦୁଇ ଥାକିଆ କରିବାକୁ ଆଇସିସିର ନୂଆ ସିଇଓ ସଂଯୋଗ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଏକ ୮ଜଣିଆ କମିଟି ଗଠନ କରାଯାଇଛି। ଏହାର ରିପୋର୍ଟ ପାଇବା ପରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ଆଇସିସି ଚେୟାରମ୍ୟାନ୍ ଜୟ ଶାହ କହିଛନ୍ତି।

## ଏସିଆ କପ୍ ହକି: ଭାରତ ଆସିବାକୁ ପାକିସ୍ତାନ ଅନିଚ୍ଛୁକ



କରାଚି,୨୧।୭ (ଏଜେନ୍ସି): ଭାରତରେ ଆସନ୍ତା ମାସରେ ଏସିଆ କପ୍ ହକି ପ୍ରତିଯୋଗିତା ଆୟୋଜିତ ହେବ। ଏଥିରେ ଚାମ୍ପିଅନ ହୋଇଥିବା ଦଳ ସିଧାସଳଖ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଏଭଳି ସ୍ଥିତିରେ ସୁରକ୍ଷା କାରଣରୁ ପାକିସ୍ତାନର ହକି ଟିମ୍ ଭାରତରେ ଏସିଆ କପ୍ ଖେଳିବା ଲାଗି ଯିବ ନାହିଁ ବୋଲି ଏହି ଦେଶର ହକି ସଂଘ ସଭାପତି ତାରିକ୍ ବୁଗତି କହିଛନ୍ତି। ଆମେ ଏ ସମ୍ପର୍କରେ ଏସିଆ ହକି ମହାସଂଘ (ଏଏଚ୍‌ଏଫ୍) ଓ ଫେଡେରେସନ ଅଫ୍ ଇଣ୍ଟରନ୍ୟାସନାଲ ହକି (ଏଫ୍‌ଆଇଏଚ୍)କୁ ଜଣାଇଦେଇଛୁ। ସରକାର ମଧ୍ୟ ସମାନ କାରଣରୁ ଭାରତକୁ ପାକିସ୍ତାନୀ ଖେଳାଳିଙ୍କୁ ଛାଡ଼ିବାକୁ ନାରାଜ। ଏଣୁ ଏ ସମ୍ପର୍କରେ ଏଏଚ୍‌ଏଫ୍ ଓ ଏଫ୍‌ଆଇଏଚ୍ ଯେଉଁ ନିଷ୍ପତ୍ତି ନେବ ତାହାକୁ ଆମେ ଗ୍ରହଣ କରିବୁ ବୋଲି ବୁଗତି କହିଛନ୍ତି।

## ୧୭ କିଲୋ ଓଜନ କମାଇଲେ ସର୍ଫରାଜ



ମୁମ୍ବାଇ, ୨୧।୭ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟ୍‌ର ଅନ୍ୟତମ ଶ୍ରେଷ୍ଠ ଖେଳାଳି ସର୍ଫରାଜ ଖାନ ବେଶ୍ କିଛି ଦିନ ଧରି ଜାତୀୟ ଦଳରୁ ବାଦ୍ ପଡ଼ିଆସୁଛନ୍ତି। ଘରୋଇ କ୍ରିକେଟ୍‌ରେ ଲଗାତର ପ୍ରଭାବୀ ପ୍ରଦର୍ଶନ କରିଆସୁଥିଲେ ମଧ୍ୟ ସର୍ଫରାଜଙ୍କ ପାଇଁ ତାଙ୍କ ଫିଟ୍‌ନେସ ତଥା ପୃଥୁଳାକାୟ ଶରୀର ସର୍ବଦା ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଥାଏ। ଯେଉଁଥି ପାଇଁ ତାଙ୍କୁ ଅନେକ ସମୟରେ ସମାଲୋଚନାର ଶିକାର ହେବାକୁ ମଧ୍ୟ ପଡ଼ିଥାଏ। କିନ୍ତୁ ୨୭ ବର୍ଷୀୟ ଏହି ମୁମ୍ବାଇ ୱିକେଟ୍‌କିପର ତାଙ୍କ ସମାଲୋଚକଙ୍କୁ ମୁହଁତୋଡ଼ ଜବାବ ଦେଇଛନ୍ତି। ଏହି ଜବାବ ସେ ବ୍ୟାଟ୍‌ରେ ନ ଦେଇ ନିଜର ବଳିଷ୍ଠ ପରିବର୍ତ୍ତିତ ଫିଟ୍‌ନେସ ଜରିଆରେ ଦେଇଛନ୍ତି। ସର୍ଫରାଜ ଗଲା ଦୁଇ ମାସରେ ଜିମ୍‌ରେ କଠିନ ଅଭ୍ୟାସ କରି ଝାଳ ବୁହାଇ ୧୭ କିଲୋ ଓଜନ କମାଇଦେଇଛନ୍ତି। ସୋମବାର ସେ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ପୋଷ୍ଟ କରିଥିଲେ। ଏହି ଫଟୋରେ କ୍ୟାପସନରେ ସେ ଉଲ୍ଲେଖ କରିଥିଲେ ଯେ ୨ ମାସ ମଧ୍ୟରେ ସେ ୧୭ କିଲୋ ଓଜନ କମାଇବାରେ ସଫଳ ହୋଇଛନ୍ତି। ନୂଆ ଲୁକ୍‌ରେ ସର୍ଫରାଜ ବେଶ୍ ଫିଟ୍ ନଜର ଆସୁଛନ୍ତି।

## ଜାତୀୟ କୁସ୍ତି ଲାଗି ୧୬ ମନୋନୀତ

ଭୁବନେଶ୍ୱର, ୨୧।୭ (ସମିସ): ୨୩ ବର୍ଷରୁ କମ୍ ଜାତୀୟ କୁସ୍ତି ପ୍ରତିଯୋଗିତା ମଙ୍ଗଳବାରଠାରୁ ରାଞ୍ଚିରେ ଆୟୋଜିତ ହେବାକୁ ଯାଉଛି। ଏହି ୩ ଦିନିଆ ପ୍ରତିଯୋଗିତାରେ ଓଡ଼ିଶାର ୧୬ଜଣ କୁସ୍ତି ଖେଳାଳି ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଓଡ଼ିଶା କୁସ୍ତି ସଂଘ ଆନୁକୂଲ୍ୟରେ କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ଏହି ଖେଳାଳିମାନେ ମନୋନୀତ ହୋଇଛନ୍ତି। ପୁରୁଷ ଫ୍ରିଷ୍ଟାଇଲ ଓ ମହିଳା କୁସ୍ତି ଲାଗି ଅନୁଷ୍ଠିତ ଏହି ଚୟନ ଶିବିରରେ ରାଜ୍ୟ ସଂଘ ଅନୁବନ୍ଧିତ ଓ ଅଣ ଅନୁବନ୍ଧିତ ଜିଲ୍ଲାର ୫୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚୟନ ଶିବିର ଶେଷରେ ସ୍ଥାନୀୟ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ରାଜ୍ୟ କୁସ୍ତି ସଂଘ ସମ୍ପାଦକ କିଶୋର ବେହେରା, ବିଜୟ ଦାସ, ଲଲାଟେନ୍ଦୁ ବଡ଼ୁ, କ୍ରୀଡ଼ା ଅଧିକାରୀ ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଆଗାମୀ ଜାତୀୟ ପ୍ରତିଯୋଗିତା ଲାଗି ଶୁଭକାମନା ଜଣାଇଥିଲେ।

## ସେମିରେ ପହଞ୍ଚିବାରେ ହମ୍ପି ପ୍ରଥମ ଭାରତୀୟ



ମହିଳା ଚେସ୍ ବିଶ୍ୱକପ୍

ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଭାରତର ନଂ-୧ ଖେଳାଳି କୋନେରୁ ହମ୍ପି ମହିଳା ଚେସ୍ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ସେ ଦେଶର ପ୍ରଥମ ଖେଳାଳି ଭାବେ ଏହି ସଫଳତା ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ପୂର୍ବରୁ ୨୦୨୩ ବିଶ୍ୱକପ୍‌ରେ ହାରିକା ଦ୍ରୋଣାଭାଲି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ଭାରତ ଲାଗି ଶ୍ରେଷ୍ଠ ସଫଳତା ଥିଲା। ଜର୍ଜିଆର ବାଟୁମିଠାରେ ଚାଲିଥିବା ଏହି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ସେ ଚୀନ୍‌ର ୟୁଜିନ ସଙ୍ଗ୍‌ଙ୍କୁ ୧.୫-୦.୫ ପଏଣ୍ଟରେ ପରାସ୍ତ କରି ସେମିକୁ ଉଠିଛନ୍ତି। ସେମିଫାଇନାଲରେ ସେ ଟପ୍ ସିଡ୍ ଚୀନ୍‌ର ଲେଇ ତିଙ୍ଗଜିଏଙ୍କୁ ଭେଟିବେ। ଚୀନ୍‌ର ଆଉ ଜଣେ ଖେଳାଳି ତାନ ଝୋଙ୍ଗୟି ଭାରତର ଆର୍ ବୈଶାଳୀଙ୍କୁ ପରାସ୍ତ କରି ସେମିରେ ପ୍ରବେଶ କରିଛନ୍ତି। ସେମିରେ ସେ ଆଉ ଜଣେ ଭାରତୀୟ ହାରିକା କିମ୍ବା ଦିବ୍ୟା ଦେଶମୁଖଙ୍କୁ ଭେଟିବେ। ହାରିକା ଓ ଦିବ୍ୟାଙ୍କ ମଧ୍ୟରେ କ୍ୱାର୍ଟରଫାଇନାଲ ମୁକାବିଲା ଟାଇବ୍ରେକରରେ ନିଷ୍ପତ୍ତି ହେବ। ଏଣୁ ଏହି ପ୍ରତିଯୋଗିତାରେ ଭାରତର ଦୁଇ ମହିଳା ସେମିଫାଇନାଲ ଖେଳିବେ।

## ୨୩ ବର୍ଷ ପରେ ଭାରତରେ ହେବ ଚେସ୍ ବିଶ୍ୱକପ୍



ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଦୀର୍ଘ ୨୩ ବର୍ଷର ବ୍ୟବଧାନ ପରେ ଭାରତରେ ଚେସ୍ ବିଶ୍ୱକପ୍ ଚଳିତବର୍ଷ ଆୟୋଜିତ ହେବ ବୋଲି ଚେସ୍ ଖେଳର ସର୍ବୋଚ୍ଚ ସଂସ୍ଥା ଫିଡେ ପକ୍ଷରୁ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତା ଅକ୍ଟୋବର ୩୦ରୁ ଆରମ୍ଭ ହୋଇ ନଭେମ୍ବର ୨୭ରେ ଶେଷ ହେବ ଏବଂ ଏଥିରେ ବିଶ୍ୱର ଶ୍ରେଷ୍ଠ ୨୦୬ ଜଣ ଖେଳାଳି ଅଂଶଗ୍ରହଣ କରିବେ। କିନ୍ତୁ ଏହା ଭାରତର କେଉଁ ସହରରେ ଆୟୋଜିତ ହେବ ତାହା ଘୋଷଣା କରାଯାଇନାହିଁ। ଶେଷଥର ଏହି ବିଶ୍ୱକପ୍ ୨୦୦୨ ହାଇଦରାବାଦ୍‌ରେ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଭାରତ ଚାମ୍ପିଅନ ହୋଇଥିଲା। ଏହି ପ୍ରତିଯୋଗିତାରେ ଭାରତରୁ ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ୍ ଡି ଗୁକେଶ, ଆର୍ ପ୍ରଜ୍ଞାନନ୍ଦ, ୨୦୨୩ ରନର୍ସଅପ୍ ଅର୍ଜୁନ ଏରିଗାଏସି ଶୀର୍ଷ ଖେଳାଳିଭାବେ ଅଂଶଗ୍ରହଣ କରିବେ। ବିଶ୍ୱର ନମ୍ବର-୧ ଖେଳାଳି ତଥା ୨୦୨୩ ଚାମ୍ପିଅନ୍ ମ୍ୟାଗ୍ନସ କାର୍ଲସେନ୍ ମଧ୍ୟ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରୁ ମଧ୍ୟ କ୍ୟାଣ୍ଡିଡେଟ ଚେସ୍-୨୦୨୬ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଏହି ପ୍ରତିଯୋଗିତାରେ ଭାଗନେବାକୁ ଥିବା ୨୦୬ ଜଣ ଖେଳାଳିଙ୍କ ମଧ୍ୟରୁ ମାନ୍ୟତାରେ ପ୍ରଥମ ୫୦ଜଣ ଖେଳାଳି ସିଧାସଳଖ ଦ୍ୱିତୀୟ ରାଉଣ୍ଡରେ ଖେଳିବେ। ଟୁର୍ଣ୍ଣାମେଣ୍ଟ ନକ୍‌ଆଉଟ ଭିତ୍ତିରେ ଖେଳାଯିବ ଓ ଅବଶିଷ୍ଟ ଖେଳାଳି ଏଥିରେ ଭାଗନେବେ। ଏହି ଟୁର୍ଣ୍ଣାମେଣ୍ଟ ଭାରତରେ ଚେସ୍ ଖେଳକୁ ଅଧିକ ଲୋକପ୍ରିୟ କରାଇବ।

## ଅଷ୍ଟ୍ରେଲିଆକୁ ଜିତାଇଲେ ପଦାର୍ପଣକାରୀ ଓନ୍

କିଙ୍ଗ୍‌ସଟନ୍, ୨୧।୭ (ଏଜେନ୍ସି): ପଦାର୍ପଣକାରୀ ମାଇକେଲ୍ ଓନ୍‌ଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ (୫୦ ରନ ଓ ୧ ୱିକେଟ୍) ବଳରେ ବଳରେ ଏଠାରେ ଅନୁଷ୍ଠିତ ପ୍ରଥମ ଟି-୨୦ରେ ଅଷ୍ଟ୍ରେଲିଆ ୩ ୱିକେଟ୍‌ରେ ଘରୋଇ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ ପ୍ରଦତ୍ତ ୧୯୦ ରନର ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ ୭ ୱିକେଟ୍ ହରାଇ ୭ ବଲ୍ ପୂର୍ବରୁ ବିଜୟୀ ହୋଇଥିଲା। କାମେରନ ଗ୍ରୀନ ୫୧, ଅଧିନାୟକ ମିଚେଲ ମାର୍ଶ ୨୪, ଗ୍ଲେନ ମ୍ୟାକ୍ସୱେଲ ୧୧ ରନ କରିଥିଲେ। ପୂର୍ବରୁ ୱେଷ୍ଟଇଣ୍ଡିଜ ଅଧିନାୟକ ସାଇ ହୋପ୍ (୫୫) ଓ ରୋଷ୍ଟନ ଚେଜ୍ (୬୦)ଙ୍କ ଅର୍ଦ୍ଧଶତକ ସହାୟତାରେ ୮ ୱିକେଟ୍‌ରେ ୧୮୯ ରନ କରିଥିଲା।

## ପ୍ରଶାସନିକ ଅବ୍ୟବସ୍ଥା ଯୋଗୁଁ ୬ ବ୍ୟାଡ୍‌ମିଣ୍ଟନ ଖେଳାଳି ବାଦ୍ ପଡ଼ିଲେ




ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଏଆଇୟୁ ବା ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟି ଭାରତରେ କ୍ରୀଡ଼ା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିଚାଳନା କରିବାର ସର୍ବୋଚ୍ଚ ସଂସ୍ଥା। ଏହି ସଂସ୍ଥାକୁ ପ୍ରତିନିଧିତ୍ୱ କରୁଥିବା କର୍ମକର୍ତ୍ତାମାନଙ୍କ ଖାମଖିଆଲି ଓ ଦାୟିତ୍ୱହୀନତା ଯୋଗୁଁ ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରୁ ୬ଜଣ ଭାଗ ନେବାରୁ ବଞ୍ଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଓଡ଼ିଶା ତଥା କିଟ୍ ବିଶ୍ୱବିଦ୍ୟାଳୟର ଅବିନାଶ ମହାନ୍ତି ମଧ୍ୟ ଅଛନ୍ତି। ଏହି କ୍ରୀଡ଼ାରେ ଭାରତ ଏକ ପଦକ ଜିତିଛି। ସମସ୍ତ ଯୋଗ୍ୟ ଖେଳାଳି ଅଂଶଗ୍ରହଣ କରିଥିଲେ ଭାରତକୁ ଆହୁରି ଅଧିକ ସଫଳତା ମିଳିଥାନ୍ତା ବୋଲି କୁହାଯାଉଛି। ଘଟଣା ଅନୁଯାୟୀ ଏହି କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ଜୁଲାଇ ୧୬ରେ ମ୍ୟାନେଜରଙ୍କ ବୈଠକ ହୋଇଥିଲା। ଏହି ବୈଠକରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଥିବା ୧୨ ଜଣ ଖେଳାଳିଙ୍କ ନାମ ଦୁଇ ପ୍ରତିନିଧି ବିଭି ରାଓ ଓ ଅଜିତ ମୋହନ ଠିକ୍ ଭାବେ ଉପସ୍ଥାପନ କରିପାରି ନ ଥିଲେ। କିଟ୍‌ରେ ଯେଉଁମାନଙ୍କୁ ଚୟନ କରାଯାଇଥିଲା ସେଥିରେ କିଛି ଖେଳାଳିଙ୍କୁ ଆହତ କିମ୍ବା ଅନ୍ୟ କାରଣ ଲାଗି ବାଦ୍ ଦିଆଯାଇଥିଲା। କିନ୍ତୁ ତାଙ୍କ ବଦଳରେ ସାମିଲ ହୋଇଥିବା ଖେଳାଳିଙ୍କ ନାମ ଭାରତର ଦୁଇ ପ୍ରତିନିଧି ଠିକ୍ ଭାବେ ପଢ଼ି ପାରି ନ ଥିଲେ କିମ୍ବା ତାଲିକା ଯୋଗାଇ ପାରି ନ ଥିଲେ। ଯାହା ଫଳରେ ୬ଜଣ ଖେଳାଳି ଯଥା ଓଡ଼ିଶାର ଅବିନାଶ ମହାନ୍ତିଙ୍କ ସହ ରୋହନ କୁମାର, ଦର୍ଶନ ପୂଜାରୀ, ଅଦିତି ଭଟ୍ଟ, ବିରାଜ କୁଭାଲେ ଓ ଅଲିଶା ଖାନ୍ ଭାଗ ନେଇ ପାରି ନ ଥିଲେ। 'ଏହାକୁ ମୋ ଦୁର୍ଭାଗ୍ୟ କହିବି ନା ଏଆଇୟୁ ଆମ କ୍ୟାରିୟର ସହ ଖେଳୁଛି' ବୋଲି କହିଛନ୍ତି ଅଲିଶା। ଏ ସମ୍ପର୍କରେ ଏଆଇୟୁ ପକ୍ଷରୁ କିଛି ସ୍ପଷ୍ଟିକରଣ ଦିଆଯାଇନାହିଁ।

## ସାହାଣୀ କପ୍

# କ୍ୱାର୍ଟରରେ କୋରାପୁଟ -ଭୁବନେଶ୍ୱର

ଭୁବନେଶ୍ୱର, ୨୧।୭ (ସମିସ)



ବ୍ରହ୍ମପୁର ଜୋନ

ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ସିନିଅର ଆନ୍ତଃଜିଲ୍ଲା ବରିଷ୍ଠ ପୁରୁଷ ଫୁଟ୍‌ବଲ ପ୍ରତିଯୋଗିତାର ୬ଷ୍ଠ ଦିବସ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜୋନରେ ଅନୁଷ୍ଠିତ ମ୍ୟାଚରେ ଖୋର୍ଦ୍ଧା ୫-୦ ଗୋଲ୍‌ରେ ପୁରୀକୁ ପରାସ୍ତ କରିଛି। ଜଳଧର ନାୟକ ହ୍ୟାଟ୍ରିକ ସହ ସର୍ବାଧିକ ୪ଟି ଗୋଲ୍ ଦେଇଥିଲେ। ସେହିଭଳି ଏଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ କଟକ ୬-୦ ଗୋଲରେ ପାରାଦୀପ ପୋର୍ଟ ଟ୍ରଷ୍ଟକୁ ହରାଇଛି। ସେହିଭଳି କେନ୍ଦୁଝରେ ଜୋନରେ ସୁନ୍ଦରଗଡ଼ ୧-୦ ଗୋଲ୍‌ରେ ବାଲେଶ୍ୱର ବିପକ୍ଷରେ ବିଜୟୀ ହୋଇଛି। ଢେଙ୍କାନାଳ ଓ ସୁବର୍ଣ୍ଣପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଡ୍ର ରହିଥିଲା। ବ୍ରହ୍ମପୁର ଜୋନରେ ମଧ୍ୟ ଆଜି ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କୋରାପୁଟ ୪-୦ ଗୋଲରେ ରାୟଗଡ଼ାକୁ ଓ ମୟୂରଭଞ୍ଜ ୫-୦ ଗୋଲ୍‌ରେ ମାଲକାନଗିରିକୁ ମାତ୍ ଦେଇଛି।

ଏଥିସହ ୩ଟି ଜୋନରେ କ୍ୱାର୍ଟର ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଯାଇଛି। କେନ୍ଦ୍ରାପଡ଼ା ଜୋନରେ କଟକ ଓ ଝାରସୁଗୁଡ଼ା, ବ୍ରହ୍ମପୁର ଜୋନରେ ଭୁବନେଶ୍ୱର ଓ କୋରାପୁଟ ଏବଂ କେନ୍ଦୁଝର ଜୋନରେ ସୁନ୍ଦରଗଡ଼ ଓ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି) ମଧ୍ୟରେ କ୍ୱାର୍ଟର ଫାଇନାଲ ବୁଧବାର ଅନୁଷ୍ଠିତ ହେବ। ସେହିଭଳି ବୌଦ୍ଧ ଜୋନରେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ସମାପ୍ତ ହେଲେ ଏଠାରେ କେଉଁ ଦଳ କ୍ୱାର୍ଟର ଫାଇନାଲ ଖେଳିବ ତାହା ସ୍ପଷ୍ଟ ହେବ ବୋଲି ଫାଓ ପକ୍ଷରୁ କୁହାଯାଇଛି।

**କ୍ୱାର୍ଟର କାର୍ଯ୍ୟସୂଚୀ**

| ଜୋନ୍ | ମ୍ୟାଚ୍ |
|---|---|
| କେନ୍ଦ୍ରାପଡ଼ା | କଟକ ବନାମ ଝାରସୁଗୁଡ଼ା |
| ବ୍ରହ୍ମପୁର | ଭୁବନେଶ୍ୱର ବନାମ କୋରାପୁଟ |
| କେନ୍ଦୁଝର | ସୁନ୍ଦରଗଡ଼ ବନାମ ଆର୍‌ଏସ୍‌ପି |
| ବୌଦ୍ଧ | ନିର୍ଦ୍ଧାରିତ ହୋଇନାହିଁ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS